DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୯/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, July 9/2025 Page 16 | ₹ 7.00

୫୧ଶ ଭାଗ ୨୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 224 | ମୂଲ୍ୟ ₹୭/-




## ଅକ୍ଟୋବର ୨ରେ 'କାନ୍ତାରା ଚାପ୍ଟର ୧'

ଅଭିନେତା ରିଷଭ ଶେଟ୍ଟୀଙ୍କ 'କାନ୍ତାରା ଚାପ୍ଟର ୧' ଫିଲ୍ମ ଆସନ୍ତା ଅକ୍ଟୋବର ୨ରେ ରିଲିଜ୍ ହେବା

୦୨

୧୬

## ଫ୍ରିଜ୍ ସେମିଫାଇନାଲରେ

ୱିମ୍ବଲେଡନ ଟେନିସ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଆମେରିକାର ଟେଲର ଫ୍ରିଜ୍ ।



# ୨,୩୫୫ ଏକ୍ସ' ଆକାଉଣ୍ଟ ବନ୍ଦ କରାଇଥିଲା କେନ୍ଦ୍ର

## ବଢ଼ିଲା ସେନ୍ସରଶିପ୍ ଚିନ୍ତା, ଅଦାଲତ ଯିବେ ମସ୍କ

ଏଲନ୍ ମସ୍କଙ୍କ ମାଲିକାନାରେ ଥିବା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'କୁ ଭାରତ ସରକାର ଜୁଲାଇ ୩ରେ ୨,୩୫୫ ଆକାଉଣ୍ଟ ବ୍ଲକ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଥିମଧ୍ୟରେ ଅନ୍ତର୍ଜାତୀୟ ନ୍ୟୁଜ୍ ଏଜେନ୍ସି ରଏଟର୍ସର ଆକାଉଣ୍ଟ ରହିଥିଲା। ଏହି ନିର୍ଦ୍ଦେଶନାମା ଜାରି ହେବାର ୩ ଦିନ ପରେ ଅର୍ଥାତ୍ ଜୁଲାଇ ୬ ତାରିଖ ରବିବାର ଦିନ ରଏଟର୍ସ ଆକାଉଣ୍ଟକୁ ଭାରତରେ ବ୍ଲକ୍ କରାଯାଇଥିଲା। ଏକ ଆଇନଗତ ଆବଶ୍ୟକତା ଦୃଷ୍ଟିରୁ ଏପରି କରାଯାଇଥିବା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ନୋଟିସ ପ୍ରଦର୍ଶିତ ହୋଇଥିଲା। ତେବେ ଭାରତ ସରକାରଙ୍କ ପ୍ରଯୁକ୍ତି ମନ୍ତ୍ରଣାଳୟ ରବିବାର ଏହାକୁ ଖଣ୍ଡନ କରି ଏପରି କୌଣସି ନିର୍ଦ୍ଦେଶ ଦିଆଯାଇ ନ ଥିବା କହିଥିଲା। ହେଲେ ଉପରୋକ୍ତ ଆକାଉଣ୍ଟଗୁଡ଼ିକୁ ବ୍ଲକ୍ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ସମ୍ପର୍କରେ ମଙ୍ଗଳବାର ଏକ୍ସ' ସ୍ପଷ୍ଟ କରିଛି। ଆଇଟି ଆକ୍ଟର ଧାରା ୬୯ଏ ଅନୁଯାୟୀ ଏପରି ଅର୍ଡର ଦିଆଯାଇଥିଲା। ଏପରିକି ଏହାର ଅନୁପାଳନ ନ କଲେ ଆପରାଧିକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରକାର ଚେତାବନୀ ଦେଇଥିବା ଏକ୍ସ' ଉଲ୍ଲେଖ କରିଛି। ଭାରତରେ ସାମାଜିକ ଗଣମାଧ୍ୟମ ଉପରେ ସରକାରୀ ସେନ୍ସରଶିପ୍ ସମ୍ପର୍କରେ ଏକ୍ସ' ଚିନ୍ତା ପ୍ରକଟ କରିବା ସହ କୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିବା ପାଇଁ ଚିନ୍ତା କରୁଥିବା ସୂଚନା ଦେଇଛି।

**Global Government... · 3h**
On July 3, 2025, the Indian government ordered X to block 2,355 accounts in India, including international news outlets like @Reuters and @ReutersWorld, under Section 69A of the IT Act. Non-compliance risked criminal liability. The Ministry of Electronics and Information Technology demanded immediate action- within one hour- without providing justification, and required the accounts to remain blocked until further notice.

ନୂଆଦିଲ୍ଲୀ/ନ୍ୟୁୟର୍କ,୮।୭(ଏଜେନ୍ସି)

ବିଶ୍ୱର ଅନ୍ୟତମ ବହୁଳ ବ୍ୟବହୃତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ' ସହ କେନ୍ଦ୍ର ସରକାର ଅନେକ ସମୟରେ ବିଭିନ୍ନ ପ୍ରସଙ୍ଗରେ ମୁହାଁମୁହିଁ ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ଦେଶରେ ହେଉଥିବା ଆନ୍ଦୋଳନ, ବିକ୍ଷୋଭ ଓ ପ୍ରକାଶ ପାଉଥିବା ସରକାର ବିରୋଧୀ ଅଭିବ୍ୟକ୍ତିକୁ ଚପାଇ ଦେବା ପାଇଁ କେନ୍ଦ୍ର ସରକାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଉପରେ ଚାପ ସୃଷ୍ଟି କରୁଥିବାର ଅନେକ ନଜିର ରହିଛି। ଏହିକ୍ରମେ ଜୁଲାଇ ୩ରେ ସରକାରଙ୍କ ଇଲେକ୍ଟ୍ରୋନିକ୍ ଆଣ୍ଡ ଆଇଟି ମନ୍ତ୍ରଣାଳୟ ଏକ୍ସ'କୁ ୨,୩୫୫ ଆକାଉଣ୍ଟ ବନ୍ଦ ନିର୍ଦ୍ଦେଶ ଦେଇଥିଲା। କୌଣସି ଯଥାର୍ଥ କାରଣ ନ ଦର୍ଶାଇ ନିର୍ଦ୍ଦେଶ ଦେବାର ଘଣ୍ଟାଏ ଭିତରେ ଉକ୍ତ ଆକାଉଣ୍ଟଗୁଡ଼ିକୁ ଅନ୍ୟାଦେଶ ପର୍ଯ୍ୟନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ରହିଥିଲା। ଏହାକୁ ନେଇ ୟୁଜର୍ସଙ୍କ ମଧ୍ୟରେ ଉଦ୍‌ବେଗ ☞ପୃଷ୍ଠା-୪

# ଆଜି ଭାରତ ବନ୍ଦ

## ଶ୍ରମିକ, କୃଷକମାରଣ ନୀତିକୁ ବିରୋଧ

ନୂଆଦିଲ୍ଲୀ,୮।୭

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ତଥା ରାଷ୍ଟ୍ର ବିରୋଧୀ ଏବଂ କର୍ପୋରେଟ୍ ସପକ୍ଷବାଦୀ ନୀତିକୁ ବିରୋଧ କରି ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ଏହାର ସହଯୋଗୀ ସଂଗଠନଗୁଡ଼ିକ ପକ୍ଷରୁ ବୁଧବାର ଭାରତ ବନ୍ଦ ପାଇଁ ଡାକରା ଦିଆଯାଇଛି। ଏଥିରେ ବ୍ୟାଙ୍କିଙ୍ଗ୍, ବୀମା, ଡାକସେବାଠାରୁ ଆରମ୍ଭ କରି ଖଣି, ରାଜପଥ ଏବଂ ନିର୍ମାଣ କାର୍ଯ୍ୟ, ପରିବହନ କାର୍ଯ୍ୟରେ ☞ପୃଷ୍ଠା-୪

# ଶ୍ରୀମନ୍ଦିରକୁ ବିଜେ କଲେ ଦାରୁଦିଅଁ

ପୁରୀ,୮।୭(ଅଜିତ୍ କୁମାର ମହାନ୍ତି)

- ରସଗୋଲା ଦେଇ ମହାଲକ୍ଷ୍ମୀଙ୍କ ମାନ ଭଞ୍ଜନ କଲେ ମହାପ୍ରଭୁ
- ଆଜିଠୁ ନୀଳାଚଳ ଅବଢ଼ା

ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥ ନବଦିନାତ୍ମକ ଯାତ୍ରା ସାରି ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ତିଥି ନୀଳାଦ୍ରି ବିଜେ ଅବସରରେ ମଙ୍ଗଳବାର ଶ୍ରୀମନ୍ଦିର ରତ୍ନସିଂହାସନକୁ ବାହୁଡ଼ା ବିଜେ କରିଛନ୍ତି। ଏଥିସହ ଚଳିତ ବର୍ଷର ଘୋଷଯାତ୍ରା ସମ୍ପନ୍ନ ହୋଇଛି। ବୁଧବାରଠାରୁ ଭକ୍ତଙ୍କୁ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ଦେବେ। ସେହିପରି ଭକ୍ତମାନେ ନୀଳାଚଳ ଅବଢ଼ା ପାଇପାରିବେ। ମଙ୍ଗଳବାର ସକାଳ ୬ଟା ୫୦ରୁ ୭ଟା ୧୦ ମଙ୍ଗଳ ଆଳତି, ମଇଲମ ୭ଟା ୧୫, ତଡ଼ପଲାଗି ୭ଟା ୧୦ରୁ ୭ଟା ୩୦, ଅବକାଶ ୭ଟା ୪୫ରୁ ୮ଟା ୨୦, ବେଶ ୮ଟା ୫୫, ଗୋପାଳବଲ୍ଲଭ ୯ଟା ୪୫ରେ ସରିଥିଲା। ସକାଳଧୂପ ୧୧ଟାରେ ସରି ମଇଲମ ୧୧ଟା ୧୦, ରଥରେ ମହାସ୍ନାନ ଶେଷ ୧୧ଟା ୪୫, ତିନିରଥ ସର୍ବାଙ୍ଗ ୧୨ଟା ୧୦, ☞ପୃଷ୍ଠା-୪

## ଦିଶିଲାନି ଚକାଆଖି

ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ନବଦିନାତ୍ମକ ଘୋଷଯାତ୍ରା ମଙ୍ଗଳବାର ଶେଷ ହୋଇଛି। ହେଲେ ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ପୂର୍ଣ୍ଣ ମୁଖ ଦର୍ଶନ କରିପାରି ନ ଥିବାରୁ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏମିତି କୌଣସି ଏକ ମୁହୂର୍ତ୍ତ ଆସିଲାନି, ଯେଉଁଥିରେ ଠାକୁରଙ୍କୁ ପରିଷ୍କାର ଦେଖିବାର ସୁଯୋଗ ମିଳିଲା। ଟେଲିଭିଜନ, ୟୁଟ୍ୟୁବ ଚ୍ୟାନେଲ ମାଧ୍ୟମରେ ମହାପ୍ରଭୁଙ୍କୁ ଦର୍ଶନ କରୁଥିବା ଶ୍ରଦ୍ଧାଳୁ ଠାକୁରମାନଙ୍କୁ ଠିକ୍ ଭାବେ ଦେଖିପାରିଲେ ନାହିଁ ବୋଲି କହିଛନ୍ତି। ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ ଅନେକେ ହାଉଜାଉ ହେଉଥିବା ଦୃଷ୍ଟିରୁ ଶ୍ରଦ୍ଧାଳୁମାନେ କେବଳ ଚକାଆଖିର ଫଟୋ ପାଇପାରି ନ ଥିବା କହୁଛନ୍ତି।

**ଆଜିର ସମ୍ପାଦକୀୟ** | ୮୦ ପ୍ରତିଶତ ଅଣସଙ୍ଗଠିତ


ଓଡ଼ିଶା ସରକାର

ଯୋଜନା ଓ ସଂଯୋଜନ ବିଭାଗ

ସଂଖ୍ୟା: ୨ | ତା: ୦୮।୦୭।୨୦୨୫

ସାର୍ବଜନୀନ ବିଜ୍ଞପ୍ତି

No. X-30: ଓଡ଼ିଶା ସରକାରଙ୍କ ଗୃହ (ସ୍ୱତନ୍ତ୍ର ଶାଖା) ବିଭାଗ, ବିଜ୍ଞପ୍ତି ସଂଖ୍ୟା ୧୩୮୯/ସି, ଭୁବନେଶ୍ୱର, ତାରିଖ: ୨୯।୦୬।୨୦୨୫ ଅନୁଯାୟୀ, ତା।୨୯।୦୬।୨୦୨୫ରେ ପୁରୀର ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟା ଯୋଗୁ ତିନିଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିବା ଭଳି ଦୁଃଖଦ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶାଙ୍କ ଦ୍ୱାରା କରାଯାଉଛି।

କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ସେ ସମ୍ପର୍କରେ କୌଣସି ବ୍ୟକ୍ତି କିମ୍ବା ସଂସ୍ଥା, ଘଟଣାକୁ ନେଇ କୌଣସି ସୂଚନା କିମ୍ବା ତଥ୍ୟ (ଭିଡ଼ିଓ ଫୁଟେଜ୍ ସହିତ) ଥିଲେ, ତାହାକୁ ଆସନ୍ତା ତା।୨୦।୦୭।୨୦୨୫ ସୁଦ୍ଧା **puritragedy.enquiry@odisha.gov.in** ଇ-ମେଲ ଯୋଗେ ପଠାଇବାକୁ ଅନୁରୋଧ କରାଯାଉଛି।

ଉପରୋକ୍ତ ବ୍ୟବସ୍ଥା ବ୍ୟତୀତ, ଆଗ୍ରହୀ ବ୍ୟକ୍ତିମାନେ ନିମ୍ନଲିଖିତ ସ୍ଥାନ ଏବଂ ସମୟରେ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତ କରିପାରିବେ।

୧. ରାଜ୍ୟ ଅତିଥି ଭବନ-ଆନେକ୍ସ ଭୁବନେଶ୍ୱର : ଅପରାହ୍ନ ଘ.୩.୦୦ମି. ପରଠାରୁ ତା।୦୯।୦୭।୨୦୨୫
୨. ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ (ସ୍ପେଶାଲ ସର୍କିଟ୍ ହାଉସ୍), ପୁରୀ : ଅପରାହ୍ନ ଘ.୩.୦୦ମି. ପରଠାରୁ ତା।୧୦।୦୭।୨୦୨୫

ଅଧିକ ସୂଚନା ପାଇଁ ଟେଲିଫୋନ୍ ନମ୍ବର: **(0674) 2536882/2391970**ରେ ଯୋଗାଯୋଗ କରାଯାଇପାରିବ।

ଅତିରିକ୍ତ ଶାସନ ସଚିବ

OIPR-50001/11/0007/2526








**ମହୁମାଛି ଆକ୍ରମଣ ଭୟ: ଘଣ୍ଟାଏ ବିଳମ୍ବରେ ଉଡ଼ିଲା ଇଣ୍ଡିଗୋ ବିମାନ**

ଗୁଜରାଟର ସୁରଟରୁ ମଙ୍ଗଳବାର ରାଜସ୍ଥାନର ଜୟପୁରକୁ ଯିବାକୁ ଥିବା ଇଣ୍ଡିଗୋର ୬ଇ-୭୮୪ ବିମାନ ମହୁମାଛି ଆକ୍ରମଣ ଭୟରେ ଘଣ୍ଟାଏ ବିଳମ୍ବରେ ଉଡ଼ାଣ ଭରିଛି। ବିମାନ ଟେକ୍ଅଫ୍‌ର କିଛି ସମୟ ପୂର୍ବରୁ ହଠାତ ମହୁମାଛିଙ୍କ ଏକ ଦଳ ଆସି ବିମାନର ଲଗେଜ ଗେଟ୍‌ରେ ବସିଯାଇଥିଲେ। ଲଗେଜ୍ ଗେଟ୍‌ରେ ମହୁମାଛିଙ୍କ କବ୍‌ଜାକୁ ଦେଖି ବିମାନର କ୍ରିଉ ସଦସ୍ୟମାନେ ଭୟଭୀତ ହୋଇଯାଇଥିଲେ।

## ସଂକ୍ଷେପରେ

### ସବୁ ଭାରତୀୟ ଭାଷା ଜାତୀୟ ଭାଷା: ଆର୍‌ଏସ୍‌ଏସ୍

ନୂଆଦିଲ୍ଲୀ, ୮।୭

ସମ୍ପ୍ରତି ମହାରାଷ୍ଟ୍ର ଏବଂ ତାମିଲନାଡୁରେ ଭାଷା ବିବାଦ ଜୋର୍ ଧରିଥିବାବେଳେ ସମସ୍ତ ଭାରତୀୟ ଭାଷା ଜାତୀୟ ଭାଷା ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍)ର ପ୍ରଚାର ମୁଖ୍ୟ ସୁନୀଲ ଆମ୍ବେକର ମଙ୍ଗଳବାର କହିଛନ୍ତି। ଦିଲ୍ଲୀରେ ଆରଏସ୍‌ଏସ୍‌ର ପ୍ରାଦେଶିକ ପ୍ରଚାରକଙ୍କ ୩ ଦିନିଆ ବୈଠକ ପରେ ଖବରଦାତା ସମ୍ମିଳନୀରେ ଆମ୍ବେକର କହିଛନ୍ତି, ଭାରତରେ ଅଧିକାଂଶ ଲୋକେ ମାତୃଭାଷାରେ କଥା ହୋଇଥାନ୍ତି, ଯାହା ବିଭିନ୍ନ ରାଜ୍ୟ ଏବଂ ପ୍ରାନ୍ତ ଅନୁଯାୟୀ ଭିନ୍ନ ଭିନ୍ନ। ପ୍ରାଥମିକ ଶିକ୍ଷା ମଧ୍ୟ ମାତୃଭାଷାରେ ମିଳିବା ଆବଶ୍ୟକ। ଆରଏସ୍‌ଏସ୍ ସର୍ବଦା ଏହାକୁ ଗୁରୁତ୍ୱ ଦେଇଆସିଛି। ସ୍କୁଲ ଶିକ୍ଷା ପାଇଁ କୌଣସି ଏକ ଭାଷାକୁ ରାଜ୍ୟଗୁଡ଼ିକ ଉପରେ ଥାପିବା ପ୍ରକ୍ରିୟାକୁ ଆରଏସ୍‌ଏସ୍ ସମର୍ଥନ କରେ ନାହିଁ ବୋଲି ସେ କହିଛନ୍ତି।

### ଅବଧି ଶେଷ ପରେ ୧୭ ଔଷଧକୁ ନଷ୍ଟ କରିବାକୁ ସିଡିଏସ୍‌ସିଓର ପରାମର୍ଶ

ନୂଆଦିଲ୍ଲୀ,୮।୭(ପି.ଟି.)

ବ୍ୟବହାର ଅବଧି ଶେଷ ହୋଇଥିବା କିମ୍ବା ଅବ୍ୟବହୃତ ୧୭ ପ୍ରକାର ଔଷଧକୁ ଅଳିଆଗଦାରେ ନ ଫିଙ୍ଗି ସେଗୁଡ଼ିକୁ ଟଏଲେଟ୍‌ରେ ଫ୍ଲସ୍ ଡାଉନ୍ କରିବାକୁ ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ) ପରାମର୍ଶ ଦେଇଛି। ତାଲିକାଭୁକ୍ତ ଏହି ଔଷଧଗୁଡ଼ିକ ମାନବ ଓ ଗୃହପାଳିତ ପ୍ରାଣୀଙ୍କ ପାଇଁ ବିପଜ୍ଜନକ। ସେଥିରେ ଟ୍ରାମାଡୋଲ, ଟାପେଣ୍ଟାଡୋଲ, ଡିଆଜେପାମ୍, ଅକ୍ସିକୋଡୋନ୍ ଏବଂ ଫେଣ୍ଟାନିଲ୍ ରହିଛି। ଏଗୁଡ଼ିକ ଯେଉଁ ରୋଗୀଙ୍କ ପାଇଁ ଲେଖାଯାଇଛି, ତାଙ୍କ ବ୍ୟତୀତ ଅନ୍ୟ କେହି ବ୍ୟବହାର କରିବା ବିପଜ୍ଜନକ। ପରିବେଶ ଏବଂ ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଏକ୍ସପାୟାର ଔଷଧଗୁଡ଼ିକୁ ଉପଯୁକ୍ତ ଭାବେ ନଷ୍ଟ କରିବା ଗୁରୁତ୍ୱପୂର୍ଣ୍ଣ। ଏଣେତେଣେ ଫିଙ୍ଗିଦେବା ଦ୍ୱାରା ଏହା ମାନବ ଓ ପ୍ରାଣୀ ସ୍ୱାସ୍ଥ୍ୟ ସମେତ ପରିବେଶ ପ୍ରତି ବିପଦ ସୃଷ୍ଟି କରିପାରେ।

# ଏମ୍‌ଏନ୍‌ଏସ୍‌ର ମରାଠୀ ଅସ୍ମିତା ରାଲି

**ନିଜ ସରକାରକୁ ବିରୋଧ କରି ବିକ୍ଷୋଭରେ ଯୋଗଦେଲେ ଶିବସେନା ମନ୍ତ୍ରୀ**

ଠାଣେ,୮।୭



ଠାଣେ ଜିଲାରେ ଏମ୍‌ଏନ୍‌ଏସ୍‌ର ମରାଠୀ ଅସ୍ମିତା ରାଲିରେ ରାଜ୍ୟ ପରିବହନ ମନ୍ତ୍ରୀ ପ୍ରତାପ ସରନାଏକ ସାମିଲ ହୋଇଛନ୍ତି।

ହିନ୍ଦୀକୁ ବିରୋଧ କରି ରାଜ୍ ଠାକ୍‌ରେଙ୍କ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଓ ମରାଠୀ ଏକୀକରଣ ସମିତି ପକ୍ଷରୁ ଠାଣେ ଜିଲାର ମୀରା ଭୟନ୍ଦର ଅଞ୍ଚଳରେ ମଙ୍ଗଳବାର ମରାଠୀ ଅସ୍ମିତା ରାଲି ଆୟୋଜନ କରାଯାଇଥିବାବେଳେ ସେଥିରେ ଶିବସେନା (ୟୁବିଟି) ଏବଂ ଏନ୍‌ସିପି(ଏସ୍‌ପି)ର ନେତା ଓ କର୍ମୀ ଯୋଗ ଦେଇଛନ୍ତି। ଏକ ନାଟକୀୟ ଘଟଣାକ୍ରମରେ ମହାରାଷ୍ଟ୍ର ପରିବହନ ମନ୍ତ୍ରୀ ତଥା ଶିବସେନା ନେତା ପ୍ରତାପ ସରନାଏକ୍ ସରକାରଙ୍କୁ ବିରୋଧ କରି ବିରୋଧୀଙ୍କ ବିକ୍ଷୋଭ ରାଲିରେ ସାମିଲ ହୋଇଥିଲେ। ତେବେ ଏମ୍‌ଏନ୍‌ଏସ୍ କର୍ମୀମାନେ ତାଙ୍କୁ ବିରୋଧ କରିବା ସହ ସେଠାରୁ ତଡ଼ିଦେଇଥିଲେ। ସକାଳେ ବିକ୍ଷୋଭ ଶୋଭାଯାତ୍ରାରେ ବାହାରୁଥିବା ବହୁ ଏମ୍‌ଏନ୍‌ଏସ୍ କର୍ମୀଙ୍କୁ ପୋଲିସ ଅଟକ ରଖିଥିଲା।

ମହାରାଷ୍ଟ୍ରରେ ହିନ୍ଦୀ ବିରୋଧୀ ଭାଷା ଆନ୍ଦୋଳନ ତୀବ୍ର ହୋଇଥିବାବେଳେ ମରାଠୀ କହୁ ନ ଥିବା ଜଣେ ଦୋକାନୀଙ୍କୁ ଏମ୍‌ଏନ୍‌ଏସ୍ କର୍ମୀ ମାଡ଼ ମାରିବାକୁ ନେଇ ରାଜନୈତିକ ଉତ୍ତେଜନା ଦେଖାଦେଇଛି। ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ପୋଲିସ ବିକ୍ଷୋଭ ଶୋଭାଯାତ୍ରା ପାଇଁ ଅନୁମତି ଦେବାକୁ ପୂର୍ବରୁ ମନା କରିଥିଲା। ତେବେ ରାସ୍ତାରେ ନାଟକବାଜି ଏବଂ ନେତାମାନଙ୍କ ହସ୍ତକ୍ଷେପ ଯୋଗୁ ପ୍ରସ୍ତାବିତ ରାସ୍ତାରେ ଶୋଭାଯାତ୍ରା ବାହାର କରାଯାଇଥିଲା।

## ଆତ୍ମହତ୍ୟା କଲେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ

**୩ କୋଟି ଦେବାକୁ ବ୍ଲାକମେଲିଂ**

ମୁମ୍ବାଇ, ୮।୭

ମୁମ୍ବାଇର ସାନ୍ତାକ୍ରୁଜ୍ ଅଞ୍ଚଳରେ ପ୍ରତିଷ୍ଠିତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜ୍ ଲୀଲା ମୋରେ (୩୨) ସୋମବାର ବିଷଖାଇ ଆତ୍ମହତ୍ୟା କରିଛନ୍ତି। ଏକ ଆଡଲ୍ଟ ଭିଡିଓ ନାମରେ ତାଙ୍କୁ ଲଗାତର ବ୍ଲାକ୍‌ମେଲିଂ କରାଯାଉଥିଲା, ଫଳରେ ମାନସିକ ଭାବେ ପ୍ରତାରିତ ହୋଇ ସେ ଏହି ଚରମ ପଦକ୍ଷେପ ନେଇଛନ୍ତି। ମୋରେଙ୍କ ମୃତଦେହ ନିକଟରୁ ୩ ପୃଷ୍ଠାର ସୁଇସାଇଡ୍ ନୋଟ୍ ମିଳିଛି। ଏଥିରେ ସେ ନିଜ ମୃତ୍ୟୁ ପାଇଁ ସବା କ୍ୟୁରେଶୀ ଏବଂ ରାହୁଲ ପରନୱାନୀ ନାମକ ୨ ବ୍ୟକ୍ତିଙ୍କୁ ଦାୟୀ କରିଛନ୍ତି। ପୋଲିସ ମୋରେଙ୍କ ସୁଇସାଇଡ୍ ନୋଟ୍ ଏବଂ ସମ୍ପର୍କୀୟଙ୍କ ବୟାନ ଆଧାରରେ ଆତ୍ମହତ୍ୟା ପାଇଁ ଉସୁକାଇବା ଏବଂ ଜବରଦସ୍ତ ଟଙ୍କା ଆଦାୟ ପାଇଁ ଧମକ ଦେବା ସମ୍ବନ୍ଧିତ ବିଭିନ୍ନ ଧାରାରେ ସବା ଏବଂ ରାହୁଲଙ୍କ ବିରୋଧରେ ମାମଲା ରୁଜୁକରି ଆତ୍ମହତ୍ୟାର ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ୧୮ ମାସ ତଳେ ସବା ଏବଂ ମୋରେ ସୋସିଆଲ ମିଡିଆରେ ପରସ୍ପରକୁ ଜାଣିବାକୁ ପାଇଥିଲେ। ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ବଢ଼ିଥିଲା ଏବଂ ସେମାନେ ପରସ୍ପରର ନିକଟତର ହୋଇଥିଲେ। ତେବେ ସବାଙ୍କ ସହଯୋଗରେ ରାହୁଲ ମୋରେଙ୍କ ବ୍ୟକ୍ତିଗତ ଭିଡିଓ କରିଥିଲେ। ଉକ୍ତ ଆଡଲ୍ଟ ଭିଡିଓକୁ ଭାଇରାଲ କରିଦେବେ କହି ରାହୁଲ ଏବଂ ସବା ଗତ କିଛି ମାସ ଧରି ମୋରେଙ୍କୁ ଧମକ ଦେଉଥିଲେ। ସେହିପରି ସେମାନଙ୍କ ପାଇଁ ବିଳାସପୂର୍ଣ୍ଣ କାର୍ କିଣିବାକୁ ମଧ୍ୟ ଉଭୟ ଅଭିଯୁକ୍ତ ମୋରେଙ୍କୁ ବାଧ୍ୟ କରିଥିଲେ। ସମ୍ପ୍ରତି ଉଭୟ ଅଭିଯୁକ୍ତ ସବା ଏବଂ ରାହୁଲ ଫେରାର ଥିବାବେଳେ ପୋଲିସ ତାଙ୍କୁ ଖୋଜିବା ଜାରି ରଖିଛି।

## ବିହାରରେ ମହିଳାଙ୍କ ପାଇଁ ୩୫% ନିଯୁକ୍ତି କୋଟା

ପାଟନା,୮।୭



ନୀତୀଶ କୁମାର

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟର ମହିଳାମାନଙ୍କ ପାଇଁ ସରକାରୀ ନିଯୁକ୍ତିରେ ୩୫ ପ୍ରତିଶତ ସଂରକ୍ଷଣ ଘୋଷଣା କରିଛନ୍ତି। ଏହି ସୁବିଧା କେବଳ ରାଜ୍ୟର ସ୍ଥାୟୀ ବାସିନ୍ଦାଙ୍କୁ ମିଳିବ। ସରକାରୀ ନିଯୁକ୍ତିରେ ବାସିନ୍ଦା ନୀତି କାର୍ଯ୍ୟକାରୀ କରିବାକୁ ଦାବି ହୋଇଆସୁଥିଲା। ଏହି ନୂଆ ନୀତି ଯୋଗୁ ସ୍ଥାୟୀ ବାସିନ୍ଦା ମହିଳାମାନଙ୍କ ଆର୍ଥିକ ସ୍ୱାଧୀନତା ଏବଂ ନିଯୁକ୍ତି ସୁରକ୍ଷା ବଢ଼ିବ ବୋଲି ଅତିରିକ୍ତ ମୁଖ୍ୟ ସଚିବ ଏସ୍. ସିଦ୍ଧାର୍ଥ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୬ରେ ବିହାର ସରକାର ମହିଳାମାନଙ୍କ ପାଇଁ ସରକାରୀ ଚାକିରିରେ ୩୫% ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ, ଯେଉଁଥିରୁ ଯେକୌଣସି ରାଜ୍ୟର ମହିଳା ସୁବିଧା ହାସଲ କରିପାରୁଥିଲେ। ତେବେ ନିର୍ବାଚନ ପୂର୍ବରୁ ବାସିନ୍ଦା ନୀତି କାର୍ଯ୍ୟକାରୀ କରିବା ଦାବି ଜୋର୍ ଧରିଥିଲା। ଆର୍‌ଜେଡି କ୍ଷମତାକୁ ଆସିଲେ ବାସିନ୍ଦାଙ୍କ ପାଇଁ ୧୦୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯିବ ବୋଲି ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ପ୍ରତିଶ୍ରୁତି ଦେଇଥିଲେ। ଭାଜପା ସହଯୋଗୀ ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ ମଧ୍ୟ ବାସିନ୍ଦା ନୀତି ସପକ୍ଷରେ ସ୍ୱର ଉଠାଇଥିଲେ। ଗତ ସପ୍ତାହରେ ବହୁସଂଖ୍ୟାରେ ନିଯୁକ୍ତି ଆଶାୟୀ ପାଟନାରେ ବିକ୍ଷୋଭ କରିବା ସହ ସରକାରୀ ଚାକିରିରେ ବାସିନ୍ଦା ନୀତି କାର୍ଯ୍ୟକାରୀ କରିବା ପାଇଁ ଦାବି କରିଥିଲେ।

ରାଜ୍ୟର ଯୁବବର୍ଗଙ୍କୁ ଅଧିକ ନିଯୁକ୍ତି ସୁଯୋଗ ଯୋଗାଇଦେବା ନିମନ୍ତେ ବିହାର ଯୁବ ଆୟୋଗ ଗଠନ କରିବାକୁ ନୀତୀଶ କୁମାର ସରକାର ମଙ୍ଗଳବାର ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ରାଜ୍ୟରେ ନିଯୁକ୍ତି ସୁଯୋଗ ଅଭାବକୁ ନେଇ ବିରୋଧୀ ସମାଲୋଚନା କରିଆସୁଥିଲେ। ବିହାରର ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରି ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ଯୋଗାଇଦେବା ଲକ୍ଷ୍ୟରେ ଓ ସେମାନଙ୍କ ସାମର୍ଥ୍ୟ ବୃଦ୍ଧି କରିବାରେ ରାଜ୍ୟ ସରକାର ବିହାର ୟୁଥ୍ କମିଶନ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସମାଜର ଯୁବବର୍ଗଙ୍କ ଉନ୍ନତି ସମ୍ପର୍କିତ ସମସ୍ତ ବିଷୟରେ ଏହି କମିଶନ ସରକାରଙ୍କୁ ପରାମର୍ଶ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ।

## ଗୋପାଳ ଖେମ୍‌କା ହତ୍ୟାକାଣ୍ଡ: ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର

ପାଟନା, ୮।୭

ବିହାରର ପାଟନାରେ ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କ ହତ୍ୟାକାଣ୍ଡରେ ମଙ୍ଗଳବାର ପୋଲିସକୁ ସଫଳତା ମିଳିଛି। ପାଟନାର ମାଲ୍ ସଲାମି ଅଞ୍ଚଳରେ ମଙ୍ଗଳବାର ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ବିକାଶ ଓରଫ୍ ରାଜା (୨୯) ପୋଲିସ ଗୁଳରେ ପ୍ରାଣ ହରାଇଛନ୍ତି। ବିକାଶଙ୍କୁ ଗିରଫ କରିବାକୁ ପହଞ୍ଚିଥିବା ପୋଲିସ ଉପରକୁ ସେ ଗୁଳି ଚଳାଇଥିଲେ। ପୋଲିସର ପାଲଟା ଗୁଳିରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୋପାଳଙ୍କୁ ଗୁଳିକରି ହତ୍ୟା କରିଥିବା ଶୁଟର ଉମେଶଙ୍କୁ ପୋଲିସ ପୂର୍ବରୁ ଗିରଫ କରିଥିଲା। ଗୋପାଳଙ୍କୁ ହତ୍ୟା ପାଇଁ ଉମେଶଙ୍କୁ ବିକାଶ ସହଯୋଗ କରିଥିଲେ।

## ୧୬ରେ ଭାରତୀୟ ନର୍ସ ନିମିଶାଙ୍କୁ ଫାଶୀ ଦେବ ୟେମେନ୍

ସାନା,୮।୭



ନିମିଶା ପ୍ରିୟା

ୟେମେନର ଜଣେ ନାଗରିକଙ୍କୁ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ହୋଇ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଭାରତୀୟ ନର୍ସ ନିମିଶା ପ୍ରିୟାଙ୍କୁ ୧୬ ତାରିଖରେ ଫାଶୀ ଦିଆଯିବ। ୨୦୧୮ରେ ଏହି ହତ୍ୟାକାଣ୍ଡ ଘଟାଇ ନିମିଶା ୟେମେନ୍ ଛାଡ଼ି ପଳାଇଆସିବାକୁ ଉଦ୍ୟମ କରୁଥିବାବେଳେ ଧରାପଡ଼ିଯାଇଥିଲେ। କେରଳର ଏହି ନର୍ସଙ୍କୁ ଅଦାଲତ ଦୋଷୀସାବ୍ୟସ୍ତ କରି ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ଗତବର୍ଷ ୟେମେନ୍ ରାଷ୍ଟ୍ରପତି ଏହାକୁ ଅନୁମୋଦନ କରିଥିଲେ। ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହି ମାମଲା ଉପରେ ନଜର ରଖିବା ସହ ୟେମେନ୍ କର୍ତ୍ତୃପକ୍ଷ ଓ ନର୍ସଙ୍କ ପରିବାର ସହ କ୍ରମାଗତ ଯୋଗାଯୋଗରେ ରହିଛି।

ନିମିଶା ତାଙ୍କ ମା'ବାପାଙ୍କୁ ସହାୟତା କରିବା ପାଇଁ ୨୦୦୮ରେ ୟେମେନ୍ ଯାଇଥିଲେ। ସେଠାରେ ସେ ବିଭିନ୍ନ ହସ୍ପିଟାଲରେ କାମ କରିବା ପରେ ନିଜସ୍ୱ କ୍ଲିନିକ୍ ଖୋଲିଥିଲେ। ୨୦୧୪ରେ ସେ ସ୍ଥାନୀୟ ଏକ ବ୍ୟବସାୟରେ ଭାଗୀଦାରିତା ପାଇଁ ତଲାଲ ଅବ୍‌ଡୋ ମହଦିଙ୍କ ସହ ଯୋଗାଯୋଗରେ ଆସିଥିଲେ। କୌଣସି କାରଣରୁ ମହଦିଙ୍କ ସହ ତାଙ୍କର ମନାନ୍ତର ହୋଇଥିଲା। ୨୦୧୬ରେ ନିମିଶାଙ୍କ ଅଭିଯୋଗକ୍ରମେ ମହଦି ଗିରଫ ହୋଇଥିଲେ। ଜେଲରୁ ମୁକ୍ତ ହେବା ପରେ ସେ ନିମିଶାଙ୍କୁ ଧମକ ଦେଇଆସୁଥିଲେ। ନର୍ସଙ୍କ ପରିବାରର ଅଭିଯୋଗ ଅନୁଯାୟୀ, ନିମିଶାଙ୍କ ପାସ୍‌ପୋର୍ଟକୁ ମହଦି ଜବତ କରି ରଖିଥିବାରୁ ଏହାକୁ ଫେରିପାଇବା ପାଇଁ ସେ ତାଙ୍କୁ ନିଶା ଇଞ୍ଜେକ୍ସନ ଦେଇଥିଲେ। ଡୋଜ୍ ଅଧିକ ହୋଇଯିବାରୁ ମହଦିଙ୍କ ମୃତ୍ୟୁ ଘଟିଥିଲା। ନିମିଶା ସେଠାରୁ ଖସି ପଳାଇଆସିବାକୁ ଉଦ୍ୟମ କରି ଗିରଫ ହୋଇଥିଲେ।

## ପ୍ରାଥମିକ ରିପୋର୍ଟ ଦାଖଲ କଲା ଏଏଆଇବି

**ଅହମଦାବାଦ ବିମାନ ଦୁର୍ଘଟଣା**

ନୂଆଦିଲ୍ଲୀ,୮।୭



ଅହମଦାବାଦରେ ଗତ ଜୁନ୍ ୧୨ରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ତଦନ୍ତ କରୁଥିବା ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଏହାର ପ୍ରାଥମିକ ରିପୋର୍ଟ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ଚଳିତ ସପ୍ତାହରେ ଉକ୍ତ ରିପୋର୍ଟକୁ ସାର୍ବଜନୀନ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଉଡ଼ାଣ ଆରମ୍ଭର ମାତ୍ର କେଇ ମିନିଟ୍ ପରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୨୪୧ ଜଣଙ୍କ ସମେତ ମୋଟ ୨୭୪ ଜଣଙ୍କ ମୃତ୍ୟୁ ଘଟିଥିଲା।

ସଂସଦୀୟ କମିଟି ମଙ୍ଗଳବାର ବିମାନ ଚଳାଚଳ ମନ୍ତ୍ରଣାଳୟ, ଏୟାରଲାଇନ, ବିମାନବନ୍ଦର ପ୍ରତିନିଧିଙ୍କୁ ଦୁର୍ଘଟଣା ସମ୍ପର୍କରେ ବିଭିନ୍ନ ପ୍ରଶ୍ନ କରିଛି। ସରକାରୀ ଭିତ୍ତିଭୂମି ଓ ଅନ୍ୟାନ୍ୟ ସାର୍ବଜନିକ ଉପଯୋଗ ଉପରେ ଶୁଳ୍କ ଓ ନିୟାମକ ଦେୟ ଆଦିକୁ ନେଇ ପ୍ରଶ୍ନ କରାଯାଇଥିଲା।

## ଭୂସ୍ଖଳନରୁ ୬୭ ଜଣଙ୍କୁ ବଞ୍ଚାଇଲା କୁକୁର

ମଣ୍ଡି, ୮।୭



ହିମାଚଳ ପ୍ରଦେଶର ବିଭିନ୍ନ ସ୍ଥାନରେ ଗତ ଜୁନ୍ ୩୦ ଏବଂ ଜୁଲାଇ ୧ରେ ଲଗାତର ୩୦ ଘଣ୍ଟା ଧରି ବର୍ଷା ହୋଇଥିଲା, ଯାହାଫଳରେ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଏବଂ ବନ୍ୟାସ୍ଥିତି ଦେଖାଦେଇଥିଲା। ତେବେ ମଣ୍ଡି ଜିଲା ଧର୍ମପୁର ବ୍ଲକ୍‌ର ସିୟାଠୀ ଗ୍ରାମରେ ଏକ କୁକୁର ଜୋର୍‌ରେ ଅନେକ ସମୟ ପାଇଁ ଭୁକିବାରୁ ଗ୍ରାମର ୬୭ ଜଣଙ୍କର ଜୀବନ ବଞ୍ଚି ଯାଇଥିଲା।

ସିୟାଠୀ ଗ୍ରାମରେ ରହୁଥିବା ନରେନ୍ଦ୍ରଙ୍କ କହିବା ଅନୁଯାୟୀ, ଗତ ୩୦ ତାରିଖ ରାତିରେ ତାଙ୍କ କୁକୁର ଘରର ଦ୍ୱିତୀୟ ମହଲାରେ ଶୋଇଥିଲା। ତେବେ ଅଧ ରାତିରେ କୁକୁରଟି ଜୋର୍‌ରେ ବହୁ ସମୟ ଧରି ଭୁକିବାକୁ ଲାଗିଥିଲା। କୁକୁରର ଭୁକିବା ଶବ୍ଦ ଶୁଣି ନରେନ୍ଦ୍ର ଉଠିଯାଇଥିଲେ ଏବଂ ସେ ଦ୍ୱିତୀୟ ମହଲାକୁ ଯାଇ ଦେଖିବା ବେଳକୁ ତାଙ୍କ ଘରର କାନ୍ଥ ଫାଟିଯାଇଥିଲା ଏବଂ ଉକ୍ତ ଫାଟରୁ ଘର ମଧ୍ୟକୁ ପାଣି ପଶୁଥିଲା। ନରେନ୍ଦ୍ର ତୁରନ୍ତ ବିଚଳିତ ହୋଇ ନିଜ କୁକୁର ସହ ତଳକୁ ଯାଇ ପରିବାରର ଅନ୍ୟମାନଙ୍କୁ ଉଠାଇଥିଲେ। ଏହାପରେ ସେ ପଡ଼ୋଶୀ ଏବଂ ଗ୍ରାମର ଅନ୍ୟ ଲୋକଙ୍କୁ ଉଠାଇ ଲଗାଣ ବର୍ଷା ଯୋଗୁ ଘରଗୁଡ଼ିକର କାନ୍ଥ ଫାଟି ପାଣି ପଶୁଥିବା ନେଇ ସତର୍କ କରାଇଥିଲେ। ଫଳରେ ଭୂସ୍ଖଳନ ଭୟରେ ଗ୍ରାମବାସୀ ତୁରନ୍ତ ସେମାନଙ୍କ ଘରଛାଡ଼ି ନିକଟସ୍ଥ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ସିଆଠୀ ଗ୍ରାମରେ ଭୂସ୍ଖଳନ ଘଟିଥିଲା, ଯାହାଫଳରେ ଗ୍ରାମର ଅଧିକାଂଶ ଘର ମାଟିରେ ମିଶିଯାଇଥିଲା।

ଗତ ୭ ଦିନ ଧରି ସିୟାଠୀ ଗ୍ରାମବାସୀମାନେ ନିକଟସ୍ଥ ତ୍ରିୟମ୍ବଳା ଗ୍ରାମର ନୈନାଦେବୀ ମନ୍ଦିରର ମୁଖଶାଳାରେ ସ୍ଥାପନ କରାଯାଇଥିବା ରିଲିଫ୍ ଶିବିରରେ ରହୁଛନ୍ତି। ଭୂସ୍ଖଳନରେ ଗ୍ରାମର ୨୬ ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସମୁଦାୟ ୬୭ ଜଣ ପ୍ରଭାବିତ ହୋଇଛନ୍ତି। ସେହିପରି ଗ୍ରାମରେ ଥିବା ୭୬ ଗୃହପାଳିତ ପଶୁଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଗତ ୨୦ ତାରିଖରେ ହିମାଚଳ ପ୍ରଦେଶରେ ମୌସୁମୀ ପହଞ୍ଚିବା ପରଠାରୁ ବନ୍ୟା ଏବଂ ଭୂସ୍ଖଳନ ପରି ବର୍ଷା ଜନିତ ବିଭିନ୍ନ କାରଣରୁ ବର୍ତ୍ତମାନ ସୁଦ୍ଧା ୭୮ ଜଣଙ୍କର ମୃତ୍ୟୁ ଘଟିସାରିଲାଣି।

## ଅକ୍ଟୋବର ୨ରେ 'କାନ୍ତାରା ଚାପ୍ଟର ୧'



ରିଷଭ ଶେଟ୍ଟୀ

ବେଙ୍ଗାଲୁରୁ

**୬ ଭାଷାରେ ରିଲିଜ୍ ହେବ**

୨୦୨୨ରେ ରିଲିଜ୍ ହୋଇଥିବା ଅଭିନେତା ରିଷଭ ଶେଟ୍ଟୀଙ୍କ 'କାନ୍ତାରା'କୁ ଦର୍ଶକଙ୍କ ବହୁ ଭଲ ପାଇବା ମିଳିଥିଲା। ଏବେ ଏହାର ପ୍ରିକ୍ୱେଲ 'କାନ୍ତାରା ଚାପ୍ଟର ୧' ରିଲିଜ୍ ହେବାକୁ ଯାଉଛି, ଯାହାକୁ ନେଇ ସିନେପ୍ରେମୀଙ୍କ ମଧ୍ୟରେ ଜବରଦସ୍ତ କ୍ରେଜ୍ ଲାଗିରହିଛି। ସୋମବାର ଅଭିନେତାଙ୍କ ୪୨ତମ ଜନ୍ମଦିନ ଅବସରରେ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ 'କାନ୍ତାରା ଚାପ୍ଟର ୧'ର ନୂତନ ପୋଷ୍ଟର ଜାରି କରାଯାଇ ରିଷଭଙ୍କ ପ୍ରଶଂସକଙ୍କୁ ଉପହାର ଦିଆଯାଇଛି। ଏଥିରେ ରିସଭଙ୍କ ଜବରଦସ୍ତ ଆକ୍ସନ ଅବତାର ଦେଖିବାକୁ ମିଳିଛି। ଉକ୍ତ ପୋଷ୍ଟର ସହ ଫିଲ୍ମର ଶୁଟିଂ ଶେଷ ହୋଇଥିବା ନେଇ ଘୋଷଣା କରାଯାଇଛି। କ୍ୟାପ୍‌ଶନ୍‌ରେ ଲେଖାହୋଇଛି, ଯେଉଁଠାରେ କିମ୍ବଦନ୍ତୀ ଜନ୍ମ ହୋଇଥାନ୍ତି, ସେଠାରେ ବନ୍ୟପ୍ରାଣୀଙ୍କ ଗର୍ଜନ ପ୍ରତିଧ୍ୱନିତ ହୋଇଥାଏ। ଆସନ୍ତା ଅକ୍ଟୋବର ୨ରେ 'କାନ୍ତାରା ଚାପ୍ଟର ୧' ରିଲିଜ୍ ହେଉଛି। ଏହି କନ୍ନଡ଼ ଭାଷୀ ଫିଲ୍ମ ଡବଡ୍ ଭର୍ଜନରେ ତେଲୁଗୁ, ହିନ୍ଦୀ, ତାମିଲ, ବେଙ୍ଗଲୀ ଏବଂ ମାଲୟାଲମ ଭାଷାରେ ମଧ୍ୟ ରିଲିଜ୍ ହେବ। ରିଷଭ୍ ନିଜେ 'କାନ୍ତାରା ଚାପ୍ଟର ୧' ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି।

**ଫୁର୍‌ସତ୍**

## ବର୍ଷା ପାଇଁ କୁମ୍ଭୀର ସହ ବିବାହ

**୨୩୦ ବର୍ଷର ପରମ୍ପରା**

ମେକ୍ସିକୋ ସିଟି



ମେକ୍ସିକୋର ଦକ୍ଷିଣ ଓକ୍ସାକା ରାଜ୍ୟରେ ଅବସ୍ଥିତ ସାନ୍ ପେଡ୍ରୋ ହୁଆମେଲୁଲା ସହରରେ ଗତ ୨୩୦ ବର୍ଷ ଧରି ପ୍ରତି ବର୍ଷ ଏକ ଅନନ୍ୟ ପରମ୍ପରାକୁ ପାଳନ କରାଯାଇଆସୁଛି, ଯାହା ସମ୍ପ୍ରତି ସାରାବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏଠାକାର ମେୟର ଡାନିଏଲ୍ ଗୁଟିରେଜ୍ ଗତ ୩୦ ତାରିଖରେ ପ୍ରତୀକାତ୍ମକ ଭାବେ ଏକ ମାଈ କୁମ୍ଭୀର ସହ ବିବାହ କରିଛନ୍ତି। ସ୍ଥାନୀୟ ଚୋଣ୍ଟାଲ ଏବଂ ହୁଆଭେ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଏକତାର ପ୍ରତୀକ ଭାବେ ଏହି ଅନନ୍ୟ ପରମ୍ପରାକୁ ନିଭା ଯାଇଥାଏ। ସେହିପରି ଉକ୍ତ ଅଞ୍ଚଳରେ ଭଲ ଫସଲ, ବର୍ଷା ଏବଂ ଲୋକଙ୍କ ସମୃଦ୍ଧି କାମନା କରିବା ପାଇଁ ମଧ୍ୟ ଏହି ପରମ୍ପରାକୁ ପାଳନ କରାଯାଇଥାଏ। ଏହି ରଙ୍ଗିନ ଉତ୍ସବରେ ଏକ ମାଈ କୁମ୍ଭୀରକୁ କନ୍ୟା ପରି ଧଳା ରଙ୍ଗର ବିବାହ ଗାଉନ୍ ପିନ୍ଧା ଯାଇଥିଲା। ସେହିପରି ମେୟର ଡାନିଏଲ୍ କୁମ୍ଭୀରର କପାଳକୁ ଚୁମ୍ବନ ଦେବା ସହ ଖୁସିରେ ସ୍ଥାନୀୟ ଲୋକଙ୍କ ସହ ନାଚିଥିଲେ।

ସ୍ଥାନୀୟ ଲୋକକଥା ଅନୁଯାୟୀ, ଚୋଣ୍ଟାଲ ରାଜା ହୁଆଭେ ରାଜକୁମାରୀଙ୍କୁ ବିବାହ କରିଥିଲେ, ଯାହା ଦୁଇ ସମ୍ପ୍ରଦାୟ ମଧ୍ୟରେ ଦୀର୍ଘକାଳୀନ ଦ୍ୱନ୍ଦ୍ୱର ଅନ୍ତ ଘଟାଇଥିଲା। ତେଣୁ ସାନ୍ ପେଡ୍ରୋ ହୁଆମେଲୁଲା ସହରରେ ହେଉଥିବା ଏହି ପ୍ରତୀକାତ୍ମକ ବିବାହରେ ମେୟର ଚୋଣ୍ଟାଲ ରାଜାଙ୍କ ପ୍ରତିନିଧିତ୍ୱ କରୁଥିବାବେଳେ ହୁଆଭେ ରାଜକୁମାରୀଙ୍କୁ ଏକ କୁମ୍ଭୀର ରୂପେ ଦର୍ଶାଯାଇଥାଏ। ଏହି ପରମ୍ପରା ପୃଥିବୀ ମା' ଏବଂ ମାନବଜାତି ମଧ୍ୟରେ ରହିଥିବା ସମ୍ପର୍କକୁ ଦର୍ଶାଇ ଥାଏ ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି। ଏହି ଅନନ୍ୟ ଉତ୍ସବରେ ବିବାହ କରୁଥିବା କୁମ୍ଭୀରକୁ ପ୍ରାରମ୍ଭରେ ସ୍ଥାନୀୟ ଲୋକମାନେ 'ଲା ନିନା ପ୍ରିନ୍ସେସା (ଛୋଟ ରାଜକୁମାରୀ)' ଡାକିଥାନ୍ତି। ସୁରକ୍ଷା ପାଇଁ ଏବଂ କୌଣସି ଦୁର୍ଘଟଣାକୁ ଏଡ଼ାଇବା ପାଇଁ କୁମ୍ଭୀରର ମୁହଁକୁ ଏକ ରିବନରେ ବାନ୍ଧି ଦିଆଯାଇଥାଏ। ଉତ୍ସବର ଗୋଟିଏ ଦିନ ପୂର୍ବରୁ କୁମ୍ଭୀରକୁ ଆନୁଷ୍ଠାନିକ ଭାବରେ ଏକ ନାମ ଦିଆଯାଏ। ଚଳିତ ବର୍ଷ ବିବାହ କରିଥିବା କୁମ୍ଭୀରର ନାମ ମିଗୁଏଲାନା ଏଷ୍ଟେଲା ଡେଲ୍ ମାର୍ ଜାଭାଲେଟା ରାମିରେଜ୍ ରଖାଯାଇଥିଲା। ଗତ ୩୦ରେ ଏହି ବିବାହ ସମାରୋହ ସହରର ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ସ୍ଥାନୀୟ ଲୋକ, ସଂଗୀତଜ୍ଞ ଏବଂ ନୃତ୍ୟଶିଳ୍ପୀମାନେ ଉତ୍ସାହର ସହ ଯୋଗ ଦେଇଥିଲେ।

**ବେଆଇନ ବାଣ କାରଖାନାରେ ଅଗ୍ନିକାଣ୍ଡ**

ମହାକାଳପଡ଼ା,୮।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ) କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ କେବିଦାଣ୍ଡୁଆ ପଞ୍ଚାୟତ ପଙ୍କପାଳ ଗ୍ରାମରେ ଥିବା ଏକ ବେଆଇନ ବାଣ କାରଖାନାରେ ମଙ୍ଗଳବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ବାଣ ଭସ୍ମୀଭୂତ ହୋଇଯାଇଛି। ଅଗ୍ନିକାଣ୍ଡ ଯୋଗୁ ଗଚ୍ଛିତ ଥିବା ବାଣ ବିସ୍ଫୋରଣ ଘଟିଥିଲା । ଏହି ଶବ୍ଦ ପ୍ରାୟ ୨ କିମି ଦୂର ପର୍ଯ୍ୟନ୍ତ ଶୁଭିଥିଲା।




# ବାବୁଙ୍କ ଆର୍ଥିକ କ୍ଷମତା ବୃଦ୍ଧି

## ପ୍ରଶାସନିକ ଅଧିକାରୀଙ୍କୁ ୫୦କୋଟିର ଟେଣ୍ଡର କ୍ଷମତା

ଭୁବନେଶ୍ୱର, ୮।୭ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଟେଣ୍ଡର ନିଲାମବେଳେ ପୂର୍ବରୁ ଅଧିକାରୀଙ୍କୁ ଯେଉଁ ଆର୍ଥିକ କ୍ଷମତା ଦିଆଯାଇଥିଲା ତାକୁ ଏବେ ସରକାର ବୃଦ୍ଧି କରିଛନ୍ତି। ଏପରିକି ବିଭିନ୍ନ କାର୍ଯ୍ୟର ଟେଣ୍ଡର ବେଳେ ଆକଳନ ଖର୍ଚ୍ଚ(ଏଷ୍ଟିମେଟେଡ୍ କଷ୍ଟ) ୫୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷମତା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଯଦି କୌଣସି କାମର ଆନୁମାନିକ ଖର୍ଚ୍ଚ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଥାଏ ଏବଂ ଟେଣ୍ଡର ଦ୍ୱାରା ଦିଆଯାଇଥିବା ମୂଲ୍ୟ ଆନୁମାନିକ ଖର୍ଚ୍ଚଠାରୁ ୧୦% କିମ୍ବା ତାହାଠାରୁ ଅଧିକ ରହିଥାଏ, ତେବେ ନିଲାମ ଦେବା ପୂର୍ବରୁ ସଂପୃକ୍ତ ଅଧିକାରୀଙ୍କୁ ଆଉ ପରବର୍ତ୍ତୀ ଉଚ୍ଚ ଅଧିକାରୀଙ୍କ ଅନୁମୋଦନ ନେବା ଆବଶ୍ୟକ ହେବ। ତେବେ ଯେଉଁ କ୍ଷେତ୍ରରେ ପ୍ରଶାସନିକ ବିଭାଗ(ଆଡ୍‌ମିନିଷ୍ଟ୍ରେଟିଭ୍ ଡିପାର୍ଟମେଣ୍ଟ)ର ସଂପୃକ୍ତ ଅଧିକାରୀ ଭାବେ ନିଲାମ କାର୍ଯ୍ୟ କରିବେ ସେକ୍ଷେତ୍ରରେ ପରବର୍ତ୍ତୀ ଉଚ୍ଚ ଅଧିକାରୀଙ୍କର ଅନୁମୋଦନ ଦରକାର ପଡ଼ିବ ନାହିଁ।

ଅର୍ଥ ବିଭାଗ ପକ୍ଷରୁ ଓଡ଼ିଶା ଜେନେରାଲ ଫାଇନାନ୍‌ସିଆଲ ରୁଲ୍ସ-୨୦୨୩ର ସଂଶୋଧନ ନିୟମ ଅନୁଯାୟୀ, ବିଭାଗୀୟ ଅଧିକାରୀମାନେ ଏଣିକି ଏହି ନିୟମ ଅନୁଯାୟୀ ବିଭିନ୍ନ କାର୍ଯ୍ୟର ଟେଣ୍ଡର କରିପାରିବେ କିମ୍ବା ଦ୍ରବ୍ୟ କ୍ରୟ କରିପାରିବେ ବୋଲି ଅର୍ଥ ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଦର୍ଶାଇଛନ୍ତି।

ଅର୍ଥ ବିଭାଗର ସଂଶୋଧିତ ନିୟମ ଅନୁଯାୟୀ, ପ୍ରଶାସନିକ ବିଭାଗଗୁଡ଼ିକ ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର କରିପାରିବେ। ସଂପୃକ୍ତ ବିଭାଗୀୟ ଅଧିକାରୀ ନିଜେ ଟେଣ୍ଡର ଗ୍ରହଣ କରିବା ସହ ଆଉ ଉଚ୍ଚ ଅଧିକାରୀଙ୍କୁ ଫାଇଲ ପ୍ରେରଣ କରିବାକୁ ପଡ଼ିବନାହିଁ। ସେହିପରି ଯଦି ସର୍ବୋଚ୍ଚ ଯନ୍ତ୍ରୀ କୌଣସି କାର୍ଯ୍ୟରେ ଟେଣ୍ଡର କରୁଛନ୍ତି ତେବେ ସେ କ୍ଷେତ୍ରରେ ଆବଶ୍ୟକସ୍ଥଳେ ବିଭାଗର ପ୍ରଶାସନିକ ଅଧିକାରୀଙ୍କଠାରୁ ଅନୁମତି ନେଇପାରିବେ। ସର୍ବୋଚ୍ଚ ଯନ୍ତ୍ରୀଙ୍କ କ୍ଷମତା ୭ କୋଟିରୁ ୧୦ କୋଟି ମଧ୍ୟରେ ରଖାଯାଇଛି। ମୁଖ୍ୟଯନ୍ତ୍ରୀମାନଙ୍କୁ ଟେଣ୍ଡର କ୍ଷମତା



୪ରୁ ୭ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବାବେଳେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ୧ରୁ ୪ କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡର କ୍ଷମତା ପ୍ରଦାନ କରାଯାଇଛି। ତେବେ ପୂର୍ବରୁ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର ନିଲାମ ବେଳେ ଯଦି ନିଲାମ ଅର୍ଥରେ କୌଣସି ବ୍ୟତିକ୍ରମ ଦେଖାଦେଲା କିମ୍ବା ଅଧିକ ଫରକ ରହିଲା, ତେବେ ସେ କ୍ଷେତ୍ରରେ ସଂପୃକ୍ତ ବିଭାଗ ମନ୍ତ୍ରୀଙ୍କର ଅନୁମୋଦନ ଆବଶ୍ୟକ ପଡୁଥିଲା। ଅର୍ଥ ବିଭାଗର ଏହି ସଂଶୋଧିତ ନିୟମ ଅନୁଯାୟୀ, ଆଉ ଅର୍ଥ ବିଭାଗକୁ ଏସବୁ କ୍ଷେତ୍ରରେ ବାରମ୍ବାର ଫାଇଲ ଯିବନାହିଁ କି ବିଭାଗୀୟ ମୁଖ୍ୟ କିମ୍ବା ମନ୍ତ୍ରୀଙ୍କ ଅନୁମୋଦନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ସଂଶୋଧିତ ନିୟମ ଅନୁଯାୟୀ, ବିଭାଗୀୟ ଅଧିକାରୀମାନେ ଏଣିକି ୫୦ ହଜାର ଟଙ୍କା ପର୍ଯ୍ୟନ୍ତ କୌଣସି ଦ୍ରବ୍ୟ ସଂଗ୍ରହବେଳେ ଆଉ କୋଟେଶନ ଗ୍ରହଣ କରିବାକୁ ପଡ଼ିବନାହିଁ। ମାତ୍ର ସଂପୃକ୍ତ ଅଧିକାରୀଙ୍କୁ ଏକ ସାର୍ଟିଫିକେଟ୍ ଦେବାକୁ ପଡ଼ିବ, ଯେଉଁଥିରେ ସେ ଉଲ୍ଲେଖ କରିବେ ଯେ ଦ୍ରବ୍ୟ ଯେଉଁଠାରୁ କ୍ରୟ କରୁଛନ୍ତି ସଂପୃକ୍ତ ଭେଣ୍ଡର ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା ରହିଛି। ଏହାବାଦ୍ ୨୫ ଲକ୍ଷ ଟଙ୍କାର ଦ୍ରବ୍ୟ କିମ୍ବା ସାମଗ୍ରୀ କ୍ରୟବେଳେ ଲୋକାଲ ପର୍ଚେଜ୍ କମିଟି ଜରିଆରେ କିଣାଯାଇ ପାରିବ। ଦ୍ରବ୍ୟ କ୍ରୟ ସମୟରେ ଲୋକାଲ ପର୍ଚେଜ୍ କମିଟିରେ ୩ ଜଣ ସଭ୍ୟଙ୍କ ଜରିଆରେ ଏହାର ମୂଲ୍ୟ ନିରୂପଣ ହେବ। ଉକ୍ତ କମିଟି ଯେଉଁ ମୂଲ୍ୟ ସ୍ଥିର କରିବ ସେନେଇ ସୁପାରିସ୍ କରିବେ। ତେବେ ଲୋକାଲ ପର୍ଚେଜ୍ କମିଟିର ଯେଉଁ ତିନିଜଣ ସଭ୍ୟ ଦ୍ରବ୍ୟ ସଂଗ୍ରହ କମିଟିରେ ରହିବେ ସେମାନେ ସଂପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇଥିବା ଆବଶ୍ୟକ। ଏହିଭଳି ବିଭିନ୍ନ କ୍ଷେତ୍ରରେ ଅଧିକାରୀଙ୍କ କ୍ଷମତା ବଢ଼ାଯାଇଥିବା ନେଇ ଅର୍ଥ ବିଭାଗର ସଂଶୋଧିତ ନିର୍ଦ୍ଦେଶନାମାରେ କୁହାଯାଇଛି।




# ‘ଛାବା’ ରେକର୍ଡ ଭାଙ୍ଗିଲା ‘ବୋଉ ବୁଟୁ ଭୂତ’

**ବାବୁସାନଙ୍କ ଫିଲ୍ମର ଲାଭ ୨୫ ଦିନରେ ୧୨ କୋଟିରୁ ଅଧିକ**

ଭୁବନେଶ୍ୱର, ୮।୭

ବାବୁସାନ ମହାନ୍ତିଙ୍କ ଅଭିନୀତ ଓଡ଼ିଆ ଫିଲ୍ମ ‘ବୋଉ ବୁଟୁ ଭୂତ’ ବକ୍ସ ଅଫିସ୍‌ରେ ଧମାଲ ମଚାଇବା ଜାରି ରଖିଛି। ମଙ୍ଗଳବାର ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏହି ଓଡ଼ିଆ ହରର୍ କମେଡି ମୁଭି ଚଳିତ ବର୍ଷର ସବୁଠାରୁ ଲାଭଦାୟକ ଫିଲ୍ମ ହୋଇପାରିଛି। ରିପୋର୍ଟ ଅନୁଯାୟୀ, ରିଲିଜ୍ ହେବାର ୨୫ ଦିନ ମଧ୍ୟରେ ‘ବୋଉ ବୁଟୁ ଭୂତ’ ଫିଲ୍ମ କେବଳ ଭାରତୀୟ ସିନେମା ହଲ୍‌ଗୁଡ଼ିକରୁ ୧୫.୧୦ କୋଟି ରୋଜଗାର କରିଥିବା ବେଳେ ବିଶ୍ୱବ୍ୟାପୀ ଏହା ୧୭.୮୧ କୋଟି ଟଙ୍କାର ବ୍ୟବସାୟ କରିଛି। ପ୍ରଥମ ଓଡ଼ିଆ ଫିଲ୍ମ ଭାବେ ଏହି ଫିଲ୍ମ ୧୦ କୋଟି ଟଙ୍କା



ଭିକି କୌଶଲ

ପାର୍ କରିଥିଲା। ଜଗଦୀଶ ମିଶ୍ରଙ୍କ ନିର୍ଦ୍ଦେଶିତ ‘ବୋଉ ବୁଟୁ ଭୂତ’ ଫିଲ୍ମ ପ୍ରାୟ ୩ କୋଟିର ବଜେଟରେ ପ୍ରସ୍ତୁତ ହୋଇଥିଲା। ତେଣୁ ରିଲିଜ୍



ବାବୁସାନ ମହାନ୍ତି

ହେବାର ୨୫ ଦିନ ମଧ୍ୟରେ ଏହି ଫିଲ୍ମ ୧୨ କୋଟି ଟଙ୍କାରୁ ଅଧିକ ଲାଭ ପାଇଛି, ଯାହା ଏହାର ରିଟର୍ନ ଅନ୍ ଇନ୍‌ଭେଷ୍ଟମେଣ୍ଟ (ଆର୍‌ଓଆଇ)କୁ ୪୦୩.୩୩%ରେ ପହଞ୍ଚିଛି। ଏହାସହ ‘ବୋଉ ବୁଟୁ ଭୂତ’ ଫିଲ୍ମ ଅଭିନେତା ଭିକି କୌଶଲଙ୍କ ଲୋକପ୍ରିୟ ‘ଛାବା’ ଫିଲ୍ମର ରେକର୍ଡକୁ ଭାଙ୍ଗିବା ସହ ଚଳିତ ବର୍ଷର ସବୁଠାରୁ ଲାଭଦାୟକ ଫିଲ୍ମ ହୋଇପାରିଛି। ୧୩୦ କୋଟି ବଜେଟରେ ନିର୍ମିତ ‘ଛାବା’ ଫିଲ୍ମ କେବଳ ଭାରତୀୟ ବକ୍ସ ଅଫିସରୁ ୬୧୫. ୩୯ କୋଟି ସଂଗ୍ରହ କରିଥିଲା। ଏହାର ଆର୍‌ଓଆଇ ୩୭୩.୩୭% ରହିଥିଲା। ଏହି ଆର୍‌ଓଆଇକୁ ଟପିବାରେ ‘ବୋଉ ବୁଟୁ ଭୂତ’ ସଫଳ ହୋଇଛି।

# ଦେବବ୍ରତ ୱାଟ୍‌କୋ ଏମ୍‌ଡି

ଭୁବନେଶ୍ୱର,୮।୭(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ମଙ୍ଗଳବାର ଜନସ୍ୱାସ୍ଥ୍ୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଦେବବ୍ରତ ମହାନ୍ତିଙ୍କୁ ୱାଟ୍‌କୋର ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ ଅବସ୍ଥାପିତ କରାଯାଇଛି। ଏସଂକ୍ରାନ୍ତରେ ବିଭାଗ ପକ୍ଷରୁ ଅନୁସଚିବ ବି ସି ମଲ୍ଲିକ ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ, ଜୁନ୍ ୩୦ରେ ଗୁରୁ ଚରଣ ଦାସ ୱାଟ୍‌କୋ ପରିଚାଳନା ନିର୍ଦ୍ଦେଶକ ପଦରୁ ଅବସର ଗ୍ରହଣ କରିଛନ୍ତି। ଏହି ପଦରେ ଦେବବ୍ରତ ମହାନ୍ତି ପରବର୍ତ୍ତୀ ଆଦେଶ ନ ବାହାରିବା ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିବେ। ସେହିପରି ବିଭାଗର ଅନ୍ୟ ଏକ ବିଜ୍ଞପ୍ତି ଅନୁଯାୟୀ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଦେବବ୍ରତ ସାହୁ, ନାରଦ ଚନ୍ଦ୍ର ରଥ ଏବଂ ପ୍ରକାଶ ଚନ୍ଦ୍ର ଦାଶଙ୍କୁ ମୁଖ୍ୟଯନ୍ତ୍ରୀ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି।

# ଡା. ସମ୍ବିତ ଦାଶ ଏସ୍‌ଏଫ୍‌ଇଏସ୍‌ର କାର୍ଯ୍ୟନିର୍ବାହୀ ପରିଷଦ ସଦସ୍ୟ

ଭୁବନେଶ୍ୱର, ୮।୭ (ଅନୁରାଧା ମହାରଣା)



ବିଶିଷ୍ଟ ଏଣ୍ଡୋକ୍ରାଇନୋଲୋଜିଷ୍ଟ ତଥା କିମ୍ସ ଏଣ୍ଡୋକ୍ରାଇନୋଲୋଜି ବିଭାଗ ମୁଖ୍ୟ ଡା. ସମ୍ବିତ ଦାଶ ଦକ୍ଷିଣ ଏସୀୟ ଏଣ୍ଡୋକ୍ରାଇନ୍ ସୋସାଇଟିଜ୍ ଫେଡେରେଶନ (ଏସ୍‌ଏଫ୍‌ଇଏସ୍)ର କାର୍ଯ୍ୟନିର୍ବାହୀ ପରିଷଦ ସଦସ୍ୟ ମନୋନୀତ ହୋଇଛନ୍ତି। ଭାରତ ସମେତ ଅନେକ ଦେଶର ଏଣ୍ଡୋକ୍ରାଇନ୍ ସଂଘକୁ ନେଇ ଗଠିତ ଏସ୍‌ଏଫ୍‌ଇଏସ୍ ସହଯୋଗପୂର୍ଣ୍ଣ ଗବେଷଣା, ରୋଗୀ ସେବାକୁ ଆଗକୁ ବଢ଼ାଇବା, ଆଞ୍ଚଳିକ କ୍ଲିନିକାଲ ନିର୍ଦ୍ଦେଶାବଳୀ ବିକଶିତ କରିବା ଏବଂ ଦକ୍ଷିଣ ଏସିଆରେ ଏଣ୍ଡୋକ୍ରାଇନ୍ ରୋଗର ଚ୍ୟାଲେଞ୍ଜର ସମାଧାନ ପାଇଁ କାର୍ଯ୍ୟ କରିଥାଏ। ଡା. ଦାଶ ଏହି ସମ୍ମାନଜନକ ପଦବୀରେ ନିର୍ବାଚିତ ଭାରତର ୩ ପ୍ରତିଷ୍ଠିତ ଏଣ୍ଡୋକ୍ରାଇନୋଲୋଜିଷ୍ଟଙ୍କ ମଧ୍ୟରୁ ଜଣେ। ସେ ପ୍ରମୁଖ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ ପ୍ରତିନିଧିତ୍ୱ କରୁଛନ୍ତି। ଏଣ୍ଡୋକ୍ରାଇନ ସୋସାଇଟି ଅଫ୍ ଇଣ୍ଡିଆର ଜାତୀୟ ଉପାଧ୍ୟକ୍ଷ ରହିବା ସହ ଆର୍‌ଏସ୍‌ଏସ୍‌ଡିଆଇ ଏବଂ ଏଆଇଏଏଆର୍‌ଓ ରାଜ୍ୟ ଶାଖାରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି। ନିକଟରେ ଡାକ୍ତର ଦିବସ ଅବସରରେ ଓ ରାଜ୍ୟପାଳଙ୍କଠାରୁ ତାଙ୍କୁ ‘ଏଣ୍ଡୋକ୍ରାଇନ ଲ୍ୟୁମିନାରି କ୍ଲିନିକାଲ ଏବଂ ଏକାଡେମିକ ଉତ୍କର୍ଷତା’ ସମ୍ମାନ ଦିଆଯାଇଛି। କିଟ୍, କିସ୍ ଏବଂ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସତ୍ୟପ୍ରିୟ ଗ୍ରୀଡ୍‌କୋ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତ

ଭୁବନେଶ୍ୱର,୮।୭ (ରବିନାରାୟଣ ଜେନା)

ରାଜ୍ୟ ସରକାର ମଙ୍ଗଳବାର ଅର୍ଥ ବିଭାଗର ଅତିରିକ୍ତ ସଚିବ ତଥା ରାଜ୍ୟ ଅର୍ଥ ଆୟୋଗର ସଦସ୍ୟ ସଚିବ ଡ. ସତ୍ୟପ୍ରିୟ ରଥଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ଏନେଇ ସାଧାରଣ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାସହ ସେ ପୂର୍ବଭଳି ଅର୍ଥ ବିଭାଗର ଅତିରିକ୍ତ ସଚିବ ଏବଂ ରାଜ୍ୟ ଅର୍ଥ ଆୟୋଗର ସଦସ୍ୟ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ସେହିପରି ସାଧାରଣ ପ୍ରଶାସନ ବିଭାଗର ଅନ୍ୟତମ ବିଜ୍ଞପ୍ତି ଅନୁଯାୟୀ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ତଥା ଆର୍‌ଏସ୍‌ବିୱାଇ ସେଲ୍‌ର ଓଏସ୍‌ଡି ଶୁଭାନନ୍ଦ ମହାପାତ୍ରଙ୍କୁ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ଝାରସୁଗୁଡ଼ା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସିଡିଓ ବିଶ୍ୱରଞ୍ଜନ ନାୟକଙ୍କୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ରୂପେ ନିଯୁକ୍ତ କରାଯାଇଥିବା ବିଜ୍ଞପ୍ତିରୁ ଜଣାପଡ଼ିଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନିଖିଳ ଓଡ଼ିଶା ଜଳଯୋଗାଣ ପରିମଳ କର୍ମଚାରୀ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କର୍ମଚାରୀ ଭବନ, ୟୁନିଟ୍-୫, ସମୟ: ପୂର୍ବାହ୍ନ ୧୦ଟା ୩୦।
- କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ସାଇକେଲ ରାଲି, ସ୍ଥାନ:ଏଫ୍‌ଏମ୍‌ୟୁ ଓଲ୍ଡ କ୍ୟାମ୍ପସ୍, ବାଲେଶ୍ୱର,ସମୟ:ସକାଳ ୭ଟା।
- ଆଲୁମ୍ନି ମିଟ୍, ସ୍ଥାନ:ଏଫ୍‌ଏମ୍‌ୟୁ ନୂତନ କ୍ୟାମ୍ପସ୍, ବାଲେଶ୍ୱର, ସମୟ:ଅପରାହ୍ନ ୩ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଏଫ୍‌ଏମ୍‌ୟୁ ନୂତନ କ୍ୟାମ୍ପସ୍, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ
- ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ପକ୍ଷରୁ ଚାରାରୋପଣ, ସ୍ଥାନ: ହମିରିବିନ୍ଧା ସରକାରୀ ବିଦ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୧ଟା।

## ମୟୂରଭଞ୍ଜ
- ଅଖଣ୍ଡ ନାମ ସଙ୍କୀର୍ତ୍ତନ ଓ ସତ୍ୟନାରାୟଣ ପୂଜା,ସ୍ଥାନ:ପୂର୍ଣ୍ଣଚନ୍ଦ୍ରପୁର ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ, ରଘୁନାଥପୁର, ବାରିପଦା,ସମୟ: ସକାଳ ୮ଟା।
- ଚିନ୍ମୟ ମିଶନ ଆନୁକୂଲ୍ୟରେ ରକ୍ତଦାନ ଶିବିର,ସ୍ଥାନ:ଚିନ୍ମୟ ଗୁରୁପାଦ ଆଶ୍ରମ, ମଧୁବନ ବାରିପଦା,ସମୟ:ସକାଳ ୮ଟା।
- ଏକ୍ସପୋ ଆଣ୍ଡ ଫନ୍ ଫେୟାର, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ବିଏମ୍‌ସିର ସ୍ୱତନ୍ତ୍ର ବୈଠକ,ସ୍ଥାନ: ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ତୈଳ ବିଶୋଧନାଗାର ଶ୍ରମିକ ସଂଘ ପକ୍ଷରୁ ଧର୍ମଘଟ, ସ୍ଥାନ: ରଙ୍ଗିଆଗଡ, ପାରାଦୀପ, ସମୟ: ସକାଳ ୬ ଟା।
- ପାରାଦୀପ ବନ୍ଦର ମିଳିତ ଶ୍ରମିକ ସଂଘ ସମନ୍ୱୟ କମିଟି ପକ୍ଷରୁ ଧର୍ମଘଟ, ସ୍ଥାନ: ଅଠରବାଙ୍କି, ପାରାଦୀପ, ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଭରତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ୧୭ ଦଫା ଦାବୀନେଇ ସାଧାରଣ ଧର୍ମଘଟ, ସ୍ଥାନ: ଚୋରଦା ବାଇପାସ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ୧୨ଟି ରାଷ୍ଟ୍ରୀୟ ଶ୍ରମିକ ସଙ୍ଗଠନର ଧର୍ମଘଟ, ସ୍ଥାନ: ରାୟଗଡ଼ାର ମଝିଗୌରୀ ମନ୍ଦିର ଛକ, ଶିଶିଗୁଡା ଛକ, କପିଳାସ ଛକ, ସାଇ ଇଣ୍ଟରନ୍ୟାସନାଲ ଛକ, ସମୟ: ସକାଳ ୬ରୁ ସନ୍ଧ୍ୟା ୬ ଟା।

## ନବରଙ୍ଗପୁର
- ଷ୍ଟିୟରିଂ ଛାଡ଼ ଆନ୍ଦୋଳନ, ସ୍ଥାନ: ଝରିଗାଁ ବ୍ଲକ, ସମୟ: ସକାଳ ୬ଟାରୁ ସନ୍ଧ୍ୟା ୬ଟା।
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଗ୍ଲେଜ, ସମୟ : ପୂର୍ବାହ୍ନ ୧୦ଟା୩୦।

## ମାଲକାନଗିରି
- ଶ୍ରମିକ ସଙ୍ଗଠନର ଧର୍ମଘଟ, ସ୍ଥାନ: ମାଲକାନଗିରି, ସମୟ: ପୂର୍ବାହ୍ନ ୧୦ ଟା
- ବନ ମହୋତ୍ସବ, ସ୍ଥାନ:ମାଲକାନଗିରି ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସର୍ବ ଭାରତୀୟ ଧର୍ମଘଟ ଉପଲକ୍ଷେ ମୋଟର ସାଇକଲ ରାଲି, ସ୍ଥାନ : ଅଇଁଠାପାଲି ଛକ, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରମିକ ସଙ୍ଗଠନର ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳ ଅଫିସ ସମ୍ମୁଖ ରାସ୍ତା, ସମୟ: ମଧ୍ୟାହ୍ନ ୧୨ଟା୩୦।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଭାରତ ବନ୍ଦ ଡାକରା ସମର୍ଥନରେ ଶ୍ରମିକ ସଙ୍ଗଠନର ବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଏଆଇଟିୟୁସିର ଧର୍ମଘଟ, ସ୍ଥାନ: ଭବାନୀପାଟଣା ନକଟିଗୁଡା ଛକ, ସମୟ: ସକାଳ ୭ଟା।
- କଳାହାଣ୍ଡି ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ଓରିଅନ ଛକ, ସମୟ: ସକାଳ ୮ଟା।

## ଦେବଗଡ଼
- ଜିଲା ପରିଷଦ ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଡ୍ରାଇଭର ମହାସଂଘର ଆନ୍ଦୋଳନ ଦ୍ୱିତୀୟ ଦିନରେ, ସ୍ଥାନ: ତରଭା ନୂତନ ବ୍ରିଜ୍ ଛକ, ସମୟ: ସକାଳ ୮ଟା।

## ନୂଆପଡ଼ା
- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଔଷଧାଳୟ ୟୁନିଟ୍ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୧୫।

# ସ୍କୁଲ୍ ଭ୍ୟାନ୍‌କୁ ଧକ୍କା ଦେଲା ଟ୍ରେନ୍



ଟ୍ରେନ୍ ଧକ୍କାରେ ଦୁର୍ଘଟଣାଗ୍ରସ୍ତ ସ୍କୁଲ ବସ୍।

## ୩ ପିଲା ମୃତ, ୬ ଆହତ

କୁଡ୍ଡାଲୋର,୮।୭(ପି.ଟି.)

ତାମିଲନାଡୁର କୁଡ୍ଡାଲୋର ନିକଟବର୍ତ୍ତୀ ସେମ୍ମାନକୁପ୍ପମ ଲେବଲ୍ କ୍ରସିଂଠାରେ ମଙ୍ଗଳବାର ସକାଳେ ଏକ ଯାତ୍ରୀବାହୀ ଟ୍ରେନ୍ ସ୍କୁଲ୍ ଭ୍ୟାନ୍‌କୁ ଧକ୍କା ଦେବାରୁ ଅନ୍ୟୂନ ୩ ପିଲାଙ୍କ ମୃତ୍ୟୁ ଘଟିବା ସହ ୬ ଆହତ ହୋଇଛନ୍ତି। ଡ୍ରାଇଭରଙ୍କ ସମେତ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। କାର୍ଯ୍ୟରେ ଅବହେଳା ପାଇଁ ଲେବଲ୍ କ୍ରସିଂର ଗେଟ୍ କିପରଙ୍କୁ ଚାକିରିରୁ ନିଲମ୍ବନ କରାଯିବା ସହ ଗିରଫ କରାଯାଇଛି। ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ପାଇଁ ସଦର୍ନ ରେଲୱେ ପକ୍ଷରୁ କ୍ଷମା ମଗାଯାଇଛି। ଏଥିସହିତ ମୃତକଙ୍କ ପରିବାର ପାଇଁ ରେଲୱେ ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏ, ଗୁରୁତରଙ୍କ ପାଇଁ ୨.୫ ଲକ୍ଷ ଏବଂ ଅନ୍ୟ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରାଯାଇଛି।

କ୍ରିଷ୍ଣସ୍ୱାମୀ ବିଦ୍ୟାନିକେତନ ସ୍କୁଲ୍‌ର ଭ୍ୟାନ ସକାଳ ୭ଟା ୪୫ରେ କୁଡ୍ଡାଲୋର ଏବଂ ଆଲାପ୍ପକ୍କମ ମଧ୍ୟବର୍ତ୍ତୀ ୧୭୦ ନମ୍ବର ଲେବଲ କ୍ରସିଂ ଅତିକ୍ରମ କରୁଥିବାବେଳେ ଭିଲୁପୁରମ୍-ମେଇଲାଦୁଥୁରାଇ ପାସେଞ୍ଜର ଟ୍ରେନ୍ (ନଂ. ୫୬୮୧୩) ଏହାକୁ ଧକ୍କା ଦେଇଥିଲା। ସେତେବେଳେ ଟ୍ରେନ୍‌ର ବେଗ ଘଣ୍ଟାପ୍ରତି ୯୫ କିଲୋମିଟର ଥିଲା ବୋଲି ରେଲୱେର ଜଣେ ଅଧିକାରୀ କହିଛନ୍ତି। ମୃତ ପିଲାମାନେ ହେଲେ ସୁବ୍ରମଣିପୁରମ୍‌ର ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଟି. ଚରୁମଥି, ଏକାଦଶ ଶ୍ରେଣୀରେ ପଢୁଥିବା ତାଙ୍କ ସାନଭାଇ ଟି. ଚେଝିଆନ୍ ଏବଂ ଥୋଣ୍ଡାମନାଥମ୍ ଅଞ୍ଚଳର ଷଷ୍ଠ ଶ୍ରେଣୀରେ ପଢୁଥିବା ଭି. ନିମିଲେଶ। ଚରୁମଥି ଏବଂ ନିମିଲେଶଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଆହତ ଚେଝିଆନ୍ କୁଡ୍ଡାଲୋର ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଆଖି ବୁଜିଛନ୍ତି। ଅନ୍ୟ ୬ ଜଣ ଛାତ୍ର ଆହତ ହୋଇଛନ୍ତି। ନିମିଲେଶଙ୍କ ଭାଇ ଭି. ବିଶ୍ୱେଷ (ଏକାଦଶ ଶ୍ରେଣୀ), ଭ୍ୟାନ୍ ଡ୍ରାଇଭର ସି. ଶଙ୍କର(୪୭) ଏବଂ ସହାୟତା ପାଇଁ ଧାଇଁଯାଇଥିବା ସ୍ଥାନୀୟ ବାସିନ୍ଦା ଆନ୍ନାଦୁରାଇ(୫୦) ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ଯୋଗୁ ଭୁଶୁଡ଼ି ପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ ତାର ସଂସ୍ପର୍ଶରେ ଆସି ଆନ୍ନାଦୁରାଇ ଗୁରୁତର ହୋଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେ ଦେଶ ଯାଇ**
**ସେ ଫଳ ଖାଇ।**

ଦେଶ ଅନୁସାରେ ଅଚାରଣର ଭିନ୍ନତା। ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ନିୟମ, ପରମ୍ପରା, ଚାଲିଚଳନ ତଥା ଖାଦ୍ୟପେୟ ଦେଖିବାକୁ ମିଳିଥାଏ। ଯେଉଁ ଦେଶକୁ ଯିବ, ସେ ଦେଶର ନୀତିନିୟମରେ ଚଳିବାକୁ ହେବ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଯା' ନଣନ୍ଦରେ ଘର ମୋହର**
**ଯାହାକୁ କରିବି ଦୂର୍ ଦୂର୍**
**ସେ କରିବ ମତେ ସାତପର।**

ସାଧାରଣତଃ ବହୁ କୁଟୁମ୍ବରେ ରହୁଥିବା ବ୍ୟକ୍ତି ସମସ୍ତଙ୍କ ମନ ନେଇ ଚଳିବାକୁ ପଡ଼ିଥାଏ। ଆପଣାର ଲୋକଙ୍କୁ ଅବଜ୍ଞା କଲେ ବା ଦୂର୍ ଦୂର୍ କଲେ ସମ୍ପର୍କ ହାନି ହେବାର ଯଥେଷ୍ଟ ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କାର୍ଯ୍ୟକର୍ତ୍ତାଙ୍କ ଯୋଗୁ ସାଇନ୍‌ବୋର୍ଡ ପାର୍ଟି ଆଜି ସରକାରୀ ଦଳ: ମନମୋହନ

ଭୁବନେଶ୍ୱର,୮।୭(ସୁନିତ୍ ମିଶ୍ର)

ରାଜ୍ୟ ସଭାପତି ଭାବେ ଯେଉଁ ଦାୟିତ୍ୱ ମିଳିଛି ତାହା କେବଳ ମୋର ନୁହଁ, ଦଳରେ କାର୍ଯ୍ୟ କରୁଥିବା ସବୁ କାର୍ଯ୍ୟକର୍ତ୍ତାଙ୍କର ବୋଲି ରାଜ୍ୟ ଭାଜପାର ନୂଆ ସଭାପତି ମନମୋହନ ସାମଲ କହିଛନ୍ତି। ମଙ୍ଗଳବାର ବିଧିବଦ୍ଧ ଭାବେ ଭାଜପା ରାଜ୍ୟ ସଭାପତି ରୂପେ ତାଙ୍କ ନାମ ଘୋଷଣା ହେବା ଅବସରରେ ସେ କହିଛନ୍ତି, ଦଳୀୟ କାର୍ଯ୍ୟକର୍ତ୍ତା ପରିଶ୍ରମ କରି ନ ଥିଲେ, ଆମେ ସାଇନବୋର୍ଡ ପାର୍ଟିରୁ ସରକାରୀ ଦଳରେ ପହଞ୍ଚିପାରି ନ ଥାଆନ୍ତୁ। ୧୯୮୮ରେ ଭାଜପାକୁ ସାଇନ୍‌ବୋର୍ଡ ପାର୍ଟି କହି ଅପମାନିତ କରାଯାଉଥିଲା। ଏବେ ସରକାରୀ ଦଳ ଭୂମିକାକୁ ଭାଜପା ଆସିପାରିଛି। ଏହା ହେଉଛି ଏକମାତ୍ର ଦଳ, ଯେଉଁଠି ଜଣେ ଚା' ବିକାଳି ପ୍ରଧାନମନ୍ତ୍ରୀ, ଜଣେ ଶିଶୁମନ୍ଦିର ଶିକ୍ଷକ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି। ଦଳର କାର୍ଯ୍ୟକର୍ତ୍ତାଙ୍କ କଠିନ ପରିଶ୍ରମ ଓ ଧୈର୍ଯ୍ୟ ଯୋଗୁ ବାରମ୍ବାର ଅପମାନକୁ ପ୍ରତିହତ କରି ଆଜି ଆମେ ସରକାର ଗଢ଼ିପାରିଛୁ। କାର୍ଯ୍ୟକର୍ତ୍ତା ପରିଶ୍ରମ କରି ନ ଥିଲେ ମୋହନ ମାଝୀଙ୍କ ସରକାର ହୋଇ ନ ଥାନ୍ତା ବୋଲି ମନମୋହନ କହିଛନ୍ତି।

ଭାଜପାର ରାଜ୍ୟ ସଭାପତି ପଦ ଲାଗି ମନମୋହନ ସୋମବାର ଏକମାତ୍ର ନାମାଙ୍କନ ପତ୍ର ଦାଖଲ କରିଥିଲେ। ମଙ୍ଗଳବାର କେନ୍ଦ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକ ସଞ୍ଜୟ ଜୟସ୍ୱାଲ ବିଧିବଦ୍ଧ ଭାବେ ତାଙ୍କ ନାମ ଘୋଷଣା ସହ ତାଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ମନମୋହନ ୪ର୍ଥ ଥର ଲାଗି ଭାଜପା ରାଜ୍ୟ ସଭାପତି ଦାୟିତ୍ୱ ପାଇଥିବା ବେଳେ ତାଙ୍କୁ ସମ୍ବର୍ଦ୍ଧନା ଦେବା ଲାଗି ଦଳୀୟ କାର୍ଯ୍ୟାଳୟଠାରେ ଏକ ବଡ଼ ଧରଣର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ଅବସରରେ ମନମୋହନ ଆହୁରି କହିଛନ୍ତି, ଆର୍‌ଏସ୍‌ଏସ୍ ବିଚାରଧାରାକୁ ଆଗକୁ ନେବାକୁ ହେବ। ଯେଉଁମାନେ ଆମକୁ ବିରୋଧ କରୁଛନ୍ତି ସେମାନଙ୍କ ହ୍ୟାଙ୍ଗଓଭର ଯାଉନାହିଁ। ସେମାନେ ଏବେ ବିଚଳିତ ବୋଲି ମନମୋହନ କହିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ନୀଳାଦ୍ରିବିଜେ ଅବସରରେ ଭାଜପା ରାଜ୍ୟ ସଭାପତି ଭାବେ ମନମୋହନ ସାମଲ ୪ର୍ଥ ଥର ପାଇଁ ଦାୟିତ୍ୱ ନେଉଛନ୍ତି। ଏନେଇ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ମନମୋହନଙ୍କ ନେତୃତ୍ୱରେ ରାଜ୍ୟରେ ଭାଜପା ଝଣ୍ଡା ଉଡ଼ିଲା। ସେ ଏବିଭିପିରୁ କାମ କରି ବିଧାୟକ, ମନ୍ତ୍ରୀ, ସାଂସଦ ହେବା ସହ ୪ର୍ଥ ଥର ସଭାପତି ହୋଇ ଇତିହାସ ରଚିଛନ୍ତି। ମନମୋହନ ୪ର୍ଥଥର ସଭାପତି, ମୋହନ ମାଝୀ ୪ର୍ଥ ଥର ବିଧାୟକ, ଏହି ଯୋଡ଼ାକୁ ଘୋଡ଼ା ସରି ନୁହେଁ। ଭାଜପା ଓ ସରକାର ଗୋଟିଏ ମୁଦ୍ରାର ୨ଟି ପାର୍ଶ୍ୱ ଭଳି। ଗୋଟିଏ ପଟେ ମନମୋହନଙ୍କ ନେତୃତ୍ୱରେ ସଙ୍ଗଠନ ଦାୟିତ୍ୱ ଅନ୍ୟପଟେ ମୋହନ ମାଝୀଙ୍କ ନେତୃତ୍ୱରେ ସରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା କହିଛନ୍ତି, ମନମୋହନଙ୍କ ନେତୃତ୍ୱରେ ସରକାର ଓ ସଙ୍ଗଠନ ଆଗକୁ ବଢ଼ିବ। ପୁରୀ ଏମ୍‌ପି ସମ୍ବିତ ପାତ୍ର କହିଛନ୍ତି, ରାଜ୍ୟରେ ଏବେ ଟ୍ରିପଲ ଏମ୍ ସରକାର ଚାଲିଛି-ମୋଦି, ମୋହନ ଓ ମନମୋହନ ସରକାର। ଦଳ ପାଇଁ ମନମୋହନ ବଡ଼ ବଳିଦାନ ଦେଇଛନ୍ତି ବୋଲି ସମ୍ବିତ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୨,୩୫୫ ଏକ୍ସ' ଆକାଉଣ୍ଟ...

ପ୍ରକାଶ ପାଇଥିଲା। ବ୍ୟବହାରକାରୀମାନେ ଏହାକୁ ଖୋଲାଖୋଲି ବିରୋଧ କରିବାରୁ ସରକାର ରଏଟର୍ସ ଏବଂ ରଏଟର୍ସ ୱାର୍ଲ୍ଡ ଆକାଉଣ୍ଟକୁ ରବିବାର ରାତିରେ ଅନ୍‌ବ୍ଲକ୍ କରିବାକୁ ଅନୁରୋଧ କରିଥିଲେ ବୋଲି ଏକ୍ସ'ର ଗ୍ଲୋବାଲ ଗଭର୍ନମେଣ୍ଟ ଆଫେୟାର୍ସ ଆକାଉଣ୍ଟରେ ମଙ୍ଗଳବାର ଅପରାହ୍ନରେ ଏକ ପୋଷ୍ଟ ଜରିଆରେ ସୂଚନା ଦିଆଯାଇଛି। ଏଥିରେ ଏକ୍ସ' ଆହୁରି କହିଛି ଯେ, ଭାରତରେ ଏଭଳି ବ୍ଲକିଂ ଅର୍ଡର ସହ ପ୍ରେସ୍ ସେନ୍‌ସରଶିପ୍ ଚିନ୍ତା ବଢ଼ିବାରେ ଲାଗିଛି। ତେଣୁ ପ୍ରଭାବିତ ୟୁଜର୍ସଙ୍କୁ କୋର୍ଟ ଜରିଆରେ ଆଇନଗତ ବିକଳ୍ପର ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଉଛି।

ଉଲ୍ଲେଖଯୋଗ୍ୟ, ଗତ ମେ'ରେ 'ଅପରେଶନ ସିନ୍ଦୂର' ବେଳେ ରଏଟର୍ସ ସମେତ ଅନେକ ଶହ ଅନ୍ୟ ଆକାଉଣ୍ଟକୁ ବ୍ଲକ୍ ପାଇଁ ଦାବି ହୋଇଥିଲା। ସେତେବେଳେ କିନ୍ତୁ ଏହାକୁ ବ୍ଲକ୍ କରାଯାଇ ନ ଥିଲା। ବର୍ତ୍ତମାନ ଏହା ଅପ୍ରାସଙ୍ଗିକ ହୋଇଯାଇଥିବାବେଳେ ରବିବାର ଦିନକ ପାଇଁ ଏହାର ଆକାଉଣ୍ଟ ବ୍ଲକ୍ କରାଯିବାର କାରଣ ଜଣାପଡ଼ିନାହିଁ। ଏହା ପୂର୍ବରୁ ମଧ୍ୟ ଏକ୍ସ' ଭାରତ ସରକାରଙ୍କ ବିରୋଧରେ କୋର୍ଟଙ୍କ ଆଶ୍ରୟ ନେଇଥିଲା। ଆଇଟି ଆକ୍ଟର ଧାରା ୭୯(୩) (ବି)କୁ କର୍ନାଟକ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା, ଯାହାର ଶୁଣାଣି ଜାରି ରହିଛି। ସେହିପରି ଧାରା ୬୯ଏ ଅନୁଯାୟୀ ଜାରି ହେଉଥିବା ନିର୍ଦ୍ଦେଶନାମାରେ ସ୍ୱଚ୍ଛତା ନ ଥିବା ଏବଂ ଏହା ଅଭିବ୍ୟକ୍ତି ସ୍ୱାଧୀନତାକୁ ଉଲ୍ଲଂଘନ କରୁଥିବା ଦର୍ଶାଇ ୨୦୨୨ରେ ଏକ୍ସ' ଅଦାଲତଙ୍କ ଆଶ୍ରୟ ନେଇଥିଲା।

### ଶ୍ରୀମନ୍ଦିରକୁ ବିଜେ...

ମଧ୍ୟାହ୍ନ ଧୂପ ୧ଟା ୪୫, ମଇଲମ ଓ ବେଶ ହୋଇ ସନ୍ଧ୍ୟା ଆଳତି, ସନ୍ଧ୍ୟାଧୂପ ଶେଷ ପରେ ତିନି ରଥର ଘୋଡ଼ାଫିଟା ସହ ଚାରମାଳ ବନ୍ଧାଯାଇଥିଲା। ରଥରେ ମୁଦିରସ୍ତ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନର ନୀତିନିର୍ଘଣ୍ଟଠାରୁ ବିଳମ୍ବରେ ପହଣ୍ଡି ଆରମ୍ଭ ହୋଇଥିଲା। ବିଜେ କାହାଳୀ ବାଜିଥିଲା। ଦାରୁବିଗ୍ରହମାନେ ରଥ ସିଂହାସନ ଛାଡ଼ି ହଂସପଟା ନିକଟକୁ ଆସିବା ପରେ ଟାହିଆ ଲାଗି ହୋଇଥିଲା। ପତିମହାପାତ୍ର ସେବକ ଘଷା ଓ ବିଡ଼ିଆମଣୋହୀ କରିବା ସହ ଆଳତି ବନ୍ଦାପନା କରିଥିଲେ। ପ୍ରଥମେ ରଥରୁ ମଦନମୋହନ, ରାମକୃଷ୍ଣ ଓ ଚକ୍ରରାଜ ଶ୍ରୀସୁଦର୍ଶନ ଗୋଟିପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ପରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ହୋଇଥିଲା। ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ଶ୍ରୀଜଗନ୍ନାଥ ରଥ ହଂସପଟା ନିକଟକୁ ଆସିବା ପରେ ଲକ୍ଷ୍ମୀଠାକୁରାଣୀଙ୍କୁ ମହାଜନ ସେବକମାନେ ହାତରେ ବିଜେ କରାଇଆଣି ଡମ୍ବରୁ ଉପରେ ବିଜେ କରାଇଥିଲେ। ପତିମହାପାତ୍ର ରଥରେ ମହାପ୍ରଭୁଙ୍କର ଏବଂ ଭେଟମଣ୍ଡପଠାରେ ଭିତରଚ୍ଛ ମହାପାତ୍ର ମହାଲକ୍ଷ୍ମୀଙ୍କ ବନ୍ଦାପନା କରିଥିଲେ। ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ଶ୍ରୀଜଗନ୍ନାଥ ଆସିବା ପୂର୍ବରୁ ବନ୍ଦ ରଖାଯାଇଥିବା ସିଂହଦ୍ୱାରକୁ ଖୋଲି ଦିଆଯାଇଥିଲା। ମହାପ୍ରଭୁ ପହଣ୍ଡି ହୋଇ ଜୟବିଜୟ ଦ୍ୱାର ପାଖକୁ ଯାଇଥିଲେ। ବନ୍ଦ ଥିବା ଜୟବିଜୟ ଦ୍ୱାର ନିକଟରେ ବଚନିକା ହୋଇଥିଲା। ଏହାପରେ ଜୟବିଜୟ ଦ୍ୱାର ଖୋଲାଯାଇଥିଲା। ଭଣ୍ଡାରଘରଠାରେ ମହାଲକ୍ଷ୍ମୀଙ୍କ ପାଖରେ ମହାପ୍ରଭୁ ବିଜେ ହୋଇଥିଲେ। ଠାକୁର ଠାକୁରାଣୀଙ୍କ ଗଇଁଠାଳ ଫିଟାଯାଇଥିଲା। ବନ୍ଦାପନା ପରେ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ ପାଇଁ ରସଗୋଲା ଭୋଗ କରାଯାଇଥିଲା। ମହାପ୍ରଭୁ ଘଷାବିଡ଼ିଆ ମଣୋହୀ ହୋଇ ରତ୍ନସିଂହାସନକୁ ବିଜେ କରିଥିଲେ। ପରେ ଅନ୍ୟାନ୍ୟ ନୀତି ସମ୍ପାଦନ ହୋଇଥିଲା।

### ଆଜି ଭାରତ ବନ୍ଦ...

ନିୟୋଜିତ ୨୫ କୋଟିରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଶ୍ରମିକ ସାମିଲ ହେବାକୁ ଥିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇପାରେ। ବନ୍ଦ ଯୋଗୁ ଜନସେବା କ୍ଷେତ୍ର ସର୍ବାଧିକ ପ୍ରଭାବିତ ହେବା ଆଶଙ୍କା କରାଯାଉଥିବାବେଳେ ଶିକ୍ଷାନୁଷ୍ଠାନ ଓ ଘରୋଇ କାର୍ଯ୍ୟାଳୟ ଖୋଲା ରହିବ। ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍ ନାମରେ କେନ୍ଦ୍ର ସରକାର ଆର୍ଥିକ ନୀତି ଏବଂ ଶ୍ରମ କ୍ଷେତ୍ରରେ ସଂସ୍କାର କାର୍ଯ୍ୟକାରୀ କରିବା ପାଇଁ ଯାଉଛନ୍ତି, ଯାହା ଶ୍ରମିକ କର୍ମଚାରୀଙ୍କ ଅଧିକାରକୁ ଦୁର୍ବଳ କରିବା ସହ ସେମାନଙ୍କ ସାମୂହିକ ମୂଲଚାଲ କ୍ଷମତାକୁ ସଂକୁଚିତ କରିବ ଓ କାର୍ଯ୍ୟକ୍ଷେତ୍ର ଅଧିକ ଖରାପ ହେବ ବୋଲି ୟୁନିୟନଗୁଡ଼ିକ ଅଭିଯୋଗ କରିଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ସରକାରୀ ସେବାର ଘରୋଇକରଣ, ଆଉଟ୍‌ସୋର୍ସିଂ ନୀତି, ଶ୍ରମଶକ୍ତିର ଠିକାଦାରିତା ଆଦି ବିରୋଧରେ ଟ୍ରେଡ୍ ୟୁନିୟନଗୁଡ଼ିକ ଦୀର୍ଘଦିନ ହେଲା ଲଢ଼େଇ କରିଆସୁଛନ୍ତି। ପାର୍ଲାମେଣ୍ଟରେ ଗୃହୀତ ୪ ଲେବର କୋଡ୍ ଟ୍ରେଡ୍ ୟୁନିୟନଗୁଡ଼ିକର ଆନ୍ଦୋଳନକୁ ଚାପିଦେବା ଓ ପଙ୍ଗୁ କରିଦେବା ପାଇଁ ଉଦ୍ଦିଷ୍ଟ। ଏହାଦ୍ୱାରା କାର୍ଯ୍ୟ ସମୟ ବୃଦ୍ଧି ପାଇବ। କର୍ମଚାରୀଙ୍କ ଧର୍ମଘଟ କରିବା ଅଧିକାର ରହିବ ନାହିଁ ଏବଂ ନିଯୁକ୍ତିଦାତାଙ୍କ ଦ୍ୱାରା ଶ୍ରମ ଆଇନର ଉଲ୍ଲଂଘନକୁ ଅପରାଧମୁକ୍ତ କରାଯିବ ବୋଲି ଫୋରମ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

#### ବନ୍ଦ୍‌ରେ ସାମିଲ ହେଉଥିବା ସଂଗଠନ

ବନ୍ଦକୁ ସମର୍ଥନ କରୁଥିବା ଟ୍ରେଡ୍ ୟୁନିୟନଗୁଡ଼ିକ ହେଲେ ଇଣ୍ଡିଆନ ନ୍ୟାଶନାଲ ଟ୍ରେଡ୍ ୟୁନିୟନ କଂଗ୍ରେସ(ଆଇଏନ୍‌ଟିୟୁସି), ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିୟନ କଂଗ୍ରେସ(ଏଆଇଟିୟୁସି), ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍), ସେଣ୍ଟର ଅଫ୍ ଇଣ୍ଡିଆନ୍ ଟ୍ରେଡ୍ ୟୁନିୟନ (ସିଆଇଟିୟୁ), ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ ସେଣ୍ଟର (ଏଆଇୟୁଟିୟୁସି), ଟ୍ରେଡ୍ ୟୁନିୟନ କୋଅର୍ଡିନେଶନ ସେଣ୍ଟର(ଟିୟୁସିସି), ସେଲ୍ଫ ଏମ୍ପ୍ଲଏଡ୍ ୱିମେନ୍ସ ଆସୋସିଏଶନ (ଏସ୍‌ଇଡବ୍ଲ୍ୟୁଏ), ଅଲ୍ ଇଣ୍ଡିଆ ସେଣ୍ଟ୍ରାଲ କାଉନ୍‌ସିଲ୍ ଅଫ୍ ଟ୍ରେଡ୍ ୟୁନିୟନ (ଏଆଇସିସିଟିୟୁ), ଲେବର ପ୍ରୋଗ୍ରେସିଭ୍ ଫେଡେରେଶନ (ଏଲ୍‌ପିଏଫ୍) ଏବଂ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ କଂଗ୍ରେସ (ୟୁଟିୟୁସି)। ଏହା ବ୍ୟତୀତ କୃଷକ ଓ ଗ୍ରାମାଞ୍ଚଳ ଶ୍ରମିକ ସଂଗଠନ ମଧ୍ୟ ବନ୍ଦରେ ଯୋଗଦେବେ।

#### ବନ୍ଦ ଯୋଗୁ ପ୍ରଭାବିତ ହେବାକୁ ଥିବା ସେକ୍ଟର

ଭାରତ ବନ୍ଦ ଯୋଗୁ ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ସେବା, ପୋଷ୍ଟାଲ ସେବା, କୋଇଲା ଖଣି ଖନନ ଏବଂ ଶିଳ୍ପାଞ୍ଚଳ ଶାଖା, ରାଜ୍ୟ ପରିଚାଳିତ ପରିବହନ ସେବା ପ୍ରଭାବିତ ହେବ। ସେହିପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ୟୁ), ବିଭିନ୍ନ ସରକାରୀ ବିଭାଗ ଉପରେ ମଧ୍ୟ ବନ୍ଦ୍‌ର ପ୍ରଭାବ ପଡ଼ିବ। ତେବେ ବନ୍ଦ ପାଳନ ବେଳେ ସ୍କୁଲ୍ ଓ କଲେଜ ଖୋଲା ରହିବ। ଘରୋଇ କାର୍ଯ୍ୟାଳୟଗୁଡ଼ିକ ସ୍ୱାଭାବିକ କାର୍ଯ୍ୟ କରିବାକୁ ଥିବାବେଳେ ଟ୍ରେନ୍ ଚଳାଚଳ ବିଳମ୍ବିତ ହୋଇପାରେ ବୋଲି କୁହାଯାଇଛି।

ରିପୋର୍ଟ ଅନୁଯାୟୀ, ପଣ୍ଡିଚେରି ଏବଂ ତାମିଲନାଡୁରେ ସମ୍ପୂର୍ଣ୍ଣ ବନ୍ଦ ହେବାକୁ ଥିବାରୁ ବସ୍ ସମେତ ସାଧାରଣ ପରିବହନ ସେବା ବାଧାପ୍ରାପ୍ତ ହେବ। ତେଣୁ ସେଠାରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ବନ୍ଦ ରଖିବାକୁ କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମାଧିପ ଦ୍ୱାଦଶସ୍ଥ ଯୋଗୁ ବନ୍ଧୁ ମତାନ୍ତର, ଧନହାନି ଓ କାମରେ ପ୍ରତିରୋଧର ସମ୍ମୁଖୀନ ହେବେ। ପାରିବାରିକ ସମସ୍ୟା ସମାଧାନ ପାଇଁ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିବେ। ପ୍ରିୟଜନଙ୍କ ଦ୍ୱାରା ପ୍ରଭାବିତ ହୋଇ ଧର୍ମକାର୍ଯ୍ୟରେ ମନ ଦେବେ।

**ବୃଷ** – ଆଜି ରାଶ୍ୟାଧିପତି ସ୍ୱଗୃହରେ ରହିଥିବାରୁ ସ୍ୱାସ୍ଥ୍ୟ ଭଲ ରହିବା ସହ ଭୋଗବିଳାସ ପ୍ରତି ଆକର୍ଷିତ ହେବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟାକଲେ ସଫଳତା ପାଇବେ। ପାରସ୍ପରିକ ବୁଝାମଣା ମଧ୍ୟରେ ପରିବାରରେ ଶାନ୍ତି ଫେରି ଆସିବ। କର୍ମକ୍ଷେତ୍ରରେ କେହି ପ୍ରତିବାଦର ସ୍ୱର ଉଠାଇ କାମରେ ବିଘ୍ନ ଘଟାଇବେ।

**ମିଥୁନ** – ମୁଖଭାବରେ ବୁଧ ଆପଣଙ୍କ ମନର ଭାବ ଓ ଭାଷାକୁ କଠୋରକରି ସମସ୍ୟା ସୃଷ୍ଟି କରିପାରନ୍ତି। ପରିବାରର ଆବଶ୍ୟକତା ପୂରଣ ସକାଶେ କରଜକରି କାମ ଚଳାଇବାକୁ ବାଧ ହେବେ। ବନ୍ଧୁଙ୍କ ପ୍ରେରଣା ଓ ପ୍ରୋତ୍ସାହନରେ ମଉଳିଯାଇଥିବା ଆଶା କଅଁଳି ଉଠିବ। କର୍ମକ୍ଷେତ୍ରର ବିବାଦୀୟ କଥାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି।

**କର୍କଟ** – ଆଜିର ଚନ୍ଦ୍ର ଷଷ୍ଠଭାବରେ ରହିଥିବାରୁ କୌଣସି ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଦ୍ୱାରା ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧିପାଇବ। ଶିଳ୍ପ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂରହେବ। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନାହିଁ।

**ସିଂହ** – ରାଶ୍ୟାଧିପ ଲାଭଭାବରେ ଅବସ୍ଥାନ କରିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଶୀର୍ଷସ୍ଥାନରେ ରହିପାରନ୍ତି। କିନ୍ତୁ ଭୁଲ୍ ବୁଝାମଣା ଯୋଗୁ ବନ୍ଧୁମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜି ଦିନଟି ବନ୍ଧୁମିଳନ, ମୂଲ୍ୟବାନ୍ ଜିନିଷ କ୍ରୟ, ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଭଲ। ଅତ୍ୟାବଶ୍ୟକ କାର୍ଯ୍ୟ ସକାଶେ ଧାରକରଜ କରିବାକୁ ପଡ଼ିପାରେ।

**କନ୍ୟା** – ଏକାଦଶାଧିପ ଚନ୍ଦ୍ର କେନ୍ଦ୍ର ସ୍ଥାନରେ ଥିବାରୁ ଆପଣଙ୍କ ଆଶା ଓ ଅଭିଳାଷ ପୂରଣ ହୋଇଯିବ। କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କିନ୍ତୁ ବନ୍ଧୁ ଗହଣରେ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ପ୍ରତିଯୋଗିତାଦି କ୍ଷେତ୍ରରେ ସଫଳତା ମିଳିପାରେ।

**ତୁଳା** – ଭାଗ୍ୟାଧିପ କର୍ମସ୍ଥାନରେ ଅବସ୍ଥାନ କରିଥିବାରୁ ଆପଣଙ୍କ ଚେଷ୍ଟା ନିଷ୍ଫଳ ହେବନାହିଁ। କିନ୍ତୁ ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁ ସମ୍ପର୍କ କ୍ଷୁଣ୍ଣ ହେବା ଆଶଙ୍କା ରହିଛି। ବନ୍ଧୁ ତଥା ପରିଜନଙ୍କ ସହ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ। ଆଜିର ଯାତ୍ରା, ପ୍ରଶାସନ, କଳା ,ସାହିତ୍ୟ, ସଙ୍ଗୀତ ସାଧନାଦି ମନ୍ଦ ହେବନାହିଁ।

**ବିଛା** – ମୁଖଭାବରେ ଚନ୍ଦ୍ର ରହିଥିବାରୁ ଆପଣଙ୍କ ବ୍ୟବହାର ଲୋକପ୍ରିୟତା ବୃଦ୍ଧିକରିବ। ଯାତ୍ରା, ବାଣିଜ୍ୟ ଓ କାର୍ଯ୍ୟସାଧନ ଦିଗରେ ପ୍ରତିବନ୍ଧକ ରହିବ ନାହିଁ। ସମସ୍ୟା ଲାଗି ରହିଥିଲେ ମଧ୍ୟ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇ ସଫଳତା ପ୍ରାପ୍ତହେବେ। ସତର୍କତା ରକ୍ଷା ନ କଲେ ବିଜାତୀୟ ବ୍ୟକ୍ତିଙ୍କ ଦ୍ୱାରା ଅପମାନିତ ହୋଇପାରନ୍ତି।

**ଧନୁ** – ଅଷ୍ଟମାଧିପତି ରାଶିରେ ଥିବାରୁ କୌଣସି ସମସ୍ୟା ସମାଧାନ ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। ବନ୍ଧୁଙ୍କ ନିମନ୍ତ୍ରଣକ୍ରମେ ଆକସ୍ମିକ ଭାବରେ ଆମୋଦ ପ୍ରମୋଦର ମଉକା ଜୁଟିବ। ପଡ଼ୋଶୀଙ୍କ ସାହାଯ୍ୟ ହେତୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ।

**ମକର** – ଦୁର୍ବଳ ଚତୁର୍ଥାଧିପଙ୍କ ସହ କେତୁଯୁକ୍ତ ଯୋଗୁ ଉଦ୍ଦେଶ୍ୟ ପୂରଣ କଷ୍ଟସାଧ ହୋଇପାରେ। ଇଚ୍ଛା କଲେ ମଧ୍ୟ କୌଣସି ମନସ୍ଥ ଜିନିଷ କିଣି ନ ପାରି ପସ୍ତେଇବେ। ଆଜିର ଯାତ୍ରା, ବ୍ୟବସାୟ, ପାରିବାରିକ ସ୍ଥିତି ଓ ବନ୍ଧୁସମ୍ପର୍କ ଉତ୍ତମ ରହିବ। ସାମୂହିକ ଆଲୋଚନା, ଧାର୍ମିକ ସଙ୍ଗଠନ, ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ଦୂରହେବ।

**କୁମ୍ଭ** – ଧନ ସ୍ଥାନରେ ଶନି ଆପଣଙ୍କୁ ନିରୁତ୍ସାହ କରିବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ କୌଣସି ରିସ୍କ ପଦକ୍ଷେପ ଗ୍ରହଣ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ। ପ୍ରିୟଜନଙ୍କ ସହ ଆଜିର ପ୍ରାତଃ ଭ୍ରମଣ ବେଶ୍ ଆନନ୍ଦଦାୟକ ହେବ।

**ମୀନ** – ଶୁଭଚନ୍ଦ୍ର ପ୍ରଭାବରେ ବନ୍ଧୁଙ୍କ ସହ ଭ୍ରମଣ ସାଙ୍ଗକୁ ଆକର୍ଷଣୀୟ ଜିନିଷ ପ୍ରାପ୍ତିର ଯୋଗ ରହିଛି। କର୍ମକ୍ଷେତ୍ରରେ ବାରମ୍ବାର ଅସଫଳ ହେବାରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ସନ୍ତାନଙ୍କ କୃତି ଓ କୃତିତ୍ୱଜନିତ ଗୌରବାନ୍ୱିତ ମନେକରିବେ। ସାହିତ୍ୟ, କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ୟା ସମାଧାନ ହୋଇଯିବ।

ଆଜି ଜୁଲାଇ ୯ ତାରିଖ, ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ, ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ, ବୁଧବାର, ଶିବଶୟନ ଚତୁର୍ଦ୍ଦଶୀ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର-ମୂଳା/ଧନୁ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭।୫୫ ଗତେ, ଘ.୦୮।୩୪ ମଧ୍ୟେ,୧୦।୧୩ ଗତେ, ଘ. ୧୧।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୫୧ ଗତେ, ଘ.୦୧।୩୦ ମଧ୍ୟେ ରାହୁକାଳ।

# ଶ୍ରମିକ ବିରୋଧୀ ନିଷ୍ପତ୍ତି ଅଗ୍ରହଣୀୟ

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ଆଭିମୁଖ୍ୟକୁ ବିରୋଧ କରି ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଏବଂ ସେମାନଙ୍କ ସହଯୋଗୀ ସଂଗଠନ ଜୁଲାଇ ୯ତାରିଖ ବୁଧବାର ଭାରତ ବନ୍ଦ ଡାକରା ଦେଇଛନ୍ତି। ଏଥିରେ ବ୍ୟାକିଙ୍ଗ, ବୀମା, ଡାକସେବାଠାରୁ ଆରମ୍ଭ କରି ବିଭିନ୍ନ ନିର୍ମାଣ କ୍ଷେତ୍ରରେ ନିୟୋଜିତ ପ୍ରାୟ ୨୫କୋଟିରୁ ଊର୍ଦ୍ଧ୍ୱ ଶ୍ରମିକ ଏବଂ କର୍ମଚାରୀ ସାମିଲ ହେବେ ବୋଲି କୁହାଯାଉଛି। କେନ୍ଦ୍ର ସରକାର ପୂର୍ବର ଶ୍ରମ ଆଇନ ପରିବର୍ତ୍ତନ କରି ଆଣିଥିବା ନୂତନ ୪ଟି ଶ୍ରମ କୋର୍ଡ ଲାଗୁ କରିବା ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା କର୍ପୋରେଟ ସପକ୍ଷବାଦୀ ବୋଲି ଶ୍ରମିକ ସଂଗଠନଗୁଡ଼ିକ ଅଭିଯୋଗ କରିଛନ୍ତି। ସରକାରଙ୍କ ଶ୍ରମିକ ବିରୋଧୀ ନୀତି କେବେବି ଗ୍ରହଣୀୟ ନୁହେଁ ବୋଲି ବିଭିନ୍ନ ଶ୍ରମିକ ନେତାମାନେ ମତପ୍ରକାଶ କରିଛନ୍ତି।



ଜୁଲାଇ ୯ରେ ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମଞ୍ଚ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱରରେ ବାହାରିଥିବା ମଶାଲ ଶୋଭାଯାତ୍ରା।

## ସରକାର ଦାବି ନ ମାନିଲେ ଆଗାମୀ ସ୍ଥିତି ଭୟାବହ ହେବ



କେନ୍ଦ୍ର ସରକାର ଶ୍ରମିକମାରଣ ନୀତି ଆପଣାଉଛନ୍ତି। ଫଳରେ ଲକ୍ଷ ଲକ୍ଷ ଶ୍ରମିକଙ୍କ ଜୀବନ ଦୁର୍ବିଷହ ହୋଇପଡିଲାଣି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପ୍ରତି ୫ବର୍ଷରେ ଥରେ ମଜୁରି ବୃଦ୍ଧି କରାଯିବା ଦରକାର। ପ୍ରତ୍ୟେକ ବର୍ଷ ଇଣ୍ଡିଆନ୍ ଲେବର କନ୍‌ଫରେନ୍ସ ହେଉଥିଲା। ମାତ୍ର ମୋଦି ସରକାର ଆସିବା ପରେ ୨୦୧୪ ପରଠାରୁ ଏହା ହେଉନାହିଁ। ଶ୍ରମକୋଡ୍ ବାତିଲ, ଆଉଟ୍‌ସୋର୍ସିଂ ବନ୍ଦ, ଦରଦାମ୍ ବୃଦ୍ଧି ବନ୍ଦ, ଜାତୀୟ ସମ୍ପଦର ଘରୋଇକରଣ ବନ୍ଦ, ସ୍କିଲ୍ ୱାର୍କରମାନଙ୍କୁ ଶ୍ରମିକର ମାନ୍ୟତା, ସର୍ବନିମ୍ନ ମଜୁରି ୨୬ହଜାର ଟଙ୍କା କରିବାକୁ ଦାବି ହେଉଛି। ସରକାର ନ ମାନିଲେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଭୟାବହ ହେବ।

**- ମହେନ୍ଦ୍ର ପରିଡ଼ା, ସଂଯୋଜକ, କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ**

## ଶ୍ରମିକ ମାରଣ ନୀତି ବନ୍ଦ ହେଉ



କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେଶନଗୁଡ଼ିକ ପକ୍ଷରୁ ୧୭ ଦଫା ଦାବି ନେଇ ଦେଶବ୍ୟାପୀ ଭାରତ ବନ୍ଦ ଡାକରା ଦିଆଯାଇଛି। ଟିୟୁଏସିସି ନେତୃତ୍ୱରେ ବାଲେଶ୍ୱରରେ ସମସ୍ତ ଶ୍ରମିକ ସଙ୍ଗଠନର ମିଳିତ ମଞ୍ଚ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନରେ ସାମିଲ ହେବେ। ସମସ୍ତ ଗାଡ଼ିମୋଟର, କୋର୍ଟ କଚେରୀ, ସ୍କୁଲ କଲେଜ, ଟ୍ରେନ୍, ସରକାରୀ ଦପ୍ତର, ଶିକ୍ଷାନୁଷ୍ଠାନ, ମାର୍କେଟ୍, ଦୋକାନ ବନ୍ଦ ରହିବ। ଶ୍ରମିକ ବିରୋଧୀ ଶ୍ରମ ଆଇନ୍ ବାତିଲ୍, ଦରଦାମ୍ ବୃଦ୍ଧି ହ୍ରାସ କରିବା ଆଦି ୧୭ ଦଫା ଦାବି ପୂରଣ ଦିଗରେ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

**- ଗୌରାଙ୍ଗ ପାଣିଗ୍ରାହୀ, ଟିୟୁଏସିସିର ସାଧାରଣ ସମ୍ପାଦକ, ବାଲେଶ୍ୱର**

## ଶ୍ରମିକଙ୍କ ପ୍ରତିବାଦ କରିବାର ଅଧିକାର ରହିବ ନାହିଁ



କେନ୍ଦ୍ର ସରକାର ଶ୍ରମିକମାନଙ୍କ ନ୍ୟାଯ୍ୟ ଅଧିକାର ଶ୍ରମ ଆଇନକୁ ପରିବର୍ତ୍ତନ କରି ଶ୍ରମ କୋଡ୍‌ରେ ପରିଣତ କରିଛନ୍ତି, ଯାହାକି ଶ୍ରମିକଙ୍କ ଅଧିକାରକୁ କ୍ଷୁଣ୍ଣ କରୁଛି। ଏହାଦ୍ୱାରା ଶ୍ରମିକମାନଙ୍କ ଧର୍ମଘଟ କିମ୍ବା ପ୍ରତିବାଦ କରିବାର ଅଧିକାର ରହିବ ନାହିଁ। ସଂଘର ଦାବି ପ୍ରତି କେନ୍ଦ୍ର ସରକାର ବିଚାର କରନ୍ତୁ।

**- ରଘୁନାଥ ପଣ୍ଡା, ସଭାପତି, ମୟୂରଭଞ୍ଜ ପରିବହନ ଶ୍ରମିକ ସଂଘ**

## ଶ୍ରମିକ ବିରୋଧୀ ଆଇନ ରଦ୍ଦ ହେଉ



ସ୍ୱାଧୀନତାର ବହୁ ପୂର୍ବରୁ ଶ୍ରମିକମାନେ ଲଢ଼େଇ କରି ଟ୍ରେଡ୍ ୟୁନିୟନ ଗଠନ କରିବାର ଅଧିକାର, ବୋନସ୍, ପେନ୍‌ସନ ଆଦି ଆଇନଗତ ଅଧିକାର ପାଇଥିଲେ। ଏବେ ସେହି ସମସ୍ତ ୧୫ଟି ଆଇନକୁ ସଂଶୋଧନ କରି କେନ୍ଦ୍ର ସରକାର ଶ୍ରମିକ ବିରୋଧୀ ୪ଟି କୋଡ୍ ଲାଗୁ କରିଛନ୍ତି। ସେହିପରି ଦରଦାମ୍ ଅହେତୁକ ଭାବେ ବଢୁଛି। ବିଦ୍ୟୁତ୍ ସଂଶୋଧନ ବିଲ୍ ପ୍ରଣୟନ କରି ୟୁନିଟ୍ ପିଛା ୯ ଟଙ୍କା କରିବେ ଏବଂ ସ୍ମାର୍ଟ ମିଟର ଲଗାଇ ଉପଭୋକ୍ତାଙ୍କୁ ଶୋଷଣ କରିବେ। ଆଦାନୀ, ଅମ୍ବାନୀ ପରି ଧନୀ ଶ୍ରେଣୀର ଲୋକଙ୍କୁ ଋଣ ଛାଡ଼ କରାଯାଉଥିବା ବେଳେ ସାଧାରଣ ଲୋକଙ୍କ ନିକଟରୁ ଟ୍ୟାକ୍ସ ଆଦାୟ କରାଯାଉଛି। ବ୍ୟାଙ୍କ ସେବା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗକୁ କର୍ପୋରେଟ୍ କମ୍ପାନୀକୁ ସରକାର ହସ୍ତାନ୍ତର କରୁଛନ୍ତି। ତେଣୁ ଏଭଳି ଶ୍ରମିକ ବିରୋଧୀ ଆଇନ ରଦ୍ଦ କରିବା ଦାବିରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି।

**- ଦିବ୍ୟସିଂହ ନାୟକ, ଟ୍ରେଡ୍ ୟୁନିୟନ ସମନ୍ୱୟ ସମିତିର ଜିଲ୍ଲା ସଭାପତି, ଭଦ୍ରକ**

## ରାଜ୍ୟ, କେନ୍ଦ୍ର ସରକାରଙ୍କ ଅସଫଳତାର ପ୍ରତିବାଦ କରାଯିବ



କେନ୍ଦ୍ରରେ ଭାଜପା ସରକାର ଆସିବା ପରେ ଭାରତ ସରକାରଙ୍କ ଅଧୀନରେ ଥିବା ବନ୍ଦର, ଏୟାରପୋର୍ଟ ଭଳି ବହୁ ଉଦ୍ୟୋଗ ଏବେ ଆଦାନୀ, ଅମ୍ବାନୀ ଭଳି କମ୍ପାନୀ ହାତରେ ରହିଛି। ଦେଶରେ ଗୋଟିଏ ହେଲେ କଳକାରଖାନା ପ୍ରତିଷ୍ଠା ହୋଇନାହିଁ ବରଂ ବନ୍ଦ ହୋଇଛି। ୧୫ ହଜାର ଟଙ୍କା ଲୋକଙ୍କୁ ମିଳିଲା ନାହିଁ କିମ୍ବା ନିଯୁକ୍ତି ମିଳିଲା ନାହିଁ। ଯାହା ସବୁ ପ୍ରତିଶ୍ରୁତି ଦିଆଯାଇଥିଲା, ସବୁ ମିଛ ପ୍ରମାଣିତ ହୋଇସାରିଛି। ଶ୍ରମିକଙ୍କ କାର୍ଯ୍ୟ ଅବଧିକୁ ୮ ଘଣ୍ଟାରୁ ବୃଦ୍ଧି କରି ୧୦ ଘଣ୍ଟା କରିବାକୁ ଯାଉଛନ୍ତି। କେନ୍ଦୁଝର ଭଳି ଜିଲାରେ ଓଏମ୍‌ଡିସି ସଂସ୍ଥାର କର୍ମଚାରୀ ୯ ମାସ ହେଲା ଦରମା ପାଇ ପାରୁ ନ ଥିବା ବେଳେ ଜିଲାରେ ଐତିହ୍ୟସମ୍ପନ୍ନ କଳିଙ୍ଗ ଲୁହା କାରଖାନାର ପୁନରୁଦ୍ଧାର ହୋଇପାରୁ ନାହିଁ। ଏହିସବୁ କାରଣରୁ ଭାରତ ବନ୍ଦ କରାଯାଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅସଫଳତାର ପ୍ରତିବାଦ କରାଯିବ।

**- ଇନ୍ଦ୍ରମଣି ବେହେରା, ସିଆଇଟିୟୁର ରାଜ୍ୟ ଉପସଭାପତି, କେନ୍ଦୁଝର**

## ଶ୍ରମିକଙ୍କ ଅଧିକାରକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ ଚାଲିଛି



ଦରଦାମ୍ ବୃଦ୍ଧି, ତ୍ରୁଟିପୂର୍ଣ୍ଣ ମଜୁରି ନିର୍ଦ୍ଧାରଣ, ସରକାରଙ୍କ ଶ୍ରମିକ ମାରଣ ନୀତି, ଶ୍ରମକୋଡ୍, ଲଗାମଛଡ଼ା ଘରୋଇକରଣ, ଆଖିବୁଜା ଠିକାକରଣ, ଆଉଟସୋର୍ସିଂ ଆଳରେ ଶୋଷଣ, କର୍ପୋରେଟର ସପକ୍ଷବାଦୀ, କୃଷକ ବିରୋଧୀ ନୀତି ଆଦି ପ୍ରତିବାଦରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଶ୍ରମ ଆଇନକୁ ରଦ୍ଦ କରି ତା' ସ୍ଥାନରେ ୪ଟି ଶ୍ରମକୋଡ୍ ପ୍ରସ୍ତୁତ କରି ଲାଗୁ କରି ଶ୍ରମିକମାନଙ୍କ ଅଧିକାରକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ ଚାଲିଛି। ଏହାଦ୍ୱାରା ଶ୍ରମିକମାନଙ୍କ ପ୍ରତି ଅନ୍ୟାୟ ଓ ଶୋଷଣ ବଢ଼ିବ। ଏଣୁ ରଦ୍ଦ ହେବା ଜରୁରୀ। କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡ଼ିକ ଏକଜୁଟ ହୋଇ ଏହାର ପ୍ରତିବାଦ, ଆନ୍ଦୋଳନ କରିଆସୁଥିବାବେଳେ ଏବେ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ ହୋଇଛନ୍ତି।

**- ମହେଶ୍ୱର ରାଉତ, ଏଆଇଟିୟୁସିର ରାଜ୍ୟ କାର୍ଯ୍ୟକାରୀ ସଭାପତି, କେନ୍ଦୁଝର**

## ଶ୍ରମିକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସମର୍ଥନ ଦିଆଯାଇଛି



କେନ୍ଦ୍ର ସରକାର ଶ୍ରମିକମାନଙ୍କୁ ବାରମ୍ବାର ଶୋଷଣ କରୁଛନ୍ତି। ଏହି ଶ୍ରମିକ ମାରଣ ନୀତି ବିରୋଧରେ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି। ଶ୍ରମିକମାନଙ୍କ ଏକତା ଓ ସ୍ୱାର୍ଥର ସୁରକ୍ଷା ପାଇଁ ଆନ୍ଦୋଳନକୁ ସମର୍ଥନ ଦିଆଯାଇଛି।

**- ଲକ୍ଷ୍ମୀଧର ସାହୁ, ରାଜ୍ୟ ଉପ ସାଧାରଣ ସମ୍ପାଦକ, ହିନ୍ଦ୍ ମଜୁଦର ସଭା, ଢେଙ୍କାନାଳ**

## ଶ୍ରମିକ କୋର୍ଡ ଆଇନ ଶ୍ରମିକଙ୍କ ସ୍ୱାର୍ଥ ପାଇଁ ନୁହେଁ



କେନ୍ଦ୍ର ସରକାର ଯେଉଁ ଶ୍ରମିକ କୋର୍ଡ ଆଇନ ଆଣୁଛନ୍ତି ତାହା ଶ୍ରମିକଙ୍କ ସ୍ୱାର୍ଥ ପାଇଁ ନୁହେଁ। ଏଥିରୁ ଶ୍ରମିକ ବିବାଦୀୟ ଆଇନ, କାରଖାନା ଆଇନ ଭଳି ୧୫ଟି ଆବଶ୍ୟକ ତଥା ଗୁରୁତ୍ୱପୂର୍ଣ୍ଣ ଆଇନକୁ ବାଦ୍ ଦିଆଯାଇଛି। ଶ୍ରମିକମାନଙ୍କୁ ବୃତ୍ତିଶ୍ରମିକ ଭାବରେ ଖଟାଇବା ପାଇଁ ଏହି ଆଇନ ପ୍ରଣୟନ କରାଯାଉଛି। ଏଥିପାଇଁ ସାରା ଭାରତରେ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

**- ଡ. ଉପେନ୍ଦ୍ର କୁମାର ଶର୍ମା, ଅନୁଗୋଳ ଜିଲ୍ଲା ସାଧାରଣ ସମ୍ପାଦକ, ସିଆଇଟିୟୁ**

## 'ଦରଦାମ୍ ବୃଦ୍ଧି ଜନତାଙ୍କ ଅଣ୍ଟା ଭାଙ୍ଗିଦେଇଛି'



ଡବଲ ଇଞ୍ଜିନ ସରକାର ଜନତାଙ୍କୁ ପ୍ରତାରଣା କରିଛନ୍ତି। ବିଭିନ୍ନ ପ୍ରତିଶ୍ରୁତି ଦେଇ ସରକାରକୁ ଆସିବା ପରେ ଜନସାଧାରଣଙ୍କୁ ଉପେକ୍ଷା କରୁଛନ୍ତି। ପୁଞ୍ଜିପତିଙ୍କୁ ପ୍ରୋତ୍ସାହିତ କରି ସାଧାରଣ ଜନତାଙ୍କ ମୌଳିକ ଆବଶ୍ୟକତା ପ୍ରତି ଅଣଦେଖା କରୁଛନ୍ତି। ଦରଦାମ୍ ବୃଦ୍ଧି ଜନତାଙ୍କ ଅଣ୍ଟା ଭାଙ୍ଗିଦେଇଛି। କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମ ବିରୋଧୀ। ତୈଳ ଦର ଶହେ ଟଙ୍କା ତଳକୁ ଖସୁନି। ସରକାରଙ୍କ ଏଭଳି ମନମୁଖୀ କାର୍ଯ୍ୟ ପ୍ରତିବାଦରେ ଏହି ବନ୍ଦ ଡାକରା ଦିଆଯାଇଛି।

**- ଜୟନ୍ତ ମହାନ୍ତି, ଏଆଇଡିଏସ୍‌ଓ ଯୁବନେତା**

## ୪ ଶ୍ରମକୋଡ୍‌ର ପ୍ରତ୍ୟାହାର ଜରୁରୀ



କେନ୍ଦ୍ର ସରକାର ଦେଶରେ ଶ୍ରମିକମାନଙ୍କ ଅଧିକାରକୁ ଗୌଣ କରି କର୍ପୋରେଟ ହାଉସ୍ ଓ ପୁଞ୍ଜିପତିମାନଙ୍କୁ ଗୁରୁତ୍ୱ ଦେବାରୁ ସେମାନେ ଲାଭବାନ ହୋଇଚାଲିଛନ୍ତି। ସରକାର ଶ୍ରମିକଙ୍କ ସ୍ୱାର୍ଥ ଲାଗି ପ୍ରଚଳିତ ଥିବା ୪୪ଟି ଶ୍ରମ ଆଇନକୁ ବାତିଲ କରି ୪ଟି ଶ୍ରମକୋଡ୍ ପ୍ରଚଳନ ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହି ଶ୍ରମକୋଡ୍ ଶ୍ରମିକଙ୍କୁ ନିରସ୍ତ୍ର କରିବା ପାଇଁ ଉଦ୍ଦିଷ୍ଟ। ଶ୍ରମିକ ବିରୋଧୀ ଶ୍ରମକୋଡ୍‌କୁ ପ୍ରତ୍ୟାହାର ପାଇଁ ୯ ତାରିଖ ଅର୍ଥାତ୍ ବୁଧବାର ସର୍ବଭାରତୀୟ ଟ୍ରେଡ ୟୁନିୟନ ଧର୍ମଘଟ ଡାକରା ଦେଇଛି। ଧର୍ମଘଟରେ କେବଳ ଶ୍ରମିକ ଓ କର୍ମଚାରୀ ନୁହନ୍ତି କୃଷକମାନେ ମଧ ସାମିଲ ହେଉଛନ୍ତି।

**- ବିଶ୍ୱନାଥ ମହାପାତ୍ର, ବରିଷ୍ଠ ଶ୍ରମିକ ଓ କୃଷକ ନେତା, ନୟାଗଡ଼**

## ଶ୍ରମିକଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଓହ୍ଲାଇଛୁ



ବିନା ବିତର୍କରେ ୨୦୨୦ ଲୋକ ସଭାରେ ଏକ ଅଧାଦେଶ ଜରିଆରେ ୪୪ଟି ଶ୍ରମ ଆଇନକୁ ସଂଶୋଧନ କରି ୪ଟି କୋଡ୍‌ରେ ପରିଣତ କରାଗଲା। ଏଥିରେ ଶ୍ରମିକମାନଙ୍କ ବହୁ ଅଧିକାର ସଙ୍କୁଚିତ ହେଲା। ସ୍ୱାସ୍ଥ୍ୟ, ସୁରକ୍ଷା, ଦରମା, ବିବାଦୀୟ ଆଇନ ଇତ୍ୟାଦିର ଗୁରୁତ୍ୱ ହ୍ରାସ ପାଇଲା। ଶିଳ୍ପପତିମାନଙ୍କୁ ଏହି ଆଇନରେ ସଭ୍ୟ କରାଗଲା। ନୂତନ ଶ୍ରମିକ ସଂଘ ଗଠନ ଉପରେ କଟକଣା ଜାରି ହେଲା। ବିନା କାରଣରେ ଶ୍ରମିକଙ୍କୁ ଛଟେଇ କରାଯିବା ସହ କାର୍ଯ୍ୟ ସମୟ ବୃଦ୍ଧି ହେଲା। ଏହା ବିରୋଧରେ ଆମେ ଗତ ୪ ବର୍ଷ ଧରି ଧର୍ମଘଟ କରିଆସିଛୁ। ସେଥିପାଇଁ ବୁଧବାର ଭାରତ ବନ୍ଦ ଡାକରା ଦେଇଛୁ।

**- ବିଦ୍ୟାଧର ମହାନ୍ତି, ଯାଜପୁର ଜିଲ୍ଲା ସଭାପତି, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ**

## ଶ୍ରମିକ,କୃଷକଙ୍କ ଆର୍ଥିକ ସ୍ଥିତି ଅତି ଦୟନୀୟ



ଦେଶର ୯୦ ପ୍ରତିଶତ ଲୋକ ଏବେ ଆର୍ଥିକ ଅନଟନରେ ଅଛନ୍ତି। ଏଥିରେ ଶ୍ରମଜୀବୀଙ୍କଠାରୁ କୃଷକ ପର୍ଯ୍ୟନ୍ତଙ୍କ ଜୀବନ ଅତି ଦୟନୀୟ ହୋଇପଡ଼ିଛି। କେନ୍ଦ୍ର ସରକାରଙ୍କ କୃଷି ନୀତି ସହ ଅନ୍ୟ କେତେକ ଯୋଜନା ଏଥିପାଇଁ ଦାୟୀ। ଭାରତରେ ଦେଶୀ ଓ ବିଦେଶୀ ସାମ୍ରାଜ୍ୟବାଦୀ ତଥା ପୁଞ୍ଜିପତିମାନେ ନିଜର ପ୍ରଭାବ ବିସ୍ତାର କରି ଗରିବଙ୍କୁ ଶୋଷଣ କରୁଛନ୍ତି। ଶ୍ରମକୋଡ୍ ଲାଗୁ କରି ଶ୍ରମିକମାନଙ୍କ ଅଧିକାର ଛଡ଼ାଇନେବାକୁ କେନ୍ଦ୍ର ସରକାର ସୁଯୋଗ ଖୋଜୁଛନ୍ତି। ଏହାର ପ୍ରତିବାଦରେ ଆମେ ଭାରତ ବନ୍ଦ ଡାକରା ଦେଇଛୁ।

**- ଗୟାଧର ଧଳ, ଶ୍ରମିକ ନେତା, କେନ୍ଦ୍ରାପଡ଼ା**

## ଆଗକୁ ଆନ୍ଦୋଳନ ତୀବ୍ର ହେବ



କେନ୍ଦ୍ର ସରକାରଙ୍କ ଶ୍ରମିକ, ଚାଷୀ ମାରଣ ନୀତି, ଚାରି ଶ୍ରମ କୋଡକୁ ବାତିଲ, ସରକାରୀ ଅନୁଷ୍ଠାନଗୁଡିକୁ ଘରୋଇକରଣ କରିବା, ଅହେତୁକ ଦରଦାମ ବୃଦ୍ଧି, ଆଞ୍ଚଳିକ ସମସ୍ୟା ଏବଂ ଗୋପାଳପୁର ପୋର୍ଟ, ଆଇଆରଇଏଲ, ଟାଟା କମ୍ପାନୀରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳୁ ନ ଥିବା ପ୍ରତିବାଦରେ ଏହି ସର୍ବଭାରତୀୟ ଧର୍ମଘଟ କରାଯାଉଛି। ସମସ୍ୟା ସମାଧାନ ନ ହେଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ।

**- ଇଜୁ ଆମିନ ଖାନ୍, ଆଇଏନ୍‌ଟିୟୁସି, ଛତ୍ରପୁର**

## ଶ୍ରମିକଙ୍କ ସୁବିଧା ସୁଯୋଗ ପ୍ରତିହତ ହେବ



କୋଭିଡ ସମୟରେ କେନ୍ଦ୍ର ସରକାର ପୂର୍ବ ୪୪ଟି ଶ୍ରମ ଆଇନକୁ ୪ଟି ଶ୍ରମକୋଡ୍‌ରେ ସୀମିତ ରଖିଛନ୍ତି। ଏହାଦ୍ୱାରା ମୁଖ୍ୟତଃ ଇସ୍ପାତ କାରଖାନାରେ କାର୍ଯ୍ୟରତ ଠିକା ଶ୍ରମିକ, ଘରୋଇ ସଂସ୍ଥାରେ କାମ କରୁଥିବା ଶ୍ରମିକମାନେ ବିଶେଷ ଭାବେ ପ୍ରଭାବିତ ହେବେ। ଏହି ନୂତନ ଆଇନ ଯୋଗୁ ୧୯୬୫ ମସିହା ବୋନସ ଆଇନ ଉଚ୍ଛେଦ ହେବା ସହ ଶ୍ରମିକମାନେ ଯେଉଁ ସୁବିଧା ସୁଯୋଗକୁ ଆଇନଗତ ଲଢେଇ ଦ୍ୱାରା ହାସଲ କରୁଥିଲେ, ତାହା ପ୍ରତିହତ ହେବ। ଏଣୁ ଏହି ବନ୍ଦ ପାଳନକୁ ରାଉରକେଲା ହିନ୍ଦ୍ ମଜଦୁର ସଭା ପୂର୍ଣ୍ଣ ସମର୍ଥନ କରୁଛି।

**- ଦିଗମ୍ବର ମହାନ୍ତି, ରାଜ୍ୟ ସମ୍ପାଦକ, ହିନ୍ଦ୍ ମଜଦୁର ସଭା**

## କେନ୍ଦ୍ର ସରକାରଙ୍କ ମନମାନିକୁ ବିରୋଧ



ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା, ସମାନ କାର୍ଯ୍ୟକୁ ସମାନ ଦରମା, ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଦର ନିୟନ୍ତ୍ରଣ, ଚାଷୀଙ୍କୁ ଫସଲର ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ, ସର୍ବନିମ୍ନ ମାସିକ ପେନସନ ୯ହଜାର ଟଙ୍କା ସମେତ ୧୭ ଦଫା ଦାବିରେ ବିଭିନ୍ନ ଶ୍ରମ ସଙ୍ଗଠନ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଲୋକମାନେ ଏହି ଧର୍ମଘଟକୁ ନିଶ୍ଚିତ ସଫଳ କରିବେ। ଧର୍ମଘଟରେ ସୁନ୍ଦରଗଡ଼ ଜିଲାର ସମସ୍ତ ପରିବହନ ଶ୍ରମିକ, ଏଲ୍‌ଆଇସି, ବ୍ୟାଙ୍କ ସମେତ ଶ୍ରମିକ ଓ ଜନସାଧାରଣ ଏକାଠି ହୋଇ କେନ୍ଦ୍ର ସରକାରଙ୍କ ମନମାନି ବିରୋଧରେ ସ୍ୱର ଉତ୍ତୋଳନ କରିବେ।

**- ବିଷ୍ଣୁ ମହାନ୍ତି, ସିଆଇଟିୟୁ ସର୍ବଭାରତୀୟ ଉପାଧକ୍ଷ**

## ଶ୍ରମିକ, କୃଷକଙ୍କ ହକ୍ ପାଇଁ ଆନ୍ଦୋଳନ



କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ଆଭିମୁଖ୍ୟକୁ ନେଇ ଏହି ସାଧାରଣ ଧର୍ମଘଟର ଆହ୍ୱାନ ଦିଆଯାଇଛି। ପୂର୍ବର ଶ୍ରମ ଆଇନ ପରିବର୍ତ୍ତନ କରି ୪ଟି ଶ୍ରମ କୋଡ୍ କରି ପୁଞ୍ଜିପତି ଓ ଏକଚାଟିଆ ମାଲିକମାନଙ୍କ ସପକ୍ଷରେ ଆଇନ ପ୍ରଣୟନ ହୋଇଛି। ଅଙ୍ଗନୱାଡି, ଆଶାକର୍ମୀଙ୍କ ଭଳି ସ୍କିଲ ୱାର୍କରମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା ପାଇଁ ପ୍ରତିଶ୍ରୁତି ବଦ୍ଧ ସରକାର ଏଥିରେ ପଛଘୁଞ୍ଚା ଦେଇଛି। କୃଷକଙ୍କ ଉତ୍ପାଦିତ ସାମଗ୍ରୀର ଆଇନ ଅନୁମୋଦିତ ମୂଲ୍ୟ ଧାର୍ଯ୍ୟ ହୋଇପାରୁନାହିଁ। ଶ୍ରମିକ ଏବଂ କୃଷକଙ୍କ ହକ୍ ଦାବି ହାସଲ ପାଇଁ ଏହି ଆନ୍ଦୋଳନ ଡାକରା ଦିଆଯାଇଛି।

**- ଅଶୋକ କୁମାର ଦାଶ, ରାଜ୍ୟ ସଭାପତି, ଏଆଇଟିୟୁସି**

## ପୁଞ୍ଜିପତିଙ୍କୁ ଅନୁକମ୍ପା, ମଧ୍ୟବିତ୍ତଙ୍କୁ ଶୋଷଣ



କେନ୍ଦ୍ର ସରକାର ବାରମ୍ବାର ଶ୍ରମିକଙ୍କୁ ଅଣଦେଖା କରିଚାଲିଛନ୍ତି। ଅନ୍ୟପଟେ ଶ୍ରମିକ ବିରୋଧୀ ଆଇନ ଆଣୁଛନ୍ତି। ଶ୍ରମିକଙ୍କ ମଜୁରୀ ବଢୁନି ହେଲେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ହୁ ହୁ ହୋଇ ବଢ଼ିଚାଲିଛି। ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣ କରାଯାଉଛି। ଫଳରେ ଶ୍ରମିକମାନେ ନିଜ ସ୍ୱାଧୀନତା ହରାଇ ବସିଛନ୍ତି ଏବଂ ବିଭିନ୍ନ କ୍ଷେତ୍ରରେ ଘରୋଇ କମ୍ପାନୀଗୁଡ଼ିକ ଶ୍ରମିକଙ୍କ ଉପରେ ମାତ୍ରାଧିକ ବୋଝ ଲଦି ଦେଉଛନ୍ତି। ଆଜି ମଧ ଚାଷୀ ନିଜର ହକ୍ ପାଇପାରି ନ ଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ସମସ୍ୟା ଅସମାହିତ ରହିଛି। ଏହାର ପ୍ରତିବାଦରେ ଭାରତ ବନ୍ଦ ଡାକରା ଦିଆଯାଇଛି।

**- ବ୍ରହ୍ମାନନ୍ଦ ମହାକୁଡ଼, ଜିଲା ସଭାପତି, ଆଇଏନ୍‌ଟିୟୁସି, ବରଗଡ଼**

## ବିଏମ୍‌ଏସ୍ ଦେଶ ପ୍ରଗତିରେ ବାଧା ସୃଷ୍ଟି କରେନି



ବିଏମ୍‌ଏସ୍ ଦେଶର ପ୍ରଗତି ଓ ଶ୍ରମିକ ଉନ୍ନତି ନୀତିରେ କଦାପି ବାଧା ସୃଷ୍ଟି କରେନାହିଁ। ବୁଧବାର ଭାରତ ବନ୍ଦ ଡାକରାରେ ବିଏମ୍‌ଏସ୍‌ର କୌଣସି ସମ୍ପୃକ୍ତି ନାହିଁ। ଏହି ବନ୍ଦକୁ ସମର୍ଥନ କରୁଥିବା ଅନ୍ୟ ଶ୍ରମିକ ସଙ୍ଗଠନ ନିଜର ବ୍ୟକ୍ତିଗତ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଏଭଳି ପଦକ୍ଷେପ ନେଉଛନ୍ତି। କିଛି ଶ୍ରମିକ ପ୍ରତିବର୍ଷ କେନ୍ଦ୍ର ସରକାରଙ୍କ ବିପକ୍ଷରେ ଭାରତ ବନ୍ଦ ଡାକରା ଦେଇ ଅଯଥାରେ ଗରିବ ଶ୍ରମିକମାନଙ୍କୁ ଭୁଆଁ ବୁଲାନ୍ତି। ଏହି ବନ୍ଦ ଡାକରା ଦେଶର ଅଗ୍ରଗତି ଓ ଶ୍ରମିକଙ୍କ ଅଭିବୃଦ୍ଧିରେ ବାଧା ସୃଷ୍ଟି କରୁଛି।

**- ହିମାଂଶୁ ଶେଖର ବଳ, ରାଜ୍ୟ କାର୍ଯ୍ୟକାରୀ ସମ୍ପାଦକ, ବିଏମ୍‌ଏସ୍, ରାଉରକେଲା**

## ୧୧ ବର୍ଷରେ ପ୍ରତିଶ୍ରୁତି ପୂରଣ ହେଲାନି



କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ଯଥା ୨କୋଟି ରୋଜଗାର, ରାଷ୍ଟ୍ରାୟତ୍ତ ଶିଳ୍ପର ସୁରକ୍ଷା, ଚାଷୀଙ୍କ ରୋଜଗାର ଦ୍ୱିଗୁଣା, ମହିଳା ସୁରକ୍ଷା, ଦରଦାମ ନିୟନ୍ତ୍ରଣ ସମେତ ଅନେକ ପ୍ରତିଶ୍ରୁତି ୧୧ ବର୍ଷ ଶାସନ କାଳରେ ପୂରଣ ହୋଇପାରିଲା ନାହିଁ। ଗୁଜରାଟର ପୁଞ୍ଜିପତିଙ୍କୁ ରାଷ୍ଟ୍ରାୟାତ୍ତ ଶିଳ୍ପଗୁଡିକୁ ଟେକିଦିଆଯାଉଛି। ଏହା ବିରୋଧରେ ଛାତ୍ରୀଛାତ୍ର, ଜନସାଧାରଣ, ଚାକିରିଆ ତଥା ଜିଲାବାସୀ ଧର୍ମଘଟକୁ ସଫଳ କରିବେ।

**- ସଦାନନ୍ଦ ସାହୁ, ଜିଲା ସମ୍ପାଦକ, ଏଆଇଟିୟୁସି**

## ମିଳିତ ପିକେଟିଂ କରିବୁ



ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ, ଅସ୍ଥାୟୀ ଠିକା ନିଯୁକ୍ତି ଓ ଆଉଟ ସୋର୍ସିଂ ବନ୍ଦ ସହ ସମାନ କାମକୁ ସମାନ ମଜୁରି ସରକାର ପ୍ରଦାନ କରନ୍ତୁ। ଏଥିସହ ସମସ୍ତଙ୍କୁ ସର୍ବନିମ୍ନ ମାସିକ ପେନ୍‌ସନ ୯୦୦୦ ଟଙ୍କା, ସମସ୍ତ ଶ୍ରମଜୀବୀଙ୍କୁ ସାମାଜିକ ପେନ୍‌ସନ ପ୍ରଦାନ, କାମ କରିବାର ଅଧିକାରରେ ମୌଳିକ ଅଧିକାର ଅନ୍ତର୍ଭୁକ୍ତ କରିବା, ବିଦ୍ୟୁତ୍ ବିଲ୍ ୨୦୨୨ ପ୍ରତ୍ୟାହାର ଓ ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ କରିବା, ସର୍ବନିମ୍ନ ମାସିକ ମଜୁରି ୨୬,୦୦୦ ଟଙ୍କା କରିବା ଆଦିକୁ ଦାବି କରିଛୁ। ଏଥିପାଇଁ ବୁଧବାର ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ମିଳିତ ଭାବେ ସହରରେ ପିକେଟିଂ କରିବାକୁ ଯୋଜନା କରାଯାଇଛି।

**- ବିନୋଦ କୁମାର ବେହେରା, ଜିଲା ସମ୍ପାଦକ, ସିପିଆଇ, କଟକ**

## ସରକାରଙ୍କ ଶ୍ରମିକମାରଣ ନୀତିକୁ ବିରୋଧ



ଭାଜପା ସରକାର ୧୧ ବର୍ଷର ଶାସନ କାଳରେ ଶ୍ରମିକମାନେ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ଦେଶରେ କର୍ପୋରେଟଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର ଏକ ପ୍ରକାର ଶ୍ରମିକମାରଣ ନୀତି ଅବଲମ୍ବନ କରୁଛନ୍ତି। ଶ୍ରମିକମାନଙ୍କୁ ସାପ୍ତାହିକ ୭୦ରୁ ୯୦ ଘଣ୍ଟା କାମ କରିବାକୁ ପଡୁଛି, ହେଲେ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ। ତେଣୁ ଏହି ଭାରତ ବନ୍ଦକୁ ଆମେ ସମର୍ଥନ କରୁଛୁ ଏବଂ ମିଳିତ ଶ୍ରମିକ ମଞ୍ଚ ପକ୍ଷରୁ ଶ୍ରମିକଙ୍କ ପାଇଁ ରହିଥିବା ଦାବିଗୁଡ଼ିକ ପୂରଣ ପାଇଁ ଦାବି କରୁଛୁ।

**- ଭବାନୀ ଶଙ୍କର ଜେନା, ଆଇଏନ୍‌ଟିୟୁସି ଜିଲା ସଭାପତି, ରାୟଗଡ଼ା**

## କେନ୍ଦ୍ର ସରକାରଙ୍କ ଶ୍ରମ ଆଇନ ସଂଶୋଧନକୁ ବିରୋଧ କରାଯିବ



୧୭ ଦଫା ଦାବି ନେଇ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ବୁଧବାର ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଏଥିରେ ୨୫ କୋଟି ଶ୍ରମିକ, କର୍ମଚାରୀ ସାମିଲ ହେବେ। ଏହି ଧର୍ମଘଟରେ ବ୍ୟାଙ୍କ ଓ ବୀମା କର୍ମଚାରୀ ସାମିଲ ହେବେ। ବୀମା କ୍ଷେତ୍ରର ଶତ ପ୍ରତିଶତ ପ୍ରତ୍ୟକ୍ଷ ପୁଞ୍ଜି ନିବେଶକୁ ବିରୋଧ କରାଯାଉଛି। କେନ୍ଦ୍ର ସରକାରଙ୍କ ଶ୍ରମ ଆଇନ ସଂଶୋଧନକୁ ସମ୍ପୂର୍ଣ୍ଣ ବିରୋଧ କରାଯିବ। ଏଥିସହ ବୀମା ପ୍ରିମିୟମ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁ ପ୍ରତିବାଦରେ ଅଖିଳ ଭାରତୀୟ ବୀମା କର୍ମଚାରୀ ସଂଘ ଆନ୍ଦୋଳନ କରିବ। ଏଥିପାଇଁ ଝାରସୁଗୁଡ଼ା ଜିଲାର ସମସ୍ତ ବ୍ୟାଙ୍କ, ଦୋକାନ ବଜାର, କମ୍ପାନୀକୁ ବନ୍ଦ କରାଯିବ।

**- ରତ୍ନାକର ପ୍ରଧାନ, ଯୁଗ୍ମ ସମ୍ପାଦକ, ଅଖିଳ ଭାରତୀୟ ବୀମା କର୍ମଚାରୀ ସଂଘ, ଝାରସୁଗୁଡ଼ା ଜିଲା**

## ୪୪ ଶ୍ରମ କୋଡ୍ ଆକ୍ଟ ଭାଙ୍ଗିବାକୁ ବିରୋଧ



୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏବଂ ସ୍ୱାଧୀନ ଫେଡେରେଶନ ବ୍ୟାଙ୍କ ଓ ଏଲ୍‌ଆଇସି ଆଦିକୁ ନେଇ ଗଠିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ ପକ୍ଷରୁ ୧୦ ଦଫା ଦାବି ନେଇ ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ବ୍ୟାଙ୍କ ଓ ଏଲ୍‌ଆଇସି ଆଦି ସ୍ୱାଧୀନ ଫେଡେରେଶନ ସମର୍ଥନ କରୁଛନ୍ତି। ଏଥିରେ ମୁଖ୍ୟତଃ ମୋଦି ସରକାର ୪୪ଟି ଶ୍ରମ କୋଡ୍ ଆକ୍ଟକୁ ଭାଙ୍ଗି ୪ଟି କୋଡ୍ କରାଯିବାକୁ ବିରୋଧ କରାଯାଉଛି। ୭ ଜଣରେ ଟ୍ରେଡ୍ ୟୁନିୟନ ହେଉଥିଲା, ଏବେ ୩୦୦ରୁ ଅଧିକ ଶ୍ରମିକ ହେଲେ ହେବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ମାଲିକ ମଜୁରି ନ ଦେଲେ ଶ୍ରମିକ ଦାଏର କରୁଥିବା ମାମଲାକୁ ଏବେ ଉଚ୍ଛେଦ କରାଯାଇଛି। କଣ୍ଟ୍ରାକ୍ଟ ଲେବର ଆକ୍ଟ ଅନୁଯାୟୀ ଜଣେ କାମ କଲାବେଳେ କୌଣସି ଦୁର୍ଘଟଣାରେ ମୃତ୍ୟୁ ହେଲେ ପରିବାରକୁ କ୍ଷତିପୂରଣ ମିଳୁଥିଲା, ଯାହା ଆଉ ଲାଗୁ ହେବନାହିଁ। ଏହା ମାଲିକଙ୍କ ଇଚ୍ଛାଧୀନ ହୋଇଯାଇଛି।

**- ଲୋଭାକାନ୍ତ ସ୍ୱାଇଁ, ସିଆଇଟିୟୁ ରାଜ୍ୟ ଉପସଭାପତି**

## କେନ୍ଦ୍ର ସରକାର ଶ୍ରମିକ ବିରୋଧୀ



କେନ୍ଦ୍ର ସରକାର ୪୪ଟି ଶ୍ରମ ଆଇନ ଉଚ୍ଛେଦକରି ୪ଟି ଶ୍ରମିକ କୋଡ୍ କରି ଶ୍ରମିକମାନଙ୍କ ସ୍ୱାର୍ଥ ବିରୋଧୀ ବୋଲି ପ୍ରମାଣ ଦେଇଛନ୍ତି, ଯାହା ତୁରନ୍ତ ବାତିଲ ହେବା ଉଚିତ। ମାଲିକ ଓ କମ୍ପାନୀଙ୍କ ସ୍ୱାର୍ଥ ପାଇଁ ସରକାର ଗରିବଙ୍କ ତଣ୍ଟି ଚିପିବାକୁ ଅପଚେଷ୍ଟା କରିଛନ୍ତି। କେବଳ ଏତିକି ନୁହେଁ, ପବ୍ଲିକ ସେକ୍ଟର, କମ୍ପାନୀ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଅନେକ ସଂସ୍ଥାକୁ କେନ୍ଦ୍ର ସରକାର ପୁଞ୍ଜିପତିମାନଙ୍କ ହାତରେ ଟେକି ଦେଇଛନ୍ତି। ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ଉପରେ ଥିବା ଅଙ୍କୁଶ ଉଠାଇ ଦେଇଛନ୍ତି। ଏହିସବୁ ସମସ୍ୟାର ସମାଧାନ ସହ ସ୍କିମ୍ ୱାର୍କରମାନଙ୍କୁ ନିୟମିତ କର୍ମଚାରୀର ମାନ୍ୟତା, କୃଷିଜାତ ଦ୍ରବ୍ୟ ବିକ୍ରି ପାଇଁ ସରକାରୀ ମଣ୍ଡି ଓ ଧାନର ଏମ୍‌ଏସ୍‌ପି ଦେଢ଼ଗୁଣ କରିବା ଦାବିରେ ମଞ୍ଚ ଆନ୍ଦୋଳନ ଡାକରା ଦେଇଛି।

**- ପ୍ରଦୀପ୍ତ ରାମ, ଏଆଇୟୁଟିୟୁସି ଜଗତ୍‌ସିଂହପୁର ଜିଲା ସମ୍ପାଦକ**

## ମୋଦି ସରକାରଙ୍କ ନୀତିକୁ ବିରୋଧ କରାଯିବ



କର୍ପୋରେଟ ଶକ୍ତିମାନଙ୍କର ପ୍ରତିନିଧି ଥିବା ମୋଦି ସରକାର ୨୯ ପ୍ରକାରର ଶ୍ରମ ଆଇନକୁ ବଦଳାଇ ୪ଟି ଶ୍ରମ ସଂହିତା ରୂପେ ପରିବର୍ତ୍ତନ କରିଛନ୍ତି। ତାହାକୁ ତୁରନ୍ତ ପ୍ରତ୍ୟାହାର, ଚାଷୀଙ୍କ ଉତ୍ପାଦନର ସର୍ବନିମ୍ନ ଦର ଆଇନ ପ୍ରଣୟନ, ଶ୍ରମିକଙ୍କ ପାଇଁ ରହିଥିବା ୮ ଘଣ୍ଟା କାର୍ଯ୍ୟ ଦିବସ ଆଇନ ବଳବତ୍ତର ରଖିବା, ଜାତୀୟ ସମ୍ପତ୍ତି ବିକ୍ରି ବନ୍ଦ କରିବା ଦାବିରେ ଆନ୍ଦୋଳନ କରାଯିବ। ମୋଦି ସରକାରଙ୍କ ଜନବିରୋଧୀ ନୀତି ଯୋଗୁ ଦେଶରେ ଆବଶ୍ୟକ ଜିନିଷପତ୍ର ଦାମ ନିରନ୍ତର ବଢ଼ି ଲୋକଙ୍କ ଆର୍ଥିକ ସ୍ଥିତିକୁ ଖରାପ କରୁଛି। ଦେଶରେ ଯୁବକ ଯୁବତୀମାନଙ୍କୁ ରୋଜଗାର ଦେବାରେ ମୋଦି ସରକାର ବିଫଳ ହୋଇଛନ୍ତି।

**- ଯୁଧିଷ୍ଠିର ବେହେରା, ଏସଆଇଟିୟୁ ରାଜ୍ୟ ଉପସଭାପତି, ବ୍ରହ୍ମପୁର**

କୁତ୍ସିତ ଓ କଦର୍ଯ୍ୟ ମଧ୍ୟରେ- ଅମଙ୍ଗଳ ମଧ୍ୟରେ ରହିଛନ୍ତି ଯେଉଁ ସୌନ୍ଦର୍ଯ୍ୟମୟ ଭଗବାନ- ତାଙ୍କୁ ଭଲପାଇବା ଓ ଅନୁଭବ କରିବା ସଙ୍ଗେ ସଙ୍ଗେ କୁତ୍ସିତ, କଦର୍ଯ୍ୟ ଓ ଅମଙ୍ଗଳକୁ ନିରାମୟ କରିବା ପାଇଁ ପୂର୍ଣ୍ଣପ୍ରେମରେ ବ୍ୟାକୁଳ ହେବା- ଏହା ହିଁ ଯଥାର୍ଥ ଧର୍ମ ଓ ନୀତି। -ଶ୍ରୀଅରବିନ୍ଦ

-ଶିବ ଶୟନ ଚତୁର୍ଦ୍ଦଶୀ ଓ ବେଢ଼ା



# ୮୦ ପ୍ରତିଶତ ଅଣସଙ୍ଗଠିତ

ଖୋର୍ଦ୍ଧା ବାଲିପାଟଣା ବ୍ଲକ୍ ବେଙ୍ଗବତୀ ଗାଁ ନିକଟରେ ଶ୍ରମିକମାନେ ଡ୍ରେନ୍ ଖୋଳୁଥିବା ବେଳେ ବେଙ୍ଗବତୀ ପ୍ରାଥମିକ ବିଦ୍ୟାଳୟର ପାଚେରି ଭୁଶୁଡ଼ି ୨ ଜଣଙ୍କ ମୃତ୍ୟୁ ହେବା ସହ ଜଣେ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ମୃତାହତ ଶ୍ରମିକ କେନ୍ଦୁଝର ଜିଲାର। ରାସ୍ତା ସମ୍ପ୍ରସାରଣ ହେଉଥିବାରୁ ଠିକାଦାର ଶ୍ରମିକମାନଙ୍କୁ ଡ୍ରେନ୍ ଖୋଳା କାମରେ ଲଗାଇଥିଲେ। ଏଭଳି ଦୁର୍ଘଟଣା ନୂଆ ନୁହେଁ, ସମୟାନ୍ତରେ ଅନ୍ୟ କ୍ଷେତ୍ରରେ ଯଥା ପଥର ଖାଦାନ, କ୍ରଶର, ଖଣି ଖନନ, ନିର୍ମାଣ, ଇଟାଭାଟି, କଳକାରଖାନା ଭଳି ଅଣସଙ୍ଗଠିତ କ୍ଷେତ୍ରରେ ଦୁର୍ଘଟଣା ଘଟି ଶ୍ରମିକମାନେ ମୃତାହତ ହେଉଥିବା ଖବର ପ୍ରକାଶ ପାଇବାରେ ଲାଗିଛି। ଚିନ୍ତାର ବିଷୟ ହେଉଛି, ଏହିସବୁ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ସାମାଜିକ, ଅର୍ଥନୈତିକ ଓ ସୁରକ୍ଷା ସମ୍ପର୍କିତ ସ୍ଥିତି ସାମ୍ନାକୁ ଆସିପାରୁନାହିଁ। କେଉଁ ଶ୍ରମିକ କେଉଁଠି କାମ କରୁଛନ୍ତି, କେତେ ଦାଦନ କେଉଁସବୁ ରାଜ୍ୟକୁ ଯାଉଛନ୍ତି କିମ୍ବା ଯାଇଛନ୍ତି ସେ ସମ୍ପର୍କରେ ତଥ୍ୟ କାହାରି ପାଖରେ ନାହିଁ। ଅବଶ୍ୟ ଏ ସମ୍ବନ୍ଧୀୟ କିଛି ତଥ୍ୟ କୋଭିଡ୍ ସମୟରେ ପଦାକୁ ଆସିଥିଲା। କିନ୍ତୁ ସେହି ତଥ୍ୟକୁ ସଂଗଠିତ ଭାବରେ ରଖାଗଲା ନାହିଁ କିମ୍ବା ପରବର୍ତ୍ତୀ ସମୟରେ ତାକୁ ଟାବୁଲେଟ କରାଗଲା ନାହିଁ, ଯାହା ଫଳରେ ଆଜି ମଧ୍ୟ କର୍ତ୍ତୃପକ୍ଷଙ୍କ ପାଖରେ ଏହିଭଳି ତଥ୍ୟ ମିଳିପାରୁନାହିଁ। ଓଡ଼ିଶାରୁ ଆନ୍ଧ୍ର, ତେଲଙ୍ଗାନା ଆଦି ରାଜ୍ୟକୁ ଯାଉଥିବା ଦାଦନ ଶ୍ରମିକଙ୍କର ସେଠାରେ ଇଟାଭାଟି କିମ୍ବା କୌଣସି କାରଖାନାରେ ମୃତ୍ୟୁ ଘଟିଲେ ଅବା ଆହତ ହେଲେ ସେମାନଙ୍କ ମୃତଦେହ ଅଣାଯାଏ ଓ ସ୍ଥଳବିଶେଷରେ ଆହତଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରନ୍ତି। ସେହି ସମୟରେ ଜଣାପଡ଼େ ସେମାନେ କେଉଁ ଜିଲାର ଆଉ କେଉଁ ଗାଁର। ସରକାର ମଧ୍ୟ କିଛି କ୍ଷତିପୂରଣ ଦେଇଦିଅନ୍ତି, ହେଲେ ତା'ପର ସ୍ଥିତିରେ ସେମାନଙ୍କ ପରିବାର କେମିତି ବଞ୍ଚନ୍ତି, ସେଥିପ୍ରତି କାହାର ଦୃଷ୍ଟି ନ ଥାଏ।

ଦେଖାଯାଏ ଶ୍ରମିକଙ୍କ ମୃତ୍ୟୁ ହେଲେ କିଛି ଦିନ ଧରି ଶ୍ରମ ଆଇନ କିମ୍ବା କାର୍ଯ୍ୟକ୍ଷେତ୍ରର ବୈଧତାକୁ ନେଇ ବିତର୍କ ଚାଲେ। ଦରକାର ପଡ଼ିଲେ ଧର୍ମଘଟ କିମ୍ବା ବନ୍ଦ ଡାକରା ଦିଆଯାଏ। କିନ୍ତୁ ଶ୍ରମିକଙ୍କ ସୁରକ୍ଷା ଦିଗରେ କିଛି ପରିବର୍ତ୍ତନ ହେବା ଦେଖାଯାଉ ନାହିଁ। ଅଳ୍ପକିଛି କ୍ଷତିପୂରଣରେ ସେମାନଙ୍କ ପରିବାରଗୁଡ଼ିକୁ ସନ୍ତୁଷ୍ଟ ହେବାକୁ ପଡ଼େ। ପରବର୍ତ୍ତୀ ସମୟରେ ପରିବାର କିଭଳି ରହେ ତାହାର ଖବର ସମ୍ପୃକ୍ତ ମାଲିକ, କମ୍ପାନୀ କିମ୍ବା ସ୍ଥାନୀୟ ପ୍ରଶାସନ କେହି ରଖନ୍ତି ନାହିଁ। ଖୁବ୍ କମ୍ କ୍ଷେତ୍ରରେ ଅତି ବେଶିରେ ବଡ଼ କମ୍ପାନୀ ପରିବାରରୁ ଜଣକୁ ଥଇଥାନ କରୁଥିବା ଦେଖାଯାଏ। ହେଲେ ଶ୍ରମିକମାନଙ୍କର ସୁରକ୍ଷା ମାନକକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରି ବିଭିନ୍ନ ନିର୍ମାଣ କାର୍ଯ୍ୟ କରୁଥିବା ଛୋଟମୋଟ ସଂସ୍ଥା ଓ ଠିକାଦାରମାନେ ସେମାନଙ୍କ ମୃତ୍ୟୁ ପରବର୍ତ୍ତୀ ସ୍ଥାୟିତ୍ୱକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଚିନ୍ତାର ବିଷୟ ହେଉଛି ଶ୍ରମିକଙ୍କ ଦୁର୍ଘଟଣା ପରେ ସମ୍ପୃକ୍ତ ସଂସ୍ଥା, ଠିକାଦର, ଇଞ୍ଜିନିୟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା କ୍ୱଚିତ ଦେଖାଯାଏ। ଏକ ଅଣଲାଭଦାୟକ ସର୍ଭେ ସଂସ୍ଥା ଇଣ୍ଡିଆସ୍ପେଣ୍ଡର ୨୦୨୨ର ତଥ୍ୟ ଏଠାରେ ପ୍ରଣିଧାନଯୋଗ୍ୟ। ଏଥିରେ ଦର୍ଶାଯାଇଥିଲା ଯେ, ୨୦୧୮ରୁ ୨୦୨୦ ମଧ୍ୟରେ ଦେଶରେ କେବଳ କଳକାରଖାନାରେ ୩ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ଏଥିରେ ସମ୍ପୃକ୍ତ ମାତ୍ର ୧୪ ଜଣଙ୍କ ବିରୋଧରେ ଫ୍ୟାକ୍ଟ୍ରି ଆକ୍ଟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

ଫେବୃଆରୀ ୨୦୨୫ରେ ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଶ୍ରମ ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ଦର୍ଶାଇଥିଲେ, ୨୦୧୮ରୁ ୨୦୨୨ ପାଞ୍ଚ ବର୍ଷ ମଧ୍ୟରେ ଶିଳ୍ପ ଓ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ୧୪,୭୬୪ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଗୋଟିଏ ପଟେ ଶ୍ରମିକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ ନ ଥିବାବେଳେ ସେମାନଙ୍କ କାର୍ଯ୍ୟକୁଶଳତା କିମ୍ବା କାର୍ଯ୍ୟକ୍ଷେତ୍ରରେ ଶାରୀରିକ ନିରାପତ୍ତା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉନାହିଁ। ବିନା ପ୍ରଶିକ୍ଷଣରେ ଶ୍ରମିକମାନେ କାମ କରୁଥିବାରୁ ଦୁର୍ଘଟଣା ବଢ଼ିବା ସ୍ୱାଭାବିକ। ରାଜ୍ୟ ଓ ଜାତୀୟ ସ୍ତରରେ ଶ୍ରମିକମାନଙ୍କ ସୁରକ୍ଷା ପାଇଁ କାରଖାନା ଆଇନ-୧୯୪୮, ଶିଳ୍ପ ସମ୍ବନ୍ଧୀୟ ଆଇନ-୧୯୪୭ ଆଦି ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଶ୍ରମ ବିଭାଗ ଏବଂ ଫ୍ୟାକ୍ଟ୍ରି ଇନ୍ସପେକ୍ଟରମାନେ ବଡ଼ ଶିଳ୍ପଠାରୁ ଦୂରେଇ ରୁହନ୍ତି। ଯାହାଦ୍ୱାରା ଅଧିକ ବିପଦ ଥିବା କାରଖାନାଗୁଡ଼ିକରେ ନିରାପତ୍ତାର ବ୍ୟବସ୍ଥାକୁ ଅଣଦେଖା କରାଯାଉଛି। ଅନ୍ୟପଟେ ଏହିସବୁ ସଂସ୍ଥାଗୁଡ଼ିକ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପସଂସ୍ଥା ଉପରେ ଅଧିକ ଚଢ଼ାଉ କରି ନିଜର ସୁବିଧା ଦେଖୁଛନ୍ତି। ଏହା ଫଳରେ ଶ୍ରମିକଙ୍କ ଜୀବନ ଯେଉଁଠାରେ ବିପଦାପନ୍ନ ସେଭଳି ଶିଳ୍ପଗୁଡ଼ିକରେ କୌଣସି ତଦାରଖ କରାଯାଉ ନାହିଁ। 'ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍' ନାମରେ ୪ଟି ଲେବର କୋଡ୍ ଲାଗୁ କରିବାକୁ ହେଉଥିବା ଉଦ୍ୟମକୁ ଏବେ ଶ୍ରମିକ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଉଛି। ଏପରି କି ୧୦ଟି ଶ୍ରମିକ ସଙ୍ଗଠନ ଓ ସହଯୋଗୀ ସଙ୍ଗଠନ ପକ୍ଷରୁ ୯ ଜୁଲାଇରେ ଭାରତ ବନ୍ଦ ଡାକରା ଦିଆଯାଇଛି। ନୂଆ ଆଇନ ନିଯୁକ୍ତିଦାତା, କର୍ପୋରେଟ ସପକ୍ଷବାଦୀ ହୋଇଥିବା ବେଳେ ଶ୍ରମିକ ବିରୋଧୀ ବୋଲି ସମ୍ପୃକ୍ତ ସଙ୍ଗଠନଗୁଡ଼ିକ ଅଭିଯୋଗ କରୁଛନ୍ତି। ୨୦୧୬ ନଭେମ୍ବରରେ କରାଯାଇଥିବା ବିମୁଦ୍ରୀକରଣରେ ଏହି ଶ୍ରମିକମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ। ପୁନର୍ବାର କୋଭିଡ୍ ସମୟରେ ହଠାତ୍ ସବୁ ଯାନବାହନ ବନ୍ଦ କରିଦିଆଯିବା ଫଳରେ ଏହି ଶ୍ରେଣୀର ଶ୍ରମିକମାନେ ଅଧିକ ଶିକାର ହୋଇଥିଲେ। ଏହା ସ୍ପଷ୍ଟ ଯେ, ଭାରତର ଶ୍ରମ ଶକ୍ତିର ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅଣସଙ୍ଗଠିତ କ୍ଷେତ୍ର ସହ ଜଡ଼ିତ। ଅର୍ଥ ବ୍ୟବସ୍ଥାରେ ଅଣସଂଗଠିତ ଶ୍ରମିକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ସୁରକ୍ଷାକୁ ଅଣଦେଖା କରାଯିବା ପରିତାପର ବିଷୟ।

# ଇରାନର ସ୍ଥିତି



ଜନାର୍ଦ୍ଦନ ପତି

ପଶ୍ଚିମ ଏସିଆର ଦେଶ ଇରାନର ଜନସଂଖ୍ୟା ପ୍ରାୟ ୯.୫କୋଟି। ଇରାନ ବା ପାରସ୍ୟରେ ଏକ ପୁରାତନ ସଭ୍ୟତା ଗଢ଼ ଉଠିଥିଲା ପ୍ରାୟ ଛଅ ହଜାର ବର୍ଷ ତଳେ। ପାରସ୍ୟର ଲିପି ଓ ଭାଷା ମଧ୍ୟ ଭାରତକୁ ପ୍ରଭାବିତ କରିଥିଲା। ବହୁ ପ୍ରାଚୀନ କାଳରୁ ସିନ୍ଧୁସଭ୍ୟତା ସହିତ ପାରସ୍ୟ ସଭ୍ୟତାର ସଂଯୋଗ ରହିଆସିଛି। ଏହି କ୍ଷୁଦ୍ର ଲେଖାରେ ପାରସ୍ୟର ଦୀର୍ଘ ଅତୀତକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ୭ମ ଶତାବ୍ଦୀରେ ଇରାନରେ ଇସ୍‌ଲାମ ପ୍ରବେଶ କରିବା ପୂର୍ବରୁ ସେଠାରେ ଜୋରାଷ୍ଟ୍ରିଅନ୍ ଧର୍ମ ପ୍ରଚଳିତ ଥିଲା। ଏହା ପାରସ୍ୟର ପ୍ରାଚୀନଧର୍ମ। ପାରସ୍ୟ ସେତେବେଳକୁ ସାହିତ୍ୟ, ଦର୍ଶନ, କାରିଗରି ବିଦ୍ୟା, ଡାକ୍ତରୀ ଚିକିତ୍ସା, ଔଷଧ, ଧାତବ ଦ୍ରବ୍ୟ ଆଦିର ବ୍ୟବହାର ଜାଣିଥିଲା। ଇସ୍‌ଲାମ ସେ ଦେଶକୁ ଆସିବା ପରେ ପାରସ୍ୟର ବିକାଶ ବଢ଼ି ଯାଇଥିଲା। ବିଶେଷ କରି ବୈଜ୍ଞାନିକ ଗବେଷଣାର ପ୍ରସାର ଘଟିଥିଲା। ୧୬ଶ ଶତାବ୍ଦୀ ବେଳକୁ ପାରସ୍ୟ ଏକ ବିଶ୍ୱଶକ୍ତିରେ ପରିଣତ ହୋଇସାରିଥିଲା। ୧୮ଶ ଶତାବ୍ଦୀରେ ପାରସ୍ୟର ନାଦିର୍ ଶାହା ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରିପାରିଥିଲେ।

ବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ପାରସ୍ୟରେ ବିପ୍ଳବ ଦେଖାଦେଲା ଓ ସାମ୍ବିଧାନିକ ବିପ୍ଳବ ଜରିଆରେ ରେଜା ପାଲଭି ରାଷ୍ଟ୍ରମୁଖ୍ୟ ହେଲେ। ସେ ପାରସ୍ୟର ତୈଳ ସଂପଦକୁ ଜାତୀୟକରଣ କରିବା ପରେ ଆମେରିକା ଓ ଇଂଲଣ୍ଡ ପକ୍ଷରୁ ପ୍ରତିବିପ୍ଳବ ସଂଗଠିତ କରାଗଲା ୧୯୫୩ରେ ଓ ଇରାନରେ ଆମେରିକାର ବୋଲକରା ଶାସନ ପ୍ରତିଷ୍ଠା ହେଲା। ଏହି ସରକାର ବିରୋଧରେ ଇସ୍‌ଲାମିକ୍ ବପ୍ଳବ ହେବାରୁ ୧୯୭୯ରେ ଇରାନର ଶାହା ଦେଶ ଛାଡ଼ି ପଳାଇଲେ। ସେବେଠାରୁ ଇରାନ ଏକ ଇସ୍‌ଲାମିକ୍ ଦେଶ ଭାବେ ଗଢିଉଠିଛି ଓ ମୁଖ୍ୟ ଧର୍ମଗୁରୁ ଆୟାତୋଲ୍ଲା ଖୋମେନେଇ ଦେଶକୁ ନିୟନ୍ତ୍ରଣ କରୁଛନ୍ତି।

ଆୟୋତୋଲ୍ଲା ସେୟେଦ ଅଲ୍ଲୀ ଖୋମେନେଇ ଇରାନର ଶାହାଙ୍କ ଗୁପ୍ତଘାତକ ବାହିନୀ 'ସଭକ' ଦ୍ୱାରା ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ। ତାଙ୍କୁ ଛଅଥର ଗିରଫ କରାଯାଇ ଜେଲର ଯନ୍ତ୍ରଣା କକ୍ଷରେ ନିର୍ଯ୍ୟାତନା ଦିଆଯାଇଥିଲା। ୧୯୫୩ରୁ ୧୯୭୯ ଦୀର୍ଘ ୨୭ବର୍ଷ ଧରି ଇରାନରେ ଆମେରିକାର ବୋଲକରା ଶାହାଙ୍କ ଶାସନ ଚାଲିଥିଲା। ଖୋମେନେଇ ଗୁପ୍ତରେ ଇରାନ ଛାଡ଼ି ତୁର୍କୀ ପଳାଇଲେ। ତା'ପରେ ସେ ଇରାକରେ ରହିଲେ ଲୁକ୍କାୟିତ ଭାବେ। ୧୯୭୮ରେ ସଦ୍ଦାମ ହୁସେନ ତାଙ୍କୁ ଇରାକରୁ ବିତାଡ଼ିତ କରିବା ପରେ ସେ ପ୍ୟାରିସ ପଳାଇଲେ। ଫ୍ରାନ୍ସ ସରକାର ତାଙ୍କୁ ରାଜନୈତିକ ଆଶ୍ରୟ ପ୍ରଦାନ କରିଥିଲା। ୧୯୭୯ରେ ଇରାନରେ ଇସ୍‌ଲାମିକ ବିପ୍ଳବ ସଫଳ ହେବା ପରେ ସେ ଇରାନକୁ ଆସି ନିଜର ପ୍ରାଧାନ୍ୟ ପ୍ରତିଷ୍ଠା କରିଥିଲେ।



୧୯୭୯ରେ ଇସ୍‌ଲାମିକ ବିପ୍ଳବ ସଫଳ ହେବା ପରେ ୧୯୮୦ରେ ଯୁକ୍ତରାଷ୍ଟ୍ର ଆମେରିକା ଇଙ୍ଗିତରେ ଇରାନ ଉପରେ ଇରାକ ଆକ୍ରମଣ କରିଥିଲା। ଏହି ଯୁଦ୍ଧ ଆଠବର୍ଷ ଚାଲିଲା। ଇରାନକୁ ତଳିତଳାନ୍ତ କରିବାକୁ ଯୁକ୍ତରାଷ୍ଟ୍ର ଆମେରିକା ଚାହିଁଥିଲା, କାରଣ ୧୯୭୯ରେ ଆମେରିକାର ବୋଲକରା ଇରାନର ଶାହା ସରକାର, ଇସ୍‌ଲାମିକ ବିପ୍ଳବୀମାନଙ୍କ ଦ୍ୱାରା ପରାଜିତ ହୋଇ ଦେଶଛାଡ଼ି ପଳାୟନ କରିଥିଲା। ଏହାଦ୍ୱାରା ଇରାନର ତୈଳ ଭଣ୍ଡାର ଉପରେ ଆମେରିକାର ଆଧିପତ୍ୟ ଲୋପ ପାଇଥିଲା।

ପଶ୍ଚିମ ଏସିଆରେ ଏକମାତ୍ର ଦେଶ ଇରାନ ୧୯୭୯ଠାରୁ ଆମେରିକାର ବଶ୍ୟତା ସ୍ୱୀକାର କରିନାହିଁ। ଆମେରିକା ୧୯୪୮ଠାରୁ ଇସ୍ରାଏଲକୁ ଅନେକ ହଜାର କୋଟି ଡଲାର ସହିତ ଯୁଦ୍ଧାସ୍ତ୍ର ଏବଂ ଗୁପ୍ତଚର ଟ୍ରେନିଂ ଦେଇଚାଲିଛି; ଯାହା ଯୋଗୁ ଇସ୍ରାଏଲ ସମସ୍ତ ଆରବ ଦେଶକୁ ପରାସ୍ତ କରି ଚାଲିଛି। ଆମେରିକା ସାହାଯ୍ୟରେ ଇସ୍ରାଏଲ ପରମାଣୁ ବୋମାର ଅଧିକାରୀ ହୋଇଛି। ଇସ୍ରାଏଲ କିନ୍ତୁ ଏନ୍.ପି.ଟି. ରେ ଦସ୍ତଖତ କରିନାହିଁ, ଯଦିଓ ଇରାନ ଏନ୍.ପି.ଟି.ରେ ଦସ୍ତଖତ କରିଛି। ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଭାବରେ ସମସ୍ତ ପାଶ୍ଚାତ ରାଷ୍ଟ୍ର ଇସ୍ରାଏଲକୁ ସମର୍ଥନ ଦେବା ସହିତ ଇସ୍ରାଏଲର ଆଣବିକ ଯୁଦ୍ଧାସ୍ତ୍ର ଆହରଣକୁ ବିରୋଧ କରୁନାହାନ୍ତି, ଓଲଟି ଇରାନର ଆଣବିକ ଶକ୍ତି ଉନ୍ନୀକରଣକୁ ତୀବ୍ର ପ୍ରତିରୋଧ କରୁଛନ୍ତି। ଇରାନ ଯେପରି ଆଣବିକ ବୋମାର ଅଧିକାରୀ ନ ହୋଇ ପାରିବ, ସେଥିପାଇଁ ପାଶ୍ଚାତ୍ୟ ଦେଶମାନେ ଇରାନ ଉପରେ ବାସନ୍ଦ ଲାଗୁ କରିବା ସହିତ ଇସ୍ରାଏଲର ଇରାନ ଉପରେ ଆକ୍ରମଣକୁ ସମର୍ଥନ କରୁଛନ୍ତି।

ଇରାନ ଆଣବିକ ଅସ୍ତ୍ର ଉତ୍ପାଦନ ନ କରିବା ପାଇଁ ଏକ ଚୁକ୍ତି ୨୦୧୫ରେ ହୋଇଥିଲା। ରାଷ୍ଟ୍ରସଂଘର ନିରାପତ୍ତା ପରିଷଦର ପାଞ୍ଚ ସ୍ଥାୟୀ ସଭ୍ୟ ଯଥା- ଆମେରିକା, ରୁଷିଆ, ଚାଇନା, ଇଂଲଣ୍ଡ ଓ ଫ୍ରାନ୍ସ ସହିତ ଜର୍ମାନୀ ମଧ୍ୟ ଇରାନ ସହିତ ଏହି ଚୁକ୍ତି କରିଥିଲେ। ଚୁକ୍ତି ଅନୁସାରେ ଇରାନ ଆଣବିକ ବୋମା ନିର୍ମାଣ କରିବା ଦିଗରେ ଅଗ୍ରସର ହେବ ନାହିଁ ଓ ପାଶ୍ଚାତ୍ୟ ଦେଶମାନେ ଇରାନ ଉପରୁ ବାସନ୍ଦ ପ୍ରତ୍ୟାହାର କରିନେବେ। ମାତ୍ର ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ୨୦୧୮ରେ ଏହି ଚୁକ୍ତିରୁ ଆମେରିକା ଓହରି ଗଲା ଓ ଇରାନ ବିରୋଧରେ ପୁଣି ବାସନ୍ଦ ଲଗାଇଲା।

୨୦୨୫ରେ ଟ୍ରମ୍ପ ପୁନର୍ବାର ରାଷ୍ଟ୍ରପତି ହେବା ପରେ ଆଣବିକ ଶକ୍ତି ଉନ୍ନତୀକରଣ ପ୍ରସ୍ତୁତିକୁ ରୋକିବା ପାଇଁ ଇରାନକୁ ବାଧ୍ୟ କରୁଛନ୍ତି, ଆଉ ଏକ ଚୁକ୍ତିରେ ଦସ୍ତଖତ କରିବା ପାଇଁ। ଏହି ଆଲୋଚନା ଶେଷ ହେବା ପୂର୍ବରୁ ୧୩ ଜୁନ୍, ୨୦୨୫ରେ ଇସ୍ରାଏଲ ପକ୍ଷରୁ ଇରାନ ଉପରେ ଆକସ୍ମିକ ଆକ୍ରମଣ କରାଯାଇଛି। ଇରାନର ବହୁ ଆଣବିକ ବୈଜ୍ଞାନିକ, ସାମରିକ ଅଫିସରଙ୍କ ମୃତ୍ୟୁ ଘଟିଛି। ଇରାନ ଅବଶ୍ୟ ଏହାର ପାଲଟା ଜବାବ ଦେଇଛି। ୨୦୨୫ ଜୁନ୍ ୨୨ରେ ଆମେରିକା ଅତର୍କିତ ଭାବେ ଇରାନର ତିନୋଟି ଆଣବିକ କେନ୍ଦ୍ର ଉପରେ ଆକ୍ରମଣ କରିଛି। ଯୁକ୍ତରାଷ୍ଟ୍ର ଆମେରିକାର ସାହାଯ୍ୟ ନ ପାଇଲେ, ଇସ୍ରାଏଲ ଇରାନ ସହିତ ଯୁଦ୍ଧରେ ବିଜୟୀ ହୋଇପାରିବ ନାହିଁ। ତେଣୁ ଏହି ଯୁଦ୍ଧରେ ଆମେରିକାକୁ ଭାଗୀଦାର ହେବାକୁ ଇସ୍ରାଏଲ ବାଧ୍ୟ କଲା।

୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ହମାସ ଆକ୍ରମଣ କରିଥିଲା। ଏହା ପରଠାରୁ ଇସ୍ରାଏଲ ଗାଜା ଉପରେ ନିରବଚ୍ଛିନ୍ନ ଭାବେ ଗଣହତ୍ୟା କରିଚାଲିଛି। ଏହା ବ୍ୟତୀତ ଲେବାନନ, ୟେମେନ୍, ସିରିଆ ଉପରେ ଇସ୍ରାଏଲ ଆକ୍ରମଣ କରିଆସୁଛି। ସିରିଆର 'ଗୋଲାନ ହାଇଟ' ଅଞ୍ଚଳକୁ ଦଖଲ କରିସାରିଛି। ୨୦୨୪ ଡିସେମ୍ବରରେ ସିରିଆର ରାଷ୍ଟ୍ରପତି ଆସାଦ, ଗୃହଯୁଦ୍ଧରେ ପରାସ୍ତ ହୋଇ ଦେଶ ଛାଡ଼ି ପଳାଇଲା ପରେ ଇସ୍ରାଏଲ ସମଗ୍ର ସିରିଆକୁ ଦଖଲ କରିବାକୁ ଲକ୍ଷ୍ୟ ରଖିଛି।

ଜୁନ୍ ୧୩ ରେ ଇରାନର ରାଜଧାନୀ ତେହେରାନ ଉପରେ ଇସ୍ରାଏଲ ଆକ୍ରମଣ କରିବା ପରେ ଇରାନ ପକ୍ଷରୁ ପ୍ରତିଆକ୍ରମଣ କରାଯାଇଥିଲା। ଇରାନର ଆକ୍ରମଣରେ ଇସ୍ରାଏଲର ବ୍ୟାପକ କ୍ଷତି ଘଟିଛି। ଇରାନର ପାଲଟା ଜବାବରେ ଭୟଭୀତ ହୋଇଛି ଇସ୍ରାଏଲ। ଆନ୍ତର୍ଜାତିକ ସ୍ତରରେ ସମସ୍ତ ସାମ୍ରାଜ୍ୟବାଦୀ ଦେଶଗୁଡ଼ିକ ମିଳିତ ଭାବେ ଇସ୍ରାଏଲକୁ ସମର୍ଥନ ଦେବା ସହିତ ଇରାନକୁ ବିରୋଧ କଲାବେଳେ ରୁଷିଆ, ଚାଇନା, ଦକ୍ଷିଣ ଆଫ୍ରିକା, ସ୍ପେନ, ଇଟାଲି, ଉତ୍ତରକୋରିଆ ଆଦି ଇରାନ ଉପରେ ଆକ୍ରମଣକୁ ବିରୋଧ କରିଛନ୍ତି। ଏହି ପରିସ୍ଥିତିରେ ଇସ୍ରାଏଲ-ଇରାନ ମଧ୍ୟରେ ଯୁଦ୍ଧ ବିରତି ଘୋଷଣା ହୋଇଛି।

ଇରାନ ଓ ପାଲେଷ୍ଟାଇନ ଉପରେ ଯୁଦ୍ଧ ବନ୍ଦ ପାଇଁ ଇସ୍ରାଏଲରେ ଇହୁଦିମାନେ ବଡ଼ବଡ଼ ପଟୁଆର କରୁଛନ୍ତି। ବାସ୍ତବରେ ଏ ଯୁଦ୍ଧ ଫଳରେ ଇସ୍ରାଏଲ ଓ ଆମେରିକା ବିଶ୍ୱ ଜନସମର୍ଥନ ହରାଇଛନ୍ତି। ଦେଖିବାକୁ ଗଲେ ଏ ଯୁଦ୍ଧ ବିରତି କ୍ଷଣସ୍ଥାୟୀ। ତେବେ ଇରାନ ଏବେ ସତର୍କ ହୋଇଯାଇଛି। ଯୁକ୍ତରାଷ୍ଟ୍ର ଆମେରିକାର ସଫ୍ଟୱେର, ଜିପିଏସ୍‌କୁ ହଟାଇ ଚାଇନାର ସଫ୍ଟୱେରକୁ ବ୍ୟବହାର କରୁଛି ଓ ଏନ୍.ପି.ଟି.ରୁ ଓହରି ଯିବା ପାଇଁ ନିଷ୍ପତ୍ତି ନେଇଛି। ତେବେ ଇରାନ ଏବଂ ଇସ୍ରାଏଲର ଭବିଷ୍ୟତ ଯୁଦ୍ଧ କି ଧରଣର ହେବ, ତାହା ଏବେଠୁ କହିବା ସମ୍ଭବ ନୁହେଁ।

ମୋ: ୯୪୩୭୦୦୭୭୭୦

# ଅସ୍ଥିରତା ଅନ୍ତରାଳେ



ପ୍ର. ଫକୀର ମୋହନ ସାହୁ

ଅସ୍ଥିରତା ଏକ ଅବାଞ୍ଛିତ ମାନସିକ ଅବସ୍ଥା। ଅନେକ ଲୋକଙ୍କର ଧାରଣା ହୋଇପାରେ ଯେ ଏହା କେବଳ ପିଲାମାନଙ୍କ ମଧ୍ୟରେ ସୀମିତ। ଅସ୍ଥିର ପିଲା ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ବସି ଅଙ୍କକଷି ପାରେନାହ, ମନଯୋଗ ଦେଇ କୌଣସି କାମକୁ ସମ୍ପୂର୍ଣ୍ଣ କରିପାରେ ନାହିଁ। ଅଯଥାରେ ରାଗେ ଏବଂ ଅନାବଶ୍ୟକ ଭାବେ ଗୋଡ଼ହାତ ଛାଟି କାନ୍ଦିଥାଏ। ପିଲାମାନଙ୍କ ଏପରି ଅସ୍ଥିରତାର ଚିତ୍ର ଆମ ଆଖିରେ ବେଶି ଧରାପଡ଼ିଲେ ମଧ୍ୟ କିଶୋରୀକିଶୋର ଏବଂ ଯୁବତୀଯୁବକ ଅସ୍ଥିରତାରୁ ମୁକ୍ତ ନୁହନ୍ତି। ଆଜିକାଲି ବଡ଼ ବଡ଼ କର୍ମସଂସ୍ଥାରେ କାର୍ଯ୍ୟକରୁଥିବା ଏବଂ ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିମାନେ ଅସ୍ଥିରତାର ଶରବ୍ୟ ହୁଅନ୍ତି।

ବୟସ ନିର୍ବିଶେଷରେ ଅସ୍ଥିରତା ଆମର ସାମାଜିକ ଏବଂ ବୃତ୍ତିଗତ ଜୀବନର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଥିବାରୁ ଏହାର କାରଣ ଓ ନିରାକରଣ ବୁଝିବାର ଆବଶ୍ୟକତା ରହିଛି। ମୋଟାମୋଟି ଭାବରେ ଲୋକମାନେ ଏହାକୁ ଷ୍ଟ୍ରେସ୍ ବା ମାନସିକ ଚାପ କହିଦେଇ ବସିଯାଆନ୍ତି। କିନ୍ତୁ ଏହା ସମସ୍ୟାର ସମାଧାନ ନୁହେଁ। ଅସ୍ଥିରତାର ଅନ୍ତଃସ୍ଥଳକୁ ଯିବାକୁ ପଡ଼ିବ। ଏହାର ଅନ୍ତରାଳରେ କେଉଁ କେଉଁ ଉପାଦାନ ସକ୍ରିୟ ରହିଛି, ତାହାକୁ ଚିହ୍ନଟ କରିପାରିଲେ ସ୍ଥିର ଓ ଶାନ୍ତ ଜୀବନଶୈଳୀରେ ସଫଳତା ମିଳିବ।

ଅବଶ୍ୟ ଏହା ସତ୍ୟ ଯେ ଅସ୍ଥିରତା କ୍ଷେତ୍ରରେ ଅଳ୍ପ ପରିମାଣର ବଂଶାନୁଗତି କାରଣ ସଂଶ୍ଳିଷ୍ଟ ରହିଛି। ପିତାମାତାଙ୍କର ଅସ୍ଥିରତା କିଛି ପରିମାଣରେ ପୁତ୍ରକନ୍ୟାଙ୍କ ଅସ୍ଥିରତା ବଢ଼ାଇଥାଏ। ଆମେ ଏ ଦିଗରେ ବିଶେଷ କିଛି କରି ନ ପାରିଲେ ମଧ୍ୟ ମାନସିକ କାରଣଗୁଡ଼ିକ ଦିଗରେ ପଦକ୍ଷେପ ନେଇପାରିବୁ। ସୁତରାଂ ଏ ସମ୍ପର୍କରେ ଧ୍ୟାନଶୀଳ ହେବା ବିଶେଷ ପ୍ରୟୋଜନ।

ଆମେ ସମସ୍ତେ ଏପରି ଏକ ପରିବେଶ ଚାହୁଁ, ଯେଉଁ ପରିବେଶରେ ଆମେ ପ୍ରତ୍ୟାଶା କରୁଥିବା ଘଟଣାସବୁ ଘଟିବ। ଭଲ ହେଉ ବା ମନ୍ଦ, ଆମର ଆଶା ଅନୁଯାୟୀ ଅବସ୍ଥା ସଂଘଟିତ ହେବ। ଆମେ ଆଗାମୀ କାଲି ପାଇଁ ଯେପରି ପାଗର ପ୍ରତ୍ୟାଶା ରଖିଛୁ, ପାଗ ସେହିପରି ହେବ। ଆମ ପିଲାଙ୍କର ପରୀକ୍ଷାଫଳ ଯେପରି ଆଶାକରୁଛୁ, ସେପରି ରହିବ। ମାତ୍ର ଏପରି ସବୁ ପ୍ରତ୍ୟାଶା ସବୁ ସମୟରେ ସଫଳ ହୁଏ କି? କେତେକ ସମୟରେ ହୁଏ, ପୁଣି କେତେକ ସମୟରେ ହୁଏ ନାହିଁ। ବାହ୍ୟ ପରିବେଶରେ କିଛି ପରିମାଣରେ ଅନିଶ୍ଚିତତା ରହିବ। କିନ୍ତୁ ଆମ ଜୀବନର ସୁସ୍ଥତା ଦୃଷ୍ଟିରୁ ଏପରି ଅନିଶ୍ଚିତତାକୁ ସହ୍ୟ କରିବାକୁ ହେବ। ଏହା ଏକ ମନୋବୈଜ୍ଞାନିକ ସତ୍ୟ ଯେ ଅନିଶ୍ଚିତତା ପାଇଁ ସହନଶୀଳତାର ମାତ୍ରା ଯେତେ କମ୍ ରହିବ, ଅସ୍ଥିରତାର ମାତ୍ରା ସେହି ଅନୁପାତରେ ଅଧିକ ରହିବ।

ଅନିଶ୍ଚିତତାକୁ ସହ୍ୟକରି ନ ପାରିବାର ମାନସିକତାକୁ ଅନ୍ୟ ଏକ ପ୍ରକାରେ ପ୍ରକାଶ କରାଯାଇପାରେ। ତାହା ହେଉଛି ଆମର ପୂର୍ବାନୁମାନ, ବିଫଳତାକୁ ସହ୍ୟ ନ କରିବାର ମନୋଭାବ। ଆଗାମୀ କାଲିର ଘଟଣାକୁ ପୂର୍ବାନୁମାନ କରାଯାଇପାରେ। ମାତ୍ର ଏହି ଅନୁଯାୟୀ ଘଟଣା ନ ଘଟିଲେ କେତେଜଣ ଲୋକ ଖୁବ୍ ବ୍ୟତିବ୍ୟସ୍ତ ହୋଇପଡ଼ନ୍ତି।



ଏହା ମାନସିକ ଅସ୍ଥିରତାର କାରଣ ହୁଏ।

ପ୍ରଶ୍ନ ଉଠିପାରେ, ସହନଶୀଳତାର ଅଭାବ ଘଟିବାର ମୂଳ କାରଣ କ'ଣ? ଗୋଟିଏ ହେଉଛି ବାପାମା'ଙ୍କର ତ୍ରୁଟିପୂର୍ଣ୍ଣ ଶିଶୁ ପରିପାଳନ ଭଙ୍ଗୀ। କେତେଜଣ ମା' କିମ୍ବା ବାପା ଅଯଥା ମାତ୍ରାଧିକ ନିୟନ୍ତ୍ରଣଶୀଳ ହୋଇଉଠନ୍ତି। ଏଇଟା କର, ସେଇଟା କର- ଅନାବଶ୍ୟକ ଭାବେ ଏହିପରି ଆଜ୍ଞା ଦେଇ ଶିଶୁକୁ ଅଣନିଃଶ୍ୱାସୀ କରିଦିଅନ୍ତି। ଏସବୁ ବ୍ୟତୀତ ପିତାମାତାଙ୍କ ରାଗ ଓ ଅନ୍ୟ ସବୁ ପ୍ରତିକୂଳ ଭାବାବେଗ ପ୍ରକାଶରେ କୌଣସି କୂଳକିନାରା ନ ଥାଏ। ଯେତେବେଳେ ସେତେବେଳେ ନିଜର ରାଗପ୍ରକାଶ କରନ୍ତି। ଏପରି ଘଟିଲେ ସେପରି ପିଲାମାନେ ବଡ଼ ହେଲେ ବାହାରର ଅନିଶ୍ଚିତତା ସହ୍ୟ କରିବାର ସାମର୍ଥ୍ୟ ହରାଇବସନ୍ତି।

ସେହିପରି କାର୍ଯ୍ୟକ୍ଷେତ୍ରରେ ମଧ୍ୟ ଉପରିସ୍ଥ ଅଫିସରଙ୍କ ବିଶୃଙ୍ଖଳିତ ମିଜାସ ସମସ୍ୟା ସୃଷ୍ଟିକରେ। କର୍ତ୍ତୃପକ୍ଷ କେତେବେଳେ ଭଲ ମିଜାସରେ ଥାଆନ୍ତି ଏବଂ କେତେବେଳେ ଖରାପ ମିଜାସ ଦର୍ଶାନ୍ତି, ତାହା ଜଣାପଡ଼େ ନାହିଁ। ଏପରି ବାତାବରଣ ମଧ୍ୟରେ କାର୍ଯ୍ୟକରୁଥିବା କର୍ମଚାରୀମାନଙ୍କର ଏକ ବ୍ୟକ୍ତିଗତ ଦୁର୍ବଳତା ଗଠିତ ହୁଏ। ସେ ଦୁର୍ବଳତା ହେଉଛି ଅନିଶ୍ଚିତ ଅବସ୍ଥାକୁ ସହ୍ୟ କରିବାର ଅସାମର୍ଥ୍ୟ।

ଏଠାରେ ଗୋଟିଏ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ ଲକ୍ଷ୍ୟ କରିବାର କଥା। ପରିବାରରେ ପିଲାମାନଙ୍କ ପାଇଁ ହେଉ କିମ୍ବା କର୍ମସଂସ୍ଥାର କର୍ମଚାରୀମାନଙ୍କ ପାଇଁ ହେଉ, ଗୋଟିଏ ଉପାଦାନ ଅନିଶ୍ଚିତତାକୁ ସହ୍ୟ କରିବାରେ ସହାୟକ ହୁଏ। ପିତାମାତାଙ୍କର କିମ୍ବା କର୍ମସଂସ୍ଥାର କର୍ତ୍ତୃପକ୍ଷଙ୍କ ଆବେଗର କିଛିଟା ପୂର୍ବାଭାସ କେତେକ ଦୃଷ୍ଟିରୁ ସହାୟକ ହୋଇଥାଏ। ଧରାଯାଉ ମା' ରୋଷେଇଘର ଭିତରୁ ବାହାରିବା ସମୟରେ ରାଗୁଛନ୍ତି କିମ୍ବା ବାପା ଅଫିସ୍‌ରୁ ଫେରିଆସି କିଛି ସମୟ ପାଇଁ ଖରାପ ମିଜାସ ଦର୍ଶାଉଛନ୍ତି। ସେହିପରି ହୁଏତ କର୍ମସଂସ୍ଥାର ଉଚ୍ଚପଦସ୍ଥ କର୍ମଚାରୀ ଜଣକ କାର୍ଯ୍ୟସଂସ୍ଥାର ଆରମ୍ଭ ଦିନରେ(ସୋମବାର) ଖରାପ ମିଜାସ ଦର୍ଶାଉଛନ୍ତି। ଏପରିସ୍ଥଳେ ବିଶେଷ କ୍ଷତି ନ ହୋଇପାରେ। ପରିବାରରେ ପିଲାମାନେ ଜାଣିବେ ଯେ ଏପରି ବିଶେଷ ମୁହୂର୍ତ୍ତକୁ ବାଦ୍‌ଦେଲେ ବାପାମା'ଙ୍କ ମିଜାସର ପୂର୍ବାନୁମାନ କରାଯାଇପାରିବ। ସେହିପରି ସଂସ୍ଥାରେ କର୍ମଚାରୀମାନେ ଜାଣିବେ ଯେ ମାଲିକଙ୍କର ଅନ୍ୟ ଦିନଗୁଡ଼ିକରେ (ମଙ୍ଗଳବାରରୁ ଶନିବାର ପର୍ଯ୍ୟନ୍ତ) ମିଜାସର ପୂର୍ବାନୁମାନ ସମ୍ଭବ। ଏପରି ପୂର୍ବ ସଙ୍କେତ ବହୁ ପରିମାଣରେ ଅସ୍ଥିରତା ଦୂରକରିବାରେ ସାହାଯ୍ୟ କରିବ।

ପରିଶେଷରେ କୁହାଯିବ, ଆପଣଙ୍କ ଧ୍ୟାନ ସକାରାତ୍ମକ ଦିଗକୁ ଯାଉଛି କି ନକାରାତ୍ମକ ଦିଗକୁ ଯାଉଛି ତାହା ଅସ୍ଥିରତା ନିର୍ଦ୍ଧାରଣ କରିବ। ଧରାଯାଉ ଆପଣଙ୍କୁ କୁହାଗଲା, ଡାକ୍ତର ଜଣେ ଲୋକଙ୍କ ଗାଲ ପାଖରେ ଗୋଟିଏ ଆବୁ ଦେଖିଲେ। ସେ ଭାବିଲେ ଯେ...। ଏହି ଶୂନ୍ୟ ସ୍ଥାନ ଆପଣ କିପରି ପୂରଣ କରିବେ? ସେହିପରି ଜଣେ ଲୋକ ଅନ୍ଧାର ରାସ୍ତାରେ ଯାଉ ଯାଉ ବାଟ ଭୁଲିଗଲେ। ସେ ଦେଖିଲେ ଯେ...। ଏଠାରେ ମଧ୍ୟ ଆପଣ କିପରି ସ୍ଥାନ ପୂରଣ କରିବେ? ଉପର ଦୁଇଟି ଉଦାହରଣରେ ଆପଣଙ୍କ ମନରେ ଦୁର୍ଭାବନା (ଯଥା- କ୍ୟାନ୍‌ସର ଏବଂ ସାପ) ଆସୁଥିଲେ ଆପଣ ଅସ୍ଥିରତାର ଶରବ୍ୟ ହେବା ଅଧିକ ସମ୍ଭାବନା ରହିଛି।

ମୋ: ୯୪୩୭୧୨୧୨୭୯

## ଏଇ ଭାରତରେ

ବୟସ ୮୪। ତଥାପି ଚଳଚଞ୍ଚଳ କଲିମୁଲ୍ଲା ଖାଁ। ଗୋଟିଏ ଗଛରେ ସେ ୩୫୦ କିସମର ଆମ୍ବ ଫଳାଉଛନ୍ତି। ଏହା ଜାଣି ଆଶ୍ଚର୍ଯ୍ୟ ହେଉଥିବେ। କିନ୍ତୁ ଏହା ସମ୍ଭବ ହୋଇଛି ଉତ୍ତରପ୍ରଦେଶସ୍ଥିତ ମଲିହାବାଦ୍ ଫାର୍ମରେ, ତାଙ୍କ ଉଦ୍ୟମରେ। ୨୨ ଏକରରେ ଏହି ଫାର୍ମ ବ୍ୟାପିଛି। କଲିମୁଲ୍ଲା ୭ମ ପାସ୍ କରିନାହାନ୍ତି। ଉଦ୍ୟାନ କୃଷି ସମ୍ପର୍କରେ ମଧ୍ୟ କୌଣସି ପ୍ରଶିକ୍ଷଣ ପାଇନାହାନ୍ତି। ହେଲେ କଲମି ପଦ୍ଧତିରେ ଗୋଟିଏ ଗଛରେ ୩୫୦ କିସମର ଆମ୍ବ ଫଳାଇବାରେ ସେ ସକ୍ଷମ ହୋଇଛନ୍ତି। ତେଣୁ ତାଙ୍କୁ ଦେଶର ମ୍ୟାଙ୍ଗୋମ୍ୟାନ୍ ବା ଆମ୍ବ ମଣିଷ ଭାବେ ପରିଗଣିତ କରାଯାଏ। ତାଙ୍କର ଏହି ସଫଳତା ଲିମ୍‌କା ରେକର୍ଡ ଅଫ୍ ବୁକ୍‌ରେ ସ୍ଥାନ ପାଇଛି। ଅଜାଙ୍କ ମୃତ୍ୟୁ ପରେ ସେ ପାଠଛାଡ଼ି ତାଙ୍କ ଆମ୍ବବଗିଚାର ଯତ୍ନ ନେଇଥିଲେ। ୧୯୫୭ରେ ସେ ପ୍ରଥମେ ସତପ୍ରକାର ଆମ୍ବ ଫଳିବା ଭଳି ଗଛଟିଏ ଲଗାଇଥିଲେ କିନ୍ତୁ ତାହା ବନ୍ୟାରେ ନଷ୍ଟ ହୋଇଗଲା। ପରେ ୧୯୮୭ରେ ତାଙ୍କ ଫାର୍ମର ୧୨୫ ବର୍ଷ ପୁରୁଣା ଏକ ଗଛରେ କଲମି ବନ୍ଧତି ଉପରେ ପରୀକ୍ଷା ଆରମ୍ଭ କରିଥିଲେ। ଏବେ ସେହି ଗଛରେ ଫଳୁଥିବା ବିଭିନ୍ନ ପ୍ରକାର ଆମ୍ବର ନିର୍ଦ୍ଦିଷ୍ଟ ରଙ୍ଗ, ସ୍ୱାଦ ଓ ବାସ୍ନା ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

୯ ଜୁଲାଇ ୧୯୭୬

- ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମ ଅନୁଯାୟୀ ୧୨ ହଜାର ଶିକ୍ଷାନୁଷ୍ଠାନକୁ କାରିଗରି ଶିକ୍ଷା ଦେବା ନିମନ୍ତେ ରେଲୱେ ପକ୍ଷରୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି।
- ଦେଶର ଆଭ୍ୟନ୍ତରୀଣ ବଜାରରେ ଆଳୁ ମୂଲ୍ୟ ହ୍ରାସ ଯୋଗୁ ସରକାର ବିଦେଶକୁ ଆଳୁ ରପ୍ତାନୀ ନିଷିଦ୍ଧ କରିଛନ୍ତି।

## ଚିରନ୍ତନୀ

ତୋ ତୀରେ ସେ କେଉଁ ପକ୍ଷୀ ଗାଏ ଲୋ ପ୍ରଭାତୀ,
କି ଆଲୋକେ ଲାଜେ ତୋର ଛନ ଛନ ଛାତି ?
ମୋହରି ସେହି ବିହଙ୍ଗ
ଚିର ସଙ୍ଗୀତର ସଙ୍ଗ,
ମୋହରି ଆଲୋକ ସେ ତ ମନଭୁଲା ଜାତି ।
-(ଚିତ୍ରୋତ୍ପଳା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 3 | | 1 | | | | |
| 5 | | | | | | | | |
| | | 1 | | 2 | 7 | | | |
| | 4 | | 6 | 3 | 1 | | | |
| 8 | | | | | | | | 3 |
| | | 7 | | 9 | | | | |
| | 1 | | 7 | | | | | 2 |
| 4 | | | | | 3 | 5 | | |
| | | | 2 | | | | 6 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 1 | 7 | 9 | 4 | 8 | 2 | 3 |
| 7 | 8 | 3 | 6 | 5 | 2 | 9 | 1 | 4 |
| 9 | 2 | 4 | 3 | 1 | 8 | 5 | 7 | 6 |
| 8 | 7 | 9 | 1 | 2 | 6 | 3 | 4 | 5 |
| 6 | 1 | 2 | 5 | 4 | 3 | 7 | 8 | 9 |
| 4 | 3 | 5 | 8 | 7 | 9 | 1 | 6 | 2 |
| 2 | 4 | 8 | 9 | 3 | 1 | 6 | 5 | 7 |
| 1 | 9 | 7 | 2 | 6 | 5 | 4 | 3 | 8 |
| 3 | 5 | 6 | 4 | 8 | 7 | 2 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡାଇରିଆ ଡରାଣ

ମହାଶୟ,
ଓଡ଼ିଆରେ ବାଡ଼ି (ହଇଜା) ଭଳି ଶବ୍ଦ ଅଥବା ମାଇପି ଗାଳି ମନରେ ଭୀତି ସଞ୍ଚାରକରେ। କାରଣ ଅତୀତରେ ଏଥିପାଇଁ ଗୋଟିଏ ଗୋଟିଏ ଗାଁ ମଣିଷ ଶୂନ୍ୟ ହୋଇଯାଉଥିଲା। କୋକେଇ ବାନ୍ଧିବାକୁ ମଧ୍ୟ ଲୋକ ଅଭାବ ପଡୁଥିଲେ। ସମ୍ପ୍ରତି ଓଡ଼ିଶାରେ ହଇଜା ମହାମାରୀ କାୟାବିସ୍ତାର କରିଚାଲିଥିବା ବେଳେ ଏହା ପାଣ୍ଡେମିକ୍ ନୁହେଁ ଏଣ୍ଡାମିକ୍ ବୋଲି ସରକାରୀ ବିବୃତି କେବଳ ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ। ରୋମ ନଗରୀ ଜଳି ଯାଉଥିବା ବେଳେ ସମ୍ରାଟ ନୀରୋଙ୍କ ବଂଶୀ ବାଦନ ଭାବି ହଇଜା ଆକ୍ରାନ୍ତ ଓଡ଼ିଶାରେ ଏବେ ଜାକଜମକରେ ୧ବର୍ଷ ପୂର୍ତ୍ତି ପାଳନ ସରକାରଙ୍କ ପ୍ରମୁଖ କାମ ହୋଇଛି। ବୃଥା ପ୍ରଚାରରେ ବ୍ୟସ୍ତ ନ ରହି ଲୋକଙ୍କ ପାଇଁ କିଛି କରିବାକୁ ସରକାର ଆଗେଇ ଆସନ୍ତୁ।

-ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସେଲ୍ଫି କର୍ନର ଧରିତ୍ରୀ

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବଳରାମ



@ ଭାସ୍କର



@ ବିଶ୍ୱଜିତ୍



@ ଅବିନାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ଅଫ୍‌ଲାଇନ୍‌ରେ ଗୋଟିଏ ସିଫ୍ଟରେ ମେନ୍ ପରୀକ୍ଷା ହେଉ'




ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର ଚାକିରି ଆଶାୟୀମାନେ ଓଏସ୍‌ଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର,୮।୭(ସୁଚିସ୍ମିତା ସାହୁ)

## ଓଏସ୍‌ଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର ଆଶାୟୀଙ୍କ ବିକ୍ଷୋଭ

ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର ନିଯୁକ୍ତି ପାଇଁ ମେନ୍ ପରୀକ୍ଷା ଅନ୍‌ଲାଇନ ଜରିଆରେ କରିବାକୁ ଆଶାୟୀମାନେ ବିରୋଧ କରୁଛନ୍ତି। ଅଫ୍‌ଲାଇନ (ଓଏମ୍‌ଆର)ରେ ଗୋଟିଏ ସିଫ୍ଟରେ ପରୀକ୍ଷା କରିବାକୁ ସେମାନେ ଦାବି କରିଛନ୍ତି। ଏନେଇ ମଙ୍ଗଳବାର ଶତାଧିକ ପରୀକ୍ଷାର୍ଥୀ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ପଦବୀ ପାଇଁ ପ୍ରିଲିମ୍ ପରୀକ୍ଷା ଅନ୍‌ଲାଇନ୍‌ରେ ହୋଇଥିବାରୁ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଥିଲା। ଏନେଇ ବହୁ ପ୍ରତିବାଦ ଏବଂ ବିରୋଧ କରାଯିବାରୁ ରାଜ୍ୟ ସରକାର ସମସ୍ତ ଆଶାୟୀଙ୍କୁ ମୁଖ୍ୟ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରିଥିଲେ। ତେବେ ପୁଣି ଥରେ ମେନ୍ ପରୀକ୍ଷାକୁ ଅନ୍‌ଲାଇନ୍‌ରେ ଓ ମାସେ ଧରି ଏକାଧିକ ସିଫ୍ଟରେ କରିବାକୁ ଯାଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଆସନ୍ତା ଅଗଷ୍ଟ ୧ରୁ ସେପ୍ଟେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ପରୀକ୍ଷା କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରାୟ ମାସେ ପର୍ଯ୍ୟନ୍ତ ଅନ୍‌ଲାଇନ୍ ପରୀକ୍ଷା କରିବା ଦ୍ୱାରା ପ୍ରିଲିମ୍ ପରୀକ୍ଷା ପରି ମେନ୍ ପରୀକ୍ଷାରେ ହେରଫେର୍ ଓ ଜାଲିଆତି ହେବାର ଆଶଙ୍କା ରହିଛି। ପୁଣି ନର୍ମାଲାଇଜେଶନ୍ କରି ପର୍ସେଣ୍ଟାଇଲ୍ ପ୍ରକାଶ କରାଯାଉଥିବାରୁ ବହୁ ଯୋଗ୍ୟ ପ୍ରାର୍ଥୀ ଚାକିରି ପାଇପାରୁନାହାନ୍ତି। ଏଥିରେ ସ୍ୱଚ୍ଛତା ନେଇ ମଧ ପ୍ରଶ୍ନ ଉଠାଇଛନ୍ତି ଆଶୟୀ। ତେବେ ଧାରଣାରତ ଆଶାୟୀଙ୍କ ସହ ଓଏସ୍‌ଏସ୍‌ଏସ୍‌ସି ଅଧ୍ୟକ୍ଷ ଏବଂ ଅନ୍ୟ ଅଧିକାରୀମାନେ ଆଲୋଚନା କରିଥିଲେ। ଅନ୍‌ଲାଇନ୍‌ରେ ପରୀକ୍ଷା ହେବ, କିନ୍ତୁ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଅଭିଜ୍ଞତା ସମ୍ପନ୍ନ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ଆଶ୍ୱାସନା ଦେବା ପରେ ସେମାନେ ଆନ୍ଦୋଳନରୁ ଉଠିଥିଲେ। ଧାରଣାରତ ଆଶାୟୀଙ୍କ ମଧ୍ୟରେ ପରମେଶ୍ୱର ବଳ, ତୋଫାନ ପରିଡ଼ା, ରଞ୍ଜନ ସେଠୀ, ପରେଶ କୁମାର ରଏ, ରଞ୍ଜନ ମୁଦୁଲି ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ଶତାଧିକ ପରୀକ୍ଷାର୍ଥୀ ଏଥିରେ ସାମିଲ୍ ହୋଇଥିଲେ।

# ହାତବୁଣା ଇକତ ଶାଢ଼ିର ନୂଆ ଅଧ୍ୟାୟ 'ଇକତାନ୍'ର ଶୁଭାରମ୍ଭ

ଭୁବନେଶ୍ୱର,୮।୭(ବନ୍ଦନା ସେଠୀ)

Woven with Heart, Ties by Purpose

ଓଟିଭି କେୟାର୍ସ ପକ୍ଷରୁ ହାତବୁଣା ଇକତ ଶାଢୀର ଏକ ନୂଆ ଅନୁଷ୍ଠାନ 'ଇକତାନ'ର ଶୁଭାରମ୍ଭ ହୋଇଛି। ଏହି କ୍ରମରେ ମଙ୍ଗଳବାର ସଂସ୍ଥାର ଇ-କମର୍ସ ପ୍ଲାଟ୍‌ଫର୍ମ www.ikatan.com ମଧ ଆରମ୍ଭ ହୋଇଛି। ଏଠାରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଖାପଖୁଆଇବା ପରି ବଛା ବଛା ଶାଢୀର ସମ୍ଭାର ଉପଲବ୍ଧ ହେଉଛି। 'ଇକତାନ'ରେ ଅଭିଜ୍ଞତା ହାସଲ କରିଥିବା କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ମୌଳିକ ଓ ହାତବୁଣା ରେଶମୀ ଇକତ ଶାଢୀ ଉପଲବ୍ଧ ହେବ ବୋଲି ସୂଚନା ଦିଆଯାଇଛି। 'ଇକତାନ' ନାମର ଅର୍ଥ ହେଉଛି 'ବାନ୍ଧିବା ଅଥବା ବାନ୍ଧିରଖିବା'। ତେଣୁ ଏହା ପୁରୁଣା ଓ ନୂଆ ବୟନ କାରିଗର ପରମ୍ପରାକୁ ବାନ୍ଧି ରଖି ଏକ ବ୍ରାଣ୍ଡ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ଏନେଇ ଅନୁଷ୍ଠାନର ପ୍ରତିଷ୍ଠାତା ଜଗି ମଙ୍ଗତ ପଣ୍ଡା କହିଛନ୍ତି, ଇକତାନ୍ ଆମ ଏହା ପରିକଳ୍ପିତ ହୋଇଛି। ପ୍ରତ୍ୟେକ ଶାଢ଼ିରୁ ମିଳୁଥିବା ମୂଲ୍ୟ ସିଧାସଳଖ କାରିଗର ସମାଜ ଉଦ୍ଦେଶ୍ୟରେ ସମର୍ପିତ ହେବ। ଏହାଦ୍ୱାରା ଭବିଷ୍ୟତରେ କାରିଗରଙ୍କ ଜୀବିକା ନିର୍ବାହରେ ଉନ୍ନତି ଓ ତାଲିମରେ ପରିବର୍ତ୍ତନ ଆସିବ। ଏଥିସହ ସ୍ଥାନୀୟ କୌଶଳକୁ ସଂରକ୍ଷିତ କରିବାରେ ସହାୟକ ହେବ ବୋଲି ଜଗି ମଙ୍ଗତ ମତ ରଖିଛନ୍ତି। ଇକତ୍ ବ୍ରାଣ୍ଡରେ ଡିଜାଇନର ବିଭୁ ମହାପାତ୍ର ଓ ପୁନମ ଭଗତଙ୍କର ସହଭାଗିତା କରିଛନ୍ତି। ଆମ ସାଂସ୍କୃତିକ ଭିତ୍ତିଭୂମି ଇକତାନକୁ



ନୂଆ ଡିଜାଇନର ଇକତ ଶାଢ଼ୀ।

ପାଇଁ କେବଳ ଏକ ବ୍ରାଣ୍ଡ ନୁହେଁ, ବରଂ ଏକ ମହାନ ଉଦ୍ଦେଶ୍ୟ ରଖିଥିବା ପ୍ଲାଟ୍‌ଫର୍ମ ବା ଆଧାର। ବୁଣାକାର ସମ୍ପ୍ରଦାୟ ମଧ୍ୟରେ ଏକ ମୂଲ୍ୟଯୁକ୍ତ ପରିବର୍ତ୍ତନ ଉଦ୍ଦେଶ୍ୟରେ ଅନନ୍ୟ କରିବା ସହ ନୂଆ ନୂଆ ଡିଜାଇନ ପାଇଁ ଏହାର ଆଭିମୁଖ୍ୟକୁ ଅନ୍ୟମାନଙ୍କଠାରୁ ଅଲଗା କରିପାରିଛି ବୋଲି ସୂଚନା ଦିଆଯାଇଛି।

# ଶରଧାବାଲି ଦଳାଚକଟା ଘଟଣା: ୨ ଦିନ ହେବ ସାକ୍ଷ୍ୟ ଗ୍ରହଣ

ପୁରୀ,୮।୭(ଅଜିତ କୁମାର ମହାନ୍ତି)

## ଉନ୍ନୟନ କମିଶନରଙ୍କୁ ତଦନ୍ତ ଦାୟିତ୍ୱ

ଚଳିତବର୍ଷ ରଥଯାତ୍ରା ସମୟରେ ଶରଧାବାଲିରେ ଘଟିଥିବା ଦଳାଚକଟା ଘଟଣାର ତଦନ୍ତ ପାଇଁ ଉନ୍ନୟନ କମିଶନରଙ୍କୁ ସରକାର ଦାୟିତ୍ୱ ଦେଇଛନ୍ତି। ସେ ଏହି ଘଟଣାର ସାକ୍ଷ୍ୟ ଗ୍ରହଣ କରିବେ। ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ଜୁଲାଇ ୯ ତାରିଖ ଅପରାହ୍ନ ୩ଟାରେ ସାକ୍ଷ୍ୟ ଗ୍ରହଣ କରାଯିବ। ସେହିପରି ୧୦ ତାରିଖ ଅପରାହ୍ନ ୩ଟାରୁ ଆଗ୍ରହୀ ବ୍ୟକ୍ତି ଏହି ଘଟଣା ସମ୍ପର୍କରେ ଉନ୍ନୟନ କମିଶନରଙ୍କୁ ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ୍‌ରେ ଭେଟି ସାକ୍ଷ୍ୟ ଦେଇପାରିବେ ବୋଲି ପ୍ରଶାସନ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା ସେ ସମ୍ପର୍କରେ କୌଣସି ବ୍ୟକ୍ତି କିମ୍ବା ସଂସ୍ଥା ସୂଚନା ନଚେତ ତଥ୍ୟ ଭିଡିଓ ଫୁଟେଜ ସହ ଥିଲେ, ଚଳିତ ମାସ ୨୦ ତାରିଖ ସୁଦ୍ଧା puritragedy.enquiry@.odisha.gov.in ରେ ଇ-ମେଲ୍ ଯୋଗେ ପଠାଇପାରିବେ। ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ୦୬୭୪-୨୫୩୬୮୮୨ / ୨୩୯୧୯୭୦ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।


**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ. ELOP-T-06-2025

କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ସବ୍‌ସିଡ୍ ପ୍ରାପ୍ତ ଭୋଜନ ବ୍ୟବସ୍ଥା ସହିତ ଅନୁଗୁଳ ଠାରେ କ୍ରୁ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ।

ବିଜ୍ଞାପିତ ମୂଲ୍ୟ : ₹1,49,76,774.36, EMD : ₹2,24,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹5,900/-, ଶେଷ ହେବା ଅବଧି : 730 ଦିନ।

(2) ଟେଣ୍ଡର ସଂ. ELOP-T-07-2025

କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ସବ୍‌ସିଡ୍ ପ୍ରାପ୍ତ ଭୋଜନ ବ୍ୟବସ୍ଥା ସହିତ ପାରାଦ୍ୱୀପ ଠାରେ କ୍ରୁ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ।

ବିଜ୍ଞାପିତ ମୂଲ୍ୟ : ₹3,06,70,684.98, EMD : ₹3,03,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹11,800/-, ଶେଷ ହେବା ଅବଧି : 730 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.10.07.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.07.2025ରିଖ 1600 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ୍

PR-332/Q/25-26



**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**SHASANK SEKHAR NAYAK**
(Special Class Contractor)
& Govt. General Order Suplier
WANTED
DEGREE ENGINEER
- Minimum 2 years experience in Civil Work
- Retired Person preferable Architecture with Civil Engineering More Preferable

Salary : 40,000/- + Others
(Interested and eligible candidates can send their resumes to shsank1234@gmail.com by 30th July 2025
Contact : 9437304511, 9937844899

**STAFF ଆବଶ୍ୟକ**
Plant project workରେ Officialy କାର୍ଯ୍ୟ କରୁଥିବା Engineer, Marketing, Driver ଓ other Staff ଆବଶ୍ୟକ।
ଯୋଗାଯୋଗ – 9937199625

**WANTED**
LADIES
OFFICE ASST.
At Near Phulnakhara, Cuttack
Khaiba Free / Rahiba Free
Salary - 10000 + Bonus
MOB : 7809525452

**WALK-IN-INTERVIEW**
Candidates having minimum 55% mark in P.G. can attain interview for Lecturer in Odia (one post) on dt.14.07.2025 (Monday) from 11 A.M. onwards. Ph.D. qualification will preferable. Candidates will come with all testimonials.
Sd./- Principal-cum-Secretary
S.B.H.S. School, Bentapur, Khordha

**WANTED**
A LEADING FINANCIAL SERVICES MARKETING COMPANY REQUIRES
AREA MANAGER
FOR SELLING MOTOR INSURANCE
CTC Rs.6.0-7.2 LACS/ANNUM
PREFERABLY FROM GENERAL INSURANCE COMPANIES OR INSURANCE BROKING COMPANIES WITH 3 TO 4 YEARS OF EXPERIENCE.
LOCATION
ROURKELA, SAMBALPUR, BALASORE, CUTTACK, BHADRAK & RAYAGADA
send your RESUME to
resume@skiretail.in
9840335849
Ski Retail Capital limited
No.1, Sambandam Street, T Nagar Chennai-600017.

**WANTED**
SALES & MARKETING EXECUTIVE
AK Plywood - Bhubaneswar
Opp Hotel Sapphire, Laxmisagar
- Experience preferred but not mandatory

Mob : 083277 43931

**URGENTLY REQUIRED**
4 Nos DTP and Xerox operator, 2 Nos shop Sales Men urgently required for my 2 shop, 1 Nos Private secretary Com Body guard. (Age limit 21 to 35 years, only male for all posts) Contact: New Plus Point, CDA Market Complex, College Square Cuttack.
Mob: 7991052444

See Career Appointment on every Wednesday & Saturday


# ୭ ସେବାୟତଙ୍କ ନାମରେ ଏଫ୍‌ଆଇଆର୍

ପୁରୀ, ୮।୭(ଅଜିତ କୁମାର ମହାନ୍ତି)

## ରଥରେ ମୋବାଇଲ ଫୋନ୍ ବ୍ୟବହାର ଅଭିଯୋଗ

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ସମୟରେ ଶ୍ରୀମନ୍ଦିର ପ୍ରଶାସନର କଟକଣା ସତ୍ତ୍ୱେ କେତେଜଣ ସେବାୟତ ରଥ ଉପରେ ମୋବାଇଲ ଫୋନ୍ ବ୍ୟବହାର କରିଥିବା ସାଧାରଣରେ ଅଭିଯୋଗ ହୋଇଥିଲା। ଏହାକୁ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱର ସହ ଗ୍ରହଣ କରି ସମ୍ପୃକ୍ତ ସେବାୟତମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସିଂହଦ୍ୱାର ଥାନାକୁ ଚିଠି ଲେଖାଯାଇଛି। ଏହା ପରେ ପୋଲିସ ପକ୍ଷରୁ ୭ଜଣ ସେବାୟତଙ୍କ ନାମରେ ଏଫ୍‌ଆଇଆର୍ ରୁଜୁ କରାଯାଇଛି।

ଶ୍ରୀମନ୍ଦିର ପ୍ରଶାସନର ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଚଳିତବର୍ଷ ରଥଯାତ୍ରା ସମୟରେ ରଥ ଉପରକୁ ମୋବାଇଲ୍ ଫୋନ୍ ନେବା ଓ ବ୍ୟବହାର କରିବା ଉପରେ କଟକଣା ଲାଗୁ କରାଯାଇଥିଲା। ଏହାସତ୍ତ୍ୱେ କେତେଜଣ ସେବକ ରଥ ଉପରେ ମୋବାଇଲ୍ ଫୋନ୍ ବ୍ୟବହାର କରିଥିବା କେତେକ ସୋସିଆଲ ମିଡିଆ ଏବଂ ଅନ୍ୟାନ୍ୟ ଗଣମାଧ୍ୟମରୁ ଜଣାପଡ଼ିଛି। ରଥରେ ମୋବାଇଲ୍ ଫୋନ୍ ବ୍ୟବହାର କେବଳ ରୀତିନୀତିର ପବିତ୍ରତାକୁ ବିଗାଡ଼ି ଦେଉନାହିଁ, ବରଂ ଜୀବନ ଓ ସମ୍ପତ୍ତିର ସୁରକ୍ଷା ନେଇ ବିପଦ ସୃଷ୍ଟି କରୁଛି। ତେଣୁ, ଏହି ଚିଠିକୁ ଏଫ୍‌ଆଇଆର୍ ଭାବେ ବିବେଚନା କରି ପବିତ୍ର କାର୍ଯ୍ୟକ୍ରମର ପବିତ୍ରତା ଓ ସୁରକ୍ଷା ବଜାୟ ରଖିବା ପାଇଁ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।


**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୧୨ ଓ ୧୩ ତାରିଖ: ୦୮।୦୭।୨୦୨୫

ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । • କ୍ର.ସଂ.; ବର୍ଗ; କାଟାଲଗ୍ ନଂ.; ଇ-ନିଲାମ ତାରିଖ; ନିଲାମ ଆରମ୍ଭ ସମୟ; ନିଲାମ ସମାପ୍ତି ସମୟ: • (୧); ପାର୍ସଲ, ଲିଜ୍-କେଜିପି-୨୫-୧୨; ୧୭।୦୭।୨୦୨୫; ୧୨.୦୦ ଘଟିକା; ୧୩.୪୦ ଘଟିକା । • (୨); ପାର୍ସଲ, ଲିଜ୍-କେଜିପି-୨୫-୧୩; ୨୪।୦୭।୨୦୨୫; ୧୧.୦୦ ଘଟିକା; ୧୬.୩୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-372) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ/ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ସମ୍ବଲପୁର (୧୮୩୯୮)
ସା: ମହାନଦୀ ଭବନ, କଚେରୀ ରୋଡ୍, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ନିକଟ, ପ୍ରଥମ ମହଲା, ପ୍ରଶାସନିକ କାର୍ଯ୍ୟାଳୟ, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୧, ଇ-ମେଲ: sbi.18398@sbi.co.in

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମ ତାରିଖ ଏବଂ ସମୟ: ତା.୩୦.୦୭.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ
ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୨୯.୦୭.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା ପର୍ଯ୍ୟନ୍ତ

| କ୍ର. ନଂ. | ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତାମାନେ: ମେସର୍ସ ଏସ୍ ମହାରଣା, ସତ୍ତ୍ୱାଧିକାରୀ: ଶ୍ରୀ ସନାତନ ମହାରଣା, ବାଲିଝୁଡି ଆଇଡ଼ିଏଲ୍ ରୋଡ୍, ସ୍ୱପ୍ନେଶ୍ୱର ମନ୍ଦିର ସାମ୍ନା, ଜିଲ୍ଲା: ସୁନ୍ଦରଗଡ଼, ପିନ୍-୭୬୯୦୧୬ / ଆକାଉଣ୍ଟ ନଂ.: ୩୯୬୩୩୪୩୬୮୪୬, ୪୦୨୫୫୬୦୫୫୩୨, ୪୦୨୫୫୬୦୭୪୩୭ ଏବଂ ୩୮୪୮୮୪୧୧୬୫୧ | ଶ୍ରୀ ସନାତନ ମହାରଣାଙ୍କ ନାମରେ ଥିବା ଅନୁସୂଚିତ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାଟାୟୁ ନଂ.-୪୮, ବଡ଼ ସୁନାପର୍ବତ, ଥାନା: ଟାଙ୍ଗରପାଲି, ଖାତା ନଂ.: ୭୯/୩୧୬, ପ୍ଲଟ୍ ନଂ.: ୨୫୯/୧୧୭୫, କ୍ଷେତ୍ର: ଏକର୦.୨୦୦ ଡିସିମିଲି | ୦୮.୦୭.୨୦୨୫ ପର୍ଯ୍ୟନ୍ତ ସୁଧ ସହିତ ଟ.୭୭,୩୯,୮୧୪.୦୦ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି | ଟ.୫୦,୦୦,୦୦୦/- / ଟ.୫,୦୦,୦୦୦/- / ଟ.୫୦,୦୦୦/- |

ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ (https://www.baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମଡି ସ୍ଥିତି ପାଇଁ support.BAANKNET@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.baanknet.com ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://www.baanknet.com
ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀମତୀ ପ୍ରମିଳା ଇକ୍କା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୭୯୭୮୩୫୧୯୯୮ ଏବଂ ସିସିଓ: ଶ୍ରୀ ସୁବ୍ରତ ସାହୁ, ମୋ: ୯୫୯୪୦୬୩୪୯୦

ତାରିଖ: ୦୮.୦୭.୨୦୨୫, ସ୍ଥାନ: ସମ୍ବଲପୁର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, SARB, ସମ୍ବଲପୁର



**राँची समाहरणालय, राँची**
(सामाजिक सुरक्षा कोषांग)
(जिला बाल संरक्षण इकाई)

गुमशुदा बालक की सूचना
(बाल कल्याण समिति, रांची के आदेशानुसार)

- नाम– आदित्य (काल्पनिक नाम)
- लिंग– बालक
- पिता का नाम– अज्ञात
- माता का नाम– अज्ञात
- पता– अज्ञात
- उम्र – 03 वर्ष (लगभग)
- रंग – सांवला



एतद् द्वारा सर्वसाधारण को सूचित किया जाता है कि बाल कल्याण समिति, राँची के आदेशानुसार एक बालक आदित्य (काल्पनिक नाम) को करूणा एन०एम०ओ०, राँची में आवासित किया गया है। जिसके जैविक एवं विधिक संरक्षक का पता लगाने हेतु राज्य स्तरीय एवं स्थानीय अखबार में विज्ञापन प्रकाशित की गयी है। उक्त बालक के जैविक एवं विधिक संरक्षक का विज्ञापन प्रकाशन के 120 दिनों (चार माह) तक कोई दावा प्रस्तुत नहीं होने पर दत्तक ग्रहण मार्गदर्शिका 2017 के नियम, 6 के उपनियम, 13 के अन्तर्गत बालक को दत्तक ग्रहण हेतु बाल कल्याण समिति, राँची द्वारा कानुनी रूप से मुक्त किया जा सकेगा।

दावा प्रस्तुत करने का पता एवं संपर्क नम्बर–
1. बाल कल्याण समिति, राँची
राँची समाहरणालय, राँची, भवन–ब्लॉक बी, कमरा संख्या–110
2. जिला बाल संरक्षण इकाई, राँची।
राँची समाहरणालय, राँची, भवन–ब्लॉक बी, कमरा संख्या–111

जिला बाल संरक्षण पदाधिकारी, राँची।
सहायक निदेशक, सामाजिक सुरक्षा, राँची।

PR 356766 (Social Welfare,Women and Child Development) 25-26 (D)



**इंजीनियर्स इंडिया लिमिटेड (भारत सरकार का उपक्रम) ENGINEERS INDIA LIMITED (A Govt. of India Undertaking)**

ଭୁବନେଶ୍ୱର, ଓଡ଼ିଶାଠାରେ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନ ପାଇଁ ଘରୋଇ ପ୍ରତିଯୋଗିତାମୂଳକ ବିଡିଂ

ଇଆଇଏଲ୍, ଭାରତ ସରକାର (ଗ୍ରାହକ)ଙ୍କ ମାଲିକାନାଧୀନ ଏକ ଅଗ୍ରଣୀ ବିତ୍ତୀୟ ନିୟାମକ ସରକାରୀ ନିକାୟ ତରଫରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ବିଡରମାନଙ୍କଠାରୁ ଇ-ବିଡ୍ ଆହ୍ୱାନ କରୁଛି:

| ବର୍ଣ୍ଣନା | ୱେବ୍‌ସାଇଟ୍‌ରେ ବିଡିଂ ଦସ୍ତାବିଜ | ବିଡ୍ ଧାର୍ଯ୍ୟ ତାରିଖ ଓ ସମୟ |
|---|---|---|
| କାର୍ଯ୍ୟର ନାମ: ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ପାଇଁ ଲ୍ୟାଣ୍ଡସ୍କେପିଂ ଏବଂ ହର୍ଟିକଲ୍ଚର କାର୍ଯ୍ୟ ବିଡିଂ ଦସ୍ତାବିଜ ନଂ.: କେପି/ବି୫୭୧-୦୦୧-ପିକେ-ଟି-୮୨୦୪/୧୦୦୭ | ୦୯।୦୭।୨୦୨୫ ରୁ ୨୯।୦୭।୨୦୨୫ | ୨୯।୦୭।୨୦୨୫ ୧୨.୦୦ ଘଟିକା ପର୍ଯ୍ୟନ୍ତ |

ସବିଶେଷ ଆଇଏଫ୍‌ବି ଏବଂ ବିଡିଂ ଦସ୍ତାବିଜ ସମେତ ଅଣ-ପ୍ରଘଟନ ରାଜିନାମା (ଏନ୍‌ଡିଏ) ଇ-ଟେଣ୍ଡର ସାଇଟ୍ http://eprocure.gov.in/eprocure/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ । ସବିଶେଷ ଆଇଏଫ୍‌ବି ଏବଂ ବିଡିଂ ଦସ୍ତାବିଜ ଡାଉନ୍‌ଲୋଡ୍ କରିବା ପାଇଁ ବିଡରମାନେ ଏନ୍‌ଡିଏକୁ କାର୍ଯ୍ୟକାରୀ କରିବା ଆବଶ୍ୟକ। ସମସ୍ତ ସଂଶୋଧନ, ସମୟ ବିସ୍ତାରଣ, ସ୍ପଷ୍ଟୀକରଣ ଇତ୍ୟାଦି କେବଳ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବ ଏବଂ ତାହାକୁ ଖବରକାଗଜରେ ପ୍ରକାଶନ କରାଯିବ ନାହିଁ। ସଦ୍ୟତମ ସୂଚନା ପାଇବା ପାଇଁ ବିଡରମାନେ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ନିୟମିତ ଭାବେ ପରିଦର୍ଶନ କରିବା ଆବଶ୍ୟକ ।

ଡିଜିଏମ୍ (ଏସ୍‌ସିଏମ୍-ସି ଆଣ୍ଡ ପି), ଇଆଇଏଲ୍

# ୩ ବର୍ଷ ପରେ ବି ସରିନି ସ୍କୁଲ କାମ

## କାର୍ଯ୍ୟାଦେଶ ପାଇଥିବା ଯନ୍ତ୍ରୀ ନୀରବ

ଟାଙ୍ଗୀ-ଖୋର୍ଦ୍ଧା,୮।୭(ରଘୁନାଥ ସାହୁ)



ଗତ ବିଜେଡି ସରକାର ଉଚ୍ଚ ବିଦ୍ୟାଳୟଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି ପାଇଁ ୫-ଟି ଯୋଜନା ପ୍ରଚଳନ କରିଥିଲେ। ୨୦୨୨ ମସିହାରେ ତୃତୀୟ ଦଫାରେ ଟାଙ୍ଗୀ ବ୍ଲକ ଅଧୀନ ଟାଙ୍ଗୀ ବାଳିକା ଉଚ୍ଚବିଦ୍ୟାଳୟକୁ ୫-ଟିରେ ଅନ୍ତର୍ଭୁକ୍ତ ଘୋଷଣା ହୋଇଥିଲା। ଏହି ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀ ଗୃହ, ଇ-ଲାଇବ୍ରେରୀ, ବିଜ୍ଞାନ ଲାବୋରେଟୋରୀ, ପାନୀୟ ଜଳ, ଶୌଚାଳୟ, କ୍ରୀଡ଼ା ଉପକରଣ ପାଇଁ ୪୦ ଲକ୍ଷ ୫୦ ହଜାର ଟଙ୍କା ସରକାରୀ ଅନୁଦାନ ମଞ୍ଜୁର ହୋଇଥିଲା। ଏହି ସମସ୍ତ କାର୍ଯ୍ୟକୁ ସୂଚାରୁରୂପେ ଓ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ତତ୍କାଳୀନ ବିଡିଓ, କନିଷ୍ଠ ଯନ୍ତ୍ରୀ, ବ୍ଲକ ଅଧକ୍ଷା, ସରପଞ୍ଚ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ପରିଚାଳନା କମିଟି ସଦସ୍ୟ, ପ୍ରଧାନ ଶିକ୍ଷକ, ବିଦ୍ୟାଳୟ ପୂର୍ବତନ ଶିକ୍ଷକ, ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଘନ ଘନ ବୈଠକ ଚାଲିଥିଲା। ବ୍ଲକ ଅଧକ୍ଷାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ବୁଝିବାକୁ କେତେଜଣ ବ୍ୟକ୍ତି ଖୁବ ଆଗଭର ହୋଇ ହାତରୁ ଟଙ୍କା ଖର୍ଚ୍ଚ କରିଥିବା ଶୁଣାଗଲା। ଏହା ମଧ୍ୟରେ ୩ ବର୍ଷ ଅତିକ୍ରାନ୍ତ ହୋଇସାରିଲାଣି। କିନ୍ତୁ କୌଣସି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ସ୍ମାର୍ଟ ଶ୍ରେଣୀ ଗୃହ କାର୍ଯ୍ୟରେ ପ୍ୟାନେଲ ବୋର୍ଡ, କବାଟ, ଝରକା ଲଗାଯାଇ ପାରିନାହିଁ। ବିଦ୍ୟାଳୟ ବାରଣ୍ଡା ଓ ପାହାଚରେ ଟାଇଲ ବିଛା ଯାଇଥିବାବେଳେ ଶ୍ରେଣୀ ଗୃହରେ ଟାଇଲ ବିଛା ଯାଇନାହିଁ। ସେହିପରି ଇ-ଲାଇବ୍ରେରୀ, ବିଜ୍ଞାନ ଲାବୋରେଟୋରୀ, ପାନୀୟ ଜଳ ଯୋଗାଣ କାର୍ଯ୍ୟ ଆରମ୍ଭ ହୋଇପାରନାହିଁ। ଶୌଚାଳୟ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ସିସିଟିଭି, ଅଗ୍ନି ନିର୍ବାପକ ଯନ୍ତ୍ର, ବଜ୍ରପାତ ନିରୋଧକ ଯନ୍ତ୍ରାଂଶ ଲାଗି ନାହିଁ। ଗତ ତା ୩/୭/୨୪ ତାରିଖ ଚିଠି ନଂ. ୧୧୮୮ରେ ବିଡିଓ ୧୬ ଲକ୍ଷ ୬୦ ହଜାର ୭ ଟଙ୍କାର ୟୁଟିଲାଇଜେଶନ ସାର୍ଟିଫିକେଟ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଦେଇଥିବା ଜଣାପଡ଼ିଛି। ଅଦ୍ୟାବଧି କୌଣସି କାର୍ଯ୍ୟ ହେଉ ନ ଥିବାବେଳେ ପ୍ରାୟ ୨୪ ଲକ୍ଷ ଟଙ୍କା ପଡ଼ିରହିଛି। ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୫୦୦ ମିଟର ଦୂରରେ ଏହି ବାଳିକା ଉଚ୍ଚ ବିଦ୍ୟାଳୟ ରହିଛି। ଏହି ସମସ୍ତ କାର୍ଯ୍ୟକୁ ସୂଚାରୁରୂପେ ସମ୍ପାଦନ କରିବାକୁ ବିଭାଗୀୟ ଯନ୍ତ୍ରୀ ପ୍ରଦୀପ୍ତ ପୃଷ୍ଟିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବ୍ଲକ ଅଧକ୍ଷା ଏହି କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ। ଏହା ସତ୍ତ୍ୱେ ୩ ବର୍ଷ ପରେ ମଧ୍ୟ କାର୍ଯ୍ୟ ସମ୍ପନ୍ନ ନ ହେବା ସମସ୍ତଙ୍କୁ ବିସ୍ମିତ କରିଛି। ସରକାର ବାଳିକାଙ୍କ ଶିକ୍ଷା ପାଇଁ ଅଗ୍ରାଧିକାର ଭିତ୍ତିରେ ସୁବିଧା ସୁଯୋଗ ଦେଉଥିବାବେଳେ ଏହି ବାଳିକା ଉଚ୍ଚ ବିଦ୍ୟାଳୟର ଅବସ୍ଥା ଦୟନୀୟ ହୋଇ ପଡ଼ିଛି। ଏହି କାର୍ଯ୍ୟ ନ ହେବା ସମ୍ପର୍କରେ କାର୍ଯ୍ୟାଦେଶ ପାଇଥିବା କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତ ପୃଷ୍ଟିଙ୍କୁ ପଚାରିବାରେ ସେ କୌଣସି ଉତ୍ତର ନ ଦେଇ ବିଡିଓଙ୍କୁ ଯୋଗାଯୋଗ କରିବାକୁ କହିଥିଲେ।

# ପୁରୀ ରଥଯାତ୍ରାରେ ଏଜି ଆମ୍ବୁଲାନ୍ସର ସେବାକାର୍ଯ୍ୟ



ରଥଯାତ୍ରାରେ ସେବାକାର୍ଯ୍ୟ ଅବସରରେ ଏଜି ଆମ୍ବୁଲାନ୍ସର ସଦସ୍ୟମାନେ।

ଖୋର୍ଦ୍ଧା,୮।୭(ପ୍ରଭାତ ପାଣିଗ୍ରାହୀ)

ଚଳିତ ରଥଯାତ୍ରା ସମୟରେ ସେଣ୍ଟଜନ୍ ଆମ୍ବୁଲାନ୍ସ ଭୁବନେଶ୍ୱରର 'ଏଜି ଆମ୍ବୁଲାନ୍ସ ଡିଭିଜନ' ପକ୍ଷରୁ ଘୋଷଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ବହୁବିଧ ସେବା ଯୋଗାଇ ଦିଆଯାଇଛି। ପ୍ରାଥମିକ ଚିକିତ୍ସା ଓ ଷ୍ଟ୍ରେଚର ସେବା ସହ ଦୁର୍ଘଟଣାବେଳେ ଆହତ ଭକ୍ତଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କେନ୍ଦ୍ର ତଥା ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏଜି ଡିଭିଜନ ଗତ ୩୫ ବର୍ଷ ଧରି ରଥଯାତ୍ରାର ଶ୍ରଦ୍ଧାଳୁଙ୍କୁ ଏହି ସେବା ଯୋଗାଇ ପ୍ରଶଂସାଭାଜନ ହୋଇପାରିଛନ୍ତି।

ରଥଯାତ୍ରା ଦିନ ରଥଟଣା ସମୟରେ ରଥାରୂଢ଼ ଠାକୁର ଦର୍ଶନ, ରଥ ଦଉଡ଼ି ଟାଣିବା ବେଳେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଗରେ ଦଳଚକଟାରେ ଆହତଙ୍କୁ ଏଜି ଡିଭିଜନର ଆମ୍ବୁଲାନ୍ସ ଅଧିକାରୀଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ତୁରନ୍ତ ଉଦ୍ଧାର କରି ଷ୍ଟ୍ରେଚର ଯୋଗେ ନିକଟସ୍ଥ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ ଜିଲା ହସ୍ପିଟାଲକୁ ଆମ୍ବୁଲାନ୍ସ ଯୋଗେ ପଠାଇଥିଲେ। ଏହା ପୂର୍ବରୁ ୨୦୦୭, ୨୦୦୯, ୨୦୨୩ ଏବଂ ୨୦୨୪ ରଥଯାତ୍ରାରେ ଦଳାଚକଟା, ବଳଭଦ୍ରଙ୍କ ରଥ ଦଉଡ଼ି ଛିଡ଼ିବା ସମୟରେ ତତ୍କାଳ ପ୍ରାଥମିକ ଚିକିତ୍ସା ସେବା ଯୋଗାଇବା ପାଇଁ ଏଜି ଡିଭିଜନ ପୁରସ୍କୃତ ହୋଇଥିଲା। ବାହୁଡ଼ା ଦିନ ଜଗତସିଂହପୁରର ବାସନ୍ତୀ ସାହୁ ଗୁଣ୍ଡିଚା ମନ୍ଦିର ନିକଟରେ ହୋଇଥିବା ଦଳଚକଟାରେ ଆହତ ହେବା ସହ ହୃତ ସ୍ପନ୍ଦନ ବନ୍ଦ ହୋଇଯାଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସରେ ହୃଦ୍‌ସ୍ପନ୍ଦନ ପୁନଃ ସଂଚାଳନ ପାଇଁ ଏଜି ଡିଭିଜନର ସହକାରୀ ଆୟୁକ୍ତ ପୁରୁଷୋତ୍ତମ ବଳ ସିପିଆର୍ ଦେଇ ହୃଦ୍‌ସ୍ପନ୍ଦନ ଚାଲୁରଖି ହସ୍ପିଟାଲରେ ପହଞ୍ଚାଇଥିଲେ। ଫଳରେ ତାଙ୍କ ଜୀବନ ବଞ୍ଚିଯାଇଥିଲା। ସୁନାବେଶ ଦିନ ଆହତ ଓ ଅସୁସ୍ଥ ଶ୍ରଦ୍ଧାଳୁଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ ସହ ଏଜି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଏଜି ଆମ୍ବୁଲାନ୍ସ ଡିଭିଜନର ସହକାରୀ ଆୟୁକ୍ତ ପୁରୁଷୋତ୍ତମ ବଳଙ୍କ ନେତୃତ୍ୱରେ ଇଂ. ଅଭିଳାଷ ବଳ, ସଞ୍ଜୟ ଯାଦବ, ଶିବନାଥ ମହାପାତ୍ର, ସୁରେଶ ମହାନ୍ତି, ପ୍ରକାଶ ଗୌଡ଼, ବିଜୟ ଦାସ, ବାସୁଦେବ ଜେନା ଓ ପ୍ରଦୀପ କର ପ୍ରମୁଖ ଘୋଷଯାତ୍ରାରେ ପ୍ରାଥମିକ ଚିକିତ୍ସା ସେବା ଏବଂ ଆମ୍ବୁଲାନ୍ସ ସେବା ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ପୁଅ ମୃତ୍ୟୁ ଖବର ଶୁଣି ଦିନକ ପରେ ମା'ଙ୍କ ଦେହାନ୍ତ

ବାଲୁଗାଁ,୮।୭( ସଂଗ୍ରାମ ପାଇକରାୟ): ଏକ ସଡ଼କ ଦୁର୍ଘଟଣାରେ ପୁଅର ମୃତ୍ୟୁ ଖବର ଶୁଣି ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ମା'ଙ୍କ ତା'ର ଦିନକ ପରେ ଦେହାନ୍ତ ହୋଇଛି। ମୃତା ହେଲେ ବାଲୁଗାଁ ପାଟଣା ସାହିର ସ୍ୱର୍ଗତ ଲଳିତ ମହାପାତ୍ରଙ୍କ ସ୍ତ୍ରୀ ଚୁନି।

ପ୍ରକାଶ ଯେ, ଚୁନିଙ୍କ ଗୋଟେ ଝିଅ ଓ ୨ ପୁଅ ଥିବାବେଳେ ୫ ବର୍ଷ ପୂର୍ବେ ଲଳିତଙ୍କ ଦେହାନ୍ତ ହୋଇଥିଲା। ବିଧବା ଝିଅ ବାପଘରେ ଆଶ୍ରୟ ନେଇ ରହୁଥିବାବେଳେ ଚୁନି କିଛି ଦିନ ହେଲା ବ୍ୟାଧିରେ ପୀଡ଼ିତ ହୋଇ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିଲେ। ଏଭଳି ପରିସ୍ଥିତିରେ ଗତ ରବିବାର ଅପରାହ୍ନରେ ସାନ ପୁଅ କୁନ୍‌ମୁନ୍ (୨୦) କୌଣସି କାର୍ଯ୍ୟରେ ବଡ଼କୂଳ ଯାଇ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଚନ୍ଦ୍ରପୁଟ ନିକଟରେ ଅନ୍ୟ ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସଂକଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ନେବା ବାଟରେ କୁନ୍‌ମୁନଙ୍କ ମୃତ୍ୟୁ ଘଟିଥିଲା। ଏହାର ପର ଦିନ ଅର୍ଥାତ୍ ସୋମବାର ରାତ୍ରିରେ ଖବର ଶୁଣି ମର୍ମାହତ ହୋଇ ଚିକିତ୍ସାଧୀନ ଥିବା ମା'ଙ୍କ ଦେହାନ୍ତ ଘଟିଛି। ତୁରନ୍ତ ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ବ୍ଲାକ ପାନ୍ଥରକୁ ହରାଇ କେଏସ୍‌ଏସ୍ ଇଣ୍ଡିଆନ୍ ଫାଇଟର ବିଜୟୀ

#### ତୃତୀୟ ପଞ୍ଚାୟତ ପ୍ରିମିୟର ଲିଗ୍‌ର ୧୩ଶ ମ୍ୟାଚ

ଜଟଣୀ,୮।୭(ରବୀନ୍ଦ୍ରନାଥ ମହାକୁଡ଼): ଜଟଣୀ ବ୍ଲକ ଅଧୀନ ତିରିମଲ ଏବଂ ବେଣାପଞ୍ଜରୀ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ତୃତୀୟ ପଞ୍ଚାୟତ ପ୍ରିମିୟର ଲିଗ୍‌ର ୧୦ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ମ୍ୟାଚରେ ୧୩ଶ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବ୍ଲାକ ପାନ୍ଥରକୁ ହରାଇ କେଏସ୍‌ଏସ୍ ଇଣ୍ଡିଆନ ଫାଇଟର ବିଜୟୀ ହୋଇଛି। ମ୍ୟାଚରେ ବ୍ଲାକ ପାନ୍ଥର ପ୍ରଥମେ ବ୍ୟାଟିଂ କରି ୧୩ ଓଭରରେ ୭ ଉଇକେଟ ହରାଇ ୮୨ ରନ ସଂଗ୍ରହ କରିଥିଲା। ଜବାବରେ କେଏସ୍‌ଏସ୍ ଇଣ୍ଡିଆନ ଫାଇଟର ୧୨.୪ ଓଭରରେ ୭ ଉଇକେଟ ହରାଇ ୮୬ ରନ କରି ବିଜୟୀ ହୋଇଥିଲା। ମ୍ୟାଚରେ ମ୍ୟାନ୍ ଅଫ୍ ଦି ମ୍ୟାଚ ପିର୍ ଖାନ୍ ବିବେଚିତ ହୋଇଥିଲେ। ଶିଶିର ବଡ଼ଜେନା ଓ ଶ୍ୟାମସୁନ୍ଦର ରାଉତରାୟ ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିଲେ। ଅତିଥି ରୂପେ ସାମାଜିକ କର୍ମୀ ଏମ୍. ଡି. ଏହେସାନ ଉପସ୍ଥିତ ଥିଲେ।

### 'ଅଗଷ୍ଟରେ ହୋଇପାରେ ରତ୍ନଅଳଙ୍କାର ଗଣତି'

ପୁରୀ,୮।୭(ଅଜିତ କୁମାର ମହାନ୍ତି): ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ହେବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରେ ଥିବା ରତ୍ନଅଳଙ୍କାର ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର ହେବା ସହ ଗଣତିମଣତି ହେବ। ତେବେ ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି ହେବା ପରେ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆଇନମନ୍ତ୍ରୀ କହିଛନ୍ତି, ଆମ ସରକାର ଯାହା କହୁଛି ତାହା ପୂରଣ କରୁଛି। ରତ୍ନଭଣ୍ଡାର ଖୋଲିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା, ତାହା ଖୋଲାଯାଇ ମରାମତି କାର୍ଯ୍ୟ ଶେଷ ହୋଇଛି। ବର୍ତ୍ତମାନ ଭଲ ସ୍ଥିତିରେ ରହିଛି। ଆସନ୍ତା ଶତାଧିକ ବର୍ଷ ପାଇଁ ଆଉ ଚିନ୍ତା କରିବାର ନାହିଁ। ଖୁବଶୀଘ୍ର ହାଇଲେଭଲ କମିଟିର ମିଟିଂ ବସି ଯେଉଁ ନିଷ୍ପତ୍ତି ହେବ, ସେହି ଅନୁସାରେ ପଦକ୍ଷେପ ନିଆଯିବ। ଆର୍‌ବିଆଇ ପ୍ରତିନିଧିଙ୍କ ଉପସ୍ଥିତିରେ ଅଗଷ୍ଟ ଆଡ଼କୁ ଗଣତିମଣତି ହୋଇପାରେ। ନୂତନ ସିନ୍ଦୁକ ତିଆରି କରାଯାଇ ସେଥିରେ ଅଳଙ୍କାର ସବୁ ରଖାଯାଇଛି। ୧୯୭୮ ମସିହାରେ ଯେପରି ରହିଥିଲା, ସେହିପରି ରଖାଯାଇଛି। ସମସ୍ତଙ୍କ ଉପସ୍ଥିତିରେ ସେଗୁଡିକ ଖୋଲାଯିବ। ୧୯୭୮ ତାଲିକାକୁ ମେଳ କରାଯିବ। ରତ୍ନ ଭଣ୍ଡାର ଅଳଙ୍କାର ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର କରାଯିବ ନାହିଁ। ସେବାୟତମାନେ ଦାବି କରି ଆସୁଛନ୍ତି ଯେ, ମହାପ୍ରଭୁଙ୍କୁ ଲାଗି କରାଯାଉଥିବା ଅଳଙ୍କାର ସବୁ କ୍ଷୟ ହେବାକୁ ଲାଗିଲାଣି, ତେଣୁ ନୂତନ ଅଳଙ୍କାର ସେଟ୍ ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। ନୂତନ ସେଟ୍ ନିର୍ମାଣ ପାଇଁ ଯେଉଁ ସୁନା ଅଳଙ୍କାରର ଆବଶ୍ୟକତା ରହିଛି, ସେଥିପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବ। ମହାପ୍ରଭୁଙ୍କ ଅଳଙ୍କାର ପାଇଁ ଭକ୍ତମାନେ ସ୍ୱର୍ଣ୍ଣ ଦାନ କରିପାରିବେ। ତେବେ ମହାପ୍ରଭୁ ଚାହିଁଲେ ତାଙ୍କର ସ୍ୱର୍ଣ୍ଣ ଅଳଙ୍କାର ନିର୍ମାଣ ହୋଇପାରିବ ବୋଲି ଆଇନମନ୍ତ୍ରୀ କହିଛନ୍ତି।

# ରେଳ ପ୍ରବନ୍ଧକଙ୍କ ଦ୍ୱାରା ରେଳ କର୍ମଚାରୀ ପୁରସ୍କୃତ




ରେଳ କର୍ମଚାରୀଙ୍କୁ ରେଳମଣ୍ଡଳ ପ୍ରବନ୍ଧକ ଏଚ୍.ଏସ୍. ବାଜ୍‌ୱା ପୁରସ୍କୃତ କରୁଛନ୍ତି।

ଜଟଣୀ,୮।୭(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ଅଧୀନରେ କାର୍ଯ୍ୟରତ ୪ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କ ଉଚିତ୍ ସେବା ପାଇଁ ମଣ୍ଡଳ ପକ୍ଷରୁ ପୁରସ୍କୃତ କରାଯାଇଛି। ରେଳମଣ୍ଡଳ ପ୍ରବନ୍ଧକ ଏଚ୍.ଏସ୍. ବାଜ୍‌ୱା, ଉତ୍ସର୍ଗୀକୃତ ସେବା ଓ କର୍ମକ୍ଷେତ୍ରରେ ସମର୍ପଣଭାବ ପାଇଁ କର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାରରେ ସମ୍ମାନିତ କରିଛନ୍ତି। ଏହି କର୍ମଚାରୀଙ୍କ ଦ୍ରୁତ ପଦକ୍ଷେପ, ବୈଷୟିକ ଜ୍ଞାନ ଏବଂ ଉପସ୍ଥିତ ବୁଦ୍ଧି ଯୋଗୁ ଟ୍ରେନ୍‌ଗୁଡ଼ିକର ପରିଚାଳନା ସୁଗମ ହୋଇଥିଲା ଏବଂ ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ ହୋଇଥିଲା। ଏହି ୪ ଜଣ ରେଳ କର୍ମଚାରୀ ହେଲେ ଟିପିଏମ୍‌ଏ/କଟକ ସୁଧାଂଶୁ ସ୍ୱାଇଁ, ଟିପିଏମ୍‌ଏ/ଯଖପୁରା ଅଭିମନ୍ୟୁ ଦଳେଇ, ଖୋର୍ଦ୍ଧା ରୋଡ଼ ଲୋକୋ ପାଇଲଟ ପି. ଶ୍ରୀନିବାସ ରାଓ ଏବଂ ସିନିୟର ସେକ୍ସନ ଇଞ୍ଜିନିୟର (ଟେକ୍ନିକାଲ) ଉତ୍ତମ କୁମାର ଦାସ ମେମୁ କାର ଶେଡ୍, ଖୋର୍ଦ୍ଧା ରୋଡ। ଏହି ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଶୁଭ୍ରଜ୍ୟୋତି ମଣ୍ଡଳ, ଖୋର୍ଦ୍ଧାରୋଡ଼ର ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋ ନାରାୟଣ ମୀନା ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରବନ୍ଧକ ବାଜ୍‌ୱା, ଟ୍ରେନ୍ ସେବାଗୁଡ଼ିକର ନିରାପତ୍ତା କାର୍ଯ୍ୟକୁ ସୁଗମ ଓ ସୁନିଶ୍ଚିତ କରିବାକୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ନିରନ୍ତର ପରିଶ୍ରମ କରୁଥିବା ଏହି ରେଳ କର୍ମଚାରୀଙ୍କ ଅବିସ୍ମରଣୀୟ ଉତ୍ସର୍ଗକୁ ପ୍ରଶଂସା କରିଥିଲେ।

## ବେଆଇନ ପଞ୍ଚାୟତ ମାର୍କେଟ୍ କମ୍ପ୍ଲେକ୍ସ ଦୋକାନ ଗୃହ ଖାଲିକଲା ପ୍ରଶାସନ

ଜଟଣୀ,୮।୭(ରବୀନ୍ଦ୍ରନାଥ ମହାକୁଡ଼): ଜଟଣୀ ବ୍ଲକ ବେଣାପଞ୍ଜରୀ ପଞ୍ଚାୟତ ପ୍ରଶାସନ ପକ୍ଷରୁ ମଙ୍ଗଳବାର ବେଆଇନ ଭାବେ ଭଡ଼ା ନ ଦେଇ ଦୋକାନ ବ୍ୟବହାର କରୁଥିବା ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ଦୋକାନ ଗୃହକୁ ଖାଲି କରାଯାଇଛି। ସୂଚନା ମୁତାବକ, ବେଣାପଞ୍ଜରୀ ମାର୍କେଟ କମ୍ପ୍ଲେକ୍ସରେ ଅନେକ ବ୍ୟବସାୟୀ ଦୋକାନ ଭଡ଼ା ନେଇ ଦୀର୍ଘବର୍ଷ ଧରି ଭଡ଼ା ଦେଉ ନ ଥିଲେ। ବାରମ୍ବାର ନୋଟିସ ପରେ ମଧ୍ୟ ଖାତିର କରୁ ନ ଥିଲେ। ମଙ୍ଗଳବାର ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ, ଜଟଣୀ ବିଡିଓ ରଶ୍ମିତା ନାଥ, ଜଟଣୀ ପୋଲିସ ଫୋର୍ସ ସହାୟତାରେ ଘର ଭଡ଼ା ଦେଉ ନ ଥିବା ଦୋକାନର ତାଲା ଭାଙ୍ଗି ପ୍ରଶାସନ ନିଜ ଅକ୍ତିଆରକୁ ନେଇଥିଲା। ଗ୍ରାମର ବେକାର ଯୁବକଙ୍କୁ ସେହି ଦୋକାନ ଘର ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି।

## ଦିବ୍ୟାଙ୍ଗଙ୍କ ଦ୍ୱାରା ସବୁଜ ବନାନୀ କାର୍ଯ୍ୟକ୍ରମ

ଯାଁଳା,୮।୭(ବୁଲା ବାରିକ)

ଦିବ୍ୟାଙ୍ଗ ଭଉଣୀ ଭାଇଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସକ୍ଷମ ଭାରତ ସେବାଶ୍ରମ ଓ ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମିଳିତ ଆନୁକୂଲ୍ୟରେ ଦିବ୍ୟାଙ୍ଗଙ୍କ ଦ୍ୱାରା ଏକ ସବୁଜ ବନାନୀ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବୃକ୍ଷ ଆମର ବନ୍ଧୁ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ସେଥିରେ ଲିମ୍ବ, ଜାମୁ ଆଦି ଗଛର ଉପକାରିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଦିବ୍ୟାଙ୍ଗମାନେ ଚାରାରୋପଣ କରିଥିଲେ। ଓଗାଳପଡ଼ା ଉଚ୍ଚ ବିଦ୍ୟାଳୟ ପରିସର ଓ ମୃଗେଶ୍ୱର ଦେବଙ୍କ ପରିସରରେ ପ୍ରାୟ ୧୦୦ଟି ଲିମ୍ବ, ଜାମୁ ଓ ବର ଆଦି ବୃକ୍ଷର ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ୩୦ ଜଣ ଦିବ୍ୟାଙ୍ଗ ଯୁବତୀ ଯୁବକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସକ୍ଷମ ଭାରତ ସେବାଶ୍ରମର ଆବାହକ ବିଷ୍ଣୁ ପ୍ରସାଦ ଦଳେଇଙ୍କ ପୌରୋହିତ୍ୟରେ ଅଭୟ ସ୍ୱାଇଁ, ପ୍ରଦୀପ ରାଉତ ଓ ପବିତ୍ର ନାଏକ ପ୍ରମୁଖ ଯୋଗଦେଇଥିଲେ।

# ଅମଲାଙ୍କ ଦାବି ପୂରଣ ନ ହେଲେ ୧୪ରୁ କାର୍ଯ୍ୟ ବନ୍ଦ



ଅମଲାମାନେ ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି।

ଜଟଣୀ,୮।୭(ରବୀନ୍ଦ୍ରନାଥ ମହାକୁଡ଼)

ଓଡ଼ିଶା ରାଜସ୍ୱ ଅମଲା ସଂଘର ନିଷ୍ପତ୍ତିକ୍ରମେ ଖୋର୍ଦ୍ଧା ଜିଲାରେ କାର୍ଯ୍ୟରତ ରାଜସ୍ୱ ଅମଲାମାନେ ୧୦ ଦଫା ଦାବି ନେଇ କଳାବ୍ୟାଜ ପରିଧାନ କରି ସୋମବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଖୋର୍ଦ୍ଧା ଜିଲା ସଭାପତି ମୃତ୍ୟୁଞ୍ଜୟ ସେନାପତି, ସମ୍ପାଦକ ଅରୁଣ କୁମାର ମୁଦୁଲି ଏହାର ନେତୃତ୍ୱ ନେଇଛନ୍ତି। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଜଣାଇବେ। ଯଦି ସରକାର ଦାବି ପୂରଣ ପାଇଁ କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଆସନ୍ତା ୧୪ ତାରିଖରୁ ସଂଘ ନିଷ୍ପତ୍ତି କ୍ରମେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲା ସଭାପତି ସେନାପତି ପ୍ରେସ୍‌ବାର୍ତ୍ତାରେ ସୂଚନା ଦେଇଛନ୍ତି। ଜଟଣୀ ତହସିଲ କାର୍ଯ୍ୟାଳୟରେ ଅନୁରୂପ କର୍ମଚାରୀ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଥିଲାବେଳେ ଜଟଣୀ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ପ୍ରତିଭାଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବ ସମ୍ବର୍ଦ୍ଧନା

ବୋଲଗଡ଼,୮।୭(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ଅରଖପଲ୍ଲୀ ଗ୍ରାମ ରଘୁନାଥ ଶିକ୍ଷା ବିକାଶ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଗତ ମାଟ୍ରିକ ପରୀକ୍ଷାରେ ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ୧୦ ଜଣ ଛାତ୍ରୀଛାତ୍ର ଓ ୨ ଜଣ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବକୁ ଶିକ୍ଷାବିତ୍ ହରିବନ୍ଧୁ ସାହୁ ଉଦ୍‌ଘାଟନ କରିଥିଲେ। ପରିଷଦ ପ୍ରତିଷ୍ଠାତା ରଘୁନାଥ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶ୍ୱ ଶିକ୍ଷକ ସଂଘ ସଭାପତି ଅମିୟ ମହାନ୍ତି, ମୁଖ୍ୟବକ୍ତା ଭାବେ ରାଜ୍ୟ ଅବସର ଶିକ୍ଷକ ସଂଘ ସମ୍ପାଦକ ବିବେକାନନ୍ଦ ଦାଶ ଓ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଶିକ୍ଷାବିତ୍ କାଳିଚରଣ ବଳିୟାରସିଂହ, ପ୍ରାକ୍ତନ ପ୍ରଶାସକ ନବକିଶୋର ପଟ୍ଟନାୟକ, ସମ୍ପାଦକ ଡା. ଅଚ୍ୟୁତ ସାହୁ ଏବଂ ସଂଯୋଜକ ଶିକ୍ଷାବିତ୍ ସୁମନ୍ତ ଛୋଟରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଭକ୍ତବଲ୍ଲଭ ପଟ୍ଟନାୟକ ବେଦପାଠ ଓ ଗୀତାଞ୍ଜଳି ମହାପାତ୍ର ଗୀତାପାଠ କରିବା ପରେ କବୟିତ୍ରୀ ସେବତୀ ପରିଡ଼ାଙ୍କ ଲିଖିତ ଅଭିନନ୍ଦନିକା ପାଠ କରିଥିଲେ। ଶିକ୍ଷାବିତ୍ ବୈକୁଣ୍ଠ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ନିଜ ଅନୁଷ୍ଠାନ ମାଧ୍ୟମରେ ଗ୍ରାମାଞ୍ଚଳ ପ୍ରତିଭାଦୀପ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ପାଠାଗାର ପ୍ରତିଷ୍ଠା କରି ପୁସ୍ତକ ପଠନ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଗତ ମ୍ୟାଟ୍ରିକ ପରୀକ୍ଷାରେ ବ୍ଲକ ଟପର ଅଂଶୁମାନ ବେହେରା, ବିଷୟ ଭିତ୍ତିକ ସର୍ବୋଚ୍ଚ ନମ୍ବର ରଖିଥିବା ଗୋପିକିଷାନ ଛୋଟରାୟ, ଲକ୍ଷ୍ମୀପ୍ରିୟା ସାହୁ, ଶ୍ରଦ୍ଧାଞ୍ଜଳୀ ପ୍ରିୟଦର୍ଶିନୀ, ଆଦିତ୍ୟ ରାଉତରାୟ, ବର୍ଷା ପ୍ରିୟଦର୍ଶିନୀ ରାଉତ, ଅଂଶୁମାନ ବେହେରା, କାର୍ତ୍ତିକେଶ୍ୱର ସେନାପତି, ଶୁଭମ ସୁବୁଦ୍ଧି, ଶୁଭ୍ରତା ବଳିୟାରସିଂହ, ଶୁଭମ ପ୍ରତ୍ୟୁଷଙ୍କୁ ଅର୍ଥରାଶି ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ଟାଙ୍ଗି ସାହି ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ ସାହୁ ଓ ବରିଷ୍ଠ ଶିକ୍ଷାବିତ୍ ସୁମନ୍ତ ଛୋଟରାୟଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦ୍ୱାରା ତାଙ୍କ ପ୍ରଦର୍ଶନରେ ଉନ୍ନତୀ ଆସିଥାଏ ବୋଲି କହି ସମ୍ପାଦକ ଡା. ସାହୁ ଧନ୍ୟବାଦ ଦେଇଥିଲେ।

# ନାରୀ ଶୋଷଣ ରୋକିବା ନେଇ ସଚେତନତା




ଜଟଣୀ,୮।୭(ରବୀନ୍ଦ୍ରନାଥ ମହାକୁଡ଼)

ନାରୀଙ୍କୁ ବିଭିନ୍ନ କ୍ଷେତ୍ରରେ ହେଉଥିବା ଶୋଷଣ ଏବଂ କନ୍ୟାଶିଶୁଙ୍କ ଉପରେ ହେଉଥିବା ବଳାତ୍କାର ଘଟଣାକୁ ରୋକିବା ଉଦ୍ଦେଶ୍ୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସାଇକେଲ ଯୋଗେ ଦେଶ ଭ୍ରମଣରେ ୨ ଯୁବକ। ଗଞ୍ଜାମ ଜିଲା ଦେଇ ଉଦୀୟମାନ ଯୁବକ କିରଣ କୁମାର ସେଠୀ ଏବଂ ଦୀପକ କୁମାର ଗୌଡ଼ ମଙ୍ଗଳବାର ଜଟଣୀରେ ପହଞ୍ଚିଥିଲେ। ଜଟଣୀରେ ପହଞ୍ଚିବା ପରେ ଉଭୟ ଯୁବକଙ୍କୁ ଜଟଣୀର ବିଶିଷ୍ଟ ସାମାଜିକ କର୍ମୀ ତଥା ରୋଟାରିଆନ୍ ପଦାରବିନ୍ଦ ସାହୁ ସ୍ଥାନୀୟ ପୋଷ୍ଟ ଅଫିସ (ମୋ ଜଟଣୀ) ଛକଠାରେ ସ୍ୱାଗତ କରିବା ସହ ସେମାନଙ୍କ ମହତ୍ ଉଦ୍ଦେଶ୍ୟ ଏବଂ ଯାତ୍ରା ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଗଞ୍ଜାମ ଜିଲାରୁ ବାହାରିଥିବା ୨ ଯୁବକ ଦୀର୍ଘ ଦେଢ଼ ବର୍ଷ ଯାତ୍ରା କାଳରେ ୪ ଧାମ, ୧୨ ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବା ସହିତ ଉକ୍ତ ସଚେତନତା ସୃଷ୍ଟି କରିବେ ବୋଲି କହିଛନ୍ତି।

# ସରକାରଙ୍କ ବିଫଳତା ଲୋକଙ୍କୁ ଜଣାଇବ କଂଗ୍ରେସ

ଖୋର୍ଦ୍ଧା,୮।୭(ପ୍ରଭାତ ପାଣିଗ୍ରାହୀ)



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ ସୂଚନା ଦେଉଛନ୍ତି।

ଭାଜପା ସରକାରର ଏକବର୍ଷରେ ସଫଳତା କମ୍ ଥିବାବେଳେ ବିଫଳତା, ପ୍ରତାରଣା ଓ ଛଳନା ଭରି ରହିଛି। ଭାଜପା ସରକାରଙ୍କ ବିଫଳତା ପ୍ରସଙ୍ଗ ନେଇ ଲୋକଙ୍କ ପାଖକୁ ଯିବ କଂଗ୍ରେସ। ନିର୍ବାଚନ ସମୟରେ ଭାଜପା ୨୧ଟି ପ୍ରସଙ୍ଗ ଉପରେ ଦେଇଥିବା ଇସ୍ତାହାରକୁ କାର୍ଯ୍ୟକାରୀ କଲେନାହିଁ। ଶ୍ରୀଜଗନ୍ନାଥଙ୍କ ନାଁ ନେଇ ସରକାରଙ୍କୁ ଆସିବା ପରେ ଜଗନ୍ନାଥପ୍ରେମୀଙ୍କୁ ନିରାଶ କରିଛନ୍ତି ବୋଲି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି। ଆସନ୍ତା ୧୧ ତାରିଖରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୁବନେଶ୍ୱର ଆସି ସମ୍ବିଧାନ ବଞ୍ଚାଅ ସଭାରେ ଯୋଗଦେବେ। ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ପୂର୍ତ୍ତ ବଙ୍ଗଳାରେ ଜିଲା ସଂଯୋଜକ ରାଜୀବ ପଟ୍ଟନାୟକଙ୍କ ସଭାପତିତ୍ୱରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ପିସିସି ସଭାପତି ହରିଚନ୍ଦନ କହିଲେ ଯେ, ଭାରତର ସମ୍ବିଧାନ ସଙ୍କଟରେ ରହିଛି। ସମ୍ବିଧାନ ମୁଖବନ୍ଧକୁ ପରିବର୍ତ୍ତନ କରିବାକୁ କେନ୍ଦ୍ର ସରକାର ଷଡ଼ଯନ୍ତ୍ର କରୁଛନ୍ତି। ମୁଖବନ୍ଧ ପରିବର୍ତ୍ତନ କରାଗଲେ ସମ୍ବିଧାନର ମେରୁଦଣ୍ଡ ଦୋହଲିଯିବ। ଗୋଟିଏ ପଟେ କେନ୍ଦ୍ର ସରକାର ଦେଶରେ ଅସାମ୍ବିଧାନିକ କାର୍ଯ୍ୟକୁ ପ୍ରୋତ୍ସାହିତ କରୁଥିବା ବେଳେ ରାହୁଲ ଗାନ୍ଧୀ କଶ୍ମୀରଠାରୁ କନ୍ୟାକୁମାରୀ, ମଣିପୁରଠାରୁ ମୁମ୍ବାଇ ପର୍ଯ୍ୟନ୍ତ ପଦଯାତ୍ରା କରି ଭାରତକୁ ଯୋଡ଼ିବା ପାଇଁ ପ୍ରୟାସ କରୁଛନ୍ତି। ଡବଲ ଇଞ୍ଜିନ ସରକାରରେ ସଂଖ୍ୟାଲଘୁ, ଆଦିବାସୀଙ୍କ ପ୍ରତି ଅବହେଳା, ନାରୀ ନିର୍ଯାତନା, ବଳାତ୍କାର ଘଟଣା ବଢ଼ିଚାଲିଛି। ଓଡ଼ିଶାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରଥଯାତ୍ରାରେ ଦଳଚକଟାରେ ୩ଜଣଙ୍କ ମୃତ୍ୟୁ ପାଇଁ ରାଜ୍ୟ ସରକାରଙ୍କ ଅପରାଗତା ଦାୟୀ। ମୁଷ୍ଟିମେୟ ପୁଞ୍ଜିପତିମାନେ ଦେଶକୁ ନିୟନ୍ତ୍ରଣ କରୁଛନ୍ତି। ଦେଶର ବୈଧାନିକ ସଂସ୍ଥା ଇନକମ୍ ଟ୍ୟାକ୍ସ, ସିବିଆଇ, ଇଡି ମାଧ୍ୟମରେ ବିରୋଧୀଙ୍କ ସ୍ୱରକୁ ଚାପି ଦେବାକୁ ଉଦ୍ୟମ କରୁଛନ୍ତି। ପୋଲିସ ସରକାରଙ୍କ ପଲିଟିକାଲ ଏଜେଣ୍ଟ ଭାବେ କାମ କରୁଛି। ନିର୍ବାଚନ କମିଶନ କେନ୍ଦ୍ର ସରକାରଙ୍କ ଇସାରାରେ କାମ କରୁଛି। ହରିୟାଣା ଓ ମହାରାଷ୍ଟ୍ର ନିର୍ବାଚନ ଏହାର ଉଦାହରଣ। ଏନେଇ ସୁପ୍ରିମକୋର୍ଟ ମଧ୍ୟ ଇସିଙ୍କୁ ତାଗିଦ୍ କରିଛନ୍ତି। ନିର୍ବାଚନ ଜିତିବା ପାଇଁ ଭୋଟର ତାଲିକା ପରିବର୍ତ୍ତନ କରାଯିବାକୁ ଚକ୍ରାନ୍ତ ହେଉଛି ବୋଲି ହରିଚନ୍ଦନ ଅଭିଯୋଗ କରିଛନ୍ତି।

ଖବରଦାତା ସମ୍ମିଳନୀରେ ଜଟଣୀର ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସନ୍ତୋଷ ଜେନା, ସୋନାଲି ସାହୁ, ସ୍ୱାଗତିକା ପଟ୍ଟନାୟକ, ପିସିସି ମୁଖପାତ୍ର ଅମିତ ମହାନ୍ତି, କଂଗ୍ରେସ ନେତା ଶିଶିର ପରିଡା, ଜଟଣୀ ନଗର କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ, ଦଳିତ ନେତା ଜୟନ୍ତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।







୬ ଦଫା ଦାବି ନେଇ ଡ୍ରାଇଭର ମହାମଞ୍ଚର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁ ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡିକ ଅଟକି ରହିଛି ଓ ଡ୍ରାଇଭରମାନେ ଧାରଣାରେ ବସିଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

## ଦିଗପହଣ୍ଡିରେ ଡାଇରିଆ ନିୟନ୍ତ୍ରଣାଧୀନ: ସ୍ୱାସ୍ଥ୍ୟ ବିଭାଗ

**ଭୁବନେଶ୍ୱର, ୮।୭ (ବନ୍ଦନା ସେଠୀ)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଉଦ୍ଦପଲ୍ଲୀ ଗ୍ରାମରେ ଦେଖାଦେଇଥିବା ଡାଇରିଆ ଏବେ ନିୟନ୍ତ୍ରଣାଧୀନ ରହିଛି। ଏହି ରୋଗ ସଂକ୍ରମଣ ରୂପ ନେବା ପୂର୍ବରୁ ବ୍ୟାପକ ସଚେତନତା ଅଭିଯାନ, ଘରକୁ ଘର ନିରୀକ୍ଷଣ ଆଦି ମାଧ୍ୟମରେ ସ୍ଥିତିରେ ଦୃଶ୍ୟମାନ ସୁଧାର ଆସିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ୬ ତାରିଖଠାରୁ ମଙ୍ଗଳବାର ଅପରାହ୍ନ ସୁଦ୍ଧା ଉଦ୍ଦପଲ୍ଲୀ ଗ୍ରାମରେ ୧୧ଜଣ ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି। ସେହି ଗ୍ରାମରୁ ଆଉ କୌଣସି ନୂଆ ରୋଗୀ ହସ୍ପିଟାଲ ଆସିନାହାନ୍ତି। ମଙ୍ଗଳବାର ଅପରାହ୍ନ ସୁଦ୍ଧା ବ୍ରହ୍ମପୁର ଏମ୍‌କେସିଜି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ୬ଜଣଙ୍କ ମଧ୍ୟରୁ ୫ଜଣ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ସମସ୍ତ ୫ଜଣ ରୋଗୀଙ୍କୁ ସୁସ୍ଥ ହେବାପରେ ଡିସ୍‌ଚାର୍ଜ କରାଯାଇଛି। ଜଣେ ୫ବର୍ଷର ଶିଶୁର ଶ୍ୱାସ ସମ୍ବନ୍ଧିତ ଅସୁବିଧା ଥିବାରୁ ତାଙ୍କୁ ସ୍ୱତନ୍ତ୍ର ଚିକିତ୍ସା ଦିଆଯାଉଛି। ଅପରପକ୍ଷେ ଡାଇରିଆରେ ୨ଜଣଙ୍କର ମୃତ୍ୟୁ ଅଭିଯୋଗ ପରେ ପ୍ରାଥମିକ ତଦନ୍ତ କରାଯାଇଥିଲା। ତାହା ଡାଇରିଆଜନିତ ନ ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱର୍ଗତ ଦାସ ଶବର ପ୍ରାୟ ୭୦ ବର୍ଷ ବୟସ୍କ ଥିଲେ। ତାଙ୍କର କଳାଝାଡା ରୋଗ ଯୋଗୁ ଜୁଲାଇ ୩ ସକାଳେ ତାଙ୍କର ଦେହାନ୍ତ ହୋଇଥିଲା। ଅନ୍ୟ ମୃତକ ହେଲେ ପ୍ରକାଶ ରାଇତିଆ। ତାଙ୍କ ପେଟରେ ଯନ୍ତ୍ରଣା ଓ ବାନ୍ତି ହେବାରୁ ଜୁଲାଇ ୭ରେ ସେ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଯିବାକୁ ପରାମର୍ଶ ଦେଇଥିଲେ। ମାତ୍ର ସେ ଘରକୁ ପଳାଇଥିଲେ। ରାତିରେ ଅଧିକ ଯନ୍ତ୍ରଣା ହେବାରୁ ଘରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଉଥିବା ବାଟରେ ମୃତ୍ୟୁବରଣ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

# ୨ ସପ୍ତାହ ମହଲତ ନେଲେ ସରକାର

### ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିଯୁକ୍ତି ମାମଲା

**କଟକ,୮।୭(କାର୍ତ୍ତିକ ସାହୁ)**

ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁଯାୟୀ ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ନିଯୁକ୍ତି ପାଇଁ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ରାଜ୍ୟ ସରକାରଙ୍କ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଅଦାଲତରେ ହାଜର ହୋଇ ୨ସପ୍ତାହ ମହଲତ ମାଗିଥିଲେ। ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ୍ ଓ ବିଚାରପତି ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକୁ ଗ୍ରହଣ କରି ସରକାରଙ୍କୁ ୨ ସପ୍ତାହ ମହଲତ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଜୁଲାଇ ୨୩ ତାରିଖକୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀ ଅନୁସାରେ, ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ତଥା ହାଇକୋର୍ଟ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଦ୍ୱାରା ରୁଜୁ ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଛି, ଉତ୍କଳ ବିଶ୍ୱବିଦ୍ୟାଳୟ ତତ୍କାଳୀନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ୨୦୨୪ ନଭେମ୍ବର ୨୩ରେ ସମ୍ପୂର୍ଣ୍ଣ ହେବା ପରେ କୁଳାଧିପତି ତାଙ୍କର କାର୍ଯ୍ୟକାଳ ୬ ମାସ ବୃଦ୍ଧି କରିଥିଲେ। ତାଙ୍କର ବର୍ଦ୍ଧିତ କାର୍ଯ୍ୟକାଳ ୨୩ ମେ ୨୦୨୫ରେ ସମାପ୍ତ ହେଲା ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲଜି ବିଭାଗ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ଭାବେ କୁଳାଧିପତି ୨୦୨୫ ମେ ୨୭ରେ ନିଯୁକ୍ତି ଦେଇଥିଲେ। କିନ୍ତୁ କୌଣସି କାରଣବଶତଃ ସ୍ଥାୟୀ କୁଳପତି ନିଯୁକ୍ତି ସମ୍ଭବ ନ ହେଲେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାର ପ୍ରାବଧାନ ରହିଛି। ତେଣୁ କୁଳାଧିପତିଙ୍କ ଦ୍ୱାରା ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ବେଆଇନ ହୋଇଥିବାରୁ ଏହାକୁ ରଦ୍ଦ କରି ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାକୁ କୁଳାଧିପତିଙ୍କୁ ଆଦେଶ ଦେବା ନିମନ୍ତେ ଆବେଦନରେ ପ୍ରାର୍ଥନା କରାଯାଇଛି। ଏଥିରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସଚିବ, କୁଳାଧିପତିଙ୍କ ପ୍ରମୁଖ ସଚିବ, ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଓ କୁଳସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।



ଅନ୍ତର୍ଜାତୀୟ ଓଡ଼ିଆ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ରୁଷିଆର ମସ୍କୋଠାରେ ଆୟୋଜିତ 'ଭାରତ ଉତ୍ସବ'ରେ ଭାରତର ବିବିଧତାକୁ ଉପସ୍ଥାପନ କରିଛନ୍ତି। ଏଥିରେ କୋଣାର୍କ ଚକ୍ର ସହ ମୟୂର, ଜଙ୍ଗଲର ପ୍ରାକୃତିକ ସୌନ୍ଦର୍ଯ୍ୟ, ମହୀଶୂର ଓ କେରଳର ହାତୀ ମହୋତ୍ସବ, ପଶ୍ଚିମବଙ୍ଗ ବାଘ ଓ ରୁଷିଆ କାରିଗରି ଦର୍ଶକଙ୍କ ମନ ଛୁଉଁଛି। ଏହା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।

## ବାରଙ୍ଗ ଡ୍ରାଇଭର ସଂଘର ଶାନ୍ତିପୂର୍ଣ୍ଣ ଧାରଣା



**ବାରଙ୍ଗ,୮।୭(ଲିଙ୍ଗରାଜ ରାଉତ)**

ଓଡ଼ିଶା ଡ୍ରାଇଭର ମହାସଂଘ ଷ୍ଟିଅରିଂ ଛାଡ଼ ଡାକରାରେ ବାରଙ୍ଗ ଡ୍ରାଇଭର ସଂଘ ସାମିଲ ହୋଇଛି। ବାରଙ୍ଗ ଡ୍ରାଇଭର ସଂଘ ପକ୍ଷରୁ ମଙ୍ଗଳବାର ତ୍ରିଶୂଳିଆ ଛକରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ଓଡ଼ିଶା ଡ୍ରାଇଭର ମହାସଂଘ ୭ ଦଫା ଦାବି ନେଇ ରାସ୍ତାକୁ ଓହ୍ଲାଇଛି। ବାରଙ୍ଗ ଅଞ୍ଚଳର ସମସ୍ତ ଡ୍ରାଇଭର ଏଥିରେ ସାମିଲ ହୋଇଛନ୍ତି। ତେବେ କ୍ଷୀର ଗାଡ଼ି, ସ୍କୁଲ ବସ୍ ଏବଂ ଆମ୍ବୁଲାନ୍ସ ଗାଡ଼ିଗୁଡ଼ିକ ସ୍ୱାଭାବିକ ଭାବେ ଯାତାୟାତ କରୁଛି। ବାରଙ୍ଗରୁ କଟକ, ଭୁବନେଶ୍ୱର, ଆଠଗଡ଼, ବାଙ୍କୀ, ଅନୁଗୋଳ ଆଦି ଦୂର ସ୍ଥାନକୁ ଯିବାକୁ ଯାତ୍ରୀ ହନ୍ତସନ୍ତ ହେଉଥିବା ନଜରକୁ ଆସିଛି।

## ବାରଙ୍ଗ ଅଞ୍ଚଳ ବୁଲିଲେ କଟକ ଏମ୍‌ପି, ଜିଲାପାଳ

**ବାରଙ୍ଗ,୮।୭(ଲିଙ୍ଗରାଜ ରାଉତ/ ତୁଷାରକାନ୍ତ ବେହେରା)**

ଲାଗି ରହିଥିବା ବର୍ଷାରେ ବାରଙ୍ଗ ଅଞ୍ଚଳର ଖାଲଖମା ସହ କେତେକ ଗାଁ ଚତୁଃପାର୍ଶ୍ୱରେ ବର୍ଷାପାଣି ଘେରି ରହିଥିବା ଦେଖିବାକୁ ମିଳିଛି। ବର୍ଷାଜଳ ନିଷ୍କାସନର ସ୍ଥାନଗୁଡ଼ିକ ଅବରୋଧ ଯୋଗୁ ଗ୍ରାମବାସୀଙ୍କୁ ଏହିଭଳି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ବାରଙ୍ଗର ବଙ୍ଗାଳି ସାହି, ଫୁଲପୋଖରୀ, ବଛିପୁର, ମଧୁବନ, ମଧୁପୁର, କୁଶିନ୍ଦା, କୃଷ୍ଣଚନ୍ଦ୍ରପୁର, ତ୍ରିଶୂଳିଆ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଅପରାହ୍ନରେ କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ଏମ୍‌ପି ଭର୍ତ୍ତୃହରି ମହତାବ ଆସି ବାରଙ୍ଗର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଫେରିଛନ୍ତି। ରାସ୍ତା ପାର୍ଶ୍ୱରେ ରହିଥିବା ଡ୍ରେନ୍‌ଗୁଡ଼ିକୁ କିପରି ଅବରୋଧ କରି ବର୍ଷାପାଣି ନିଷ୍କାସନରେ ବାଧକ ସାଜିଛି, ସେ ସ୍ଥାନ ବୁଲି ଦେଖିଛନ୍ତି। ବର୍ଷା ଆସିଲେ ଯେଉଁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି, ସେ ବିଷୟରେ ଗ୍ରାମବାସୀ ଉଭୟଙ୍କୁ ଗୁହାରି କରିବା ସହ ଏହାର ସ୍ଥାୟୀ ପ୍ରତିକାର ପାଇଁ ନିବେଦନ କରିଛନ୍ତି। ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ସମେତ ବହୁ ଲୋକପ୍ରତିନିଧି ଓ ମୁରବିମାନେ ଉପସ୍ଥିତ ରହି ବର୍ଷାଜନିତ ସମସ୍ୟାର ସ୍ଥିତି ଅନୁଧ୍ୟାନ କରିଥିଲେ।

## ଓଡ଼ିଶା ଡ୍ରାଇଭର ସଂଘର ପ୍ରତିବାଦ ସଭା

**ବାଲିପାଟଣା,୮।୭ (ଅଭିମନ୍ୟୁ ନାୟକ)**

ଭାରତୀୟ ନ୍ୟାୟ ସଂହିତା ହିଟ୍ ଆଣ୍ଡ ରନ୍ ମାମଲାରେ ରଖାଯାଇଥିବା ନୂଆ ନିୟମ ବିରୋଧରେ ଡ୍ରାଇଭର ସଂଘ ପକ୍ଷରୁ ମଙ୍ଗଳବାର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଡାକରା ଦିଆଯାଇଛି। ଏହାକୁ ସମର୍ଥନ କରି ସାରା ରାଜ୍ୟର ହଜାର ହଜାର ଡ୍ରାଇଭର ରାଜରାସ୍ତାକୁ ଓହ୍ଲାଇଛନ୍ତି। ଦୁର୍ଘଟଣା ପରେ ସୂଚନା ନ ଦେଇ ପଳାୟନ କଲେ ୧୦ ବର୍ଷ ଜେଲ ଓ ୭ ଲକ୍ଷ ଟଙ୍କା ଜରିମାନା ଆଦେଶ ପ୍ରତ୍ୟାହାର ପାଇଁ ଦାବି ରଖିଛନ୍ତି। ମଙ୍ଗଳବାର ସକାଳୁ ଓଡ଼ିଶା ଡ୍ରାଇଭର ମହାସଂଘ ଡାକରାରେ ବାଲିପାଟଣା ବ୍ଲକ ଶାଖା ପକ୍ଷରୁ ଶତାଧିକ ସଭ୍ୟ ପ୍ରତିବାଦ ସଭାରେ ଯୋଗଦେଇଥିବା ସଭାପତି ମୁନା ମଲ୍ଲିକ ଓ ସମ୍ପାଦକ ସରୋଜ ପାଗଡ଼ କହିଛନ୍ତି। ସରକାର ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



ଡ୍ରାଇଭରମାନେ ଧାରଣା ଦେବା ସହ ପ୍ରତିବାଦ କରୁଛନ୍ତି।

# 'ଅଗଷ୍ଟରେ ହୋଇପାରେ ରତ୍ନଅଳଙ୍କାର ଗଣତି'

**ପୁରୀ,୮।୭(ଅଜିତ କୁମାର ମହାନ୍ତି)**

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ହେବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରେ ଥିବା ରତ୍ନଅଳଙ୍କାର ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର ହେବା ସହ ଗଣତିମଣତି ହେବ। ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି ହେବା ପରେ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେ କହିଛନ୍ତି, ରତ୍ନଭଣ୍ଡାର ବର୍ତ୍ତମାନ ଭଲ ସ୍ଥିତିରେ ରହିଛି। ଆସନ୍ତା ଶତାଧିକ ବର୍ଷ ପାଇଁ ଆଉ ଚିନ୍ତା କରିବାର ନାହିଁ। ଖୁବ୍‌ଶୀଘ୍ର ହାଇଲେଭଲ କମିଟିର ମିଟିଂ ବସି ନିଷ୍ପତ୍ତି ଅନୁସାରେ ପଦକ୍ଷେପ ନିଆଯିବ। ଆର୍‌ବିଆଇ ପ୍ରତିନିଧିଙ୍କ ଉପସ୍ଥିତିରେ ଅଗଷ୍ଟ ଆଡ଼କୁ ଗଣତିମଣତି ହୋଇପାରେ। ନୂତନ ସିନ୍ଦୁକ ତିଆରି କରାଯାଇ ସେଥିରେ ଅଳଙ୍କାର ସବୁ ରଖାଯାଇଛି। ସମସ୍ତଙ୍କ ଉପସ୍ଥିତିରେ ଖୋଲାଯାଇ ୧୯୭୮ ତାଲିକାକୁ ମେଳ କରାଯିବ। ରତ୍ନ ଭଣ୍ଡାର ଅଳଙ୍କାର ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର କରାଯିବ ନାହିଁ। ସେବାୟତମାନେ ଦାବି କରୁଛନ୍ତି ଯେ, ମହାପ୍ରଭୁଙ୍କୁ ଲାଗି କରାଯାଉଥିବା ଅଳଙ୍କାର ସବୁ କ୍ଷୟ ହେବାକୁ ଲାଗିଲାଣି, ତେଣୁ ନୂତନ ଅଳଙ୍କାର ସେଟ୍ ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। ନୂତନ ସେଟ୍ ନିର୍ମାଣ ପାଇଁ ଯେଉଁ ସୁନା ଅଳଙ୍କାରର ଆବଶ୍ୟକତା ରହିଛି, ସେଥିପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବ। ମହାପ୍ରଭୁଙ୍କ ଅଳଙ୍କାର ପାଇଁ ଭକ୍ତମାନେ ସ୍ୱର୍ଣ୍ଣ ଦାନ କରିପାରିବେ। ତେବେ ମହାପ୍ରଭୁ ଚାହିଁଲେ ତାଙ୍କର ସ୍ୱର୍ଣ୍ଣ ଅଳଙ୍କାର ନିର୍ମାଣ ହୋଇପାରିବ ବୋଲି ଆଇନମନ୍ତ୍ରୀ କହିଛନ୍ତି।

**ମହାପ୍ରଭୁଙ୍କ ଅଳଙ୍କାର ପାଇଁ ଭକ୍ତ ସୁନା ଦେଇପାରିବେ: ଆଇନମନ୍ତ୍ରୀ**

## କସ୍ମୋପଲିସ୍‌ରେ ଓଇଏସ୍ ପକ୍ଷରୁ ଚାରାରୋପଣ

**ଭୁବନେଶ୍ୱର,୮।୭(ବନ୍ଦନା ସେଠୀ)**

ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ଡୁମୁଡୁମାସ୍ଥିତ କସ୍ମୋପଲିସ ରେସିଡେନ୍ସିଆଲ ୱେଲ୍‌ଫେୟାର ଆସୋସିଏଶନ ପକ୍ଷରୁ କଲୋନୀ ପରିସରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କସ୍ମୋପଲିସ ପାର୍କ ଏବଂ ଅନ୍ୟ ସ୍ଥାନରେ ସଂଘ କାର୍ଯ୍ୟକର୍ତ୍ତା ଏବଂ ଅଧିବାସୀମାନେ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ। ଆସୋସିଏଶନ ସଭାପତି ଈଶ୍ୱର ଅଗସ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଓଇଏସ୍‌ର କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷରୋପଣ ମାଧ୍ୟମରେ ସବୁଜିମା ବୃଦ୍ଧିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଓଇଏସ୍ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ପ୍ରକୃତି ପ୍ରତି ଆମ ସମ୍ବେଦନଶୀଳତାରେ ବୃଦ୍ଧି ଏବଂ ପରିବେଶ ସୁରକ୍ଷାରେ ଆମର ଅଂଶଗ୍ରହଣ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିର କୋଷାଧ୍ୟକ୍ଷ ପ୍ରଫେସର ବି ସୀତାରାମ ପାତ୍ର ଏବଂ ଆସୋସିଏଶନର ଉପସଭାପତି ଡ. ବିନୋଦ ପାତ୍ର ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ରମେଶ ଚନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ଏକ ପରିବେଶ କୁଇଜ୍ ଅନୁଷ୍ଠିତ ହୋଇଥିଲା। ସରୋଜ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଜିତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।




କସ୍ମୋପଲିସ୍‌ଠାରେ ଚାରାରୋପଣ କାର୍ଯ୍ୟକ୍ରମରେ ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ସହ ଅନ୍ୟ ଅତିଥିମାନେ।

# ସାଧାରଣ ଧର୍ମଘଟକୁ ସମର୍ଥନ ଦେଲା ସିପିଆଇ(ଏମ୍)

**ଭୁବନେଶ୍ୱର,୮।୭(ସୁଚିସ୍ମିତା ସାହୁ)**

୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିୟନ(ସିଟିୟୁ), ସ୍ୱାଧୀନ ଫେଡେରେଶନ, ମିଳିତ ମଞ୍ଚ ଏବଂ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ବୁଧବାର ଦେଶବ୍ୟାପୀ ହେବାକୁ ଥିବା ସାଧାରଣ ଧର୍ମଘଟକୁ ସିପିଆଇ(ଏମ୍) ପୂର୍ଣ୍ଣ ସମର୍ଥନ ଜଣାଇଛି। ଶ୍ରମିକଙ୍କ ମୌଳିକ ଗଣତାନ୍ତ୍ରିକ ଅଧିକାରକୁ କ୍ଷୁଣ୍ଣ କରିବା ଉଦ୍ଦେଶ୍ୟରେ କର୍ପୋରେଟ କର୍ମସୂଚୀର ଏକ ପ୍ରମୁଖ ଅଂଶ ଶ୍ରମ ସଂହିତା (ଲେବର କୋଡ୍)ର କାର୍ଯ୍ୟକାରିତା ବିରୋଧରେ ଏହି ସାଧାରଣ ଧର୍ମଘଟର ଡାକରା ଦିଆଯାଇଛି। ଏହି ସାଧାରଣ ଧର୍ମଘଟ କୃଷକଙ୍କ ଏକତା ପ୍ରଦର୍ଶନ ସହିତ ଶ୍ରମଜୀବୀ ଲୋକଙ୍କୁ ବିଭାଜନ କରିବା ଏବଂ ଘୃଣା ବିସ୍ତାର କରିବାର ଅପପ୍ରୟାସକୁ ବିରୋଧକରି ସେମାନଙ୍କର ଐକ୍ୟକୁ ସୁଦୃଢ଼ କରିବାରେ ସହାୟକ ହେବ। ଧର୍ମଘଟକୁ ଓଡ଼ିଶାରେ ସମର୍ଥନ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେବା ସହ ଏହାର ସଫଳତା ପାଇଁ ସିପିଆଇ(ଏମ୍) ସମ୍ପୂର୍ଣ୍ଣ ଭାବେ ସାମିଲ ହୋଇଛି ବୋଲି ଦଳର ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

### ସାମିଲ ହେବ ସିପିଆଇ(ଏମ୍‌ଏଲ୍‌) ରେଡ୍‌ଷ୍ଟାର୍

**ଭୁବନେଶ୍ୱର,୮।୭(ସୁଚିସ୍ମିତା ସାହୁ):** ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସିପିଆଇ(ଏମ୍‌ଏଲ) ରେଡ୍‌ଷ୍ଟାର ଓଡ଼ିଶା ରାଜ୍ୟ କମିଟି ପୂର୍ଣ୍ଣ ସମର୍ଥନ କରିଛି। ଏହାକୁ ସଫଳ କରିବା ପାଇଁ ରାଜ୍ୟର ସମସ୍ତ କମିଟିର ସାଥୀମାନେ ସାମିଲ ହେବା ପାଇଁ ଆହ୍ୱାନ ଦିଆଯାଇଛି। ରାଜ୍ୟ ସମ୍ପାଦିକା ପ୍ରମିଳା ବେହେରା କହିଛନ୍ତି, ଡବଲ ବିକାଶ ନାମରେ ଡବଲ ଇଞ୍ଜିନ ଶାସନ କଥା କହି କ୍ଷମତାକୁ ଆସିଥିବା ସରକାର ଆମ ରାଜ୍ୟରେ ଶ୍ରମିକ ବିରୋଧୀ ନୀତିକୁ କାର୍ଯ୍ୟକାରୀ କରିବା ସହ ଆଦିବାସୀ, ଦଳିତ, କୃଷକ, ଯୁବକ, ଛାତ୍ର ବିରୋଧୀ ନୀତିକୁ ଆକ୍ରମଣ କରିଛନ୍ତି। ଗ୍ରାମୀଣ ଓଡ଼ିଶାର ବିଶାଳ ଶ୍ରମିକ ହାତକୁ କାମ ଯୋଗାଇଦେବା ବଦଳରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ ବାଟବଣା କରି ଶ୍ରମିକ ପରିବାରକୁ ଶକ୍ତ ଆଘାତ ଦେଇ ଚାଲିଛନ୍ତି। ଜଳ, ଜଙ୍ଗଲ, ଜମି, ଖଣି ଓ ଖାଦାନ ସବୁକିଛି ଆଦାନୀ ଏବଂ ଅମ୍ବାନୀ ହାତକୁ ସମର୍ପିତ ଦେଇଚାଲିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦରଦାମ ବୃଦ୍ଧି କରି ପରିଶ୍ରମୀ ଜନତାଙ୍କୁ ତଳିତଳାନ୍ତ କରିଚାଲିଛନ୍ତି। ଗାଁଠାରୁ ସହର ପର୍ଯ୍ୟନ୍ତ ବସ୍ତି ଓ ପରିଶ୍ରମୀ ଜନଗଣଙ୍କ ବାସସ୍ଥାନ ଉପରେ ବୁଲଡୋଜର ଚଢ଼ାଉଛନ୍ତି। ପ୍ରତିରକ୍ଷା ଓ ଯୋଗାଯୋଗ ସମେତ ସମସ୍ତ ସରକାରୀ ଅନୁଷ୍ଠାନର ଘରୋଇକରଣ, ଦେଶର ସମ୍ପତ୍ତି ଓ ପ୍ରାକୃତିକ ସମ୍ପଦକୁ ବଡ଼ ବଡ଼ ନିଗମ, ଦେଶୀ ଓ ବିଦେଶୀ କର୍ପୋରେଟକୁ ହସ୍ତାନ୍ତର କରିବା ସରକାରର ପ୍ରାଥମିକ କାମ ହୋଇଛି। ଟ୍ରେଡ ୟୁନିୟନ କାର୍ଯ୍ୟକଳାପକୁ ଦମନ କରିବା ଏବଂ ଶ୍ରମିକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିବାକୁ ଡବଲ ଇଞ୍ଜିନ ସରକାର ନିରନ୍ତର ପ୍ରୟାସ ଚଳାଇଛନ୍ତି ବୋଲି ସେ କହିଛନ୍ତି।

**ନଦୀକୁ ନ ଯିବାକୁ ଜିଲା ପ୍ରଶାସନର ସତର୍କତା**

କଟକ,(କାର୍ତ୍ତିକ ସାହୁ):ମହାନଦୀର ଉପର ମୁଣ୍ଡରେ କ୍ରମାଗତ ବର୍ଷା ହେତୁ ହୀରାକୁଦ ଜଳଭଣ୍ଡାରରୁ ଜଳ ନିଷ୍କାସନ କରାଯାଇଛି। ବନ୍ୟାଜଳ ପ୍ରବଳ ବେଗରେ ମହାନଦୀରେ ତଳ ଅଞ୍ଚଳକୁ ମାଡ଼ିଆସୁଛି। ଏହାଦ୍ୱାରା କଟକ ଜିଲାରେ ପ୍ରବାହିତ ମହାନଦୀ ଓ ତା'ର ଶାଖା କାଠଯୋଡ଼ି, ବିରୂପା ଓ ଅନ୍ୟ ଶାଖାନଦୀରେ ବନ୍ୟାଜଳ ପ୍ରବାହିତ ହେବ। ଏଣୁ ଜନସାଧାରଣ ଆସନ୍ତା ୯ ତାରିଖରୁ ନଦୀ ମଧ୍ୟକୁ ପ୍ରବେଶ ନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ସତର୍କ କରାଇ ଦିଆଯାଉଛି।

# ଭଟ୍ଟାରିକା ବେଢ଼ା ଛୁଇଁଲା ବନ୍ୟାଜଳ

**ମହାନଦୀରେ ପ୍ରଥମ ବନ୍ୟା ଜଳ**

- ମନ୍ଦିର ଅଞ୍ଚଳକୁ ଆସିବାକୁ ବାରଣ
- ମହାନଦୀରେ ନ ଗାଧୋଇବା ପାଇଁ ସତର୍କ ସୂଚନା ଜାରି

**ବଡ଼ମ୍ବା, ୮।୭(ମାୟାଧର ମଲ୍ଲିକ):**

ଚଳିତ ବର୍ଷ ମହାନଦୀରେ ପ୍ରଥମ ବନ୍ୟା ଜଳ ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କ ମନ୍ଦିର ବେଢାକୁ ଛୁଇଁଥିବା ଦେଖାଯାଇଛି । ବଢୁଥିବା ଜଳସ୍ତରକୁ ଲକ୍ଷ୍ୟ କରି ମନ୍ଦିର ଅଞ୍ଚଳକୁ ଶ୍ରଦ୍ଧାଳୁମାନଙ୍କୁ ନ ଆସିବାକୁ ବାରଣ କରାଯିବା ସହ ଘଟଣାସ୍ଥଳରେ ପୋଲିସ୍ ସଜାଗ ରହିଛି।


ମା' ଭଟ୍ଟାରିକା ମନ୍ଦିରକୁ ଛୁଇଁଲା ମହାନଦୀର ପ୍ରଥମ ବନ୍ୟାଜଳ।

ବନ୍ୟା ଜଳ ବୃଦ୍ଧି ପାଇଲେ ମନ୍ଦିର ଭିତରକୁ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ବଡ଼ମ୍ବା ଦେବୋତ୍ତର ବିଭାଗ, ପୋଲିସ ଓ ମନ୍ଦିର ସେବାୟତ ସଜାଗ ରହିଛନ୍ତି। ସେହିପରି ମହାନଦୀ ଭିତରକୁ ପ୍ରବେଶ ନ କରିବା ସହ ନ ଗାଧୋଇବାକୁ ଦେବୋତ୍ତର ବିଭାଗ ତରଫରୁ ବାରଣ କରାଯାଇଛି। ବିଶେଷ କରି ଏ ସମ୍ପର୍କରେ ବ୍ୟାନର ମାଧ୍ୟମରେ ସର୍ବସାଧାରଣଙ୍କୁ ସତର୍କ ସୂଚନା ଜାରି ହୋଇଛି। ବନ୍ୟା ନିୟନ୍ତ୍ରଣ ନେଇ ସମସ୍ତ ବିଭାଗ ଅଧିକାରୀ ସଜାଗ ରହିଛନ୍ତି ବୋଲି ବଡ଼ମ୍ବା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ଶାଶ୍ୱତ ରଞ୍ଜନ ଦାଶ କହିଛନ୍ତି।

## ସଂକ୍ଷେପରେ

### ବାରଙ୍ଗ ଅଞ୍ଚଳ ବୁଲିଲେ କଟକ ଏମ୍‌ପି, ଜିଲାପାଳ

**ବାରଙ୍ଗ,୮।୭(ଲିଙ୍ଗରାଜ ରାଉତ/ ତୁଷାରକାନ୍ତ ବେହେରା):** ଲାଗି ରହିଥିବା ବର୍ଷାରେ ବାରଙ୍ଗ ଅଞ୍ଚଳର ଖାଲଖମା ସହ କେତେକ ଗାଁ ଚତୁଃପାର୍ଶ୍ୱରେ ବର୍ଷାପାଣି ଘେରି ରହିଥିବା ଦେଖିବାକୁ ମିଳିଛି। ବର୍ଷାଜଳ ନିଷ୍କାସନର ସ୍ଥାନଗୁଡ଼ିକ ଅବରୋଧ ଯୋଗୁ ଗ୍ରାମବାସୀଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ବାରଙ୍ଗର ବଙ୍ଗାଳି ସାହି, ଫୁଲପୋଖରୀ, ବଛିପୁର, ମଧୁବନ, ମଧୁପୁର, କୁଶିନ୍ଦା, କୃଷ୍ଣଚନ୍ଦ୍ରପୁର, ତ୍ରିଶୂଳିଆ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଛି। ମଙ୍ଗଳବାର କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ଏମ୍‌ପି ଭର୍ତ୍ତୃହରି ମହତାବ ଆସି ବାରଙ୍ଗର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଫେରିଛନ୍ତି। ବର୍ଷା ଆସିଲେ ଯେଉଁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି, ସେ ବିଷୟରେ ଗ୍ରାମବାସୀ ଉଭୟଙ୍କୁ ଗୁହାରି କରିବା ସହ ଏହାର ସ୍ଥାୟୀ ପ୍ରତିକାର ପାଇଁ ନିବେଦନ କରିଛନ୍ତି। ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ସମେତ ବହୁ ଲୋକପ୍ରତିନିଧି ଓ ମୁରବିମାନେ ଉପସ୍ଥିତ ରହି ବର୍ଷାଜନିତ ସମସ୍ୟାର ସ୍ଥିତି ଅନୁଧ୍ୟାନ କରିଥିଲେ।

### 'ବାଡ଼ିରେ ଚାରା ଲଗାଇବାକୁ ଶପଥ'

**ବାଙ୍କୀ, ୮।୭( ଶୁଭେନ୍ଦୁ ମହାପାତ୍ର ):** ତବାଙ୍କୀ ବ୍ଲକ୍ ଅନ୍ତର୍ଗତ ତାଳବସ୍ତ ଫାଣ୍ଡି ପରିସରରେ ରବିବାର ଚଳିତ ବର୍ଷର ବନ ମହୋତ୍ସବ ପାଳନ କରାଯାଇଛି। ଏଥିରେ ଅତିଥି ଭାବେ ଫାଣ୍ଡି ଅଧିକାରୀ ରତ୍ନାକର ପ୍ରଧାନ, ତପନ ବସ୍ତି, ମିଟୁ ବସ୍ତି, ଡମପଡ଼ା ଚନ୍ଦକା ଜଙ୍ଗଲ ବିଭାଗ ଫରେଷ୍ଟର ବିକାଶ ପଲେଇ, ତାଳବସ୍ତ ସେବା ସମବାୟ ସମିତି ସଭାପତି ଅକ୍ଷୟ କୁମାର ବେହେରା, ସାମାଜିକ କର୍ମୀ ସୁଧାଂଶୁ ଶେଖର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନେ ବିଭିନ୍ନ ପ୍ରକାରର ଔଷଧୀୟ ଗଛ ସହିତ ଆମ୍ବ, ପଣସ, ଶାଗୁଆନ ଚାରା ଲଗାଇବା ସହ ଉପସ୍ଥିତ ଲୋକଙ୍କୁ ଗଛର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଏଥିସହ ନିଜ ବାଡ଼ିରେ ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ ସଭିଙ୍କୁ ଶପଥପାଠ କରାଯାଇଥିଲା।

# ଡ୍ରାଇଭର ମହାସଂଘର ଶାନ୍ତିପୂର୍ଣ୍ଣ ଧାରଣା

**ବଡ଼ମ୍ବା, ୮।୭(ମାୟାଧର ମଲ୍ଲିକ)**

ରାଜ୍ୟ ଡ୍ରାଇଭର ମହାସଂଘ ଆହ୍ୱାନ କ୍ରମେ ମଙ୍ଗଳବାର ଡ୍ରାଇଭର୍‌ମାନଙ୍କ ୭ ଦଫା ଦାବି ନେଇ ଷ୍ଟିଅରିଙ୍ଗ ଛାଡ଼ ଆନ୍ଦୋଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବଡ଼ମ୍ବା ଡ୍ରାଇଭର ମହାସଂଘ ତରଫରୁ ଷ୍ଟିଅରିଙ୍ଗ ଛାଡ଼ କରାଯିବା ସହ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସୁନାପାଳସ୍ଥିତ କୋଲେଶ୍ୱର ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ଉକ୍ତ ଶାନ୍ତିପୂର୍ଣ୍ଣ ଧାରଣାରେ ଶତାଧିକ ଡ୍ରାଇଭର ସାମିଲ ହୋଇଥିବା ଦେଖାଯାଇଛି। ଡ୍ରାଇଭର ମହାସଂଘ ସଭାପତି ସମୀର କୁମାର ଧଳ, ସମ୍ପାଦକ କୃଷ୍ଣ ଚନ୍ଦ୍ର ସାହୁ, ଆଡ୍‌ମିନ ଅଭିମନ୍ୟୁ ଭୋଳ ଓ ଉପଦେଷ୍ଟା ମଧୁସୂଦନ ସ୍ୱାଇଁଙ୍କ ନେତୃତ୍ୱରେ ଏହି ଧାରଣା ଜାରି ରହିଛି। ସେହିପରି ଦାବିଗୁଡିକ ଉପରେ ଯଦି ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ରାଜ୍ୟ ଡ୍ରାଇଭର ମହାସଂଘର ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ସଂଘ କର୍ମକର୍ତ୍ତା ସୂଚନା ଦେଇଛନ୍ତି।


ବଡ଼ମ୍ବା ଡ୍ରାଇଭର ସଂଘର ସଦସ୍ୟମାନେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି।

# କିସ୍ତି ଟଙ୍କା ପ୍ରଦାନ ବନ୍ଦ କଲା ବ୍ଲକ ପ୍ରଶାସନ

**ନିଶ୍ଚିନ୍ତକୋଇଲି, ୮।୭ (ଅଶୋକ କୁମାର ମହାପାତ୍ର)**

**ମାହାଙ୍ଗାରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଦୁର୍ନୀତି ଅଭିଯୋଗ**

ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ପକ୍କାଘର ଯୋଗାଇ ଦେବାକୁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନେଉଥିବାବେଳେ ଚୟନ ପ୍ରକ୍ରିୟାରେ ଦୁର୍ନୀତିର ଗନ୍ଧ ମିଳିଛି। ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ଜିଲା ମାହାଙ୍ଗା ବ୍ଲକରେ। ହିତାଧିକାରୀ ଚୟନ ପରେ କିସ୍ତି ପ୍ରଦାନ କରିବାକୁ ବ୍ୟାଙ୍କକୁ ଅର୍ଥ ବରାଦ କରାଯାଇଥିଲା। ମାତ୍ର ହିତାଧିକାରୀଙ୍କ ପାଖକୁ କିସ୍ତି ଟଙ୍କା ଆସିବା ପୂର୍ବରୁ ବ୍ଲକ ପ୍ରଶାସନ ଏହାକୁ ବନ୍ଦ କରି ଦେଇଛି। ଯୋଗ୍ୟ ହିତାଧିକାରୀ ତାଲିକାରେ ତ୍ରୁଟି ଦର୍ଶାଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ବ୍ଲକ ପ୍ରଶାସନକୁ ଅବଗତ କରାଇବା ପରେ ମଙ୍ଗଳବାର ବିଡିଓ ସେଣ୍ଟ୍ରାଲ ବ୍ୟାଙ୍କ ବ୍ରାଞ୍ଚ ମ୍ୟାନେଜରଙ୍କୁ କିସ୍ତି ଅର୍ଥ ନ ଦେବାକୁ ଚିଠି କରିଛନ୍ତି।

ସୂଚନା ଅନୁଯାୟୀ, ମାହାଙ୍ଗା ବ୍ଲକ ଅଧୀନ କୁରୁଜଙ୍ଗା ପଞ୍ଚାୟତର ସ୍ୱର୍ଣ୍ଣଲତା ଗିରି ଓ ସୁବାସିନୀ ଦାସଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ନାମ ଚୟନ କରାଯାଇଥିଲା। କିନ୍ତୁ ଚୟନରେ ତ୍ରୁଟି ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ବ୍ଲକ ପ୍ରଶାସନକୁ ଦର୍ଶାଇ ଥିଲେ। ବ୍ଲକ ପ୍ରଶାସନ ସେମାନଙ୍କ ଆର୍ଥିକ କାରବାର ଉପରେ ବନ୍ଦ କରିବା ସହ ପୁନଃ ତଦନ୍ତ ପାଇଁ ବ୍ୟାଙ୍କକୁ ଚିଠି ଲେଖିଛନ୍ତି। ତେବେ କାହା ନିର୍ଦ୍ଦେଶରେ ଅଯୋଗ୍ୟ ହିତାଧିକାରୀଙ୍କୁ ବ୍ଲକରେ ଯୋଗ୍ୟ କରାଯାଇଛି ତାହା ତଦନ୍ତସାପେକ୍ଷ। ପଞ୍ଚାୟତିରାଜ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତଥା ଜିଲାପାଳ ନିରପେକ୍ଷ ତଦନ୍ତ କରାଇଲେ ପ୍ରକୃତ ସତ୍ୟ ଉନ୍ମୋଚନ ହୋଇପାରିବ ବୋଲି ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ମାହାଙ୍ଗା ବିଡିଓ ଦାୟିତ୍ୱରେ ଥିବା ନିଶ୍ଚିନ୍ତକୋଇଲି ବିଡିଓ ଦ୍ୟୁବେନ୍ଦୁ ଦାସଙ୍କୁ ପଚାରିବାରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସୁପାରିସକ୍ରମେ କୁରୁଜଙ୍ଗା ପଞ୍ଚାୟତର ୨ ଜଣଙ୍କ ପୁନଃ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସେମାନଙ୍କ କିସ୍ତି ଟଙ୍କା ନ ଦେବାକୁ ବ୍ୟାଙ୍କକୁ ଚିଠି କରାଯାଇଛି। ଏବିଡିଓ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ବୋଲି ବିଡିଓ ଦାସ କହିଛନ୍ତି।

# ସାପ କାମୁଡ଼ାରେ ଯୁବକ ମୃତ

**ବାଙ୍କୀ , ୮।୭( ଶୁଭେନ୍ଦୁ ମହାପାତ୍ର):** ବାଙ୍କୀ ଥାନା ଅନ୍ତର୍ଗତ କୁସପଙ୍ଗି ପଞ୍ଚାୟତ ଅଧୀନ ଇନ୍ଦୁମତୀ ପାଟଣା ଗ୍ରାମରେ ବିଷାକ୍ତ ସାପ କାମୁଡିବା ଫଳରେ ଜଣେ ଯୁବକଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଅଞ୍ଚଳର ବିଶ୍ୱନାଥ ଭୋଇଙ୍କ ପୁଅ ବିଭୁନା ଭୋଇ (୩୦)। ଏନେଇ ମାମଲା ରୁଜୁ କରି ବାଙ୍କୀ ପୋଲିସ୍‌ତଦନ୍ତ କରୁଛି।

ସୂଚନାଯୋଗ୍ୟ, ବିଭୁନା ଅପରାହ୍ନରେ ଇନ୍ଦୁମତି ପାଟଣା ପାଟରେ ମାଛ, କଙ୍କଡା ଧରୁଥିଲେ। ସେହି ସମୟରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡିଦେଇଥିଲା। ଫଳରେ ବିଭୁନା ଘରକୁ ଆସି ଚେତାଶୂନ୍ୟ ହୋଇପଡ଼ିଥିଲେ। ଏହାପରେ ପରିବାର ଲୋକେ ସଙ୍ଗେସଙ୍ଗେ ବିଭୁନାଙ୍କୁ ଚିକିତ୍ସା ନିମନ୍ତେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବିଭୁନାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ବାଙ୍କୀ ପୋଲିସ ପହଞ୍ଚି ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ୨୦/୨୫) ରୁଜୁ କରିଥିବା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ କହିଛନ୍ତି। ଶବ ବ୍ୟବଚ୍ଛେଦ ନ ହେବାରୁ ଚିକିତ୍ସାଳୟରେ ରଖାଯାଇଛି । ବୁଧବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ଭୂୟାଁ ସୂଚନା ଦେଇଛନ୍ତି ।

# ୨ ସପ୍ତାହ ମହଲତ ନେଲେ ସରକାର

**କଟକ,୮।୭(କାର୍ତ୍ତିକ ସାହୁ)**

**ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିଯୁକ୍ତି ମାମଲା**

ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁଯାୟୀ ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ନିଯୁକ୍ତି ପାଇଁ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ରାଜ୍ୟ ସରକାରଙ୍କ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଅଦାଲତରେ ହାଜର ହୋଇ ୨ସପ୍ତାହ ମହଲତ ମାଗିଥିଲେ। ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ୍ ଓ ବିଚାରପତି ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକୁ ଗ୍ରହଣ କରି ସରକାରଙ୍କୁ ୨ ସପ୍ତାହ ମହଲତ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଜୁଲାଇ ୨୩କୁ ଧାର୍ଯ୍ୟ ହୋଇଛି। ମାମଲାର ବିବରଣୀ ଅନୁସାରେ, ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ତଥା ହାଇକୋର୍ଟ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଦ୍ୱାରା ରୁଜୁ ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଛି, ଉତ୍କଳ ବିଶ୍ୱବିଦ୍ୟାଳୟ ତତ୍କାଳୀନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ୨୦୨୪ ନଭେମ୍ବର ୨୩ରେ ସମ୍ପୂର୍ଣ୍ଣ ହେବା ପରେ କୁଳାଧିପତି ତାଙ୍କର କାର୍ଯ୍ୟକାଳ ୬ ମାସ ବୃଦ୍ଧି କରିଥିଲେ। ତାଙ୍କର ବର୍ଦ୍ଧିତ କାର୍ଯ୍ୟକାଳ ୨୩ ମେ ୨୦୨୫ରେ ସମାପ୍ତ ହେଲା ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲଜି ବିଭାଗ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ଭାବେ କୁଳାଧିପତି ୨୦୨୫ ମେ ୨୭ରେ ନିଯୁକ୍ତି ଦେଇଥିଲେ। କିନ୍ତୁ କୌଣସି କାରଣବଶତଃ ସ୍ଥାୟୀ କୁଳପତି ନିଯୁକ୍ତି ସମ୍ଭବ ନ ହେଲେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାର ପ୍ରାବଧାନ ରହିଛି। ତେଣୁ କୁଳାଧିପତିଙ୍କ ଦ୍ୱାରା ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ବେଆଇନ ହୋଇଥିବାରୁ ଏହାକୁ ରଦ୍ଦ କରି ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାକୁ କୁଳାଧିପତିଙ୍କୁ ଆଦେଶ ଦେବା ନିମନ୍ତେ ଆବେଦନରେ ପ୍ରାର୍ଥନା କରାଯାଇଛି।

# ମହାନଦୀରୁ ଅଜଣା ମୃତଦେହ ଉଦ୍ଧାର

**ବଡ଼ମ୍ବା,୮।୭(ମାୟାଧର ମଲ୍ଲିକ)**

ବଡମ୍ବା ବ୍ଲକ ଅନ୍ତର୍ଗତ ବାଙ୍ଗେରୀସିଙ୍ଗା ଗ୍ରାମ ନିକଟ ମହାନଦୀରୁ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ମଙ୍ଗଳବାର ମଧ୍ୟାହ୍ନରେ ଉଦ୍ଧାର ହୋଇଛି। ତେବେ ମୃତଦେହଟି ବନ୍ୟା ଜଳରେ ଭାସି ଆସିଥିବାବେଳେ ତାଙ୍କର ପରିଚୟ ମିଳିପାରି ନାହିଁ ।

ସୂଚନାଯୋଗ୍ୟ, ମହାନଦୀରେ ପ୍ରଥମ ବନ୍ୟାଜଳ ଆସିଥିବା ବେଳେ ଗ୍ରାମବାସୀ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ବଡ଼ମ୍ବା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ ଦଳ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ବଡ଼ମ୍ବା ଓ ମାଣିଆବନ୍ଧ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ମୃତକ ଫୁଲ ପ୍ୟାଣ୍ଟ ସହିତ ଶାର୍ଟ ପରିଧାନ କରିଛନ୍ତି। ଅନ୍ୟପକ୍ଷରେ ମୃତଦେହଟି ପଚିଶଢ଼ି ଯାଇଥିବା ଦେଖାଯାଇଛି। ସେହିପରି ପ୍ୟାଣ୍ଟ ପକେଟରୁ ଏକ ମୋବାଇଲ ଫୋନ ଉଦ୍ଧାର ହୋଇଥିଲେ ମଧ୍ୟ ମୃତକଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ଏନେଇ ତଦନ୍ତ ଜାରି ରହିଛି ।

### ଦାବି ପୂରଣ ନ ହେଲେ କଲମ ଛାଡ଼ ଆନ୍ଦୋଳନ କରିବ ଅମଲା ସଂଘ

ବଡ଼ମ୍ବା, ୮।୭(ମାୟାଧର ମଲ୍ଲିକ) ରାଜ୍ୟ ରାଜସ୍ୱ ଅମଲା ସଂଘ ଆହ୍ୱାନ କ୍ରମେ ବଡ଼ମ୍ବା ରାଜସ୍ୱ ଅମଲା ସଂଘ କର୍ମଚାରୀ କଳାବ୍ୟାଜ୍ ପରିଧାନ କରିଛନ୍ତି। ୧୧ତାରିଖ ସୁଦ୍ଧା ଯଦି ଦାବି ପୂରଣ ନ ହୁଏ ତେବେ ଆସନ୍ତା ୧୨ ତାରିଖଠାରୁ କଲମ ଛାଡ଼ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। କଳାବ୍ୟାଜ୍ ପରିଧାନ ଦ୍ୱିତୀୟ ଦିବସରେ ପହଞ୍ଚି ଥିବାବେଳେ ଏହା ୧୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଂଘ କର୍ମକର୍ତ୍ତା ତଥା ବଡ଼ମ୍ବା ତହସିଲ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ସନ୍ତୋଷ କୁମାର ନାଏକ ପ୍ରକାଶ କରିଛନ୍ତି। ବଡ଼ମ୍ବା ତହସିଲ ବିଜୟଲକ୍ଷ୍ମୀ ମଲ୍ଲିକ ଓ ବରିଷ୍ଠ ରାଜସ୍ୱ ସହାୟକ ନାଏକଙ୍କ ନେତୃତ୍ୱରେ ଉକ୍ତ କଳାବ୍ୟାଜ୍ ପରିଧାନ ସହିତ କାର୍ଯ୍ୟ ଜାରି ରହିଛି। ପ୍ରକାଶଥାଉକି, ରାଜସ୍ୱ ଅମଲା ସଂଘ କର୍ମଚାରୀମାନେ ୧୦ ଦଫା ଦାବି ଯଥା ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ୪୨୦୦ ଗ୍ରେଡ୍ ପେ ପ୍ରଦାନ, ପୁରୁଣା ପେନସନ ଲାଗୁ ଓ ସ୍ୱାସ୍ଥ୍ୟ ବୀମା ଅର୍ଥକୁ ଦଶ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ଆଦି ପ୍ରମୁଖ ଦାବିଗୁଡିକ ରହିଛି।

# କୂଅରୁ ଯୁବକଙ୍କ ମୃତଦେହ ଜବତ

**ଟିଗିରିଆ,୮।୭(ଜଫର ଖାଁ)**

ଟିଗିରିଆ ଥାନା ଜେମାଦେଇପୁର ପଞ୍ଚାୟତସ୍ଥିତ ବାସୁଦେବପୁର ଗାଁର ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଘର ପଛପଟେ ଥିବା କୂଅରୁ ମଙ୍ଗଳବାର ଦୁର୍ଗନ୍ଧ ବାହାରୁଥିଲା। ପରିବାର ଲୋକେ ଯାଇ କୂଅକୁ ଦେଖିବାରେ ସେଥିରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିଲା। ଏହା ଦେଖି ସୁରେଶଙ୍କ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ସ୍ଥାନୀୟ ଅଗ୍ନିଶମ ବିଭାଗ ସହାୟତାରେ କୂଅରୁ ମୃତଦେହ ଉଦ୍ଧାର କରିଥିଲା। ସେ ହେଲେ ମାଣିଆବନ୍ଧ ଥାନା ଭାଗବତପୁର ଗାଁର ରମେଶ ଚନ୍ଦ୍ର ନାୟକଙ୍କ ପୁଅ ମାନସ (୨୭)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୧୦/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ପୋଲିସ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଭାଗବତପୁର ଗାଁର ମାନସ ରବିବାର ଅପରାହ୍ନ ୪ଟାରେ ଘରୁ ସାଇକେଲ ନେଇ ନୂଆପାଟଣାରେ ମହାଜନଙ୍କୁ ଶାଢି ଦେବାକୁ ଆସିଥିଲେ। ସେଠାରେ ପହଞ୍ଚି ବାହୁଡା ଏକାଦଶୀ ଉପଲକ୍ଷେ ନୂଆପାଟଣା ତେଲୀସାହିରେ ହେଉଥିବା ଡ୍ରାମା ଦେଖି କିମ୍ବା ରାତିରେ ପୁରୀ ଯିବେ ବୋଲି ପରିବାରକୁ ଫୋନ ଯୋଗେ ଜଣାଇଥିଲେ। ପରେ ରାତିରେ ଡ୍ରାମା ଦେଖି ସକାଳେ ଘରକୁ ଫେରିବେ ବୋଲି ପରିବାର ଲୋକଙ୍କୁ କହିଥିଲେ। ସୋମବାର ମାନସ ଆଉ ଘରକୁ ଫେରି ନ ଥିଲେ। ମଙ୍ଗଳବାର ସକାଳେ ସୁରେଶଙ୍କ ଘର ପଛ ପଟେ ଥିବା କୂଅରେ ମୃତଦେହ ଭାସିବା ସହ ଦୁର୍ଗନ୍ଧ ବାହାରିଥିଲା। ଏ ସମ୍ପର୍କରେ ସୁରେଶଙ୍କ ପରିବାର ପକ୍ଷରୁ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ଟିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ବିକାଶ ରଞ୍ଜନ ବିଶ୍ୱାଳ ଓ ଅଗ୍ନିଶମ ଅଧିକାରୀ ପ୍ରତାପ ଚନ୍ଦ୍ର ବେହେରା ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ କୂଅରୁ ଉଦ୍ଧାର କରିଥିଲେ। ଡ୍ରାମା ହେଉଥିବା ତେଲୀସାହିଠାରୁ ବାସୁଦେବପୁର ଦୂରତା ୧ କି.ମି.। ତେଣୁ ମାନସଙ୍କ ମୃତଦେହ କିଭଳି କୂଅକୁ ଆସିଲା ସନ୍ଦେହ ସୃଷ୍ଟି କରିଛି। ସେ ଘରୁ ଆଣିଥିବା ସାଇକେଲ ମଧ୍ୟ ମିଳିନାହିଁ। ତେଣୁ ଘଟଣାର ଉପଯୁକ୍ତ ତଦନ୍ତ କରାଗଲେ ମାନସଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ୪୨୫ ନାମ ପଞ୍ଜୀକୃତ, ୧୪ ଜଣଙ୍କୁ ବସ୍ ପାସ ପ୍ରଦାନ

**ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

**ଟିଗିରିଆ,୮।୭(ଜାଫର ଖାଁ)**

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମିଳିତ ଆନୁକୂଲ୍ୟରେ ଓ ଟିଗିରିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସହଯୋଗରେ ଆୟୋଜିତ ହୋଇଥିଲା। ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ବଡ଼ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ ବ୍ଲକର ମୋଟ ୧୪ଟି ପଞ୍ଚାୟତରୁ ୪୨୫ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ମାନସ କୁମାର ସାହୁ, ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ବଡିଓ ମନସ୍ୱିନୀ ଦାସ, ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ବାଲିପୁଟ ସରପଞ୍ଚ ରଞ୍ଜନ କୁମାର ସୂତାର, ଗଦାଧରପୁର ସରପଞ୍ଚ ପୁଷ୍ପିତା ସ୍ୱାଇଁ, ବିନ୍ଧାଣିମା ସରପଞ୍ଚଙ୍କ ପ୍ରତିନିଧି ମାନସ କୁମାର ଜେନା ଓ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ଯୋଗଦେଇଥିବା ଭିନ୍ନକ୍ଷମଙ୍କ ମଧ୍ୟରେ ଚକ୍ଷୁ ବାଧିତ ୬୧ ଜଣ, ଶ୍ରବଣ ବାଧିତ ୫୨, ମାନସିକ ଅନଗ୍ରସର ୭୨, ଶାରୀରିକ ଅକ୍ଷମ ୨୧୦, ସ୍ନାୟୁଗତ ଭିନ୍ନକ୍ଷମ ୩୦ ଜଣ ଯୋଗଦେଇ ନିଜର ପରୀକ୍ଷା କରାଇଥିଲେ। କଟକ ବଡ଼ ଡାକ୍ତରଖାନାରୁ ଆସିଥିବା ବିଭିନ୍ନ ବିଭାଗର ଡାକ୍ତରଙ୍କ ଦ୍ୱାରା ସମସ୍ତ ଭିନ୍ନକ୍ଷମଙ୍କର ପରୀକ୍ଷା କରାଯାଇଥିଲା। ଏଥିସହିତ ୧୪ ଜଣ ଭିନ୍ନକ୍ଷମଙ୍କୁ ଅତିଥିମାନଙ୍କ ଦ୍ୱାରା ବସ ପାସ ପ୍ରଦାନ ସହ ୩ ଜଣଙ୍କୁ ଆଗାମୀ ଦିନରେ ଭିନ୍ନକ୍ଷମ ସହାୟକ ଉପକରଣ ପ୍ରଦାନ ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରାଯାଇଥିବା ସାମାଜିକ ସୁରକ୍ଷା ଅଧିକାରୀ ବଡ଼ଜେନା ସୂଚନା ଦେଇଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ବିଳାସିନୀ ମହାରଣା ଓ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମାଧବ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ବ୍ଲକର ଅନ୍ୟାନ୍ୟ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ବ୍ଲକ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ, ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଶିବିରରେ ଜଣେ ଦିବ୍ୟାଙ୍ଗଙ୍କୁ ଅତିଥି ବସ୍ ପାସ୍ ପ୍ରଦାନ କରୁଛନ୍ତି।

## ଫଟୋରେ ଖବର


ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ଯୁକ୍ତ ୨ ଆଡ୍‌ମିଶନ ନେଉଥିବା ଛାତ୍ରୀମାନେ।


ଆଗକୁ ବୋଲବମ୍: କଟକ ମହାନଦୀ ଗଡ଼ଗଡ଼ିଆ ଘାଟର ସ୍ଥିତି ଯାଞ୍ଚ କରୁଛନ୍ତି ମେୟର ସୁବାସ ସିଂଙ୍କ ସହ ଡେପୁଟି ମେୟର ଏବଂ ଅନ୍ୟମାନେ।

## ରଥ ସମ୍ମୁଖରେ ଗୀତଗୋବିନ୍ଦ ଗାଇଲେ ସେବାୟତ

**ପୁରୀ,(ଅଜିତ୍ କୁମାର ମହାନ୍ତି):** ଚଳତି ବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରାର ଶେଷ ଦିନରେ ମହାପ୍ରଭୁଙ୍କ ପହଣ୍ଡି ସମୟରେ ସେବାୟତମାନେ ରଥ ସମ୍ମୁଖରେ ଗୀତଗୋବିନ୍ଦ ଗାନ କରିଛନ୍ତି। ଫଳରେ ସିଂହଦ୍ୱାର ସମ୍ମୁଖରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସେବାୟତଙ୍କ ସହ ଅନ୍ୟମାନେ ମଧ୍ୟ ଗୀତଗୋବିନ୍ଦ ଗାନ କରିଥିଲେ।


ମଦନମୋହନଙ୍କ ପହଣ୍ଡି।


ରାମକୃଷ୍ଣଙ୍କ ପହଣ୍ଡି।


ଚକ୍ରରାଜ ସୁଦର୍ଶନ ପହଣ୍ଡି ବିଜେ କରୁଛନ୍ତି।


ବଡ଼ଠାକୁର ବଳଭଦ୍ରଙ୍କ ପହଣ୍ଡି।


ମା' ସୁଭଦ୍ରାଙ୍କ ଶୂନ୍ୟ ପହଣ୍ଡି।


ବଡ଼ଠାକୁର ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ।

# ରସଗୋଲାରେ ମହାପ୍ରଭୁଙ୍କ ମନ

ପୁରୀ,୮।୭(ଅଜିତ୍ କୁମାର ମହାନ୍ତି)

ନୀଳାଦ୍ରିବିଜେ ଅବସରରେ ମଙ୍ଗଳବାର ରଥାରୂଢ ଦାରୁଦିଅଁଙ୍କୁ ଭକ୍ତମାନେ ରସଗୋଲା ଭୋଗ ଅର୍ପଣ କରିଛନ୍ତି। ଭୋଗଲାଗି ପରେ ସେହି ରସଗୋଲାକୁ ଭକ୍ତମାନେ ଅତି ଆନନ୍ଦରେ ସେବନ କରୁଥିବା ଦେଖିବାକୁ ମିଳିଥିଲା। ବଡ଼ଦାଣ୍ଡରେ ବହୁ ବ୍ୟକ୍ତି ରସଗୋଲା ପସରା ମେଲାଇଥିଲେ। ଭକ୍ତମାନେ ସେମାନଙ୍କଠାରୁ ରସଗୋଲା କିଣିନେଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ଉଦ୍ଦେଶ୍ୟରେ ଭୋଗ ଲଗାଇଥିଲେ।

ମହାପ୍ରଭୁଙ୍କ ଉପାସନାରେ ସାମାଜିକ ପରମ୍ପରାର ଝଲକ ଦେଖିବାକୁ ମିଳିଥାଏ। ମହାପ୍ରଭୁ ନବବିବାହିତା ମହାଲକ୍ଷ୍ମୀ (ଶ୍ରୀଦେବୀ)ଙ୍କୁ ଛାଡ଼ି ଘୋଷଯାତ୍ରାରେ ଭଉଣୀଭାଇଙ୍କୁ ସାଙ୍ଗରେ ନେଇ ଚାଲିଯାଇଥିବାରୁ ମହାଲକ୍ଷ୍ମୀ ତାଙ୍କ ଉପରେ ଅଭିମାନ କରିଥାନ୍ତି। ନୀଳାଦ୍ରିବିଜେ ଦିନ ମହାପ୍ରଭୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କଲାବେଳେ ମହାଲକ୍ଷ୍ମୀ ଅଭିମାନରେ ଜୟବିଜୟ ଦ୍ୱାର କବାଟ ବନ୍ଦ କରିଦେଇ ତାଙ୍କ ସହ ବଚନିକା କରିଥାନ୍ତି। ପରେ ଗଇଁଠାଳ ଫିଟା ନୀତି ହୋଇଥାଏ। ମାତ୍ର ମହାଲକ୍ଷ୍ମୀଙ୍କ ଅଭିମାନ ଭାଙ୍ଗି ନ ଥାଏ। ତେଣୁ ମହାପ୍ରଭୁ ରସଗୋଲା ଦେଇ ତାଙ୍କ ମାନଭଞ୍ଜନ କରିଥାନ୍ତି। ଭକ୍ତମାନେ ସେହି ସ୍ମୃତି ସ୍ୱରୂପ ନୀଳାଦ୍ରିବିଜେ ଦିନ ରଥାରୂଢ ଠାକୁରଙ୍କୁ ରସଗୋଲା ମଣୋହୀ କରିଥାନ୍ତି। ସେହିପରି ପୁରୀବାସୀ ନିଜ ଛାତ ଉପରେ ଏବଂ ଦାଣ୍ଡ ଦୁଆରେ ଠିଆହୋଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରସଗୋଲା ସମର୍ପଣ କରିଥିଲେ। ଅଧିକାଂଶ ପୁରୀ ବାସିନ୍ଦାଙ୍କ ଘରେ ସେମାନଙ୍କ ଆରାଧ୍ୟ ଠାକୁର ଶ୍ରୀଜଗନ୍ନାଥଙ୍କୁ ରସଗୋଲା ଭୋଗ କରାଯାଇଥିଲା।


ନୀଳାଦ୍ରିବିଜେ ଅବସରରେ ମଙ୍ଗଳବାର ରଥାରୂଢ ଦାରୁଦିଅଁଙ୍କୁ ରାଧାବଲ୍ଲଭ ମଠ ପକ୍ଷରୁ ରସଗୋଲା ଭୋଗ କରାଯାଉଛି।

## '୫ ବ୍ରହ୍ମର ମୌଳିକ ପୀଠ ଶ୍ରୀଜଗନ୍ନାଥ ଧାମ

ପୁରୀ,୮।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଓଡ଼ିଶା ଆନୁକୂଲ୍ୟରେ ଟ୍ରଷ୍ଟର ବିଶେଷ ରଥସଂଖ୍ୟା ଲୋକାର୍ପଣ ଓ ସମୀକ୍ଷା ବୈଠକ ମଙ୍ଗଳବାର କୁଳମଣି ଭବନରେ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦାସ କହିଥିଲେ, ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରାକୁ ବିଜୟ ଘୋଷଯାତ୍ରା କୁହାଯାଏ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଓ ଗଜପତି ମହାରାଜାଙ୍କ ସ୍ୱତନ୍ତ୍ର ସେବା ନୀତି ପରେ ବିଜେ କାହାଳୀ ବାଜିବା ପରେ ରଥଟଣା ପରମ୍ପରା ଭାରତବର୍ଷରେ କେଉଁଠି ଦୃଷ୍ଟିଗୋଚର ହୁଏ ନାହିଁ। ମୁଖ୍ୟ ଅତିଥିଭାବେ ବରିଷ୍ଠ ଦଇତା ସେବକ ରଘୁନାଥ ଦାସ ମହାପାତ୍ର ଯୋଗଦେଇ ଶ୍ରୀଜଗନ୍ନାଥ ଧାମ ନାଦ ବ୍ରହ୍ମ, ଧ୍ୱନି ବ୍ରହ୍ମ, ଶବ୍ଦ ବ୍ରହ୍ମ, ଜ୍ଞାନ ବ୍ରହ୍ମ, ଅର୍ଣ୍ଣ ବ୍ରହ୍ମର ମୌଳିକ ପୀଠ ବୋଲି କହିଥିଲେ। ଏହି ଅବସରରେ ପତ୍ରିକାର ମୁଖ୍ୟ ସମ୍ପାଦକ ଐତିହାସିକ ମଦନ ମୋହନ ମହାପାତ୍ର ପ୍ରକାଶିତ ଲେଖାର ସମୀକ୍ଷା କରିଥିଲେ। ଉପଦେଷ୍ଟା ପ୍ରତିଭା ତ୍ରିପାଠୀ, ଉପାଧ୍ୟକ୍ଷା ବିନୋଦ କୁମାର ପଣ୍ଡା, ପ୍ରାଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ, ଶିବ ସୁନ୍ଦର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଣ୍ଡିତ ସଦାଶିବ ମିଶ୍ର ମନ୍ତ୍ରପାଠ ଓ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଶ୍ରୀଗୁଣ୍ଡିଚାର ରଥ ବିଶେଷାଙ୍କ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ବିଜୟଲକ୍ଷ୍ମୀ ଦାଶ, ଗବେଷକ ନାରାୟଣ ନନ୍ଦ, ପ୍ରାଧ୍ୟାପକ ଅଭିମନ୍ୟୁ ଭୂୟାଁ, ପ୍ରାଧ୍ୟାପକ କାର୍ତ୍ତିକ କୁମାର ଦାସ ପ୍ରାଧ୍ୟାପକ ପ୍ରମୋଦ କୁମାର ଦଳାଇ, ପଣ୍ଡିତ ଦୟାନିଧି ତ୍ରିପାଠୀ, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ଶିକ୍ଷାବିତ୍ ସୁଚରିତା ପ୍ରତିହାରୀ, ଇଂ. କେଶବ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ତପନ କୁମାର ସେଠୀ ଓ ନୃସିଂହ ଚରଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କ୍ରିଷ୍ଣା ଦେବୀ ଧନ୍ୟବାଦ ଦେଇଥିଲେ।

## ସିଂହାସନ ମାଜଣା କଲେ ବଡ଼ଓଡ଼ିଆ ମଠ ମହନ୍ତ

ପୁରୀ,୮।୭(ଅଜିତ୍ କୁମାର ମହାନ୍ତି)

### କନକମୁଣ୍ଡିରେ ଚାନ୍ଦୁଆ ବାନ୍ଧିଲେ

ମହାପ୍ରଭୁଙ୍କ ନୀଳାଦ୍ରିବିଜେ ଦିନ ଶ୍ରୀମନ୍ଦିର ରତ୍ନସିଂହାସନ ଉପରେ ଚାନ୍ଦୁଆ ବନ୍ଧାଯାଇଥାଏ। ତାହାକୁ କନକମୁଣ୍ଡି ଚାନ୍ଦୁଆ ବା ତ୍ରିମୁଣ୍ଡି ଚାନ୍ଦୁଆ ବୋଲି କୁହାଯାଏ। ଏହି ଚାନ୍ଦୁଆକୁ ବଡ଼ଓଡ଼ିଆ ମଠ ପକ୍ଷରୁ ଲଗାଯାଇଥାଏ। ଗଜପତି ମହାରାଜା ପ୍ରତାପରୁଦ୍ର ଦେବଙ୍କ ରାଜୁତି ସମୟରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭକ୍ତି ଓ ମହାପ୍ରଭୁଙ୍କ ପ୍ରତି ଥିବା ନିଷ୍ଠା ଦେଖି କନକମୁଣ୍ଡି ଚାନ୍ଦୁଆ ସେବା ତାଙ୍କୁ କରିବାକୁ ଅନୁମତି ଦେଇଥିଲେ। ସେହିପରି ରତ୍ନସିଂହାସନର ସୁରକ୍ଷା ଦାୟିତ୍ୱ ଜଗନ୍ନାଥ ଦାସ ଏବଂ ବଡ଼ଓଡ଼ିଆ ମଠକୁ ପ୍ରଦାନ କରିଥିଲେ। ସେହିଦିନଠାରୁ ବଡ଼ଓଡ଼ିଆ ମଠ ପକ୍ଷରୁ କନକମୁଣ୍ଡି ଚାନ୍ଦୁଆ ସେବା କରାଯାଉଛି। ନୀଳାଦ୍ରିବିଜେ ଦିନ ରତ୍ନସିଂହାସନରେ ଚାରମାଳ ବନ୍ଧା ହେବା ପରେ ବଡ଼ଓଡ଼ିଆ ମଠ ମହନ୍ତ ଶ୍ରୀମନ୍ଦିରକୁ ଯାଇ ସିଂହାସନ ମାଜଣା ନୀତି କରିଥାନ୍ତି। ପରେ ମଠ ପକ୍ଷରୁ ଏକ ୧୪ ହାତିଆ ବାନା ନୀଳଚକ୍ରରେ ଲଗାଯାଇଥାଏ। ଏହାପରେ ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ଲଗାଯାଇଥାଏ। ପଞ୍ଚମୀ ତିଥିରୁ କନକମୁଣ୍ଡି ଚାନ୍ଦୁଆ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ନୀଳାଦ୍ରିବିଜେ ଦିନ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ଲାଗିଥାଏ ଏବଂ ସ୍ନାନପୂର୍ଣ୍ଣିମା ଦିନ କଢାଯାଇଥାଏ। ସୂଚନାଯୋଗ୍ୟ, ଗଜପତି ମହାରାଜା ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳରୁ ଓଡ଼ିଆ ମଠର ମହନ୍ତମାନେ ରତ୍ନସିଂହାସନ ମାଜଣା କରିଆସୁଛନ୍ତି। ସିଂହାସନ ମାଜଣା ନିମନ୍ତେ ବଟାଚନ୍ଦନ, କର୍ପୁର, ଚୁଆ, କେଶର, କସ୍ତୁରୀ ଆଦି ବ୍ୟବହାର ହୋଇଥାଏ। ମହନ୍ତ ମହାରାଜ ରତ୍ନସିଂହାସନ ମାଜଣା କରିବା ପରେ ମହାପ୍ରଭୁଙ୍କ ଦର୍ଶନ କରି ସିଂହଦ୍ୱାର ଦେଇ ମଠକୁ ଫେରିଥିଲେ।

## ମେଘନାଦ ପାଚେରି ଡେଇଁ ଶ୍ରୀମନ୍ଦିରକୁ ପଶିଲେ

ପୁରୀ,୮।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସୁରକ୍ଷା ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ମେଘନାଦ ପାଚେରି ଡେଇଁ କେତେଜଣ ଯୁବକ ଶ୍ରୀମନ୍ଦିରକୁ ପ୍ରବେଶ କରୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏପରି କାର୍ଯ୍ୟ ଶ୍ରମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏତେ ସୁରକ୍ଷା ବ୍ୟବସ୍ଥା ଥାଇ କିପରି ୩ରୁ ୪ ଜଣ ଯୁବକ ମେଘନାଦ ପାଚେରି ଉପରେ ଚଢ଼ି ଶ୍ରୀମନ୍ଦିର ଭିତରକୁ ଗଲେ, ମାତ୍ର ପୋଲିସ କି ସିସିଟିଭି ଜାଣିପରିଲେନି ତାହାକୁ ନେଇ ଏବେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମଙ୍ଗଳବାର ମହାପ୍ରଭୁଙ୍କ ରଥଯାତ୍ରାର ଶେଷପର୍ଯ୍ୟାୟ ନୀଳାଦ୍ରି ବିଜେ ଥିବାବେଳେ ମହାପ୍ରଭୁଙ୍କୁ ରଥରେ ଚଳିତବର୍ଷ ଶେଷ ଦର୍ଶନ ସହ ନୀଳାଦ୍ରି ପହଣ୍ଡି ଦେଖିବା ପାଇଁ ପୁରୀରେ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ସମଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମାଳ ମାଳ ସୁରକ୍ଷା କର୍ମୀ ଶ୍ରୀମନ୍ଦିର ଭିତରେ ଓ ବାହାରେ ମୁତୟନ ରହିଛନ୍ତି। ଏହାରି ଭିତରେ ଦକ୍ଷିଣ ଦ୍ୱାର ପେଜନଳା ନିକଟ ମେଘନାଦ ପାଚେରି ଉପରେ ଚଢ଼ି ଶ୍ରୀମନ୍ଦିର ଭିତରକୁ ୩ ରୁ ୪ଜଣ ଯୁବକ ଡେଇଁ ପଡ଼ିଥିବା ଦେଖିବାକୁ ମିଳିଛି। ତେବେ ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା ନେଇ ଗୋଇନ୍ଦା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ କିଛି ମାସ ତଳେ ସ୍ୱତନ୍ତ୍ର ସୁରକ୍ଷା କମାଣ୍ଡର ନିୟୋଜିତ କରାଯାଇଛି। ସେହିପରି ଶ୍ରୀମନ୍ଦିର ସ୍ୱତନ୍ତ୍ର ବାହିନୀକୁ ମଧ୍ୟ ନିୟୋଜିତ କରାଯାଇଛି। ଅପରପକ୍ଷରେ ରଥଯାତ୍ରା ପାଇଁ ପୁରୀରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି। କ୍ୟାମେରା ମଧ୍ୟ ଲଗାଯାଇଛି ତଥାପି ଭକ୍ତମାନେ କିପରି ମେଘନାଦ ପାଚେରି ଡେଇଁଗଲେ ତାହାର ତଦନ୍ତ କରାଯାଉ ବୋଲି ବିଭିନ୍ନ ମହଲରେ ଦାବି କରାଯାଇଛି। ଏନେଇ ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳପାରି ନାହିଁ।


ଦୁଇଜଣ ବ୍ୟକ୍ତି ମେଘନାଦ ପାଚେରି ଡେଇଁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ଉଦ୍ୟମ କରୁଛନ୍ତି।

## 'ମୋ ଆଶା'ର ରଥସଂଖ୍ୟା ଉନ୍ମୋଚିତ

ପୁରୀ,୮।୭(ଅଜିତ୍ କୁମାର ମହାନ୍ତି)

ନିମାପଡ଼ାର ଲିଟିଲ ଷ୍ଟାର୍ ଗ୍ରୁପ୍ ପକ୍ଷରୁ ପ୍ରକାଶ ପାଉଥିବା 'ମୋ ଆଶା' ପତ୍ରିକାର ରଥସଂଖ୍ୟା ମଙ୍ଗଳବାର ଶ୍ରୀମନ୍ଦିର ସିଂହଦ୍ୱାରଠାରେ ତିନିରଥ ସମ୍ମୁଖରେ ଉନ୍ମୋଚିତ ହୋଇଯାଇଛି। ପତ୍ରିକାର ସମ୍ପାଦକ ସୁମନ୍ତ ମହାରଣା, ସହସମ୍ପାଦିକା ଉର୍ମିଳା ମହାରଣା, ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଗ୍ରୁପ୍ ଉପଦେଷ୍ଟା ଅଜୟ ମିଶ୍ର, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ପତ୍ରିକାକୁ ଉନ୍ମୋଚନ କରିଥିଲେ। ସୂଚନାଯୋଗ୍ୟ, 'ମୋ ଆଶା'ର ସମ୍ପାଦକ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ହୋଇଥିବା ବେଳେ ଦୀର୍ଘ ୨୪ ବର୍ଷ ଧରି ଲିଟିଲ ଷ୍ଟାର ଗ୍ରୁପ ମାଧ୍ୟମରେ ପିଲାଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଛନ୍ତି। ସେହିପରି ସାହିତ୍ୟ ଓ ସଂସ୍କୃତି ରକ୍ଷା ପାଇଁ 'ମୋ ଆଶା' ନିୟମିତ ପ୍ରକାଶ କରିଆସୁଛନ୍ତି। ଚଳିତ ସଂଖ୍ୟାରେ ଓଡ଼ିଶାର ବହୁ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକଙ୍କ ଶିକ୍ଷଣୀୟ ଗଳ୍ପ ଓ କବିତା ସ୍ଥାନ ପାଇଥିବା ବେଳେ ପିଲାଙ୍କ ପାଇଁ ଚିତ୍ରକୁ ସ୍ଥାନ ଦିଆଯାଇଛି।


'ମୋ ଆଶା' ପତ୍ରିକାର ରଥସଂଖ୍ୟା ମଙ୍ଗଳବାର ଶ୍ରୀମନ୍ଦିର ସିଂହଦ୍ୱାରଠାରେ ତିନିରଥ ସମ୍ମୁଖରେ ଉନ୍ମୋଚିତ ହୋଇଯାଇଛି।

# ଡ୍ରାଇଭରଙ୍କ ଆନ୍ଦୋଳନ: ଯାତ୍ରୀ ହଇରାଣ



ବୋଲଗଡ଼ରେ ଡ୍ରାଇଭରମାନେ ଆନ୍ଦୋଳନ କରୁଛନ୍ତି।


ବାଣପୁରରେ ଡ୍ରାଇଭରଙ୍କ ଧର୍ମଘଟ।

**ଜଟଣୀ,୮।୭(ରବୀନ୍ଦ୍ରନାଥ ମହାକୁଡ଼)**

ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ରାଜ୍ୟରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଓ ଧର୍ମଘଟ ଡାକରା ଦିଆଯାଇଥିଲା। ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଭର ଆଣ୍ଡ ୱାର୍କର ୱେଲ୍‌ଫେୟାର ବୋର୍ଡ଼ରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ଜନସାଧାରଣଙ୍କ ଆକ୍ରୋଶର ଶିକାର ଡ୍ରାଇଭର ସମାଜର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା, ପ୍ରତି ୧୦୦ କି.ମି. ବ୍ୟବଧାନରେ ଡ୍ରାଇଭରଙ୍କ ବିଶ୍ରାମ, ଶୌଚାଳୟ ଏବଂ ଉପଯୁକ୍ତ ପାର୍କିଂ ବ୍ୟବସ୍ଥା, ଓଡ଼ିଶାରେ ଥିବା ଖଣିଖାଦାନ ଓ ଶିଳ୍ପମାନଙ୍କରେ ୭୦ ପ୍ରତିଶତ ଓଡ଼ିଶା ଡ୍ରାଇଭରଙ୍କୁ କାର୍ଯ୍ୟ ପ୍ରଦାନ ଏବଂ ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ରୂପେ ପାଳନ ଆଦି ୬ ଦଫା ଦାବି ରହିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜଟଣୀ ବ୍ଲକ, ସହର ଡ୍ରାଇଭର ସଂଘ ଏବଂ ଡ୍ରାଇଭର ଏକତା ମହାମଞ୍ଚ ଆନୁକୂଲ୍ୟରେ ସହରର ହରିଭାଇନା ଛକଠାରେ ଧର୍ମଘଟ ହୋଇଛି। ସଂଘ ସଭାପତି ଅନିଲ ହାତୀ ଏହାର ନେତୃତ୍ୱ ନେଇଛନ୍ତି। ଆନ୍ଦୋଳନ ଓ ଧର୍ମଘଟକୁ ରାଜ୍ୟର ବିଭିନ୍ନ ସଙ୍ଗଠନ ସମର୍ଥନ କରୁଥିବାରୁ ଏହାର ପ୍ରଭାବ ସାଧାରଣ ଜୀବନ ଯାତ୍ରାକୁ ପ୍ରଭାବିତ କରୁଥିବା ଦେଖିବାକୁ ମିଳିଛି।

ଜଟଣୀରେ ଥିବା ଭାରତୀୟ ତୈଳ ନିଗମ ଡିପୋ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ ଗ୍ୟାସ ଡିପୋରେ ଶହଶହ ଟ୍ରକ ଏବଂ ଟ୍ୟାଙ୍କର ସକାଳୁ ଅଟକି ରହିଥିଲା। ଫଳରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତକୁ ଗ୍ୟାସ୍ ଏବଂ ଡିଜେଲ, ପେଟ୍ରୋଲ ପରିବହନରେ ବାଧା ଉପୁଜିଥିବା ଦେଖିବାକୁ ମିଳିଥିଲା। ଧର୍ମଘଟରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସୁଶାନ୍ତ ପଟ୍ଟନାୟକ, ପ୍ରଶାନ୍ତ ପଟ୍ଟନାୟକ, ଅକ୍ଷୟ ରାଣସିଂହଙ୍କ ସମେତ ଜଟଣୀ ବ୍ଲକ ଏବଂ ପୌରାଞ୍ଚଳର ବହୁ ଡ୍ରାଇଭର ସାମିଲ ଥିଲେ।

**କଳାପଥର,(ଗଙ୍ଗାଧର ସାହୁ):** କଳାପଥର ଡ୍ରାଇଭର ସଂଘ ପକ୍ଷରୁ ମଙ୍ଗଳବାର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯାଇଛି। କଳାପଥର ସହରକୁ କୌଣସି ବସ୍, ଟ୍ରକ୍, ଅଟୋ ଏବଂ ଯାତ୍ରୀବାହୀ ଯାନ ଚଳାଚଳ ଠପ୍ ହୋଇଯାଇଛି। ଆନ୍ଦୋଳନରେ କଳାପଥର ଡ୍ରାଇଭର ସଂଘ ସଭାପତି ପ୍ରକାଶ ଚନ୍ଦ୍ର ବାରିକ ଏହାର ନେତୃତ୍ୱ ନେଇଛନ୍ତି। କଳାପଥର ଗ୍ରାମ ପଞ୍ଚାୟତ, ପୁଇଁଟିଆ ଗ୍ରାମ ପଞ୍ଚାୟତ, କାଳିପୋଇ ଗ୍ରାମ ପଞ୍ଚାୟତ, ଜଗନ୍ନାଥପୁର ଗ୍ରାମ ପଞ୍ଚାୟତ, ନୂଆ ଗାଁ ଗ୍ରାମ ପଞ୍ଚାୟତ, ଧଳାପଥର ଗ୍ରାମ ପଞ୍ଚାୟତରୁ ୩୦୦ରୁ ଉର୍ଦ୍ଧ୍ୱ ଡ୍ରାଇଭର ଧଳାପଥର ଗୋଲେଇ ଛକଠାରେ ଅହୋରାତ୍ର ଧାରଣାରେ ବସିଛନ୍ତି।

**ବାଣପୁର,୮।୭(ଦିଲ୍ଲୀପ କୁମାର ସ୍ୱାଇଁ):** ବାଣପୁର ବ୍ଲକଠାରେ ବାଣପୁର, ବାଲୁଗାଁ, ନାରୁଣୀ, ଗମ୍ଭାରୀମୁଣ୍ଡା ପ୍ରଭୃତି ଅଞ୍ଚଳର ଡ୍ରାଇଭରମାନେ ଏକତ୍ରିତ ହୋଇ ବିଭିନ୍ନ ସ୍ଲୋଗାନ ଦେବା ସହ ଦାବି ପୂରଣ ନ ହେବା ଯାଏ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସୂଚନା ଦେଇଛନ୍ତି। ପୂର୍ବ ସରକାର ସମୟରେ ଏ ସରକାର ବିରୋଧୀ ଦଳରେ ରହି ଡ୍ରାଇଭର ମହାସଂଘର ଆନ୍ଦୋଳନରେ ସହଯୋଗର ହାତ ବଢ଼ାଇଥିଲା। ହେଲେ ଶାସନକୁ ଆସିବା ପରେ କାହିଁକି ଡ୍ରାଇଭରଙ୍କ ହାତ ଛାଡିଦେଲା ବୋଲି ସଂଘ ଜିଲା ସଭାପତି ରାଜେଶ ଦାସ ପ୍ରଶ୍ନ କରିଛନ୍ତି।

**ବୋଲଗଡ଼,(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ସ୍ଥାନୀୟ ତହସିଲ ଛକଠାରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ମଙ୍ଗଳବାର ପୂର୍ବାହ୍ନରୁ ଆରମ୍ଭ ହୋଇଯାଇଛି। ରାଜ୍ୟ ସରକାର ଡ୍ରାଇଭରଙ୍କ ନାଜ୍ୟ ଦାବିଗୁଡ଼ିକ ବିଚାରକୁ ନେଇ ଯଥାଶୀଘ୍ର ପୂରଣ ନ କରିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳଯାଏ ଏହି ଅଖ ଚକବନ୍ଦ ଆନ୍ଦୋଳନ ଚାଲୁରହିବ ବୋଲି ବୋଲଗଡ଼ ସଂଘ ସଭାପତି ସୁକାନ୍ତ ବେହେରା ଚେତାବନୀ ଦେଇଛନ୍ତି। ତାଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିଲା। ଆନ୍ଦୋଳନରେ ବୋଲଗଡ଼ ବ୍ଲକର ୧୯ଟି ପଞ୍ଚାୟତର ଶହଶହ ଡ୍ରାଇଭର ଅଂଶଗ୍ରହଣ କରିଛନ୍ତି। ଉପସଭାପତି ପ୍ରତାପ ତାରେଣିଆ, ସମ୍ପାଦକ ଏସ୍.କେ କାଦଲଙ୍କ ସମେତ କର୍ମକର୍ତ୍ତା ଓ ଜିପି ଆଡମିନମାନେ ଉପସ୍ଥିତ ରହି ଶୃଙ୍ଖଳାର ସହ ଆନ୍ଦୋଳନ ଚାଲୁ ରଖିଛନ୍ତି। ତେବେ ବେସରକାରୀ ଯାତ୍ରୀବାହୀ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିବାବେଳେ ସରକାରୀ ବସ ଓ ଅନ୍ୟାନ୍ୟ ଜରୁରୀ ସେବା ଯାନ ଚଳପ୍ରଚଳ କରୁଥିଲା। ମାସେ ମଧ୍ୟରେ ଦାବି ପୂରଣ ନ ହେଲେ ପରିବାର ସହ ଡ୍ରାଇଭର ରାଜରାସ୍ତାରେ ଆନ୍ଦୋଳନରେ ସାମିଲ ହେବେ ବୋଲି କହିଛନ୍ତି।


କଳାପଥରରେ ଡ୍ରାଇଭରଙ୍କ ବିକ୍ଷୋଭ।


ଜଟଣୀରେ ଆନ୍ଦୋଳନରତ ଡ୍ରାଇଭର।

## ମାରଣାସ୍ତ୍ର ଦେଖାଇ ଦମ୍ପତିଙ୍କଠାରୁ ଟଙ୍କା ଲୁଟ୍

**ବେଗୁନିଆ,୮।୭(ହରପ୍ରସନ୍ନ ପଣ୍ଡା)**

୫୭ ନଂ. ଜାତୀୟ ରାଜପଥ ଅଧୀନ ବେଗୁନିଆ ଥାନା ଅଞ୍ଚଳରୁ ମଙ୍ଗଳବାର ଭୋରରୁ ମାରଣାସ୍ତ୍ର ଦେଖାଇ ଦମ୍ପତିଙ୍କଠାରୁ ଲୁଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୧୯୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଗଲା ବେଳକୁ ସମ୍ପୃକ୍ତ ଲୁଟେରାଙ୍କ ଟେର ପାଇ ନ ଥିବା ପୋଲିସ କହିଛି।ପୋଲିସ ସୂଚନା ଅନୁସାରେ, ନୟାଗଡ଼ ଜିଲା ଓଡ଼ଗାଁ ଅଞ୍ଚଳର ଦମ୍ପତ୍ତି ରଞ୍ଜନ ବାରିକ ଓ ପତ୍ନୀ ସୁନିତା ଏକ ବାଇକ୍ ଯୋଗେ ଭୋର ପ୍ରାୟ ୫ଟାରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ସେମାନେ ବେଗୁନିଆ ବଜାର ଅତିକ୍ରମ କରୁଥିବାବେଳେ ଅନ୍ୟ ଏକ ବାଇକ୍‌ରେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରି ଗଡ଼ତରାସ୍ଥିତ ପେଟ୍ରୋଲ ପମ୍ପ ଏବଂ ବେଗୁନିଆ ଥାନା କାର୍ଯ୍ୟାଳୟ ମଧ୍ୟବର୍ତ୍ତୀ ଅଞ୍ଚଳରେ ଅଟକାଇ ଥିଲେ। ଦମ୍ପତିଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ସେମାନଙ୍କଠାରୁ ଭ୍ୟାନିଟ ବ୍ୟାଗ ଏବଂ ମୋବାଇଲ ଫୋନ ନେଇ ପଳାଇଥିଲେ। ଏନେଇ ଦମ୍ପତ୍ତି ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଭ୍ୟାନିଟ ବ୍ୟାଗରେ କେବଳ ୮ ହଜାର ଟଙ୍କା ଥିବା ପୋଲିସ ସୂଚନା ଦେଇଛି।

## ନିରାକାରପୁର ଜଗନ୍ନାଥ ମନ୍ଦିର ଦ୍ୱିତୀୟ ବାର୍ଷିକ ଉତ୍ସବ


ନିରାକାରପୁରରେ ପୂଜା ପାଉଥିବା ଦାରୁଦିଅଁ।

**ନିରାକାରପୁର,୮।୭(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପଞ୍ଚାୟତରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂଜା ପାଠ, ହୋମ, ଯଜ୍ଞ ଆଦି କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳା ସହିତ ହୋଇଛି। ଅଞ୍ଚଳବାସୀ ତଥା ମନ୍ଦିର ପରିଚାଳନା କମିଟି ସଦସ୍ୟ ମନ୍ଦିର ପରିସରରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପାଦନ କରିଛନ୍ତି। ଭକ୍ତ ଶ୍ରଦ୍ଧାଳୁ ପ୍ରଭୁକୃପା ଲାଭ କରିବା ସହ ଜଗନ୍ନାଥପ୍ରେମୀ ଉପସ୍ଥିତ ଅଛନ୍ତି। ଜଗନ୍ନାଥ ମହାପ୍ରଭୁଙ୍କ ରୀତିନୀତି ଅନୁସାରେ ସମସ୍ତ କାର୍ଯ୍ୟ ସମାପନ ହୋଇଛି। ମଙ୍ଗଳବାର ପୁରୁଣା ଗରୁଡ଼ ମୂର୍ତ୍ତି ସ୍ଥାନରେ ନୂତନ ଗରୁଡ଼ ମୂର୍ତ୍ତି ସ୍ଥାପନ କରାଯିବା ସହ ମନ୍ଦିର ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଶେଷରେ ଭକ୍ତମାନେ ଜଗନ୍ନାଥଙ୍କ ପ୍ରସାଦ ପାଇଥିଲେ। ଗତ ୨ ବର୍ଷ ତଳେ ଖୋର୍ଦ୍ଧା ଜିଲା ନିରାକାରପୁର ବଡ଼ବଜାରଠାରେ ୫୪ ଫୁଟର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିର କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଜଗନ୍ନାଥ ମନ୍ଦିର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଥିଲା। ଯଜ୍ଞ ମଣ୍ଡପରେ ବ୍ରାହ୍ମଣ ତନ୍ତ୍ର ପାଠ କରି ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ କରିଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କ ନୂତନ ମନ୍ଦିର ପ୍ରବେଶ, ରତ୍ନ ସିଂହାସନ ଆରୋହଣ ପ୍ରାଣ ପ୍ରତିଷ୍ଠା ଦିଆଯାଇଥିଲା ଏବଂ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ପାର୍ଶ୍ୱରେ ମା' ମହାଲକ୍ଷ୍ମୀ, ମା' ବିମଳା, ଶ୍ରୀ ଧବଳେଶ୍ୱର ମହାଦେବ ଓ ଶ୍ରୀ ଗଜାନନ ବିଘ୍ନନାସନ ମହାରାଜାଙ୍କ ପ୍ରାଣ ପ୍ରତିଷ୍ଠା ଓ ନୂତନ ମନ୍ଦିର ପ୍ରତିଷ୍ଠା ସମ୍ପୂର୍ଣ୍ଣ ହୋଇଥିଲା। ଆଜିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମରେ ମନ୍ଦିର କମିଟି ସମସ୍ତ ସଭ୍ୟ ଓ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବାଇକ୍-ସ୍କୁଟି ଧକ୍କା, ୨ ଗୁରୁତର

**ବେଗୁନିଆ,୮।୭(ହର ପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ଅଧୀନ ବେଗୁନିଆ ଢ଼ାବା ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ବାଇକ୍ ଓ ସ୍କୁଟି ଧକ୍କା ହୋଇଛି। ଏଥିରେ ଉଭୟ ବାଇକ୍ ଚାଳକ ଗୁରୁତର ଆହାତ ହୋଇ ଚିକିତ୍ସାଧୀନ ଅଛନ୍ତି। ଉଭୟ ଗୁରୁତରଙ୍କ ମଧ୍ୟରେ ବେଗୁନିଆ ନୂଆସାହିର ଶିକ୍ଷକ ବିବେକାନନ୍ଦ ମିଶ୍ର ଏବଂ ଅନ୍ୟ ଜଣଙ୍କର ସମ୍ପୂର୍ଣ୍ଣ ପରିଚୟ ମିଳି ନାହିଁ। ଖବର ପାଇ ବେଗୁନିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ବାଇକ୍‌କୁ ଜବତ କରି ଅଧିକ ତଦନ୍ତ କରୁଛି। ରିପୋର୍ଟ ଲେଖାଗଲା ବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିବା ପୋଲିସ କହିଛି। ପ୍ରକାଶ ଥାଉକି, ଢ଼ାବା ଛକ ନିକଟରେ ଅପରାହ୍ନ ସାଢ଼େ ୪ଟା ସମୟରେ ବିବେକାନନ୍ଦ ବାଇକ୍ (ଓଡିଏଚ୍ ୫୪୫୫) ଯୋଗେ ରାସ୍ତା ପାର ହେଉଥିଲେ। ସେହି ସମୟରେ ଏକ ସ୍କୁଟି ଆସି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ସାହିତ୍ୟ ଏକାଡେମୀ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

**ଖୋର୍ଦ୍ଧା,୮।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ଭାଷା ସାହିତ୍ୟ ଓ ସଂସ୍କୃତିବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତର୍କ, ପ୍ରବନ୍ଧ, କବିତା ଆବୃତ୍ତି ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। ୧୦ଟି ବ୍ଲକ ଏବଂ ଭୁବନେଶ୍ୱର ମହାନଗର ନିଗମରୁ କନିଷ୍ଠ ଓ ବରିଷ୍ଠ ବିଭାଗରେ ଛାତ୍ରୀଛାତ୍ର ଭାଗ ନେଇଥିଲେ। କନିଷ୍ଠ ବିଭାଗରୁ ତର୍କରେ ଭୁବନେଶ୍ୱର ୟୁନିଟ-୨ ସରକାରୀ ଉଚ୍ଚ ବିଦ୍ୟାଳୟର ସାର୍ଥକ ସାହୁ, ପ୍ରବନ୍ଧରେ ଶିଆଳିଆ ଓ.ଏ.ଭିର ସୌମ୍ୟଜିତ ସେନାପତି, କବିତା ଆବୃତ୍ତିରେ ଶିଆଳିଆ ଓ.ଏ.ଭିର ସ୍ମିତପ୍ରଜ୍ଞା ମିଶ୍ର ଏବଂ ସାଧାରଣ ଜ୍ଞାନରେ ବଡ଼ବେରଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜୟଶ୍ରୀ ବାରିକ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରକୁ ଉନ୍ନୀତ ହୋଇଛନ୍ତି। ସେହିପରି ବରିଷ୍ଠ ବିଭାଗରୁ ତର୍କରେ ଖୋର୍ଦ୍ଧା ବି.ଜେ.ବି ସରକାରୀ ଉଚ୍ଚ ବିଦ୍ୟାଳୟର ସଂଗ୍ରାମ ପୁହାଣ, ପ୍ରବନ୍ଧରେ ତରବୋଇ ଶକୁନ୍ତଳା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ଅର୍ଚ୍ଚିତା ନାୟକ, କବିତା ଆବୃତ୍ତିରେ ଯାଁଳା କେ.ସି. ସରକାରୀ ଉଚ୍ଚ ବିଦ୍ୟାଳୟର ସାଇନା ମହାପାତ୍ର ଏବଂ ସାଧାରଣ ଜ୍ଞାନରେ କଣ୍ଟାବାଡ଼ସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ସତ୍ୟବ୍ରତ ପାଣିଗ୍ରାହୀ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରକୁ ଉନ୍ନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ସଂସ୍କୃତି ବିଭାଗ ଅଧିକାରୀ ଚୌଧୁରୀ ଅରବିନ୍ଦ ଦାଶ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସିଆର୍‌ସିସି ରେବତୀ ପଣ୍ଡା, ରାଜୀବ ଲୋଚନ ମହାପାତ୍ର, ସନ୍ତୋଷ ସାହୁ, ମନୋଜ ଦାସ ଏବଂ ବିଜେବି ଉଚ୍ଚ ବିଦ୍ୟାଳୟର ଶିକ୍ଷକମାନେ ସହଯୋଗ କରିଥିଲେ। ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁପ୍ରସାଦ ସେନାପତି ଧନ୍ୟବାଦ ଦେଇଥିଲେ।


ପ୍ରତିଯୋଗିତାରେ ପୁରସ୍କୃତ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ।

## ସାତପଡ଼ା ବନାଞ୍ଚଳ ପକ୍ଷରୁ ଚାରାରୋପଣ


ବନାଞ୍ଚଳ ଅଧିକାରୀ ରଞ୍ଜନ କୁମାର ବେହେରା ଏବଂ ଅନ୍ୟମାନେ ଚାରାରୋପଣ କରୁଛନ୍ତି।

**କୃଷ୍ଣପ୍ରସାଦ,୮।୭(କୈଳାଶ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକର ସାତପଡ଼ା ବନାଞ୍ଚଳ ପକ୍ଷରୁ ବନାଞ୍ଚଳ ଅଧିକାରୀ ରଞ୍ଜନ କୁମାର ବେହେରାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୁର୍ବେଦିକ ଚିକିତ୍ସାଳୟ, ସାତପଡ଼ା, ବାସୁଦେବ ହାଇସ୍କୁଲ, ବାଘମୁଣ୍ଡା ନୂଆଗାଁ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସାତପଡ଼ା ପରିସରରେ ପିସ୍ତା ବାଦାମ, ଅଁଳା, ଅର୍ଜୁନ, ବଉଳ, କରଞ୍ଜ, ପିଜୁଳି ଆଦି ଶତାଧିକ ଚାରାରୋପଣ କରାଯିବା ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନପାଳ ପ୍ରଣୟ କୁମାର ଜୟସିଂ, ପ୍ରଧାନ ଶିକ୍ଷକ ବିଜୟ କୁମାର ପ୍ରଧାନ, ଡାକ୍ତର ଭାସ୍କର ଚନ୍ଦ୍ର ଜେନା, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସମ୍ପାଦକ ନଳିନୀକାନ୍ତ ବଡ଼ଜେନା, ଅନୁଷ୍ଠାନ ଅଧ୍ୟକ୍ଷା କବିତା ମହାରଣା, ବନରକ୍ଷୀ ଅବଦୁଲ ଓକିଲ ଖାନ, ବନ ସୁରକ୍ଷା କର୍ମୀ, ବିଦ୍ୟାଳୟର କର୍ମଚାରୀ, ଛାତ୍ରୀଛାତ୍ର ଏବଂ ଏକ୍ରିକ ପ୍ରକଳ୍ପ ହମାରା ବଚପନ ଟ୍ରଷ୍ଟ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜନତା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ଟାଙ୍ଗୀ-ଖୋର୍ଦ୍ଧା,୮।୭(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅଧୀନ କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟର ୬୯ତମ ପ୍ରତିଷ୍ଠା ଦିବସ ପୁରାତନ ଛାତ୍ର ସଂସଦ ପକ୍ଷରୁ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି। ଚିଲିକା ପୂର୍ବତନ ବିଧାୟକ ବିଭୂତି ଭୂଷଣ ହରିଚନ୍ଦନଙ୍କ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଚିଲିକା ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ ମମତା ଦାଶ, ସମ୍ପାଦକ ପ୍ରଶାନ୍ତ ଭୁଜବଳ, ଶିକ୍ଷାବିତ୍ ହୃଷୀକେଶ ପ୍ରଧାନ, ବରିଷ୍ଠ ଶିକ୍ଷକ ରଘୁନାଥ ସ୍ୱାଇଁ, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, କୁହୁଡ଼ି ପୂର୍ବତନ ସରପଞ୍ଚ ଜୟଦେବ ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଧାୟକ ପ୍ରଶାନ୍ତ ଜଗଦେବ ସ୍କୁଲର ଅଡିଟୋରିୟମ, ଖେଳପଡ଼ିଆ ପୂର୍ଣ୍ଣାଙ୍ଗ କରିବାକୁ ଆର୍ଥିକ ଅନୁଦାନ ଘୋଷଣା କରିଥିଲେ। ସ୍କୁଲର ଶ୍ରେଷ୍ଠ ଛାତ୍ରୀ ଭାବେ ନିବେଦିତା ନାଇଡୁଙ୍କୁ ପୁରାତନ ଛାତ୍ର ପ୍ରଫୁଲ୍ଲ ପ୍ରଧାନ ସାଇକେଲ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅନ୍ନପୂର୍ଣ୍ଣା ଫାଇନାନ୍ସ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଶିଶୁ ରୋଗ, ଚର୍ମରୋଗ, ଅସ୍ଥିଶଲ୍ୟ, ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଯୋଗଦେଇ ଚିକିତ୍ସା କରିବା ସହ ମାଗଣା ଔଷଧ ବାଣ୍ଟିଥିଲେ। ସ୍କୁଲର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପୁରାତନ ଛାତ୍ର ସଂସଦ ସଭାପତି ମନୋଜ କୁମାର ମାନସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହ-ସମ୍ପାଦକ ନିଶିରଞ୍ଜନ ବଳବନ୍ତରାୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅଭିଭାବକ, ଛାତ୍ରୀଛାତ୍ର, ପୁରାତନ ଛାତ୍ର, ମହିଳା ସମିତି ସଭ୍ୟ, ସ୍କୁଲର ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।


କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟର ୬୯ତମ ପ୍ରତିଷ୍ଠା ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

## ଅବ୍ୟବସ୍ଥାରେ ଆଦର୍ଶ ବିଦ୍ୟାଳୟ, ଅସମ୍ପୂର୍ଣ୍ଣ ଭିତ୍ତିଭୂମି

### ନାହିଁ ରୋଷେଇ ଘର, ହଷ୍ଟେଲ

**କୃଷ୍ଣପ୍ରସାଦ,୮।୭(କୈଳାଶ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକ ଅଧୀନ ମାଲୁଦ ପଞ୍ଚାୟତ ହାତିଆଶୁଣୀଠାରେ ଉଚ୍ଚ ଶିକ୍ଷାର ପ୍ରସାର ପାଇଁ ୩ ବର୍ଷ ପୂର୍ବେ ପ୍ରତିଷ୍ଠା କରାଯାଇଥିବା ଆଦର୍ଶ ବିଦ୍ୟାଳୟ ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟ ଅସମ୍ପୂର୍ଣ୍ଣ ଭିତ୍ତିଭୂମି ଓ ଶୈକ୍ଷିକ ବାତାବରଣ ଅଭାବରୁ ଉତ୍ତମ ଶିକ୍ଷାଦାନ ଯୋଜନା ବିଫଳ ହୋଇଛି ବୋଲି କୃଷ୍ଣପ୍ରସାଦ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଶିକ୍ଷାବିତ୍, ଅଭିଭାବକ ପ୍ରକାଶ କରିବା ସହ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ବିଦ୍ୟାଳୟରେ ହଷ୍ଟେଲ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଥିବା ବେଳେ ତାହା କାର୍ଯ୍ୟକ୍ଷମ ହେଉନାହିଁ। ଫଳରେ ବ୍ଲକ ସମେତ ଆଖପାଖ ଅଞ୍ଚଳରୁ ଆସୁଥିବା ଛାତ୍ରୀଛାତ୍ର ବିଦ୍ୟାଳୟରେ ପାଠପଢି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିବାକୁ ବାଧ ହେଉଛନ୍ତି। ଏଠାରେ ଶିକ୍ଷାଦାନ ନିମନ୍ତେ ଆବଶ୍ୟକ ଶିକ୍ଷକ ନ ଥିବା ଜଣାପଡ଼ିଛି। ଛାତ୍ରୀଛାତ୍ରଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ ବ୍ୟବସ୍ଥା ନ ଥିବାବେଳେ ଖେଳ ପଡ଼ିଆ ଅନାବନା କଣ୍ଟାରେ ପରିପୂର୍ଣ୍ଣ ହୋଇ ରହିଛି। ମଧ୍ୟାହ୍ନଭୋଜନ ପ୍ରସ୍ତୁତି ନିମନ୍ତେ ଗୃହ ନ ଥିବାରୁ ଟିଣ ଛପର ଘରେ ଅସୁରକ୍ଷିତ ଭାବେ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ଖାଇବା ନିମନ୍ତେ ଡାଇନିଂ ହଲ ନ ଥିବାରୁ ବିଦ୍ୟାଳୟ ବାରଣ୍ଡାରେ ଏଣେତେଣେ ବସି ଛାତ୍ରୀଛାତ୍ର ଖାଦ୍ୟ ଖାଉଛନ୍ତି। ପାଣିର ମାନ ଉପଯୁକ୍ତ ନ ଥିବାରୁ ଛାତ୍ରୀଛାତ୍ର ବ୍ୟବହାର କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଚତୁର୍ପାର୍ଶ୍ୱରେ ପ୍ରାଚୀର ବ୍ୟବସ୍ଥା ନ ଥିବାବେଳେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ସରକାରୀ କ୍ୱାର୍ଟର୍ସ ନିର୍ମାଣ କରା ନ ଯିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ ଅଭାବରୁ ଅଧାପନ୍ତରିଆ ଭାବେ ପଡ଼ିରହିଛି। ବିଦ୍ୟାଳୟରେ ଅସମ୍ପୂର୍ଣ୍ଣ ଭାବେ ପଡ଼ିରହିଥିବା ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବା, ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ସହ ହଷ୍ଟେଲ ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏ ଦିଗରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ, ବିଧାୟିକା ବ୍ରହ୍ମଗିରି, ପୁରୀ ଏମ୍‌ପି, ବିଭାଗୀୟ ସଚିବ, ମୁଖ୍ୟ ଶାସନ ସଚିବ ଓ ପୁରୀ ଜିଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ ଓ ବୁଦ୍ଧିଜୀବୀ, ଅଭିଭାବକ ନିବେଦନ କରିଛନ୍ତି।



## ଜୁଆ ଆଡ୍ଡାରେ ଚଢ଼ାଉ, ୩ ଗିରଫ

ଭୁବନେଶ୍ୱର, ୮।୭(ସତ୍ୟଜିତ୍ ରାଉତ)

ବରମୁଣ୍ଡା ବିଡିଏ ପୁରୁଣା ମାର୍କେଟ୍ କମ୍ପ୍ଲେକ୍ସ ପଛପାର୍ଶ୍ୱରେ ଜୁଆ ଆଡ୍ଡା ଚାଲିଥିବା ବେଳେ ମଙ୍ଗଳବାର ଖଣ୍ଡଗିରି ପୋଲିସ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶ୍ରୀଲିଙ୍ଗରାଜ ଥାନା ଓଲ୍ଡଟାଉନର ସନ୍ତୋଷ କୁମାର ସାହୁ(୪୧), ଶହୀଦନଗର ଥାନା ଭୋଇନଗର ବସ୍ତିର ମନମୋହନ ମହାରଣା(୫୬) ଓ ଭରତପୁର ଥାନା ଅଞ୍ଚଳର ସନ୍ତୋଷ ନାୟକ (୨୭)। ଅଭିଯୁକ୍ତଙ୍କ ନିକଟରୁ ୨୫୦୦ ଟଙ୍କା ଓ ଜୁଆ ଖେଳ ଲାଗି ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏନେଇ ମାମଲା (ନଂ.୩୭୧/୨୦୨୫) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଯୌନ ନିର୍ଯାତନା ଅଭିଯୋଗ ଆଣିଲେ ଟିମ୍ ସାଇନ୍ କର୍ମଚାରୀ

## ମୁହଁ ଖୋଲୁନାହାନ୍ତି ବିଏମ୍‌ସି ଉଚ୍ଚ ଅଧିକାରୀ

ଭୁବନେଶ୍ୱର,୮।୭(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ପରିମଳଜନିତ ନିରୀକ୍ଷଣ ପାଇଁ ବିଏମ୍‌ସି ପକ୍ଷରୁ ଟିମ୍ ସାଇନ୍‌କୁ ନିୟୋଜିତ କରାଯାଇଛି। ମାତ୍ର କେତେବେଳେ ଟିମ୍ ସାଇନ୍ କର୍ମଚାରୀଙ୍କ ଦୁର୍ବ୍ୟବହାର ତ ଆଉ କେତେବେଳେ ସେମାନଙ୍କ ପରିମଳ କାର୍ଯ୍ୟଧାରାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଏବେ ଟିମ୍ ସାଇନ୍‌ରେ ଯୌନ ନିର୍ଯାତନା ଘଟଣାକୁ ନେଇ ବିଏମ୍‌ସି ବଦନାମ ମୁଣ୍ଡାଇଛି। ବିଏମ୍‌ସି ଉତ୍ତର ଜୋନ୍ ଦାୟିତ୍ୱରେ ଥିବା ଟିମ୍ ସାଇନ୍‌ର କେତେଜଣ ମହିଳା କର୍ମଚାରୀ ତାଙ୍କ ଟିମ୍‌ର ଦୁଇଜଣ ପୁରୁଷ କର୍ମଚାରୀଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ସବୁଠାରୁ ବଡ଼କଥା ହେଲା ଏହିଘଟଣାକୁଚାପିଦେବାକୁ ଉଦ୍ୟମ ହେଉଥିବା ସୂଚନା ମିଳିଛି। ବିଏମ୍‌ସି ଅଧିକାରୀମାନେ ସେମାନଙ୍କ ପାଖରେ ସମ୍ପୂର୍ଣ୍ଣ ତଥ୍ୟ ନାହିଁ ବୋଲି କହି ମୁଣ୍ଡରୁ ଦୋଷ ଖସାଇବାକୁ ଚେଷ୍ଟା କରୁଥିବାରୁ ପୀଡ଼ିତାଙ୍କୁ ନ୍ୟାୟ ମିଳିବା ନେଇ ସନ୍ଦେହ ଉପୁଜିଛି।

ମିଳିଥିବା ସୂଚନା ଅନୁଯାୟୀ, ଟିମ୍ ସାଇନ୍‌ର କେତେଜଣ ମହିଳା କର୍ମଚାରୀ ଦୁଇଜଣ ପୁରୁଷ କର୍ମଚାରୀଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏନେଇ ସେମାନେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ୍‌ଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। କମିଶନର ଘଟଣାର ଗୁରୁତ୍ୱକୁ ଦେଖି ଏକ ତଦନ୍ତ କମିଟି ଗଠନ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ଦାୟିତ୍ୱ ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁଙ୍କୁ ଦିଆଯାଇଥିଲା। କମିଟି ତଦନ୍ତକରି ମଙ୍ଗଳବାର ରିପୋର୍ଟ ଦାଖଲ କରିଥିବା ଜଣାପଡିଛି। ତେବେ ଉକ୍ତ ରିପୋର୍ଟରେ କ'ଣ ରହିଛି, ପ୍ରକୃତରେ ଏହି ଅଭିଯୋଗରେ କେତେ ସତ୍ୟତା ରହିଛି କିମ୍ବା ଅଭିଯୋଗ ଆସିଥିବା ଦୁଇ କର୍ମଚାରୀଙ୍କ ବିରୋଧରେ ବିଏମ୍‌ସି କ'ଣ ପଦକ୍ଷେପ ନେଉଛି, ସେ ନେଇ କେହି ମୁହଁ ଖୋଲୁନାହାନ୍ତି। ଏନେଇ କମିଶନରଙ୍କୁ ପଚାରିବାରୁ ସେ ବିଶେଷ କିଛି ଜାଣି ନ ଥିବା କହିଛନ୍ତି। ତେବେ ଅଭିଯୋଗ ଆସିଛି। କାର୍ଯ୍ୟାଳୟରେ ଥିବା ଅଲ୍ ୱିମେନ୍ କମିଟିକୁ ଏହାର ତଦନ୍ତ କରିବାକୁ ଦିଆଯାଇଛି। ରିପୋର୍ଟ ଆସିବା ପରେ ହିଁ କିଛି କୁହାଯାଇପାରିବ। ଏନେଇ ଆସିଷ୍ଟାଣ୍ଟ କମିଶନର ଏନ୍. ଗଣେଶ ବାବୁଙ୍କୁ ପଚାରିବାକୁ କହି ସେ ନିଜ ମୁଣ୍ଡରୁ ଦୋଷ ଖସେଇ ଦେଇଥିଲେ। ତେବେ ଆସିଷ୍ଟାଣ୍ଟ କମିଶନର ଗଣେଶ ବାବୁ ମଧ ବେଶିକିଛି ଜାଣିନାହାନ୍ତି ବୋଲି କହି ତଦନ୍ତ ଦାୟିତ୍ୱରେ ଥିବା ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁଙ୍କୁ ପଚାରନ୍ତୁ ବୋଲି କହିଥିଲେ। ଅପରପକ୍ଷେ ଅତିରିକ୍ତ କମିଶନର ସାହୁଙ୍କ ପ୍ରତିକ୍ରିୟା ମିଳିପାରି ନ ଥିବାବେଳେ ଘଟଣାକୁ ନେଇ ବିଏମ୍‌ସି ଅଫିସ୍‌ରେ ଚର୍ଚ୍ଚା ଲାଗି ରହିଛି।

# ୩ ଆଧୁନିକ ଶୌଚାଳୟ ଉଦ୍‌ଘାଟିତ



ମେୟର ସୁଲୋଚନା ଦାସ ଓ ବିଧାୟକ ବାବୁ ସିଂ ଶୌଚାଳୟ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୮।୭(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମଙ୍ଗଳବାର ୩ଟି ସ୍ଥାନରେ ସର୍ବସାଧାରଣଙ୍କ ପାଇଁ ୩ଟି ଆଧୁନିକ ଶୌଚାଳୟ ଉଦ୍‌ଘାଟିତ ହୋଇଯାଇଛି। ସିଆର୍‌ପି ଛକ ନିକଟ ପ୍ରିୟଦର୍ଶିନୀ ମାର୍କେଟ ପରିସରରେ ନିର୍ମିତ ଆଧୁନିକ ଶୌଚାଳୟକୁ ଏକାମ୍ର ବିଧାୟକ ବାବୁ ସିଂ ଓ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ସ୍ଥାନୀୟ କର୍ପୋରେଟରଙ୍କ ସହ ବହୁ ବରିଷ୍ଠ ନାଗରିକ, ମାର୍କେଟ ଆସୋସିଏଶନ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସତ୍ୟନଗରସ୍ଥିତ ତୋଷାଳି ପ୍ଲାଜା ନିକଟ ଏବଂ ଉତ୍କଳ ହସ୍ପିଟାଲ ନିକଟରେ ମଧ୍ୟ ଆଉ ଦୁଇଟି ଆଧୁନିକ ଶୌଚାଳୟ ଉଦ୍‌ଘାଟିତ ହୋଇଯାଇଛି। ତୋଷାଳି ପ୍ଲାଜା ଶୌଚାଳୟକୁ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଉତ୍କଳ ହସ୍ପିଟାଲ ପାଖରେ ମେୟର ଏହାକୁ ଉଦ୍‌ଘାଟନ କରିଥିଲେ।

କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି, ସହରର ପରିମଳ ଏବଂ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମର ପ୍ରତ୍ୟେକ ଜନସମାଗମ ସ୍ଥାନରେ ଶୌଚାଳୟର ସୁବ୍ୟବସ୍ଥା କରାଯାଉଚି। ଏଥିପାଇଁ କ୍ରମାଗତ ଭାବେ ପ୍ରକଳ୍ପଗୁଡିକ ହାତକୁ ନିଆଯାଉଛି। ଏହି ତିନୋଟି ସର୍ବସାଧାରଣ ଶୌଚାଳୟକୁ ମିଶାଇ ବିଏମ୍‌ସି ଅଞ୍ଚଳରେ ମୋଟ ୧୧୧ଟି ସାମୂହିକ ଶୌଚାଳୟ ରହିଛି। ୭୦ଟି ଗୋଷ୍ଠୀ ଶୌଚାଳୟ ଏବଂ ୨୫ଟି ଇ-ଟଏଲେଟ୍ ନିର୍ମାଣ କରାଯାଇଛି। ଏଗୁଡିକରେ ସମୁଦାୟ ୧୪୬୫ଟି ସିଟ୍ ରହିଛି ବୋଲି ସୂଚନା ଦିଆଯାଇଛି।

# ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକରଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ଭୁବନେଶ୍ୱର, ୮।୭ (ବନ୍ଦନା ସେଠୀ)

ବିଏମ୍‌ସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ କାର୍ଯ୍ୟାଳୟ ଭିତରେ ପଶି ମାଡ଼ ମାରିବା ଘଟଣାରେ ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ରତ୍ନାକରଙ୍କୁ ନ୍ୟାୟ ଦେବା ପାଇଁ ସମସ୍ତେ ଅଡି ବସିଥିବାବେଳେ ତାଙ୍କ ବିରୋଧରେ ଅଭିଯୋଗ ଆଣିଥିବା ସ୍ୱଚ୍ଛସାଥୀ ରେବତୀ ରାଉତଙ୍କୁ ନ୍ୟାୟ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ରତ୍ନାକରଙ୍କ ବିରୋଧରେ ନୟାପଲ୍ଲୀ ୱେଲ୍‌ଫେୟାର ଆସୋସିଏଶନ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରାଯାଇଛି। ଆସୋସିଏଶନ ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। ଅଭିଯୋଗ ଅନୁଯାୟୀ, ଜୁନ୍ ୩୦ରେ ରେବତୀ ଖାରବେଳ ନଗର ଥାନାରେ ରତ୍ନାକରଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅଧିକାରୀ ଜଣକ ତାଙ୍କୁ ଚାମ୍ବରକୁ ଡାକି ଦୁର୍ବ୍ୟବହାର କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ସ୍ଥାନୀୟ କର୍ପୋରେଟର ପୁଷ୍ପାଞ୍ଜଳି ସେଠୀଙ୍କ ସ୍ୱାମୀ ଟିକିନା ସେଠୀଙ୍କ ସହ ସାଲିସ କରିବାକୁ ଆଦେଶ ଦେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ମାତ୍ର ୮ଦିନ ପରେ ମଧ ପୋଲିସ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ସେହିପରି ଜଣେ ଓଏଏସ୍ ମହିଳା କର୍ମଚାରୀ ଅକ୍ଷୟମିତା କାର୍ତ୍ତିକଙ୍କୁ ରତ୍ନାକର ପୂର୍ବରୁ ହଇରାଣ କରୁଥିବା ନେଇ ଅଭିଯୋଗ ରହିଛି। ତେବେ ଅଭିଯୋଗର ସତ୍ୟାସତ୍ୟ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।

# ଶ୍ରୀନିକୁଞ୍ଜ ବିହାରୀ ଦେବ ମନ୍ଦିରରେ ରସଗୋଲା ଦିବସ




ପୂଜକ ଶ୍ରୀଧର ଦାସଙ୍କ ସହ ଅନ୍ୟମାନେ ଠାକୁରଙ୍କ ରସଗୋଲା ଅର୍ପଣ କରୁଛନ୍ତି।

ବାଲିଅନ୍ତା,୮।୭(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ବାଲିଅନ୍ତାର ଆରାଧ୍ୟ ଦେବତା ଶ୍ରୀ ନିକୁଞ୍ଜ ବିହାରୀ ଦେବଙ୍କ ମନ୍ଦିରରେ ମଙ୍ଗଳବାର ନିଳାଦ୍ରୀ ବିଜେ ଅବସରରେ ରସଗୋଲା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ ପୂଜା ପାଉଥିବା ଶ୍ରୀକୃଷ୍ଣଙ୍କ ବିଗ୍ରହଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପୂଜକ ଶ୍ରୀଧର ଦାସ ପ୍ରଭୁଙ୍କ ପାଖରେ ରସଗୋଲା ଭୋଗ ଲାଗି କରିଥିଲେ। ପ୍ରଥମେ ପ୍ରଭୁଙ୍କ ରସଗୋଲା ଅର୍ପଣ କରାଯାଇଥିଲା। ପରେ ରସଗୋଲାକୁ ଶ୍ରଦ୍ଧାଳୁଙ୍କୁ ବଣ୍ଟା ଯାଇଥିଲା। ବାଲିଅନ୍ତାର ସାମାଜିକ ଅନୁଷ୍ଠାନ ସମ୍ପର୍କ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ଖୁଣ୍ଟିଆ, ଦିଲୀପ କୁମାର ନାୟକ, ବାବୁଲା ନାୟକ, ଅଭିରାମ ଜେନା ପ୍ରମୁଖ ଯୋଗଦେଇଥିଲେ।

# ସତ୍ ମାର୍ଗରେ ଜୀବନଯାପନ ପାଇଁ ପରାମର୍ଶ

## ସ୍ନାତକ ଡିଗ୍ରୀ ଶେଷ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାଲିଅନ୍ତା,୮।୭(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ଶ୍ରୀଜୟଦେବ କଲେଜର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ସ୍ନାତକ ଡିଗ୍ରୀ ସମାପ୍ତ କରିଥିବା ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ କଲେଜ ପରିସରରେ ଆୟୋଜିତ ଏକ ଉତ୍ସବରେ ଅଧ୍ୟକ୍ଷ ପ୍ରଫେସର ଡ. ଦେବାଶିଷ ଦାସ ଯୋଗଦେଇ ସ୍ନାତକ ଡିଗ୍ରୀ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେମାନେ ସତ୍ ମାର୍ଗରେ ଜୀବନଯାପନ ପାଇଁ ଅଧ୍ୟକ୍ଷ ଦାସ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ରୂପେ ରାଜନୀତି ବିଜ୍ଞାନର ଅଧ୍ୟାପକ ହିମାଂଶୁ ଶେଖର ନାୟକ ଯୋଗଦେଇ କଲେଜ ବିକାଶ ପାଇଁ ପ୍ରାକ୍ତନ ଛାତ୍ରୀଛାତ୍ର ସଙ୍ଗଠିତ ଓ ସକ୍ରିୟ ହେବାକୁ ପରାମର୍ଶ ଦେଇଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ତ୍ରିଲୋଚନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଡ. ସଂଘମିତ୍ରା ମହାପାତ୍ର, ଡ. ଉମାକାନ୍ତ ପରିଡ଼ା, ଡ. ନମିତା ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷଟିଏ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ କଲେଜ ଓଡ଼ିଆ ବିଭାଗ ଯୁକ୍ତ ୩ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ପରିଚାଳନା କରିଥିଲେ।



ବାଲିଅନ୍ତା ବ୍ଲକର କାକରୁଦ୍ରପୁର ଅଞ୍ଚଳର ପ୍ରସିଦ୍ଧ ଶ୍ରୀ ପତିତପାବନ ଦେବଙ୍କ ବାହୁଡ଼ା ଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ସବୁଠି ରଥଯାତ୍ରାର ୯ ଦିନରେ ବାହୁଡ଼ା ଯାତ୍ରା ଆୟୋଜିତ ହେଉଥିବାବେଳେ ଏଠାରେ ୧୧ ଦିନରେ ପ୍ରଭୁ ଶ୍ରୀପତିତପାବନ ଦେବ ବାହୁଡ଼ିଥାନ୍ତି।

# ସୂଚନା ଅଧିକାର ଅଧିନିୟମ ବ୍ୟବସ୍ଥା ଜାଣିଲେ ଆଇନ ଛାତ୍ରୀଛାତ୍ର



ଅତିଥିଙ୍କ ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଆଇନ ଛାତ୍ରୀଛାତ୍ର।

ଭୁବନେଶ୍ୱର,୮।୭(ସୁଚିସ୍ମିତା ସାହୁ)

ଓଡ଼ିଶା ସୂଚନା ଆୟୋଗ ପକ୍ଷରୁ ଆଇନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଇନ ଛାତ୍ରୀଛାତ୍ରମାନେ ଆୟୋଗରେ ଯୋଗଦେଇ ଅଭିଯୋଗ ଶୁଣାଣିଗୁଡିକ ଶୁଣିଥିଲେ। ସୂଚନା ଅଧିକାର ଅଧିନିୟମ ଅଧୀନରେ ମାମଲାଗୁଡିକର ସମାଧାନ ପ୍ରକ୍ରିୟା ସମ୍ପର୍କରେ ଶିକ୍ଷା ଗ୍ରହଣ କରିଥିଲେ। ବାଲେଶ୍ୱରର ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟର ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଏବଂ କଟକର ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ମୋଟ ୩୯ଜଣ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଆୟୋଗଙ୍କଠାରୁ ପ୍ରମାଣପତ୍ରଗୁଡ଼ିକ ପ୍ରାପ୍ତ କରିଥିଲେ। ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ମନୋଜ ପରିଡ଼ା କହିଛନ୍ତି, ଏହି ପ୍ରଶିକ୍ଷଣ ସୁବିଧା ସୂଚନା ଅଧିକାର ଅଧିନିୟମର ବିଭିନ୍ନ ବ୍ୟବସ୍ଥାଗୁଡ଼ିକ ବୁଝିବା ପାଇଁ ସାହାଯ୍ୟ କରିବ। ଛାତ୍ରୀଛାତ୍ରମାନେ ଅଦାଲତ ପ୍ରକୋଷ୍ଠରେ ଏହାର କାର୍ଯ୍ୟକାରିତା ଅନୁଧ୍ୟାନ କରିଥିଲେ। ସୂଚନା ଅଧିକାର ଅଧିନିୟମ ଅଧୀନରେ ବିଭିନ୍ନ ଅଧିକାରୀଙ୍କଠାରୁ ସୂଚନା ପ୍ରାପ୍ତ କରିବା ପାଇଁ ନାଗରିକଙ୍କ ଅଧିକାର ସମ୍ବନ୍ଧରେ ସଚେତନତା ପ୍ରସାର କରିବାରେ ମଧ ସାହାଯ୍ୟ କରିବ ବୋଲି ସେ କହିଛନ୍ତି।

# ରସଗୋଲାରେ ମହାପ୍ରଭୁଙ୍କ ମନ

ପୁରୀ,୮।୭(ଅଜିତ୍ କୁମାର ମହାନ୍ତି)

ନୀଳାଦ୍ରିବିଜେ ଅବସରରେ ମଙ୍ଗଳବାର ରଥାରୂଢ଼ ଦାରୁଦିଅଁଙ୍କୁ ଭକ୍ତମାନେ ରସଗୋଲା ଭୋଗ ଅର୍ପଣ କରିଛନ୍ତି। ଭୋଗଲାଗି ପରେ ସେହି ରସଗୋଲାକୁ ଭକ୍ତମାନେ ଅତି ଆନନ୍ଦରେ ସେବନ କରୁଥିବା ଦେଖିବାକୁ ମିଳିଥିଲା। ବଡ଼ଦାଣ୍ଡରେ ବହୁ ବ୍ୟକ୍ତି ରସଗୋଲା ପସରା ମେଲାଇଥିଲେ। ଭକ୍ତମାନେ ସେମାନଙ୍କଠାରୁ ରସଗୋଲା କିଣିନେଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ଉଦ୍ଦେଶ୍ୟରେ ଭୋଗ ଲଗାଇଥିଲେ।

ମହାପ୍ରଭୁଙ୍କ ଉପାସନାରେ ସାମାଜିକ ପରମ୍ପରାର ଝଲକ ଦେଖିବାକୁ ମିଳିଥାଏ। ମହାପ୍ରଭୁ ନବବିବାହିତା ମହାଲକ୍ଷ୍ମୀ (ଶ୍ରୀଦେବୀ)ଙ୍କୁ ଛାଡ଼ି ଘୋଷଯାତ୍ରାରେ ଭଉଣୀଭାଇଙ୍କୁ ସାଙ୍ଗରେ ନେଇ ଚାଲିଯାଇଥିବାରୁ ମହାଲକ୍ଷ୍ମୀ ତାଙ୍କ ଉପରେ ଅଭିମାନ କରିଥାନ୍ତି। ନୀଳାଦ୍ରିବିଜେ ଦିନ ମହାପ୍ରଭୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କଲାବେଳେ ମହାଲକ୍ଷ୍ମୀ ଅଭିମାନରେ ଜୟବିଜୟ ଦ୍ୱାର କବାଟ ବନ୍ଦ କରିଦେଇ ତାଙ୍କ ସହ ବଚନିକା କରିଥାନ୍ତି। ପରେ ଗଇଁଠାଳ ଫିଟା ନୀତି ହୋଇଥାଏ। ମାତ୍ର ମହାଲକ୍ଷ୍ମୀଙ୍କ ଅଭିମାନ ଭାଙ୍ଗି ନ ଥାଏ। ତେଣୁ ମହାପ୍ରଭୁ ରସଗୋଲା ଦେଇ ତାଙ୍କ ମାନଭଞ୍ଜନ କରିଥାନ୍ତି। ଭକ୍ତମାନେ ସେହି ସ୍ମୃତି ସ୍ୱରୂପ ନୀଳାଦ୍ରିବିଜେ ଦିନ ରଥାରୂଢ଼ ଠାକୁରଙ୍କୁ ରସଗୋଲା ମଣୋହୀ କରିଥାନ୍ତି। ସେହିପରି ପୁରୀବାସୀ ନିଜ ଛାତ ଉପରେ ଏବଂ ଦାଣ୍ଡ ଦୁଆରେ ଠିଆହୋଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରସଗୋଲା ସମର୍ପଣ କରିଥିଲେ। ଅଧିକାଂଶ ପୁରୀ ବାସିନ୍ଦାଙ୍କ ଘରେ ସେମାନଙ୍କ ଆରାଧ୍ୟ ଠାକୁର ଶ୍ରୀଜଗନ୍ନାଥଙ୍କୁ ରସଗୋଲା ଭୋଗ କରାଯାଇଥିଲା।



ନୀଳାଦ୍ରିବିଜେ ଅବସରରେ ମଙ୍ଗଳବାର ରଥାରୂଢ଼ ଦାରୁଦିଅଁଙ୍କୁ ରାଧାବଲ୍ଲଭ ମଠ ପକ୍ଷରୁ ରସଗୋଲା ଭୋଗ କରାଯାଉଛି।

# ମାରଣାସ୍ତ୍ର ଦେଖାଇ ଦମ୍ପତିଙ୍କଠାରୁ ଟଙ୍କା ଲୁଟ୍

ବେଗୁନିଆ,୮।୭(ହରପ୍ରସନ୍ନ ପଣ୍ଡା)

୫୭ ନଂ. ଜାତୀୟ ରାଜପଥ ଅଧୀନ ବେଗୁନିଆ ଥାନା ଅଞ୍ଚଳରୁ ମଙ୍ଗଳବାର ଭୋରରୁ ମାରଣାସ୍ତ୍ର ଦେଖାଇ ଦମ୍ପତିଙ୍କଠାରୁ ଲୁଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୧୯୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଗଲା ବେଳକୁ ସମ୍ପୃକ୍ତ ଲୁଟେରାଙ୍କ ଟେର ପାଇ ନ ଥିବା ପୋଲିସ କହିଛି। ନୟାଗଡ଼ ଜିଲା ଓଡ଼ଗାଁ ଅଞ୍ଚଳର ଦମ୍ପତ୍ତି ରଞ୍ଜନ ବାରିକ ଓ ପତ୍ନୀ ସୁନିତା ଏକ ବାଇକ୍ ଯୋଗେ ଭୋର ପ୍ରାୟ ୫ଟାରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ସେମାନେ ବେଗୁନିଆ ବଜାର ଅତିକ୍ରମ କରୁଥିବାବେଳେ ଅନ୍ୟ ଏକ ବାଇକ୍‌ରେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରି ଗଡ଼ତରାସ୍ଥିତ ପେଟ୍ରୋଲ ପମ୍ପ ଏବଂ ବେଗୁନିଆ ଥାନା କାର୍ଯ୍ୟାଳୟ ମଧ୍ୟବର୍ତ୍ତୀ ଅଞ୍ଚଳରେ ଅଟକାଇ ଥିଲେ। ଦମ୍ପତିଙ୍କୁ ମାରଣାସ୍ତ୍ର ଦେଖାଇ ସେମାନଙ୍କଠାରୁ ଭ୍ୟାନିଟ ବ୍ୟାଗ ଏବଂ ମୋବାଇଲ ଫୋନ ନେଇ ପଳାଇଥିଲେ।

# ବିଜେଇଏମ୍ ସ୍କୁଲ ଦଶମ, ଦ୍ୱାଦଶ ସଫଳ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ଭୁବନେଶ୍ୱର,୮।୭(ସୁଚିସ୍ମିତା ସାହୁ)

ବକ୍ସି ଜଗବନ୍ଧୁ ଇଂଲିଶ ମାଧ୍ୟମ ବିଦ୍ୟାଳୟ ପକ୍ଷରୁ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଙ୍ଗଳବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. କମଳ ପ୍ରସାଦ ମହାପାତ୍ର ଯୋଗଦେଇ କହିଲେ, ପ୍ରତ୍ୟେକ ପିଲାଙ୍କ ପାଖରେ ସ୍ୱତନ୍ତ୍ର ପ୍ରତିଭା ବିଦ୍ୟମାନ। ସତ୍ୟନିଷ୍ଠା, ଏକାଗ୍ରତା, ଦୃଢ଼ ସଂକଳ୍ପ ଓ ଅଭ୍ୟାସ ବଳରେ ଛାତ୍ର ସମାଜ ସଫଳତାର ଶୀର୍ଷରେ ପହଞ୍ଚିପାରେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସଭାପତି ରଘୁନାଥ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ର ଶୃଙ୍ଖଳିତ ଓ ନିୟମାବଦ୍ଧ ଜୀବନଶୈଳୀକୁ ଆପଣାଇବାକୁ ଆହ୍ୱାନ ଦେଇଥିଲେ।



ଅତିଥି ଓ ସ୍କୁଲ କର୍ମକର୍ତ୍ତାଙ୍କ ଗହଣରେ ସମ୍ବର୍ଦ୍ଧିତ ମେଧାବୀ ଛାତ୍ରୀଛାତ୍ର।

ବିଦ୍ୟାଳୟର ଉପପରିଚାଳକ ଅନୁପ ପଟ୍ଟନାୟକ ଛାତ୍ରୀଛାତ୍ର ଜୀବନରେ ମୁକ୍ତ ଚିନ୍ତନ ଏବଂ ଲକ୍ଷ୍ୟପୂର୍ଣ୍ଣ ଅଧ୍ୟବସାୟ ଜାରି ରଖିବା ଉଚିତ ବୋଲି କହିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଗଭୀର ଆତ୍ମବିଶ୍ୱାସ ଏବଂ କଠିନ ଉଦ୍ୟମ ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳକ ପ୍ରତାପ କୁମାର ଜେନା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇଥିବା ବେଳେ ବିଦ୍ୟାଳୟର ପର୍ଯ୍ୟବେକ୍ଷକ ନରେଶ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ୯୦%ରୁ ଅଧିକ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିବା ଦଶମ ଶ୍ରେଣୀର ୮୮ ଜଣ ଓ ଦ୍ୱାଦଶ ଶ୍ରେଣୀର ୧୭ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜଳବନ୍ଦୀମୁକ୍ତ ହେବ ଭୁବନେଶ୍ୱର, ଗଠନ ହେଲା 'ରାଟ୍'

ଭୁବନେଶ୍ୱର, ୮।୭ (ବନ୍ଦନା ସେଠୀ)

ବର୍ଷାଜନିତ ଜଳବନ୍ଦୀ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଭୁବନେଶ୍ୱର ମହାଗନର ନିଗମ (ବିଏମସି) ପକ୍ଷରୁ ରାପିଡ୍ ଆକ୍ସନ ଟିମ ବା 'ରାଟ୍' ଗଠନ ହୋଇଛି। ମଙ୍ଗଳବାର ମେୟର ସୁଲୋଚନା ଦାସ ବିଏମ୍‌ସି ମୁଖ୍ୟାଳୟରେ ଏହି ଟିମ୍‌ର ଶୁଭାରମ୍ଭ କରିଥିଲେ। ପ୍ରବଳ ବର୍ଷାରେ କୌଣସି ସ୍ଥାନରେ ଡ୍ରେନ ଜାମ୍ ହେଲେ କିମ୍ବା ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଲେ ଏହି ଟିମ୍ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବ। ବିଏମ୍‌ସିର ତିନୋଟି ଜୋନ୍ ପାଇଁ ୩ଟି ଟିମ୍ ଗଠନ ହୋଇଛି। ପ୍ରତି ଟିମରେ ୪ଜଣ ଲେଖାଏ ସଦସ୍ୟ ରହିଛନ୍ତି। ବର୍ଷାଜନିତ ଜଳ ନିଷ୍କାସନ ପାଇଁ ଆବଶ୍ୟକ ଯନ୍ତ୍ରପାତି ଏବଂ ଗାଡି ମଧ ସେମାନଙ୍କୁ ଯୋଗାଇ ଦିଆଯାଇଛି। ଡ୍ରେନ ଚୋକ୍ ହେଲେ ତାହାକୁ ସଫାକରିବା, ଆବଶ୍ୟକ ପଡିଲେ ସ୍ଲାବ୍ ଭାଙ୍ଗିବା ପାଇଁ ବ୍ରେକର ମେଶିନ ଲଗାଇବା, ଜେସିବି ଲଗାଇ ବର୍ଜ୍ୟ ପରିଷ୍କାର କରିବା, ପାଣି ଯିବା ପାଇଁ ରାସ୍ତା ସୁଗମ କରିବା ଆଦି କାର୍ଯ୍ୟ ପାଇଁ ସମସ୍ତ ପ୍ରକାର ଯନ୍ତ୍ରପାତି ପ୍ରଦାନ କରାଯାଇଛି। ଏଥିସହ ନିରାପଦରେ କାର୍ଯ୍ୟ କରିବା ପାଇଁ ଟିମ୍‌ର ସମସ୍ତ ସଦସ୍ୟଙ୍କୁ ରେନ୍‌କୋଟ୍, ସେଫ୍ଟି କ୍ୟାପ, ମାସ୍କ, ହ୍ୟାଣ୍ଡ ଗ୍ଲୋବ୍‌ସ, ଗମ୍ ବୁଟ୍ ପ୍ରଦାନ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ୨୪ଘଣ୍ଟିଆ ନିଃଶୁଳ୍କ ଫୋନ୍ ନମ୍ବର ୧୯୨୯ କାର୍ଯ୍ୟ କରୁଛି। ବର୍ଷା ସମୟରେ ଜଳବନ୍ଦୀ ହେଲେ ଜନସାଧାରଣ ଏହି ଟୋଲ ଫ୍ରି ନମ୍ବରରେ ଜଣାଇବା ପାଇଁ ବିଏମ୍‌ସି ପକ୍ଷରୁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଅନ୍ୟମାନଙ୍କ ଉପସ୍ଥିତିରେ ମେୟର ରାପିଡ୍ ଆକ୍ସନ ଟିମ୍‌ର ଶୁଭାରମ୍ଭ କରୁଛନ୍ତି।

## ଓ୍ୱିଜ୍‌ଡମ ପବ୍ଲିକ ସ୍କୁଲରେ ତାରା ରୋପଣ

କଟକ ସଦର,(ସୁଶାନ୍ତ କୁମାର ଜେନା):କଟକ ସଦର ବ୍ଲକ ଅନ୍ତର୍ଗତ ସାମନ୍ତରାପୁରସ୍ଥିତ ୱିଜଡମ ପବ୍ଲିକ ସ୍କୁଲ ପକ୍ଷରୁ ସୋମବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିଲାମାନେ ସ୍କୁଲ ପରିସରରେ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା ନିର୍ଦ୍ଦେଶକ ପ୍ରିତମ ଚୌଧୁରୀଙ୍କ ତତ୍ତ୍ୱାବଧାନରେ କିଶନନଗର ଥାନା ଅଧିକାରିଣୀ ଦୁର୍ଗେଶ ନନ୍ଦିନୀ ମହାନ୍ତି, ଏସ୍‌ଆଇ ଜୟଶ୍ରୀ ସାହୁ, ଅବସରପ୍ରାପ୍ତ ଅଧକ୍ଷ ଦେବେନ୍ଦ୍ର ବାରିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ ଆଚାର୍ଯ୍ୟ ଯୋଗଦେଇ ପିଲାମାନଙ୍କ ସହ ଚାରା ରୋପଣ କରିଥିଲେ। ସ୍କୁଲ ଅଧକ୍ଷା ଅପରାଜିତା ଘୋଷାଲ, ଶିକ୍ଷୟିତ୍ରୀ ବନ ବାସିନୀ ଦାସ, ସରିତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ହୃଦ୍‌ଘାତରେ ଗ୍ରନ୍ଥାଗାରିକଙ୍କ ଅକାଳ ବିୟୋଗ

କଟକ,୮।୭(କାର୍ତ୍ତିକ ସାହୁ)

କଟକ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ଗ୍ରନ୍ଥାଗାରିକ ଭାବେ କାର୍ଯ୍ୟରତ ଆକାଶ କୁମାର ମାଝିଙ୍କ



ମଙ୍ଗଳବାର ପ୍ରାତଃ ସମୟରେ ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଛି। ତାଙ୍କର ଅକାଳ ବିୟୋଗରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅତିରିକ୍ତ ଜିଲାପାଳ ଶିବ ଟପୋଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ପ୍ରାର୍ଥନା ସଭାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସ୍ୱର୍ଗତ ମାଝି ୧୯୮୬ ନଭେମ୍ବର ୨୨ରେ ସରକାରୀ ଚାକିରୀରେ ଯୋଗଦେଇଥିଲେ।

### ଖବରଦାତା ସୀମନ୍ତିକା ନନ୍ଦଙ୍କ ପରଲୋକ

କଟକ,୮।୭(ଶିଳ୍ପା ପ୍ରିୟଦର୍ଶିନୀ)

ଖବରଦାତା ସୀମନ୍ତିକା ନନ୍ଦ (୪୨)ଙ୍କ ମଙ୍ଗଳବାର କଟକର ଏକ ଘରୋଇ ହସ୍ପିଟାଲରେ ହୃଦ୍‌ଘାତରେ ପରଲୋକ



ଘଟିଛି। ସେ ଖବରକାଗଜ ସମ୍ବାଦର କଟକ ଜିଲା ପ୍ରତିନିଧି ଭାବେ କାର୍ଯ୍ୟରତ ଥିଲେ। ପରଲୋକ ଖବର ପାଇ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ପୂର୍ବତନ ବିଧାୟକ ଦେବୀ ମିଶ୍ର, ମେୟର ସୁବାସ ସିଂ ଶେଷ ଦର୍ଶନ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସୂଚନାଥାଉକି, ସୀମନ୍ତିକା ଅସ୍ତ୍ରୋପଚାର ପାଇଁ ମଙ୍ଗଳବାର ଯୋବ୍ରାସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଅପରାହ୍ନରେ ଅସ୍ତ୍ରୋପଚାର ଆରମ୍ଭ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଥିଲା। ସନ୍ଧ୍ୟାରେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲେ। ସୀମନ୍ତିକାଙ୍କ ଅକାଳ ବିୟୋଗକୁ ନେଇ କଟକର ସମସ୍ତ ଖବରଦାତା ଓ ବୁଦ୍ଧିଜୀବୀଙ୍କ ମହଲରେ ଶୋକ ପ୍ରକାଶ ପାଇଛି।

# ସର୍ଜରି ୱାର୍ଡ ନିକଟରେ କୋଠାର ସିଲିଂ ଭାଙ୍ଗି ପଡୁଛି

କଟକ,୮।୭(ଶିଳ୍ପା ପ୍ରିୟଦର୍ଶିନୀ)

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ଅନୁଷ୍ଠାନ (ଶିଶୁଭବନ)ର ନୂତନ କୋଠାର ଅବ୍ୟବସ୍ଥା ତୁଟିବାରେ ନାଁ ଧରୁନି। ମେଡିକାଲ ତଳ ମହଲାଠୁ ଉପରମହଲା ଯାଏ ପ୍ରାୟତଃ ସ୍ଥାନରେ କୋଠାର ସିଲିଂ ଗଳି ପଡିଛି। ଏହାସହ ଲିଫ୍ଟ ସେବା ଥାଇ ମଧ୍ୟ ଏହା କାମରେ ଆସୁନି ଏବଂ ବର୍ଷା ହେଲେ ଉଭୟ ସିଲିଂ ଓ ଲିଫ୍ଟ ବାଟେ ପାଣି ଗଳୁଛି। ମେଡିକାଲ କର୍ତ୍ତୃପକ୍ଷ ସବୁ ଦେଖି ଏହାକୁ ଅଣଦେଖା କରି ଚାଲି ଯାଉଛନ୍ତି ଏବଂ ଶିଶୁରୋଗୀ ଓ ତାଙ୍କ ଅଭିଭାବକଙ୍କ ଜୀବନକୁ ବିପଦକୁ ଠେଲି ଦିଆଯାଉଛି।

ସୂଚନା ଅନୁଯାୟୀ, ଶିଶୁ ଭବନ ନୂତନ ଜି ପ୍ଲସ-୬ କୋଠାରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ନ ହୋଇ ଏହା ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଇଛି। ହେଲେ ନବନିର୍ମିତ ଏହି କୋଠାର ପାରାପିଟ୍ କିଛିଦିନ ପୂର୍ବେ ମାତ୍ର ଦେଢ଼ ଘଣ୍ଟା ବର୍ଷାରେ ଭୁଶୁଡି ପଡିଥିଲା ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ନ ଥିବାରୁ ମେଡିକାଲ ପରିସର ଜଳମଗ୍ନ ହୋଇପଡିଥିଲା। ଏହାକୁ କାଁ ଭାଁ ମରାମତି କରାଯାଇଛି ସତ ହେଲେ ତାହା ଆବଶ୍ୟକ ଅନୁଯାୟୀ କାର୍ଯ୍ୟ ନ ଥିବା କୁହାଯାଉଛି। ଅନ୍ୟପଟେ ଏବେ ଉକ୍ତ କୋଠାର ତଳ ମହଲାଠୁ ଆରମ୍ଭ କରି ଉପର ଯାଏ ପ୍ରାୟ ସ୍ଥାନରେ ସିଲିଂ ଖସିଥିବା ଦେଖିବାକୁ ମିଳିଥିବାବେଳେ ମୁଖ୍ୟତଃ ଚତୁର୍ଥ ମହଲାର ପେଡିଆଟ୍ରିକ ସର୍ଜରୀ ୱାର୍ଡ ବାହାରେ ଅଧିକାଂଶ ସ୍ଥାନରେ ଏଭଳି ହୋଇଥିବା ଦେଖିବାକୁ ମିଳିଛି। ଏହି ୱାର୍ଡ ଦେଇ ଯିବା ବାଟରେ ସାଇଡ କାନ୍ଥରୁ ମାର୍ବଲ ଅଧା ଭାଙ୍ଗି ଖସି ପଡିଥିବାବେଳେ ଆଉ ଅଧା ଭଙ୍ଗା ଅବସ୍ଥାରେ ଝୁଲି ରହିଛି। ତେବେ ୱାର୍ଡ ବାହାରେ ଶିଶୁରୋଗୀଙ୍କ ଅଭିଭାବକ ଓ ଶିଶୁରୋଗୀମାନେ ରହୁଥିବାବେଳେ ସିଲିଂ ଖସି ପଡିବା ଓ ବର୍ଷା ପାଣି ଗଳିବାକୁ ଶିଶୁ ରୋଗୀଙ୍କ ଅଭିଭାବକ ସହଜରେ ଗ୍ରହଣ କରି ପାରୁନାହାନ୍ତି। ସେହିପରି ବର୍ଷାରେ ମେଡିକାଲ ଛାତ ପାରାପିଟ୍ ଭୁଶୁଡିବା ଘଟଣାକୁ ୧୫ଦିନ ବିତିଥିବାବେଳେ ଲିଫ୍ଟ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇ ପାରିନି। ମେଡିକାଲରେ ୫ଟି ଲିଫ୍ଟରୁ ମାତ୍ର ଦୁଇଟି ଟିକେଟ କାଉଣ୍ଟର ନିକଟରେ ଥିବା ଲିଫ୍ଟ ଚାଲୁଛି। ହେଲେ ତାହା ମେଡିକାଲ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଫଳରେ ଶିଶୁରୋଗୀଙ୍କ ଅଭିଭାବକ ତଳ ମହଲାରୁ ଉପର ମହଲା କିମ୍ବା ଉପରରୁ ତଳ ମହଲାକୁ ଯିବାଆସିବା କରିବାରେ ନାହିଁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



କଟକ ଶିଶୁ ଭବନର ଲିଫ୍ଟ ଅଚଳ ହୋଇପଡ଼ିଛି।



କୋଠାର ସିଲିଂ ଖସି ପଡ଼ିଛି।

### ଅବ୍ୟବସ୍ଥାରେ ଶିଶୁଭବନର ନୂତନ କୋଠା



- ବର୍ଷା ହେଲେ ପାଣି ଗଳୁଛି
- ଶିଶୁରୋଗୀ, ଅଭିଭାବକଙ୍କ ଜୀବନକୁ ବିପଦ
- ୧୫ ଦିନ ହେବ ଲିଫ୍ଟ ବ୍ୟବସ୍ଥା ଠପ୍



କଟକ ଚାନ୍ଦିନୀଚୌକ ଶ୍ରୀଜଗନ୍ନାଥ ମନ୍ଦିରରେ ମଙ୍ଗଳବାର ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ।

# କଟକ ସଦର କଂଗ୍ରେସର ପ୍ରସ୍ତୁତି ବୈଠକ

କଟକ,୮।୭(ଶିଳ୍ପା ପ୍ରିୟଦର୍ଶିନୀ)

**୧୧ରେ ଓଡ଼ିଶା ଆସିବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ**

ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ମଲିକାର୍ଜୁନ ଖାର୍ଗେ, ସଙ୍ଗଠନ ସମ୍ପାଦକ କେ.ସି. ଭେନୁଗୋପାଲଙ୍କ ଆସନ୍ତା ୧୧ରେ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ସଫଳ କରିବା ପାଇଁ କଟକ ସଦର କଂଗ୍ରେସ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ରାମ ଚନ୍ଦ୍ର ଗୋଛାୟତଙ୍କ ଅଧ୍ୟକ୍ଷତାରେ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରେ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଟକ ସଦର ତଥା କଟକ ଜିଲା କଂଗ୍ରେସର ବହୁ ବରିଷ୍ଠ ନେତୃ ମଣ୍ଡଳୀ ଯୋଗଦେଇ ରାହୁଲଙ୍କ ଗସ୍ତ କାର୍ଯ୍ୟକ୍ରମ ସଫଳ କରିବା ଦିଗରେ ଗୁରୁତ୍ୱ ଦେଇଥିଲେ। ବୈଠକରେ ଜିଲା କଂଗ୍ରେସର ପ୍ରାକ୍ତନ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, କଟକ ନଗର ଯୁବ କଂଗ୍ରେସ ସଭାପତି ଡ଼ ବିପ୍ଳବ ଶିଳାଦିତ୍ୟ, ଜିଲା କଂଗ୍ରେସ ସଭାପତି ଆଶୁତୋଷ ରାଉତ, ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ କୁମାର ଅଗ୍ରୱାଲ, ବ୍ଲକ ସଭାପତି ବିପନ ପଶାୟତ ଓ ଆଶୁତୋଷ ବରାଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସଫଳ କରିବା ସହିତ ପ୍ରତି ନିର୍ବାଚନମଣ୍ଡଳୀରୁ ଅଧିକରୁ ଅଧିକ ଯୁବ ଛାତ୍ର କର୍ମୀ ଯୋଗଦେବା ପାଇଁ ଆହ୍ୱାନ ଦେଇଥିଲେ।

# ସମ୍ବିଧାନ ବଞ୍ଚାଅ ସମାବେଶକୁ ସଫଳ କରାଇବାକୁ ପ୍ରସ୍ତୁତି



ଶେଲଟର ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ନେତୃମଣ୍ଡଳୀ।

କଟକ,୮।୭(ଶିଳ୍ପା ପ୍ରିୟଦର୍ଶିନୀ)

ଆସନ୍ତା ୧୧ରେ ହେବାକୁ ଥିବା ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗଦେବା ପାଇଁ ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ମଲିକାର୍ଜୁନ ଖାର୍ଗେ, ସଙ୍ଗଠନ ସମ୍ପାଦକ କେ.ସି. ଭେନୁଗୋପାଲଙ୍କ ଓଡ଼ିଶା ଗସ୍ତରେ ଆସିବେ। ଏହି କାର୍ଯ୍ୟକ୍ରମ ସଫଳ କରାଇବା ପାଇଁ କଟକ ନଗର କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ଅଧ୍ୟକ୍ଷତାରେ ଶେଲଟର ଛକ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଟକ ଜିଲା ଓ ନଗର କଂଗ୍ରେସର ବହୁ ପଦାଧିକାରୀ ଓ କର୍ମୀମାନେ ଯୋଗଦେଇଥିଲେ। ସମ୍ବିଧାନ ବଞ୍ଚାଅ ସମାବେଶକୁ ସଫଳ କରିବା ପାଇଁ କଟକରୁ ପାଞ୍ଚ ହଜାରରୁ ଅଧିକ ଲୋକ ସାମିଲ ହେବା ବୋଲି ମୋକିମ କହିଛନ୍ତି। ବୈଠକରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ କହିଛନ୍ତି ଯେ, ଦେଶରେ ଯେପରି ସମ୍ବିଧାନକୁ ଅଣଦେଖା କରି ଭାଜପା ସରକାର ଶାସନ କରୁଛି ତାକୁ ବିରୋଧ କରି ରାହୁଲ ଗାନ୍ଧୀଙ୍କ ଏହି ଡାକରାକୁ ସଫଳ କରିବା ପାଇଁ କିପରି କଟକରୁ ଅଧିକରୁ ଅଧିକ ଲୋକ ଯୋଗଦେବେ ସେଥିପାଇଁ ଆମେ କାମ କରିବା ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ କିପରି ଶୃଙ୍ଖଳିତ ଭାବେ ଲୋକେ ଯିବେ ସେଥିପାଇଁ କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏଥିରେ ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, କର୍ପୋରେଟର ସନ୍ତୋଷ କୁମାର ଭୋଳ, ବରିଷ୍ଠ ଯୁବ କଂଗ୍ରେସ ନେତା ସୂର୍ଯ୍ୟକାନ୍ତ ରାଉତ, ପୂର୍ବତନ କଟକ ଜିଲା ଯୁବ କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା କମିଟି ସଭ୍ୟ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପସାୟତ, ମଜଦ ଖାନ, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଦିଲୀପ ମହାନ୍ତି, ଶରତ ଚନ୍ଦ୍ର ଶେଠୀ, କର୍ପୋରେଟର ଶୁବାଶିଷ ପଟ୍ଟନାୟକ, ଲିଜା ରାଉତ, ଭାନୁ ସେନାପତି, ସ୍ୱର୍ଣ୍ଣପ୍ରଭା ପସାୟତ, ବଟକୃଷ୍ଣ ସାହୁ, ଜେ. କାମେଶ୍ୱର ରାଓ ଏବଂ ଜନାର୍ଦ୍ଦନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ସିଏମ୍‌ସି ପକ୍ଷରୁ ଭାଣପୁରରେ ବନ ମହୋତ୍ସବ

ଫୁଲନଖରା,୮।୭(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ମହାନଗର ନିଗମ ୫୮ ନମ୍ବର ୱାର୍ଡ ଭାଣପୁର ଗ୍ରାମର କୁଆଖାଇ ନଦୀପଠା ଶ୍ମଶାନ ପଡ଼ିଆରେ ମଙ୍ଗଳବାର କଟକ ମହାନଗର ନିଗମ ପକ୍ଷରୁ ବନ ମହୋତ୍ସବ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା ଗଛ ଲଗାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଶତାଧିକ ବିଭିନ୍ନ ପ୍ରକାର ଗଛ ଲଗାଯାଇଥିଲା ବେଳେ ଭାପୁର ଗ୍ରାମର ଲୋକେମାନଙ୍କୁ ବିଭିନ୍ନ କିସମର ଚାରା ନିଜ ବାଡି ବଗିଚାରେ ଲଗାଇବା ପାଇଁ ବଣ୍ଟନ କରାଯାଇଥିଲା। ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସିଏମ୍‌ସି ୱାର୍ଡ ଅଫିସର ଚିତ୍ତ ରଞ୍ଜନ ପରିଡା, ସାନିଟାରୀ ଅଫିସର ବିଜୟ କୁମାର ପାତ୍ର, ସନ୍ତୋଷ କୁମାର ଲେଙ୍କା, ଶରତ କୁମାର ଜେନା, ଦିଲୀପ କୁମାର ନାୟକ, କମଲ ଉଦିନଙ୍କ ସମେତ ଭାଣପୁର ଗ୍ରାମର ବହୁ ଯୁବକ ଉପସ୍ଥିତ ରହି ଗଛ ଲଗାଇ ଥିଲେ।

# ୨ ଗିରଫ, ଗୋଟିଏ ବାଇକ୍ ସହ ୩ ମୋବାଇଲ ଜବତ

ମଙ୍ଗୁଳି-ଜଗତପୁର,୮।୭(ମାନସ ସାମଲ)

**ଚୋରା ମୋବାଇଲ ବିକ୍ରି ବେଳେ କାବୁ କଲା ପୋଲିସ**

ଚୋରା ମୋବାଇଲ ବିକ୍ରି କରିବା ଅଭିଯୋଗରେ ଜଗତପୁର ଥାନା ପୋଲିସ ୨ଯୁବକଙ୍କୁ ଗିରଫ କରି ମଙ୍ଗଳାବର କୋର୍ଟ ଚାଲାଣ କରିଛି। ଗିରଫ ୨ଜଣ ହେଲେ ଜଗତପୁର ଥାନା ଅଧୀନ ଜୟ ମା' ମଙ୍ଗଳାସାହିର ଅଭିରାମ ନାୟକ କୁମୁଟି ଓରଫ (୩୩) ଓ ଶଶୀକାନ୍ତ ନାୟକ (୨୬)। ତାଙ୍କ ନିକଟରୁ ଗୋଟିଏ ବାଇକ୍ ଓ ୩ଟି ମୋବାଇଲ ପୋଲିସ ଜବତ କରିଛି। ପୋଲିସ ନିଜଆଡୁ ଏକ ମାମଲା (ନଂ. ୪୩୬/୨୫) ରୁଜୁ କରିଛି। ପୋଲିସ ସୂଚନା ମୁତାବକ, ମଙ୍ଗଳବାର ପୂର୍ବାହ୍ନରେ ଜଗତପୁର ଟ୍ରକ୍ ଟର୍ମିନାଲ ନିକଟରେ ଉଭୟେ ଚୋରା ମୋବାଇଲ ବିକ୍ରି କରୁଥିବା ଖବର ପାଇ ଜଗତପୁର ଥାନା ପାଟ୍ରୋଲିଂ ଟିମ୍ ପହଞ୍ଚିଥିଲା। ତତକ୍ଷଣାତ ପୋଲିସ ଚଢାଉ କରି ତାଙ୍କୁ କାବୁ କରି ନେଇଥିଲା। ବିକ୍ରି କରୁଥିବା ମୋବାଇଲ କାଗଜପତ୍ର ପୋଲିସକୁ ଦେଖାଇ ପାରି ନ ଥିଲେ। ପୋଲିସ ସେମାନଙ୍କୁ ପଚରାଉଚରା କରିବାରୁ ମୋବାଇଲଗୁଡ଼ିକୁ ଆଠଗଡ ଅଞ୍ଚଳରୁ ଡ୍ରାଇଭରଙ୍କଠାରୁ ଚୋରି କରିଥିବା ସ୍ୱୀକାର କରିଥିଲେ।

# ଚୌଦ୍ୱାର ଡ୍ରାଇଭର ମହାସଂଘର ଧାରଣା

ଚୌଦ୍ୱାର,୮।୭(ଆଶୁତୋଷ ଦାସ)



ଧୁମାବତୀ ଛକ ନିକଟସ୍ଥ କର୍ଯ୍ୟାଳୟ ସମ୍ମୁଖରେ ଡ୍ରାଇଭରମାନେ ଧାରଣାରେ ବସିଛନ୍ତି।

ଓଡିଶା ଡ୍ରାଇଭର ମହାସଂଘ ଡାକରାରେ ରାଜ୍ୟ ବ୍ୟାପି ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ ଆନ୍ଦୋଳନରେ ସାମିଲ ହୋଇଛି ଚୌଦ୍ୱାର ଡ୍ରାଇଭର ମହାସଂଘ। ମଙ୍ଗଳବାର ସଂଘ କର୍ମକର୍ତ୍ତା ଚୌଦ୍ୱାର ଧୁମାବତୀ ଛକ ନିକଟରେ ଥିବା କର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିଲେ। ହାତରେ ନିଜ ନ୍ୟାର୍ଯ୍ୟଦାବି ଲେଖାଥିବା ପ୍ଲାକାର୍ଡ ଧରି ପ୍ରାୟ ସକାଳ ୮ଟାରୁ ଧାରଣା ଆରମ୍ଭ କରାଯାଇଥିଲା। ଚୌଦ୍ୱାର ଡ୍ରାଇଭ ମାହସଂଘ ସଭାପତି ଆଲାଉଦିନ ମଲ୍ଲିକଙ୍କ କହିବାନୁଯାୟୀ ୧୦ଦଫା ଦାବି ନେଇ ବହୁବାର ପୂର୍ବ ସରକାରଙ୍କ ନିକଟରେ ଦାବି କରିଆସିଥିଲୁ। ସେଥିରୁ ମାତ୍ର ଗୋଟିଏ ଦାବି ପୂରଣ କରିବା ସହିତ ଅନ୍ୟ ଦାବିଗୁଡିକ ଉପରେ ଯାଥାଶୀଘ୍ର ବିଚାର କରାଯିବ ବୋଲି ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ହେଲେ ନୂତନ ସରକାର ଆସିବାର ୧ବର୍ଷ ବିତିଯାଇଥିଲେ ମଧ୍ୟ ଦାବିଗୁଡିକ ଉପରେ କୌଣସି ବିଚାରବିମର୍ଶ କରାଯାଉନାହିଁ। ଦାବିଗୁଡିକ ମଧ୍ୟରେ ମୁଖ୍ୟତ ଅଟୋଚାଳକମାନଙ୍କୁ ୱେଲଫେୟାର ବୋର୍ଡରେ ସାମିଲ କରିବା, ସେପ୍ଟେମ୍ବର ମାସକୁ ଜାତୀୟ ଡ୍ରାଇଭର ଦିବସ ପାଳନ, ୬୦ବର୍ଷ ପରେ ଡ୍ରାଇଭରମାନଙ୍କୁ ସରକାରୀ ସହାୟତା ପ୍ରଦାନ ସହିତ ଡ୍ରାଇଭର ମାନଙ୍କୁ ସୁରକ୍ଷା, ପାର୍କିଂ ସୁବିଧା ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ଆଦି ପ୍ରଦାନ କରିବା କରିବା। ଦେଶର ଅର୍ଥନିତିକୁ ଆଗେଇ ନେଉଥିବା ଡ୍ରାଇଭର ଆଜି ରାଜରାସ୍ତାରେ ବସିଛନ୍ତି। ତୁରନ୍ତ ସରକାର ଏହାର ବିଚାର କରିବା ପାଇଁ ନେତୃତ୍ୱ ନେଇଥିବା ଅନାମ ଚରଣ ଦାସ, କାହ୍ନା ରାଉତ, ପ୍ରଦୀପ ପ୍ରଧାନ, ବିଭୂତି ଭୂଷଣ ସାହୁଙ୍କ ସମେତ ଶତାଧିକ ଡ୍ରାଇଭରମାନେ ପ୍ରକାଶ କରିଥିଲେ।

## କଣ୍ଟେନରରୁ ୮ ମୃତ ବଳଦ ଜବତ ଘଟଣା

# ଫେରାର ଡ୍ରାଇଭର ଗିରଫ

ମଙ୍ଗୁଳି-ଜଗତପୁର,୮।୭ (ମାନସ ସାମଲ)

- ୨ଦିନ ପରେ ସଦର ଥାନା ଅଞ୍ଚଳରୁ ଗିରଫ ହେଲେ
- ସନ୍ଦେହ ଘେରରେ ସଦର ଥାନା ପୋଲିସର ଭୂମିକା

କଣ୍ଟେନରରୁ ମୃତ ୮ଟି ବଳଦ ଜବତ ଘଟଣାରେ ଫେରାର ଡ୍ରାଇଭରଙ୍କୁ ଜଗତପୁର ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲା ନଲାପଡୁ ଥାନା ଅଧୀନ ପେରଚେରଲା ଗ୍ରାମର ସୟେଦ ଖାୱାଜା ରିଜ୍ୱାନ (୨୭)। ସଦର ଥାନାରୁ ଅଟକ କଣ୍ଟେନରକୁ ଖସାଇ ଆଣି ଜଗତପୁରରେ ଛାଡି ପଳାଇଥିଲା ଡ୍ରାଇଭର। ୨ ଦିନ ପରେ ସଦର ଥାନା ଅଞ୍ଚଳରୁ ଡ୍ରାଇଭରଙ୍କୁ ଜଗତପୁର ପୋଲିସ ଗିରଫ କରିବାକୁ ନେଇ ସଦର ଥାନା ପୋଲିସର ଭୂମିକା ସନ୍ଦେହ ଘରକୁ ଟାଣି ନେଇଛି।

ପ୍ରକାଶ ଥାଉକି ଗତ ଶନିବାର ବିଳମ୍ବିତ ରାତିରେ ଡ୍ରାଇଭର ଜଣଙ୍କ



ଗିରଫ ଡ୍ରାଇଭର।

କଣ୍ଟେନର (ନଂ. ଟିଜି୦୭ଟି୪୧୦୧)ରେ ବେଆଇନ ବଳଦ ଚାଲାଣ ସମୟରେ ସଦର ଥାନା ଅଞ୍ଚଳରେ ଦୁର୍ଘଟଣା ସଦର ଥାନା ପୋଲିସ ହାତରେ ଧରା ପଡ଼ିଥିଲା ଏବଂ ପୋଲିସ ଏକ ମାମଲା (ନଂ. ୫୨୦/୨୫) ରୁଜୁ କରିଥିଲା। କିନ୍ତୁ କିଛି ସମୟ ପରେ ଡ୍ରାଇଭର ଜଣଙ୍କ ଥାନାରୁ କଣ୍ଟେନର ଖସାଇ ଦ୍ରୁତ ଗତିରେ ଭୁବନେଶ୍ୱରରୁ କୋଲକାତା ଅଭିମୁଖେ ଯାଉଥିଲା। ସନ୍ଦେହ ହେବାରୁ ଜଗତପୁରଠାରେ ଗାଡି ଅଟକାଇ ଥିଲେ। କିନ୍ତୁ ଡ୍ରାଇଭର କୋଲକାତା ଯିବା ପରିବର୍ତ୍ତେ ସାଲେପୁର ରାସ୍ତା ଅଭିମୁଖେ ଯାଇ ଗୁଜରପୁର ନିକଟରେ ଛାଡ଼ି ପଳାଇ ଥିଲେ। ଖବର ପାଇ ଜଗତପୁର ପୋଲିସ ପହଞ୍ଚିବା ପୂର୍ବରୁ ସଦର ଥାନା ପୋଲିସ ପହଞ୍ଚି କଣ୍ଟେନରକୁ ନିଜ ହେପାଜତ ନେବାକୁ ଚେଷ୍ଟା କରିଥିଲା। କିନ୍ତୁ ସ୍ଥାନୀୟ ଲୋକ ଓ ବଜରଙ୍ଗ ଦଳ ସଦସ୍ୟ ସଦର ଥାନା ପୋଲିସକୁ ବିରୋଧ କରି ଗାଡି ଛାଡି ନ ଥିଲେ। କିଛି ସମୟ ପରେ ଜଗତପୁର ଥାନା ଅଧିକାରୀ ଅନିରୁଦ୍ଧ ନାୟକ ପହଞ୍ଚି ଯାଞ୍ଚ କରିବାରୁ ଗାଡିରୁ ୮ ମୃତ ବଳଦ ମିଳିଥିଲା। ପ୍ରକାଶ ଥାଉ କି, ଡ୍ରାଇଭର ଜଣଙ୍କ ସଦର ଥାନାରୁ କଣ୍ଟେନରକୁ ଖସାଇ ଆଣି ଜଗତପୁରରେ ଛାଡି ପଳାଇଥିଲେ। ଡ୍ରାଇଭରଙ୍କ ଘର ଆନ୍ଧ୍ରପ୍ରଦେଶ ହୋଇଥିବା ବେଳେ ସେ ପୁଣି ସଦର ଥାନା ଅଞ୍ଚଳରେ କାହିଁକି ଦୁଇ ଦିନ ହେଲା ଲୁଚି ରହିବ। ନା ସଦର ଥାନା ପୋଲିସ ଲାଞ୍ଚ ନେଇ ରାତାରାତି ଗୋରୁ ଗାଡିକୁ ଖସେଇ ଦେବାକୁ ଚେଷ୍ଟା କରିଥିଲା। ବିଫଳ ହେବାରୁ ଏକ ନାଟକ ରଚିଥିଲା ବୋଲି ବଜରଙ୍ଗ ଦଳ ଅଭିଯୋଗ ଆଣିଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବଜରଙ୍ଗ ଦଳ ଦାବି କରିଛି।

## ଫଟୋରେ ଖବର



ହୀରାକୁଦ ଗେଟ୍ ଖୋଲିବା ପରେ ମଙ୍ଗଳବାର ପ୍ରଥମ ବନ୍ୟାଜଳ କଟକ ନରାଜ ଆନିକଟ ଦେଇ ପ୍ରବାହିତ ହେଉଛି।





ଡ୍ରାଇଭର ମାନଙ୍କ ଅନିର୍ଦ୍ଦିଷ୍ଟ କାଳ ପାଇଁ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ: ଗୋପାଳପୁରସ୍ଥିତ ଡ୍ରାଇଭର ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଡ୍ରାଇଭରମାନେ।



ଡ୍ରାଇଭର ମାନଙ୍କ ଅନିର୍ଦ୍ଦିଷ୍ଟ କାଳ ପାଇଁ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଫଳରେ ବସ ଚଳାଚଳ ବନ୍ଦ ରହିବା ସହ ଖାନ୍‌ନଗର ନେତାଜୀ ବସ ଟର୍ମିନାଲ ଖାଁ ଖାଁ। (ଫଟୋ: ରାଜକିଶୋର ମହାନ୍ତି)

## ଜିଲାପାଳଙ୍କ କାର୍ଯ୍ୟାଳୟ ଖୋଲିଲା

**ପୁରୀ,(ଅଜିତ୍ କୁମାର ମହାନ୍ତି):** ଦୀର୍ଘଦିନ ବନ୍ଦ ରହିଲା ପରେ ପୁଣି ଖୋଲିଛି ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ। ମଙ୍ଗଳବାର ନୀଳାଦ୍ରିବିଜେ ଦିନ ବ୍ୟସ୍ତତା ସତ୍ତ୍ୱେ ନିଜ କାର୍ଯ୍ୟାଳୟରେ ନୂତନ ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇ ଭେଟିବାକୁ ଆସିଥିବା ଜନସାଧାରଣ, ସଙ୍ଗଠନ କର୍ମକର୍ତ୍ତା ଓ କର୍ମଚାରୀମାନଙ୍କ ସହ ପୁରୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସମସ୍ତ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଜନସାଧାରଣଙ୍କ କଥା ବୁଝିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।



# ଡ୍ରାଇଭରଙ୍କ ଆନ୍ଦୋଳନରୁ ଯାତ୍ରୀ ହନ୍ତସନ୍ତ

କାକଟପୁର/ଅସ୍ତରଙ୍ଗ,୮।୭(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ୍)

ଅଟୋ ଚାଳକଙ୍କୁ ଓଡ଼ିଶା ଡ୍ରାଇଭର ୱେଲ୍ ଫେୟାର ବୋର୍ଡରେ ସାମିଲ କରିବା, ରାସ୍ତାରେ ଗାଡ଼ି ଚଳାଇବା ସମୟରେ ଲୋକଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କୁ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରିବା ଆଦି ୬ ଦଫା ଦାବି ନେଇ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଞ୍ଚଳରେ ଚକା ଜାମ୍ ହୋଇଥିଲା। ଅସ୍ତରଙ୍ଗ ଡ୍ରାଇଭର ମହାସଂଘ ସଭାପତି କୃପାସିନ୍ଧୁ ବସ୍ତିଆ କହିଛନ୍ତି, ସରକାରଙ୍କୁ ଦେଢ଼ମାସ ସମୟ ଦେଲୁ। ହେଲେ ସରକାର ଥରୁଟିଏ ବି ଆଲୋଚନା ପାଇଁ ଡାକିଲେନି। ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛୁ। ବୁଧବାର ଯୁକ୍ତ୨ ପିଲାଙ୍କ ନାମଲେଖା ଓ ଯୁକ୍ତ୩ ଛାତ୍ରୀଛାତ୍ରଙ୍କ ପରୀକ୍ଷା ମଧ୍ୟ ରହିଛି। ଏହାକୁ ନେଇ ଅଭିଭାବକ ଓ ଯାତ୍ରୀମାନେ ଚିନ୍ତାରେ ପଡ଼ିଛନ୍ତି।

**ବଳଙ୍ଗା (କେଦାରେଶ୍ୱର ନନ୍ଦ):** ବଳଙ୍ଗା ଡ୍ରାଇଭର ସଂଘ ପକ୍ଷରୁ ଦାବି ପୂରଣ ନ ହେବା ଯାଏ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଜାରି ରହିବ ବୋଲି ସୂଚନା ମିଳିଛି। ବଳଙ୍ଗା ବଜାରକୁ କୌଣସି ବସ୍, ଟ୍ରକ୍, ଅଟୋ କି ଯାତ୍ରୀବାହୀ ଯାନ ଚଳାଚଳ ଠପ୍ ହୋଇଯାଇଛି। ସମଗ୍ର ଓଡ଼ିଶାରେ ଷ୍ଟିଅରିଂ ବନ୍ଦ ଆନ୍ଦୋଳନ ହେଉଥିବା ବେଳେ ଏହାର ପ୍ରଭାବ ବଳଙ୍ଗା ବଜାରରେ ମଧ୍ୟ ଦେଖିବାକୁ ମିଳିଛି। ଆନ୍ଦୋଳନ ସ୍ଥଳରେ ବଳଙ୍ଗା ଡ୍ରାଇଭର ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ, କୈଳାସ ପ୍ରଧାନ, ସାଗର ବାରିକ, ସନ୍ତୋଷ କୁମାର ନାୟକ, ଧ୍ରୁବଚରଣ ପ୍ରଧାନ, ଭବାନୀ ନନ୍ଦ, ବାବୁନା ଦେଓ, ଅବ୍ଦୁଲ ଅମିତ୍ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

**ଡେଲାଙ୍ଗ (ରଶ୍ମିରଞ୍ଜନ ପ୍ରଧାନ):** ଡେଲାଙ୍ଗ ବ୍ଲକ୍ ଡ୍ରାଇଭର ମହାସଂଘ ପକ୍ଷରୁ ଡେଲାଙ୍ଗ ଥାନା ଛକଠାରେ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ଏହି ଧାରଣାରେ ଡେଲାଙ୍ଗ ବ୍ଲକ ସଭାପତି ଦୀପକ କୁମାର ବେହେରା, ଉପସଭାପତି ଶିବଶଙ୍କର ରାଉତ, ସମ୍ପାଦକ ସୋମନାଥ ପରିଡ଼ା, ସହସମ୍ପାଦକ ସୁବାସ ଚନ୍ଦ୍ର ପ୍ରଧାନ, ସଙ୍ଗଠନ ସମ୍ପାଦକ ପ୍ରଦୀପ ଚରଣ ମଲ୍ଲିକ, କୋଷାଧ୍ୟକ୍ଷ ପ୍ରହଲ୍ଲାଦ ପଣ୍ଡା, ସହ କୋଷାଧ୍ୟକ୍ଷ କୁମର ପ୍ରଧାନ, ସଭ୍ୟ ପଦ୍ମନାଭ ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଶିବ ପ୍ରସାଦ, ନିରଞ୍ଜନ ପରିଡ଼ା, ମନୋରଞ୍ଜନ ପ୍ରଧାନ, ରଘୁନାଥ ମହାନ୍ତି ପ୍ରମୁଖଙ୍କ ସମେତ ବ୍ଲକର ୨ଶହରୁ ଊର୍ଦ୍ଧ୍ୱ ଡ୍ରାଇଭର ଏହି ଧାରଣାରେ ସାମିଲ ହୋଇଛନ୍ତି।

**ପିପିଲି (ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର):** ପିପିଲି ଟୋଲଗେଟ୍ ଠାରେ ଜିଲା ଡ୍ରାଇଭର୍ ମହାସଂଘର ସଭାପତି ଗୋପାଳ ଚନ୍ଦ୍ର ବାରିକ ଓ ସମ୍ପାଦକ ପୁଲେନ ପାଟଶାହାଣିଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର୍ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯାଇଛି। ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ସରକାରୀ ଗାଡ଼ି, ଆମ୍ବୁଲାନ୍ସ, ଅତ୍ୟାବଶ୍ୟକ ଘରୋଇ ଗାଡ଼ି, ରୋଗୀ ନେଉଥିବା ଗାଡ଼ିକୁ ବାଦ୍ ଦେଇ ଅନ୍ୟ ପ୍ରତ୍ୟେକ ଟ୍ରାନ୍ସପୋର୍ଟ ଗାଡ଼ି ଓ ଭଡ଼ା ଗାଡ଼ିକୁ ଅଟକାଇ ଏହି ଆନ୍ଦୋଳନରେ ସାମିଲ ହେବାକୁ ଡ୍ରାଇଭରଙ୍କୁ ଅନୁରୋଧ କରାଯାଇଥିଲା।

**ସାକ୍ଷୀଗୋପାଳ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ):** ସତ୍ୟବାଦୀ ଅଟୋ ଡ୍ରାଇଭର ସଂଘ ପକ୍ଷରୁ ସ୍ଥାନୀୟ ବାଟ ମହାବୀର ମନ୍ଦିର ନିକଟରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଛି। ଏଥିରେ ଅଟୋ ଡ୍ରାଇଭରମାନଙ୍କୁ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ ୱାର୍କର୍ସ ଓଏଲ୍ ଫେୟାର ବୋର୍ଡରେ ସାମିଲ କରିବା ସହ ସାମାଜିକ ସୁରକ୍ଷା, ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ପ୍ରତି ୧୦୦ କି.ମି. ଅଞ୍ଚଳରେ ବିଶ୍ରାମ ପାଇଁ ପାର୍କିଂ, ଶୌଚାଳୟ ବ୍ୟବସ୍ଥା ଆଦି ପ୍ରମୁଖ ଦାବି ରହିଛି। ଏହି ଆନ୍ଦୋଳନରେ ସତ୍ୟବାଦୀ ଅଟୋ ଡ୍ରାଇଭର ସଂଗଠନର ସାଙ୍ଗଠନିକ ସମ୍ପାଦକ ବସନ୍ତ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି।

**ନିମାପଡ଼ା (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ):** ନିମାପଡ଼ା ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ଶତାଧିକ ଡ୍ରାଇଭର ୬ ଦଫା ଦାବି ନେଇ ନିମାପଡ଼ା ଦୋଳବେଦି ଛକଠାରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିମାପଡ଼ା ଡ୍ରାଇଭର ମହାସଂଘ ସଭାପତି ଶୁକଦେବ ବେହେରା, ଉପସଭାପତି ବାପି କୁମାର ମଲ୍ଲିକ, ସମ୍ପାଦକ ଅଜୟ କୁମାର ବେହେରା, ସହ ସମ୍ପାଦକ ପ୍ରଶାନ୍ତ ସାହୁ, ଉତ୍ତର ପରିମାଣିକ, ଅନିଲ ମହାନ୍ତି, ମାନସ ବାରିକ, ସୁଷେଣ ଖୁଣ୍ଟିଆ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ସରକାର ଦାବିପୂରଣ ନ କରିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିବ ବୋଲି ଆନ୍ଦୋଳନରତ ନେତୃବୃନ୍ଦମାନେ କହିଛନ୍ତି।



ଡ୍ରାଇଭର୍‌ମାନେ ପିପିଲି ଟୋଲ୍ ଗେଟ୍ ଠାରେ ଆନ୍ଦୋଳନ କରୁଛନ୍ତି।



ଶ୍ରୀମନ୍ଦିର ଭେଟ ମଣ୍ଡପରେ ମହାଲକ୍ଷ୍ମୀ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ମହାପ୍ରଭୁଙ୍କ ଦର୍ଶନକଲେ ମନମୋହନ

ପୁରୀ/ ସାକ୍ଷୀଗୋପାଳ, ୮।୭ (ଅଜିତ୍ କୁମାର ମହାନ୍ତି/ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ଦ୍ୱିତୀୟ ଥର ପାଇଁ ଭାଜପାର ରାଜ୍ୟ ସଭାପତି ଭାବେ ନିର୍ବାଚିତ ହେବା ପରେ ମନମୋହନ ସାମଲ ମଙ୍ଗଳବାର ନୀଳାଦ୍ରି ବିଜେ ଅବସରରେ ପୁରୀ ଆସି ରଥାରୂଢ଼ ଶ୍ରୀବିଗ୍ରହଙ୍କ ଦର୍ଶନ କରିଛନ୍ତି। ସାମଲ ଏହି ଅବସରରେ କହିଛନ୍ତି, ରାଜ୍ୟର ସମୃଦ୍ଧ କାମନା କଲି। ପ୍ରଧାନମନ୍ତ୍ରୀ ୨୦୪୭ରେ ଯେଉଁ ବିକଶିତ ଦେଶର ସ୍ୱପ୍ନ ଦେଖୁଛନ୍ତି, ତାହା ନିଶ୍ଚୟ ପୂରଣ ହେବ। କର୍ମୀଙ୍କ ସାଙ୍ଗରେ ରହିବୁ। ଓଡ଼ିଶାର ବିକାଶ ହେଉ, ଲୋକଙ୍କ ମୌଳିକ ସମସ୍ୟା ଦୂର ହେବା ସହ ରାଜ୍ୟ ୧ ନମ୍ବର ହେଉ ବୋଲି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିବା ସାମଲ ପ୍ରକାଶ କରିଛନ୍ତି।

ସତ୍ୟବାଦୀ ଭାଜପା ପକ୍ଷରୁ ରାଜ୍ୟ ଭାଜପାର ନବନିର୍ବାଚିତ ସଭାପତି ମନମୋହନ ସାମଲଙ୍କୁ ମଙ୍ଗଳବାର ସ୍ୱାଗତ କରାଯାଇଛି। ଉତ୍ସବରେ ସତ୍ୟବାଦୀ ଭାଜପାର ବରିଷ୍ଠ କାର୍ଯ୍ୟକର୍ତ୍ତା ଦୀପକ ଶତପଥୀ, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ବରିଷ୍ଠ ନେତା ତ୍ରିଲୋଚନ ରଥ, ପୂର୍ବତନ ସରପଞ୍ଚ ଶଙ୍କର୍ଷଣ ପ୍ରଧାନଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ କର୍ମୀମାନେ ଉପସ୍ଥିତ ଥିଲେ। ରାଜ୍ୟ ସଭାପତି ସାମଲଙ୍କ ପୁରୁଣା ସ୍ମୃତିର ଏକ ଫଟୋଚିତ୍ର ସହିତ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ସଭାପତି ସାମଲଙ୍କ ସହ ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୭।୨୦୨୫

| | |
|---|---|
| ୬,୮୬,୯୮୨ ଟଙ୍କା | |
| ସୁନା | ୩.୬୦୦ ଗ୍ରାମ୍ |
| ରୁପା | ୧.୧୦୦ ଗ୍ରାମ୍ |

## ଭାରତ ଉତ୍ସବରେ ମନ ଛୁଇଁଲା ସୁଦାମଙ୍କ ବାଲୁକା କଳା



ପୁରୀ,୮।୭ (ଅଜିତ କୁମାର ମହାନ୍ତି)

ଅନ୍ତର୍ଜାତୀୟ ଓଡ଼ିଆ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ରୁଷିଆର ମସ୍କୋରେ ଆୟୋଜିତ ଭାରତ ଉତ୍ସବ-୨୦୨୫ରେ ଯୋଗଦେଇ ନିଜ କଳା ପ୍ରଦର୍ଶନ କରିଛନ୍ତି। ଚଳିତ ମାସ ୫ରୁ ଆରମ୍ଭ ହୋଇଥିବା ଭାରତ ଉତ୍ସବ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଭାରତୀୟ ଦୂତାବାସ ଦ୍ୱାରା ନିଷ୍ପତ୍ତି ଅନୁଯାୟୀ, ପ୍ରଧାନ ବାଲୁକା କଳା ଜରିଆରେ ଭାରତର ବିବିଧତା ଉପସ୍ଥାପନ କରିଥିଲେ। ସେ ବାଲୁକାରେ ଭାରତର ଜାତୀୟ ପକ୍ଷୀ ମୟୂର, ଜଙ୍ଗଲର ପ୍ରାକୃତିକ ସୌନ୍ଦର୍ଯ୍ୟ, ମହୀଶୁର ଓ କେରଳର ହାତୀ ମହୋତ୍ସବ, ପଶ୍ଚିମବଙ୍ଗର ମହାବଳ ବାଘ, ରୁଷିଆର ପ୍ରସିଦ୍ଧ କାରିଗରି ସହ ବ୍ରାଉନ ବିୟର ନିର୍ମାଣ କରିଥିଲେ। ବ୍ରାଉନ ବିୟର ନିର୍ମାଣରେ ପ୍ରାୟ ୬୦ ଟନ୍ ବାଲି ଓ ୨୦ ଘଣ୍ଟା ସମୟ ଲାଗିଥିବା ପ୍ରଧାନ ସୂଚନା ଦେଇଥିଲେ। ସେହିପରି କୋଣାର୍କ ଚକ୍ର ମାଧ୍ୟମରେ ଓଡ଼ିଶାର କଳା ଓ ସଂସ୍କୃତି ପ୍ରଦର୍ଶନ କରିଥିଲେ। ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ତାଙ୍କ ବାଲୁକା କଳାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ମସ୍କୋ ସହର ପର୍ଯ୍ୟଟନ କମିଟି ଉପାଧ୍ୟକ୍ଷ ବୁଲାଟ ନୁରମୁଖାନୋଭ, ମସ୍କୋରେ ଭାରତୀୟ ରାଷ୍ଟ୍ରଦୂତ ଅନୁପ ଶ୍ରୀବାସ୍ତବ, ଡେପୁଟି ଚିଫ୍ କମିଶନର ନିଖିଲେଶ ଗିରି, ବରିଷ୍ଠ ଅଧିକାରୀ ନିହାରିକା ରାୟ ଏବଂ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ରଥଯାତ୍ରାରେ ଖାଦ୍ୟ ବଣ୍ଟନ

**ପୁରୀ,୮।୭(ଅଜିତ କୁମାର ମହାନ୍ତି):** ପୁରୀ ରଥଯାତ୍ରାରେ କୋଣାର୍କ ସେବା ସଂଗଠନ ପକ୍ଷରୁ ଭକ୍ତଙ୍କୁ ଖାଦ୍ୟ ଓ ପାନୀୟଜଳ ବଣ୍ଟାଯାଇଥିଲା। ସଂଗଠନ ସଭାପତି ରଞ୍ଜନ ମୁଦୁଲି, ସମ୍ପାଦକ କୁନାଲ ପାତ୍ର, ପବିତ୍ର ନାୟକ, ପ୍ରଦୀପ୍ତ ବେହେରା, ଅଜିତ ସ୍ୱାଇଁ, ମୁନା ମହାପାତ୍ର, ସୁଶାନ୍ତ ପରିଡା, ଶୁଭମ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

## ରାହୁଲଙ୍କ ଗସ୍ତ ସଫଳ କରିବାକୁ କର୍ମୀଙ୍କୁ ଆହ୍ୱାନ

ପୁରୀ,୮।୭(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୧୧ ତାରିଖରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୁବନେଶ୍ୱର ଆସି ସମ୍ବିଧାନ ବଞ୍ଚାଅ ସଭାରେ ଯୋଗଦେବେ। ଏ ନେଇ ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଜିଲା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଦଳର ବରିଷ୍ଠ ନେତା ପଞ୍ଚାନନ କାନୁନଗୋ କର୍ମୀଙ୍କୁ ଆହ୍ୱାନ ଦେବା ସହ ଡବଲ ଇଞ୍ଜିନ ସରକାର ସମ୍ବିଧାନ ନଷ୍ଟ କରିବା ଦିଗରେ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ପୁରୀ ରଥଯାତ୍ରାରେ ଅନିୟମିତତା ହୋଇଥିବା କାନୁନ୍‌ଗୋ ଅଭିଯୋଗ ଆଣିଥିଲେ। ପୁରୀ ଜିଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ର, ପିସିସି ମିଡିଆ ସେଲ୍ ସମ୍ପାଦିକା ଝୁନାରାଣୀ ପଟ୍ଟନାୟକ, ଏଆଇସିସି ସଭ୍ୟ ସୁଜିତ ମହାପାତ୍ର, ପୁରୀ ଜିଲା କଂଗ୍ରେସ ସେବା ଦଳ ମୁଖ୍ୟ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ବ୍ଲକ -୨ ସଭାପତି ଅମରେନ୍ଦ୍ର ପାଇକରାୟ, ରଜତ କୁମାର ସାହୁ, ପ୍ରେମଜିତ ମହାନ୍ତି, ସ୍ୱାଧୀନ କୁମାର ପଣ୍ଡା, ଚେତନ ମିଶ୍ର, ଆଶୁତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିନରେ ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ନିମାପଡ଼ା,୮।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଓମ୍‌ଫେଡ୍ ଛକରେ ଏକ ଗାଡ଼ି ଧକ୍କାରେ ସୋମବାର ବିଳମ୍ବିତ ରାତିରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଓମ୍‌ଫେଡ୍ ଛକର ମୋବାଇଲ ଦୋକାନୀ ସୌମ୍ୟରଞ୍ଜନ ପରିଡ଼ା (୩୨)। ଏନେଇ ନିମାପଡ଼ା ଥାନା ପୋଲିସ ୧୯୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ସୌମ୍ୟରଞ୍ଜନଙ୍କ ସୋମବାର ଜନ୍ମଦିନ ଥିବାରୁ ସେ ସନ୍ଧ୍ୟାରେ ସାଙ୍ଗମାନଙ୍କ ସହ କେକ୍ କାଟିଥିଲେ। ରାତିରେ ଏକ ଭୋଜିର ଆୟୋଜନ ହୋଇଥିଲା। ଭୋଜି ସାରି ବିଳମ୍ବିତ ରାତିରେ ସାଙ୍ଗମାନଙ୍କ ସହ ସ୍କୁଟି ଯୋଗେ ଘରକୁ ଫେରୁଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଦୁର୍ଘଟଣାସ୍ଥଳ ଓ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପାଇଁ ମଙ୍ଗଳବାର ଚାରିଛକ ମେଡିକାଲକୁ ପଠାଇଥିଲା। ସୌମ୍ୟରଞ୍ଜନଙ୍କ ଭାଇ ରଶ୍ମିରଞ୍ଜନ ଏନେଇ ଥାନାରେ ଏକ ଅଭିଯୋଗ କରିଛନ୍ତି। ସୌମ୍ୟରଞ୍ଜନଙ୍କ ସ୍ମୃତିରେ ମଙ୍ଗଳବାର ନିମାପଡ଼ାର ସମସ୍ତ ମୋବାଇଲ ଦୋକାନ ବନ୍ଦ ରହିଛି।

## ‘ଅଗଷ୍ଟରେ ହୋଇପାରେ ରତ୍ନଅଳଙ୍କାର ଗଣତି’

ପୁରୀ,୮।୭(ଅଜିତ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ହେବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରେ ଥିବା ରତ୍ନଅଳଙ୍କାର ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର ହେବା ସହ ଗଣତିମଣତି ହେବ। ତେବେ ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି ହେବା ପରେ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆଇନମନ୍ତ୍ରୀ କହିଛନ୍ତି, ଆମ ସରକାର ଯାହା କହୁଚି ତାହା ପୂରଣ କରୁଛି। ରତ୍ନଭଣ୍ଡାର ଖୋଲିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା,ତାହା ଖୋଲାଯାଇ ମରାମତି କାର୍ଯ୍ୟ ଶେଷ ହୋଇଛି। ବର୍ତ୍ତମାନ ଭଲ ସ୍ଥିତିରେ ରହିଛି। ଆସନ୍ତା ଶତାଧିକ ବର୍ଷ ପାଇଁ ଆଉ ଚିନ୍ତା କରିବାର ନାହିଁ। ଖୁବଶୀଘ୍ର ହାଇଲେଭଲ କମିଟିର ମିଟିଂ ବସି ଯେଉଁ ନିଷ୍ପତ୍ତି ହେବ, ଅନୁସାରେ ପଦକ୍ଷେପ ନିଆଯିବ। ଆର୍‌ବିଆଇ ପ୍ରତିନିଧିଙ୍କ ଉପସ୍ଥିତିରେ ଅଗଷ୍ଟ ଆଡ଼କୁ ଗଣତିମଣତି ହେଇପାରେ। ନୂତନ ସିନ୍ଦୁକ ତିଆରି କରାଯାଇ ସେଥିରେ ଅଳଙ୍କାର ସବୁ ରଖାଯାଇଛି। ୧୯୭୮ ମସିହାରେ ଯେପରି ରହିଥିଲା, ସେହିପରି ରଖାଯାଇଛି। ସମସ୍ତଙ୍କ ଉପସ୍ଥିତିରେ ସେଗୁଡିକ ଖୋଲାଯିବ। ୧୯୭୮ ତାଲିକାକୁ ମେଳ କରାଯିବ। ରତ୍ନ ଭଣ୍ଡାର ଅଳଙ୍କାର ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର କରାଯିବ ନାହିଁ। ସେବାୟତମାନେ ଦାବି କରି ଆସୁଛନ୍ତି ଯେ, ମହାପ୍ରଭୁଙ୍କୁ ଲାଗି କରାଯାଉଥିବା ଅଳଙ୍କାର ସବୁ କ୍ଷୟ ହେବାକୁ ଲାଗିଲାଣି, ତେଣୁ ନୂତନ ଅଳଙ୍କାର ସେଟ୍ ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। ନୂତନ ସେଟ୍ ନିର୍ମାଣ ପାଇଁ ଯେଉଁ ସୁନା ଅଳଙ୍କାରର ଆବଶ୍ୟକତା ରହିଛି, ସେଥିପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବ। ମହାପ୍ରଭୁଙ୍କ ଅଳଙ୍କାର ପାଇଁ ଭକ୍ତମାନେ ସ୍ୱର୍ଣ୍ଣ ଦାନ କରିପାରିବେ। ତେବେ ମହାପ୍ରଭୁ ଚାହିଁଲେ ତାଙ୍କର ସ୍ୱର୍ଣ୍ଣ ଅଳଙ୍କାର ନିର୍ମାଣ ହୋଇପାରିବ ବୋଲି ଆଇନମନ୍ତ୍ରୀ କହିଛନ୍ତି।

## ‘ପୁରୀରେ ବିମାନବନ୍ଦର ହେଲେ ପରିବେଶ ପ୍ରଭାବିତ ହେବ’

ପୁରୀ,୮।୭ (ଅଜିତ୍ କୁମାର ମହାନ୍ତି)

ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରକଳ୍ପ ଅନୁମୋଦନକୁ କେନ୍ଦ୍ର ପରିବେଶ ମନ୍ତ୍ରାଳୟର ଜଙ୍ଗଲ ଉପଦେଷ୍ଟା କମିଟି (ଏଫ୍‌ଏସି) ସ୍ଥଗିତ ରଖିଥିବାରୁ ‘ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନ’ ତରଫରୁ ଏହାକୁ ସ୍ୱାଗତ କରାଯାଇଛି। ଏ ନେଇ ‘ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନ’ର ଆବାହକ ସୁରେନ୍ଦ୍ର ତପସୁ କହିଛନ୍ତି, ପୁରୀ ଭଳି ଏକ ବାତ୍ୟା ଓ ସୁନାମି ପ୍ରବଣ ଅଞ୍ଚଳରେ ବିମାନ ବନ୍ଦର କରାଗଲେ ପରିବେଶ ସହିତ ଶ୍ରୀମନ୍ଦିର ପ୍ରତି ମଧ୍ୟ ବିପଦ ସୃଷ୍ଟି ହେବ। ପ୍ରସ୍ତାବିତ ବିମାନ ବନ୍ଦର ଅଞ୍ଚଳରେ ଅନେକ ବାଲିବନ୍ତ ସାମୁଦ୍ରିକ ଜୁଆରରୁ ସୁରକ୍ଷା ଦେଇଥାଏ, ଅସଂଖ୍ୟ ବୃକ୍ଷରାଜି ମଧ୍ୟ ବାତ୍ୟା ନିରୋଧ କରିଥାଏ। ଏତଦବ୍ୟତୀତ ଅଲିଭ ରିଡ୍‌ଲେ କଇଁଛ ଓ ଡଲଫିନ ଭଳି ପ୍ରଜାତି ଚଳପ୍ରଚଳ କରିଥାନ୍ତି। ପ୍ରସ୍ତାବିତ ବିମାନ ବନ୍ଦର ଠାରୁ ଆକାଶ ପଥରେ ଚିଲିକା ଖୁବ୍ ନିକଟତର ହୋଇ ଥିବାରୁ ବାର୍ଡ ହିଟ୍ ସହିତ ବିଦେଶାଗତ ପକ୍ଷୀଙ୍କ ଆଗମନରେ କୁପ୍ରଭାବ ପଡ଼ିବ। ଉକ୍ତ ଜଙ୍ଗଲ ଜମିରେ ଥିବା ବିରଳ ଗୁଳ୍ମରାଜି, ସରୀସୃପ ଓ ବନ୍ୟପ୍ରାଣୀ ଲୋପ ପାଇବା ଦ୍ୱାରା ଜୈବ ବିବିଧତା ସନ୍ତୁଳନ ରକ୍ଷା ହୋଇପାରିବ ନାହିଁ। ଅନ୍ତର୍ଜାତୀୟ ବେସାମରିକ ବିମାନ ସେବା ସଂସ୍ଥା ସମୁଦ୍ର କୂଳେ ବିମାନ ବନ୍ଦର ସ୍ଥାପନ ନ କରିବାକୁ ୭ବର୍ଷ ତଳୁ ଭାରତ ଭଳି ସଭ୍ୟଭୁକ୍ତ ଦେଶମାନଙ୍କୁ ପରାମର୍ଶ ଦେଇଥିଲା। ସୁତରାଂ ଏଭଳି ସ୍ଥିତିରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ସ୍ଥଗିତାଦେଶ ସ୍ୱାଗତଯୋଗ୍ୟ। ଏହା ଜନଗଣଙ୍କର ଏକ ବଡ଼ ବିଜୟ। ଏହି ପ୍ରକଳ୍ପକୁ ବିରୋଧ କରି ପୂର୍ବରୁ ଅଭିଯାନ ପକ୍ଷରୁ ଗଣସ୍ୱାକ୍ଷର ସମ୍ବଳିତ ଦାବିପତ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ, ପରିବେଶ ମନ୍ତ୍ରୀ, ଏଏସ୍‌ଆଇ ନିର୍ଦ୍ଦେଶକ, ଉପକୂଳ ପ୍ରାଧିକରଣ ନିର୍ଦ୍ଦେଶକ, ମୁଖ୍ୟମନ୍ତ୍ରୀ, ପରିବେଶ ମନ୍ତ୍ରୀ, ପୁରୀ ଜିଲାପାଳ, ଡିଏଫ୍‌ଓ ଆଦିଙ୍କୁ ପ୍ରଦାନ କରାଯାଇଥିଲା। ଯଦି ସରକାର ବାସ୍ତବରେ ଲୋକଙ୍କ ବିକାଶ ଚାହୁଁଥାନ୍ତି, ତେବେ ଉକ୍ତ ଜମିରେ ବ୍ୟାପକ ବନୀକରଣ ସହ ଗୋମଇଁଷାଦି ପାଳନ କେନ୍ଦ୍ର ଓ ପାରମ୍ପରିକ କୃଷି ପ୍ରଣାଳୀର ପ୍ରୟୋଗଶାଳା ଖୋଲିବା ଉଚିତ ହେବ ବୋଲି ତପସୁ ମତବ୍ୟକ୍ତ କରିଛନ୍ତି।

### ପ୍ରସ୍ତାବିତ ପ୍ରକଳ୍ପ ସ୍ଥଗିତକୁ ସ୍ୱାଗତ

## ଫଟୋ ରେ ଖବର



ପଲ୍ଲିଶ୍ରୀ ମେଳାର ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ଚଞ୍ଚଳ ରାଣାଙ୍କ ସମେତ ଅନ୍ୟ ଅତିଥିମାନେ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)



ସଙ୍କଳ୍ପ ଫାଉଣ୍ଡେଶନର କର୍ମଚାରୀମାନେ ବରିଷ୍ଠ ନାଗରିକମାନଙ୍କୁ ରଥାରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରାଉଛନ୍ତି।

**ଅରବିନ୍ଦ ଦାସ କଂଗ୍ରେସ ଗଣମାଧ୍ୟମ ଅଧ୍ୟକ୍ଷ**

ଭୁବନେଶ୍ୱର,୮।୭(ରବିନାରାୟଣ ଜେନା): ଅଖିଳ ଭାରତ କଂଗ୍ରେସ କମିଟି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅନୁମୋଦନକ୍ରମେ ଅରବିନ୍ଦ ଦାସଙ୍କୁ ରାଜ୍ୟ କଂଗ୍ରେସ ଗଣମାଧମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଏନେଇ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ମଙ୍ଗଳବାର ଏକ ପ୍ରେସ୍ ରିଲିଜ୍‌ରେ ଦର୍ଶାଇଛନ୍ତି।

# ଜଙ୍ଗଲ ଜମିରେ ୬୧.୬୦ କୋଟିର ପ୍ରକଳ୍ପ ନିର୍ମାଣ

## ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ଏନ୍‌ଜିଟିର ନିର୍ଦ୍ଦେଶ

ଯାଜପୁର,୮।୭(ହର୍ଷବର୍ଦ୍ଧନ ବେହେରା)



ଯାଜପୁର ଜିଲା ସୁକିନ୍ଦା ଓ ଦାନଗଦି ବ୍ଲକ ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ ତଥା ଜଙ୍ଗଲର ସୁରକ୍ଷା ଏବଂ ବୃଦ୍ଧି ଅଭିଯାନ-୨୦୨୩କୁ ଅଣଦେଖା କରାଯାଇଛି। ଏହା ବିରୋଧରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ୧୦୯/୨୦୨୫/ଇଜେଡ୍‌ରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ ମାମଲା ଉପରେ ଏନ୍‌ଜିଟି ପକ୍ଷରୁ ଜଷ୍ଟିସ ବି. ଅମିତ ସ୍ଥାଲେକର ଏବଂ ଏକ୍ସପର୍ଟ ମେମ୍ବର ଅରୁଣ କୁମାର ବର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ୭।୭।୨୦୨୫ରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସମେତ ଯାଜପୁର ଜିଲାପାଳ, ଦାନଗଦି ଓ ସୁକିନ୍ଦା ତହସିଲଦାର, କଟକ ଡିଏଫ୍‌ଓ, ଦାନଗଦି ଓ ସୁକିନ୍ଦା ବିଡିଓଙ୍କୁ ୪ ସପ୍ତାହ ମଧ୍ୟରେ ପାରା ଅନୁସାରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଖଣି ଓ ଶିଳ୍ପ ସମୃଦ୍ଧ ସୁକିନ୍ଦା ତଥା ଦାନଗଦି ଅଞ୍ଚଳରେ ଜଙ୍ଗଲ କିସମ ଜମିରେ ବିଭିନ୍ନ ପ୍ରାଥମିକ ସ୍କୁଲରେ ୧୪୦ଟି ଲେଖାଏ ଅତିରିକ୍ତ ଶ୍ରେଣୀଗୃହ, ନୂତନ ଶ୍ରେଣୀଗୃହ ଓ ଶୌଚାଳୟ, ୭୩ଟି ଲାଇବ୍ରେରୀ କକ୍ଷ ଇତ୍ୟାଦି ନିର୍ମାଣ କରାଯାଉଛି। ଜଙ୍ଗଲ ଓ ପରିବେଶ ବିଭାଗ ବିନା ଅନୁମତିରେ ସୁକିନ୍ଦା ଓ ଦାନଗଦି ବିଡିଓଙ୍କ ଦ୍ୱାରା ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠିରେ ଏହି ସବୁ କାର୍ଯ୍ୟ ଆରମ୍ଭ ହୋଇସାରିଛି। ସୁକିନ୍ଦା ବ୍ଲକରେ ନୂତନ କକ୍ଷ ନିର୍ମାଣ ପାଇଁ ଡିଏମ୍‌ଏଫ୍ ପାଣ୍ଠିରୁ ୧୩ କୋଟି ୨୦ ଲକ୍ଷ ଟଙ୍କା ଓ ଦାନଗଦି ବ୍ଲକରେ ୧୪ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ଦାନଗଦି ବ୍ଲକରେ ଲାଇବ୍ରେରୀ କକ୍ଷ ପାଇଁ ୭ କୋଟି ୩୦ ଲକ୍ଷ ଟଙ୍କା ଓ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ୧୪ କୋଟି ଟଙ୍କା ଏବଂ ସୁକିନ୍ଦା ବ୍ଲକରେ ଅତିରିକ୍ତ ଶ୍ରେଣୀ ଗୃହ ପାଇଁ ୧୩ କୋଟି ୧୦ ଲକ୍ଷ ଟଙ୍କା ଭାବେ ସମୁଦାୟ ୬୧ କୋଟି ୬୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସାବକ ଜଙ୍ଗଲ ଜମି ଏବଂ ହାଲ୍ ଜଙ୍ଗଲ ଜମିରେ ଉପରୋକ୍ତ ପ୍ରକଳ୍ପଗୁଡିକ ନିର୍ମାଣ କରିବାକୁ ଯାଜପୁର ଜିଲାପାଳ ତଥା ଡିଏମ୍‌ଏଫ୍‌ର ମ୍ୟାନେଜିଂ ଟ୍ରଷ୍ଟି ଅର୍ଥ ମଞ୍ଜୁର କରିଛନ୍ତି। ଏହି କ୍ରମରେ ଅଭିଯୋଗକାରୀ କୈଳାସ ଚନ୍ଦ୍ର ନାୟକ ୩୦।୩।୨୦୨୫ରେ ବିନା ପରିବେଶ ମଞ୍ଜୁରୀରେ ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରି କି ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଉପସଚିବ ୯।୪।୨୦୨୫ରେ ଉକ୍ତ ଅଭିଯୋଗ ଉପରେ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରିନ୍ସିପାଲ ଚିଫ୍ କଞ୍ଜରଭେଟରଙ୍କୁ ପତ୍ର ଲେଖିଥିଲେ। କିନ୍ତୁ ଏଯାଏ ଜଙ୍ଗଲ ଜମିରେ ବେଆଇନ ନିର୍ମାଣ କାର୍ଯ୍ୟ ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏହିସବୁ ଅଭିଯୋଗକୁ ଗ୍ରହଣ କରି ଏନ୍‌ଜିଟି ପକ୍ଷରୁ ମାମଲା ରୁଜୁ ହେବା ସହ ସଂପୃକ୍ତ ଅଧିକାରୀମାନେ କାଉଣ୍ଟର ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏହାସହ ୨୫।୮।୨୦୨୫ରେ ପରବର୍ତ୍ତୀ ଶୁଣାଣି କରାଯିବ ବୋଲି ସମୟ ଧାର୍ଯ୍ୟ କରାଯାଇଛି।

# କଂଗ୍ରେସକୁ ବଳ ଦେବ ରାହୁଲ ମନ୍ତ୍ର

ଭୁବନେଶ୍ୱର,୮।୭(ରବିନାରାୟଣ ଜେନା)



ରାହୁଲ ଗାନ୍ଧୀ

ଓଡ଼ିଶା ପ୍ରଦେଶ କଂଗ୍ରେସର ମଙ୍ଗ ଭକ୍ତ ଚରଣ ଦାସ ଧରିବା ପରେ ଶୀଥିଳ ହୋଇପଡ଼ିଥିବା କଂଗ୍ରେସ ସଙ୍ଗଠନ ଏବେ ସକ୍ରିୟ। ଭକ୍ତଙ୍କ ଆହ୍ୱାନରେ କଂଗ୍ରେସ କର୍ମୀ ଏକତ୍ରିତ ହୋଇଉଠୁଥିବାବେଳେ ଚଳିତମାସ ୧୧ରେ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ରାହୁଲଙ୍କ ମନ୍ତ୍ର ଓଡ଼ିଶାରେ କଂଗ୍ରେସକୁ ପୁଣି କିଭଳି କ୍ଷମତାକୁ ଫେରାଇ ଆଣିବ ସେହି ଦିଗରେ ଭକ୍ତ ଓ ତାଙ୍କ ଟିମ୍ ପୂରାଦମ୍‌ରେ ଲାଗିପଡ଼ିଛନ୍ତି।

ରାହୁଲଙ୍କ ଗସ୍ତ ପୂର୍ବରୁ ଦଳ ପକ୍ଷରୁ ଏକାଥରକେ ୨୨ଟି ସ୍ଥାନରେ ଖବରଦାତା ସମ୍ମିଳନୀ ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ରାଜ୍ୟ କଂଗ୍ରେସର ସାଂସଦ, ବିଧାୟକ, ବରିଷ୍ଠ ଓ କନିଷ୍ଠ ନେତାଙ୍କୁ ସାଙ୍ଗରେ ନେଇ 'ସମ୍ବିଧାନ ବଞ୍ଚାଅ' ସମାବେଶକୁ ସଫଳ କରିବା ଲକ୍ଷ୍ୟରେ ପିସିସି ସଭାପତି ଲାଗିପଡ଼ିଛନ୍ତି। କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଭକ୍ତ ଯେଉଁ ସଂଗ୍ରାମ ଆରମ୍ଭ କରିଛନ୍ତି, ତାହା ସହରରୁ ଏବେ ଗାଁମୁହାଁ ହୋଇଥିବା ଦେଖାଯାଉଛି। ଆସନ୍ତା ୧୧ ତାରିଖରେ ସମ୍ବିଧାନ ବଞ୍ଚାଅ ସମାବେଶରେ ରାହୁଲଙ୍କ ମନ୍ତ୍ର କଂଗ୍ରେସକୁ ନୂଆ ଦିଶା ଦେବ ବୋଲି ଏବେଠାରୁ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଭକ୍ତ ଦାୟିତ୍ୱ ନେବା ଦିନ ଶ୍ରୀକ୍ଷେତ୍ରରୁ ସଂକଳ୍ପ ଯାତ୍ରା ଆରମ୍ଭକରି ଏବେ ରାଜ୍ୟରେ କଂଗ୍ରେସକୁ ବିକଳ୍ପ ଦଳ ଭାବେ ଲୋକଙ୍କ ପାଖକୁ ନେବା ପାଇଁ ବିଭିନ୍ନ ପ୍ରସଙ୍ଗକୁ ଆଧାର କରିଛନ୍ତି।

ଆମେରିକା ରାଷ୍ଟ୍ରପତି ଭାରତ ଗସ୍ତରେ ଯାଉଥିବା ତାଙ୍କ ନାଗରିକଙ୍କୁ ସତର୍କ କରାଇ ଓଡ଼ିଶା ନ ଯିବା ପାଇଁ ପରାମର୍ଶ ଦେଇଛନ୍ତି। ଏଭଳି କ୍ଷେତ୍ରରେ କେନ୍ଦ୍ରର ମୋଦି ସରକାର ଓ ରାଜ୍ୟର ମୋହନ ସରକାର ୧୧ ବନାମ ୧ ବର୍ଷର ଯେଉଁ ସଫଳ ବାର୍ତ୍ତା ବାଣ୍ଟୁଥିଲେ, ତାହାକୁ କଂଗ୍ରେସ ବିଫଳ ବାର୍ତ୍ତାରେ ପରିବର୍ତ୍ତିତ କରିବା ପାଇଁ ଲାଗିପଡ଼ିଛି। କଂଗ୍ରେସର ଜନଆନ୍ଦୋଳନ କ୍ରମେ ସାଧାରଣ ଜନତାଙ୍କୁ ଆକୃଷ୍ଟ କରୁଛି। ଏଭଳି ସ୍ଥିତିରେ ରାଜ୍ୟ ସଙ୍ଗଠନକୁ ଅଧିକ ବଳ ଦେବା ପାଇଁ ରାହୁଲ ଗାନ୍ଧୀଙ୍କ ଗସ୍ତ କଂଗ୍ରେସକୁ ଆଶୀର୍ବାଦ ସଦୃଶ ହେବ ବୋଲି ଭକ୍ତ କହିଛନ୍ତି। ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଜିଲାରୁ ଆରମ୍ଭକରି ଉପକୂଳ, ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳର କଂଗ୍ରେସ ନେତାମାନଙ୍କୁ ରାହୁଲଙ୍କ ଗସ୍ତ ଓ ଜନସମାବେଶକୁ ସଫଳ କରିବା ପାଇଁ ଭକ୍ତ ଆହ୍ୱାନ ଦେଇଛନ୍ତି।

ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ପଦଯାତ୍ରା ଓ ଜାତିଗଣନା ପାଇଁ ଜୋର୍ ଦେବା ଯୋଗୁ କେନ୍ଦ୍ର ସରକାର ବାଧ୍ୟ ହୋଇ ଜାତିଗଣନା ଲାଗି ଘୋଷଣା କରିଥିଲେ। ଏହି ପ୍ରସଙ୍ଗକୁ ମଧ୍ୟ ଭକ୍ତ ଅଗ୍ରାଧିକାର ଦେଇ ଦଳର ଛାମୁଆ ସଙ୍ଗଠନକୁ ଏକାଠିକରି କଂଗ୍ରେସକୁ ଏକ ଉତ୍ତରଦାୟୀ ରାଜନୈତିକ ଦଳ ଭାବେ ପ୍ରମାଣିତ କରିବା ନିମନ୍ତେ ଆଗଭର ହୋଇଛନ୍ତି।

## ରାହୁଲଙ୍କ ଗସ୍ତ ସଫଳ ଲାଗି କଂଗ୍ରେସର ୩ କମିଟି

ଭୁବନେଶ୍ୱର,୮।୭(ରବିନାରାୟଣ ଜେନା)

ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଏଆଇସିସି ସାଧାରଣ ସମ୍ପାଦକ(ସଙ୍ଗଠନ) କେ.ସି. ବେଣୁଗୋପାଳଙ୍କ ଗସ୍ତକୁ ନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ତତ୍ପରତା ଦେଖାଦେଇଛି। ଏହିକ୍ରମରେ ମଙ୍ଗଳବାର ପିସିସି ସଭାପତି ଭକ୍ତ ଚରଣ ଦାସ ୩ଟି କମିଟି ଗଠନ କରିଛନ୍ତି। ଉକ୍ତ କମିଟି ରାହୁଲଙ୍କ ଗସ୍ତକୁ କିଭଳି ସଫଳ କରିବ ସେଥିପାଇଁ ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମ ପରିଚାଳନା କମିଟିରେ ମାନସ ଚୌଧୁରୀ ସଂଯୋଜକ ରହିଥିବା ବେଳେ ବିଧାୟକ ସାଗର ଚରଣ ଦାସ, ମନୋଜ ଜେନା, ରଞ୍ଜିତ୍ ପାତ୍ର, ମହମ୍ମଦ ଇମ୍‌ଦାଦ, ରାଜୀବ ପଟ୍ଟନାୟକ, ଅଭିଳାଷ ମାଣିଆ, ଅମରେଶ୍ ପରିଡ଼ା ସଭ୍ୟ ରହିଛନ୍ତି।

ସେହିପରି ପବ୍ଲିସିଟି କମିଟିରେ ନବଜ୍ୟୋତି ପଟ୍ଟନାୟକ ସଂଯୋଜକ ରହିଥିବାବେଳେ ଜାନକୀ ବଲ୍ଲଭ ପଟ୍ଟନାୟକ, ଶାନ୍ତାୟନ ମିଶ୍ର, ମନୋଜ ବିଶ୍ୱାଳ, ମିଳନ ପଟ୍ଟନାୟକ, ଉଦିତ ପ୍ରଧାନ ପ୍ରମୁଖ ସଭ୍ୟ ରହିଛନ୍ତି। ଅର୍ଗାନାଇଜେଶନାଲ କମିଟିରେ ଶୁଭେନ୍ଦୁ ମହାନ୍ତି ସଂଯୋଜକ ରହିଥିବା ବେଳେ ୟାସିର ନୱାଜ୍, ପ୍ରକାଶ ମିଶ୍ର, ପ୍ରଦୀପ କୁମାର ମହାପାତ୍ର, ଲଲାଟେନ୍ଦୁ ଶତପଥୀ, ସଞ୍ଜୟ ତ୍ରିପାଠୀ ପ୍ରମୁଖ ସଭ୍ୟ ଭାବେ ରହିଛନ୍ତି।

# ବନ୍ୟାରେ ଭାସିଯାଇଥିଲେ ବୃଦ୍ଧା, ୨୬ଘଣ୍ଟା ପରେ ଉଦ୍ଧାର

ସମ୍ବଲପୁର,୮।୭(ଭବାନୀ ଶଙ୍କର ଭୋଇ)



ଅହଲ୍ୟା ସିଂହ

ରଖେ ହରି ତ ମାରେ କିଏ। ଏହି ଉକ୍ତି ସତ ହୋଇଛି ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ମାଝିପାଲି କୁମପଡିଆ ପଡାର ୭୦ବର୍ଷୀୟା ଅହଲ୍ୟା ସିଂହଙ୍କ କ୍ଷେତ୍ରରେ। ସୋମବାର ପୂର୍ବାହ୍ନ ୧୧ଟାରେ ହରଡଯୋରକୁ ଶୌଚ ପାଇଁ ଯାଇ ବନ୍ୟାସ୍ରୋତରେ ଭାସିଯାଇଥିବା ଅହଲ୍ୟାଙ୍କୁ ମଙ୍ଗଳବାର ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକଙ୍କ ସହଯୋଗରେ ଅଗ୍ନିଶମ ବିଭାଗ ଷଡାସିଂହାଠାରେ ଏକ ଗଛରେ ଝୁଲି ରହିଥିବା ଅବସ୍ଥାରେ ତାଙ୍କୁ ଉଦ୍ଧାର କରିଥିଲା। ଆଶା ଛାଡିଦେଇଥିବା ତାଙ୍କ ପରିବାର ଲୋକେ ଦୀର୍ଘ ୨୬ଘଣ୍ଟା ପରେ ଅହଲ୍ୟାଙ୍କୁ ପାଇଥିଲେ। ଦୀର୍ଘ ସମୟ ଭିଜିବା କାରଣରୁ ଶିଥିଳ ହୋଇ ପଡିଥିବା ଅହଲ୍ୟା ଏବେ ସମ୍ବଲପୁର ସଦର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

# ରାଜ୍ୟ ସୂଚନା ଆୟୋଗର ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ଭୁବନେଶ୍ୱର,୮।୭(ରବିନାରାୟଣ ଜେନା)

ରାଜ୍ୟ ସୂଚନା ଆୟୋଗ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଆଇନ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମଙ୍ଗଳବାର ଆୟୋଗଙ୍କ ପକ୍ଷରୁ ଏନେଇ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ମନୋଜ ପରିଡ଼ା କହିଥିଲେ ଯେ, ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୂଚନା ଅଧିକାର ଅଧିନିୟମର ବିଭିନ୍ନ ବ୍ୟବସ୍ଥାଗୁଡ଼ିକ ବୁଝିବା ପାଇଁ ସାହାଯ୍ୟ କରିବ। ବିଶେଷକରି ଛାତ୍ରୀଛାତ୍ରମାନେ ସୂଚନା ଅଧିକାର ଅଧିନିୟମ ଅଧିନରେ ବିଭିନ୍ନ ଅଧିକାରୀମାନଙ୍କଠାରୁ ସୂଚନା ପାଇବା ପାଇଁ ସହଜ ହେବ। ଏହାସହିତ ନାଗରିକମାନଙ୍କୁ ସେମାନଙ୍କ ଅଧିକାର ସମ୍ବନ୍ଧରେ ସଚେତନତା କରାଇବାରେ ଏହା ବିଶେଷ ସହାୟକ ହେବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି ଓ ଅନ୍ୟ ଆୟୁକ୍ତ ଯୋଗଦେଇ ବିଭିନ୍ନ ଆଇନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ମାଓବାଦୀ କ୍ୟାମ୍ପ ଠାବ, ବିପୁଳ ବିସ୍ଫୋରକ ଜବତ

ନୂଆପଡ଼ା,୮।୭ (ମକାରୁ ବେମାଲ)

ନୂଆପଡ଼ା ଜିଲା ସିନାପାଲି ଥାନା ନାରାୟଣ ଡୋଙ୍ଗରି ସଂରକ୍ଷିତ ଜଙ୍ଗଲରେ ସୋମବାର ଡିଭିଏଫ୍ ବାହିନୀ କୋମ୍ବିଂ ଅପରେଶନ କରୁଥିବା ସମୟରେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଛି। ସେଠାରୁ ବିପୁଳ ବିସ୍ଫୋରକ ଜବତ ହୋଇଛି। ଏ ନେଇ ମଙ୍ଗଳବାର ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। କିଛିଦିନ ହେଲା ଛତିଶଗଡ଼ ସୀମାନ୍ତ ନାରାୟଣ ଡୋଙ୍ଗରି ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ଜାରି ରହିଥିବା ନେଇ ଜିଲା ପୋଲିସକୁ ଗୋଇନ୍ଦା ଖବର ମିଳିଥିଲା। ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ସୋମବାର କୋମ୍ବିଂ ଅପରେଶନ କରାଯାଇଥିଲା। ଏହି ସମୟରେ ସେମାନେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଥିଲେ। ହେଲେ ପୂର୍ବରୁ ଚଢ଼ାଉ ଖବର ପାଇ ମାଓବାଦୀମାନେ ସେଠାରୁ ପଳାୟନ କରିଥିଲେ। ସେଠାରୁ ଏକ ଟିଫିନ ବୋମା,୨୦ ଜିଲୋଟିନ, ଗୋଟିଏ ଇଲେକ୍ଟ୍ରି ଡିଟୋନେଟର ଭଳି ବିସ୍ଫୋରକ ଜବତ ହୋଇଛି। ମାଓବାଦୀମାନେ ଜିଲାରେ ଆକ୍ରମଣ ପାଇଁ ଯୋଜନା କରୁଥିଲେ ବୋଲି ଅନୁମାନ କରାଯାଉଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ୩ ବର୍ଷୀୟ ରିଆନ୍ସ




ରିଆନ୍ସ କୁମାର ସାହୁ

ବ୍ରହ୍ମପୁର,୮।୭(ସୁବାସ ଚନ୍ଦ୍ର ପାଢ଼ୀ)

ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି ବ୍ରହ୍ମପୁର ପ୍ରହଲାଦନଗରର ୩ ବର୍ଷ ୫ ମାସ ବୟସର ଶିଶୁ ରିଆନ୍ସ କୁମାର ସାହୁ। ଏତେ କମ ବୟସରେ ରିଆନ୍ସଙ୍କ ପ୍ରତିଭା ପାଇଁ ଇଣ୍ଡିଆ ବୁକ ଅଫ ରେକର୍ଡ ପକ୍ଷରୁ ତାଙ୍କୁ 'ଆଇବିଆର ଆଚିଭର' ଟାଇଟଲ ପ୍ରଦାନ କରାଯାଇଛି। ବ୍ରହ୍ମପୁର ପ୍ରହଲାଦ ନଗର ୨ୟ ଗଳିର କାଶୀନାଥ ସାହୁ ଓ ଝୁନୁ ସାହୁଙ୍କ ନାତି ତଥା ଟୁଟୁ ସାହୁ ଓ ଲକ୍ଷ୍ମୀ ସାହୁଙ୍କ ପୁଅ ରିଆନ୍ସ ଦେଶର ୨୮ଟି ରାଜ୍ୟର ନାମ କହି ପାରୁଥିବାବେଳେ ୧୩ଟି ଜାତୀୟ ପ୍ରତୀକ ନାମ, ୨ ଓ ୩ ପଣିକିଆ ଖନ୍ଦା, ସମସ୍ତ ବାର ଓ ମାସ କହିପାରୁଛନ୍ତି। ସେହିପରି ନିର୍ଦ୍ଧାରିତ ସମୟରେ ୧୫ଟି ସାଧାରଣ ଜ୍ଞାନର ଉତ୍ତର ଦେଇପାରୁଛନ୍ତି। ଇଂଲିଶର 'ଏ' ଠାରୁ 'ଜେଡ୍' ଯାଏ ଲେଖିବା, ୧ ଠାରୁ ୪୦ ଯାଏ ସଂଖ୍ୟା ଲେଖିବା, ୮ଟି ଗ୍ରହର ନାମ କହିପାରୁଛନ୍ତି। ରିଆନ୍ସଙ୍କ ଏହି ପ୍ରତିଭାକୁ ନେଇ ତାଙ୍କ ପରିବାର ଲୋକେ ଇଣ୍ଡିଆ ବୁକ ଅଫ ରେକର୍ଡ୍ସ ପାଇଁ ଆବେଦନ କରିଥିଲେ। ସେହିକ୍ରମରେ ଇଣ୍ଡିଆ ବୁକ ଅଫ ରେକର୍ଡସ କର୍ତ୍ତୃପକ୍ଷ ବିଧିବଦ୍ଧ ଯାଞ୍ଚ ଓ ପ୍ରକ୍ରିୟା ସମାପ୍ତ କରିବା ପରେ ତାଙ୍କୁ ଟାଇଟଲ ସହ ମାନପତ୍ର, ମେଡାଲ ପ୍ରଦାନ କରିଥିଲେ।

# ଛାତ ଉପରେ ଉଦ୍ୟାନ ଓ ସହରାଞ୍ଚଳ ଉଦ୍ୟାନକୃଷିକୁ ସରକାରଙ୍କ ପ୍ରୋତ୍ସାହନ

ଭୁବନେଶ୍ୱର,୮।୭(ସୁନିତ୍ ମିଶ୍ର)

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମଙ୍ଗଳବାର କୃଷି ଭବନଠାରେ ଛାତ ଉପରେ ଉଦ୍ୟାନ ଓ ସହରାଞ୍ଚଳ ଉଦ୍ୟାନକୃଷି ରଥର ଶୁଭାରମ୍ଭ କରିଛନ୍ତି। ଛାତ ଉପରେ ଉଦ୍ୟାନ ସଚେତନତା ରଥର ଶୁଭାରମ୍ଭ କରିବା ଅବସରରେ କନକ ବର୍ଦ୍ଧନ କହିଛନ୍ତି, ବର୍ତ୍ତମାନ ସମୟରେ ରାଜ୍ୟର ସହରଗୁଡ଼ିକରେ ସବୁଜ ସ୍ଥାନ ହ୍ରାସ, କଂକ୍ରିଟ୍ କୋଠା ନିର୍ମାଣ, ସହରାଞ୍ଚଳ ବୃଦ୍ଧି ପାଉଛି। ସରକାର ପାର୍କ ଏବଂ ବୃକ୍ଷରୋପଣକୁ ପ୍ରୋତ୍ସାହିତ କରି ସହରଗୁଡ଼ିକରେ ସବୁଜୀକରଣ ବୃଦ୍ଧି ପାଇଁ ପ୍ରୟାସ କରୁଛନ୍ତି। ସଚେତନତା ରଥର ଉଦ୍ଦେଶ୍ୟ ହେଉଛି ସ୍ଥାୟୀ ସହରାଞ୍ଚଳ ଜୀବନଯାପନ ଏବଂ ଖାଦ୍ୟ ସୁରକ୍ଷା ସହିତ ସମନ୍ୱୟ ରଖି ଘର ଛାତ ଉପରେ ଉଦ୍ୟାନ ଏବଂ ସହରାଞ୍ଚଳ ଉଦ୍ୟାନର ଗୁରୁତ୍ୱ, କୌଶଳ ଓ ଲାଭ ବିଷୟରେ ନାଗରିକଙ୍କୁ ସଚେତନ କରିବା। ସହରାଞ୍ଚଳବାସୀଙ୍କ ମଧ୍ୟରେ ସ୍ଥାୟୀ ସୁସ୍ଥ ସହରୀ ଜୀବନଯାପନ ପାଇଁ ସଚେତନତା ସୃଷ୍ଟି କରିବା ସହିତ ଉତ୍ତାପ ପ୍ରଭାବକୁ ହ୍ରାସ କରି ଅନୁକୂଳ ପରିବେଶ ସୃଷ୍ଟି କରିବା ଦରକାର। ଏଥିପାଇଁ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓଡ଼ିଶାର କିଛି ମନୋନୀତ ସହରରେ ସୌନ୍ଦର୍ଯ୍ୟ, ପୁଷ୍ଟି ଓ ସୁସ୍ଥ ପରିବେଶ ପାଇଁ ଛାତ ଉପରେ ଉଦ୍ୟାନ ଏବଂ ସହରୀ ଉଦ୍ୟାନ କୃଷି ନିମନ୍ତେ ଅଭିନବ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ ଏକ ପ୍ରକଳ୍ପକୁ ପ୍ରୋତ୍ସାହନ ଯୋଗାଉଛି, ଯାହା କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା କାର୍ଯ୍ୟକାରୀ କରାଯିବ। ଏହି ଅଭିନବ ପ୍ରୟାସ ମାଧ୍ୟମରେ କଟକ, ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର ଓ ଜୟପୁରରେ ଆବାସିକ ଏବଂ ଆନୁଷ୍ଠାନିକ କୋଠାରେ ସହରବାସୀଙ୍କୁ ଶିକ୍ଷା ଏବଂ ତାଲିମ ଦେଇ ଛାତ ଉପରେ ଓ ଘରେ ଉଦ୍ୟାନ ମାଧ୍ୟମରେ ସବୁଜିମାକୁ ବୃଦ୍ଧି କରାଯିବ। ଏହି ଅଭିଯାନ ଅଧୀନରେ ସଚେତନତା ରଥ ମାସେରୁ ଅଧିକ ସମୟ ଧରି ଭୁବନେଶ୍ୱର ଓ କଟକର ବିଭିନ୍ନ ସହରାଞ୍ଚଳର ଆବାସିକ, ଶିକ୍ଷାନୁଷ୍ଠାନ, ବାସିନ୍ଦା କଲ୍ୟାଣ ସଂଘ, ଅନ୍ୟାନ୍ୟ ସହର-ଭିତ୍ତିକ ସଂଗଠନ ଏବଂ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ।

## ଜାତୀୟ/ଅନ୍ତର୍ଜାତୀୟ ଖବର

# ମୋଦିଙ୍କୁ ବ୍ରାଜିଲର ସର୍ବୋଚ୍ଚ ନାଗରିକ ସମ୍ମାନ

ବ୍ରାସିଲିଆ,୮।୭



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡାସିଲଭା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡାସିଲଭାଙ୍କ ମଧ୍ୟରେ ମଙ୍ଗଳବାର ବିଭିନ୍ନ ପ୍ରସଙ୍ଗକୁ ନେଇ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ଏହି ଅବସରରେ ଉଭୟ ଦେଶ ପ୍ରତିରକ୍ଷା, ଶକ୍ତି ଏବଂ ପରିବେଶ ଆଦି ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ସହମତ ପ୍ରକାଶ କରିଛନ୍ତି। ଆଗାମୀ ୫ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦ ବିଲିୟନ ଡଲାର ପର୍ଯ୍ୟନ୍ତ ନେବାକୁ ଉଭୟ ଦେଶ ଲକ୍ଷ୍ୟ ରଖିଥିବା ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ଏହି ଅବସରରେ ବ୍ରାଜିଲ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଗ୍ରେଟ କଲର୍ ଅଫ୍ ଦି ନ୍ୟାଶନାଲ ଅର୍ଡର ଅଫ୍ ଦି ସର୍ଦନ କ୍ରସ୍'ରେ ସମ୍ମାନିତ କରିଛନ୍ତି। ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ପାଇଁ ନିରନ୍ତର ଉଦ୍ୟମ କରୁଥିବାରୁ ବ୍ରାଜିଲ ପକ୍ଷରୁ ମୋଦିଙ୍କୁ ଏହି ସମ୍ମାନ ଦିଆଯାଇଛି।

# ନଭେମ୍ବରରୁ ଦିଲ୍ଲୀରେ ପୁରୁଣା ଗାଡ଼ିକୁ ତେଲ ମନା

ନୂଆଦିଲ୍ଲୀ,୮।୭

ଦିଲ୍ଲୀ ସମେତ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ର ୫ଟି ଜିଲାରେ ନଭେମ୍ବର ୧ରୁ ପୁରୁଣା ଗାଡ଼ିଗୁଡ଼ିକୁ ଆଉ ତେଲ ବିକ୍ରି କରାଯିବ ନାହିଁ। ୧୦ ବର୍ଷରୁ ପୁରୁଣା ଡିଜେଲ ଗାଡ଼ି ଏବଂ ୧୫ ବର୍ଷରୁ ପୁରୁଣା ପେଟ୍ରୋଲଚାଳିତ ଗାଡ଼ିକୁ ଜୁଲାଇ ୧ରୁ ତେଲ ବିକ୍ରି ନ କରିବା ପାଇଁ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ପୂର୍ବରୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବାରୁ ନିଷ୍ପତ୍ତିର ସମୀକ୍ଷା ଲାଗି ଦିଲ୍ଲୀ ସରକାର ସିଏକ୍ୟୁଏମ୍‌କୁ କହିଥିଲେ। ମଙ୍ଗଳବାର କମିଶନ୍‌ର ଉକ୍ତ ନିଷ୍ପତ୍ତିକୁ ନଭେମ୍ବର ୧ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ସ୍ଥିର କରିଛି। ଦିଲ୍ଲୀ ସମେତ ଗୁରୁଗ୍ରାମ, ଫରିଦାବାଦ, ନୋଏଡ଼ା, ଗାଜିଆବାଦ ଓ ସୋନିପତ୍ ଜିଲାରେ ପୁରୁଣା ଗାଡ଼ିଗୁଡ଼ିକୁ ନଭେମ୍ବର ୧ରୁ ଆଉ ତେଲ ମିଳିବ ନାହିଁ।

# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଖୁବ୍‌ଶୀଘ୍ର

ନୂଆଦିଲ୍ଲୀ,୮।୭



ଡୋନାଲ୍ଡ ଟ୍ରମ୍ପ

ଭାରତ ଏବଂ ଆମେରିକା ମଧ୍ୟରେ ବହୁପ୍ରତୀକ୍ଷିତ ବାଣିଜ୍ୟ ଚୁକ୍ତି ଖୁବ୍‌ଶୀଘ୍ର ଘୋଷଣା ହେଇପାରେ ବୋଲି ଏକ ସରକାରୀ ସୂତ୍ରରୁ ଜଣାପଡ଼ିଛି। ଏହି ଡିଲ୍ ଭାରତ ସପକ୍ଷରେ ହେବ ବୋଲି ଅଧିକାରୀମାନେ ଆଶାବାଦୀ ଅଛନ୍ତି। ତେବେ ଦୁଗ୍ଧଜାତ ସାମଗ୍ରୀ ଓ ବିଭିନ୍ନ କୃଷି ଉତ୍ପାଦନ ଡିଲ୍ ବାହାରେ ରହିବା ଆଶା କରାଯାଉଛି। ସେହିପରି ଖାଦ୍ୟଶସ୍ୟ, କେତେକ ଫଳ ପାଇଁ ଅଧିକ ବଜାର ପ୍ରବେଶ ସୁବିଧା ସମେତ ଆମେରିକାର କେତେକ ଦାବି ମଧ୍ୟ ଚୁକ୍ତିନାମାରେ ସ୍ଥାନ ପାଇପାରେ। ଜବାବୀ ଶୁଳ୍କ ପାଇଁ ପୂର୍ବରୁ ଧାର୍ଯ୍ୟ ସମୟସୀମା ମଙ୍ଗଳବାର ରାତିରେ ଶେଷ ହେବାକୁ ଥିବାବେଳେ ଏହା ପୂର୍ବରୁ ଟ୍ରେଡ୍ ଡିଲ୍ ଘୋଷଣା ହୋଇପାରେ। କୃଷିଜାତ ସାମଗ୍ରୀ ପାଇଁ ବଜାର ସୁବିଧା ନିମନ୍ତେ ଆମେରିକା ଦାବି କରିଥିବାବେଳେ ଭାରତ ଖାଦ୍ୟ ସୁରକ୍ଷା ଓ ଘରୋଇ କୃଷକମାନଙ୍କ ସୁରକ୍ଷା ଉପରେ ପ୍ରାଥମିକତା ଦେଇଥିଲା। ମତଭେଦ ସତ୍ତ୍ୱେ ବୟନ ଓ ଚମଡ଼ା ସାମଗ୍ରୀ ଏବଂ ଔଷଧ ଉପରେ ଟାରିଫ୍ କମ୍ କରିବାକୁ ଭାରତ ଆଗ୍ରହ ପ୍ରକାଶ କରିଥିଲା। ଭାରତ ସହ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ ହେବାକୁ ଯାଉଥିବା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଥିଲେ।

# ୫୩% ଷଷ୍ଠ ଶ୍ରେଣୀ ପିଲା ୧୦ ଯାଏ ପଣିକିଆ ଜାଣିଛନ୍ତି: ସର୍ଭେ

ନୂଆଦିଲ୍ଲୀ,୮।୭

ଶିକ୍ଷା ମନ୍ତ୍ରଣାଳୟର ଏକ ସର୍ଭେରୁ ଦେଶରେ ଗଣିତ ଶିକ୍ଷାର ନୈରାଶ୍ୟଜନକ ସ୍ଥିତି ପଦାକୁ ଆସିଛି। ସର୍ଭେ ଅନୁଯାୟୀ, ଷଷ୍ଠ ଶ୍ରେଣୀରେ ପଢୁଥିବା ମାତ୍ର ୫୩ ପ୍ରତିଶତ ପିଲା ୧୦ ଯାଏ ପଣିକିଆ ଜାଣିଥିବାବେଳେ ତୃତୀୟ ଶ୍ରେଣୀରେ ପଢୁଥିବା ୫୫ ପ୍ରତିଶତ ପିଲା ୯୯ ପର୍ଯ୍ୟନ୍ତ ସଂଖ୍ୟା ଲେଖିପାରୁଛନ୍ତି। ଗତବର୍ଷ ଡିସେମ୍ବର ୪ରେ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅନ୍ତର୍ଗତ ୭୮୧ ଜିଲାର ମୋଟ ୭୪,୨୨୯ ସରକାରୀ ଓ ଘରୋଇ ସ୍କୁଲ୍‌ର ତୃତୀୟ, ଷଷ୍ଠ ଏବଂ ନବମ ଶ୍ରେଣୀରେ ପଢୁଥିବା ୨,୧୫,୦୨୨ ଛାତ୍ରୀଛାତ୍ରଙ୍କୁ ନେଇ ରାଷ୍ଟ୍ରୀୟ ସର୍ବେକ୍ଷଣ କରାଯାଇଥିଲା। ଷଷ୍ଠ ଶ୍ରେଣୀର ମାତ୍ର ୫୩ ପ୍ରତିଶତ ପିଲା ଦୈନନ୍ଦିନ ଜୀବନରେ ମୌଳିକ ହିସାବ କରିପାରୁଛନ୍ତି। ପିଲାମାନେ ଗଣିତରେ ସର୍ବନିମ୍ନ ୪୬% ସ୍କୋର କରିଥିବାବେଳେ ଭାଷାରେ ୫୭% ଏବଂ ସାମାଜିକ ବିଜ୍ଞାନରେ ୪୯% ନମ୍ବର ରଖିଥିଲେ। ତୃତୀୟ ଶ୍ରେଣୀରେ ପଢୁଥିବା କେନ୍ଦ୍ରୀୟ ସରକାରୀ ସ୍କୁଲ୍‌ର ପିଲାମାନେ ଗଣିତରେ ସବୁଠୁ ଦୁର୍ବଳ ଥିବାବେଳେ ଷଷ୍ଠ ଶ୍ରେଣୀରେ ପଢୁଥିବା ସରକାରୀ ଅନୁଦାନପ୍ରାପ୍ତ ଏବଂ ରାଜ୍ୟ ସରକାରୀ ସ୍କୁଲ୍ ପିଲାଙ୍କ ପ୍ରଦର୍ଶନ ସବୁଠୁ ଖରାପ ଥିଲା। ନବମ ଶ୍ରେଣୀରେ ପଢୁଥିବା କେନ୍ଦ୍ରୀୟ ସ୍କୁଲ୍ ପିଲା ସବୁ ବିଷୟରେ ସବୁଠୁ ଭଲ ପ୍ରଦର୍ଶନ କରିଥିବାବେଳେ ଘରୋଇ ସ୍କୁଲ ପିଲାମାନେ ଗଣିତରେ କମ୍ ସ୍କୋର କରିଥିଲେ।

# ଇ-କମର୍ସ ପ୍ଲାଟ୍‌ଫର୍ମରେ ବିସ୍ଫୋରକ ମଗାଇ ଆତଙ୍କବାଦୀ ଆକ୍ରମଣ ହେଉଛି

## ଏଫ୍‌ଏଟିଏଫ୍ ରିପୋର୍ଟ

ପ୍ୟାରିସ୍, ୮।୭

ଆତଙ୍କବାଦ ପାଣ୍ଠି ବିନିଯୋଗ ବିପଦ ଉପରେ ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ସଦ୍ୟତମ ଗ୍ଲୋବାଲ ରିପୋର୍ଟ ମଙ୍ଗଳବାର ଜାରି କରିଛି। ଅନେକ ଆତଙ୍କବାଦୀ କାର୍ଯ୍ୟକଳାପରେ ବିଭିନ୍ନ ଇ-କମର୍ସ ପ୍ଲାଟ୍‌ଫର୍ମ ଏବଂ ଅନ୍‌ଲାଇନ ପେମେଣ୍ଟ ସେବାର ଦୁରୁପଯୋଗ ହେଉଥିବା ଏଥିରେ କୁହାଯାଇଛି।

୨୦୧୯ ଫେବୃଆରୀରେ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଏବଂ ୨୦୨୨ ଏପ୍ରିଲରେ ଗୋରଖନାଥ ମନ୍ଦିରରେ ହୋଇଥିବା ଆକ୍ରମଣ ପରି ଘଟଣାକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ଇ-କମର୍ସ ପ୍ଲାଟ୍‌ଫର୍ମ ଏବଂ ଅନ୍‌ଲାଇନ ପେମେଣ୍ଟ ସେବାର ବ୍ୟବହାର କରାଯାଇଛି। ଆତଙ୍କବାଦୀମାନେ ପାଣ୍ଠି ସଂଗ୍ରହ ସହ ଅସ୍ତ୍ରଶସ୍ତ୍ର କିଣିବା ପାଇଁ ଏହି ପ୍ଲାଟ୍‌ଫର୍ମଗୁଡ଼ିକର ବ୍ୟବହାର କରୁଛନ୍ତି। ପୁଲ୍‌ୱାମା ଆକ୍ରମଣରେ ବ୍ୟବହୃତ ଆଲୁମିନିୟମ ପାଉଡର ଇ-କମର୍ସ ପ୍ଲାଟ୍‌ଫର୍ମ ଆମାଜନ୍‌ରୁ କିଣାଯାଇଥିଲା। ଏହି ପାଉଡର ବ୍ୟବହାରରେ ଆଇଇଡି ବୋମାର ଶକ୍ତି ବୃଦ୍ଧି ଘଟିଥିଲା। ଆକ୍ରମଣ ପାଇଁ ଅନେକ ଜରୁରୀ ସାମଗ୍ରୀ ବିଭିନ୍ନ ଅନ୍‌ଲାଇନ ପ୍ଲାଟ୍‌ଫର୍ମରୁ କିଣାଯାଇଥିଲା। ସେହିପରି ଗୋରଖନାଥ ମନ୍ଦିର ଆକ୍ରମଣର ଜଣେ ଅଭିଯୁକ୍ତ ଅନ୍‌ଲାଇନ ପେମେଣ୍ଟ ସେବା ପେପାଲ ମାଧ୍ୟମରେ ଆଇଏସ୍ ଆତଙ୍କବାଦୀଙ୍କୁ ସହଯୋଗ କରିବା ପାଇଁ ୬.୬୯ ଲକ୍ଷ ଟଙ୍କା ବିଦେଶକୁ ପଠାଇଥିଲେ। ଏହି ସମୟରେ ସେ ଭିପିଏନ୍‌ର ବ୍ୟବହାର କରି ନିଜ ଲୋକେଶନ ଲୁଚାଇଥିଲେ ଏବଂ ବିଦେଶକୁ ୪୪ ଥର ଟଙ୍କା ଦେଣନେଣ କରିଥିଲେ। ଅଭିଯୁକ୍ତ ନିଜ ଭାରତୀୟ ବ୍ୟାଙ୍କ ଆକାଉଣ୍ଟରୁ ଭିପିଏନ୍ ବ୍ୟବହାର କରୁଥିବା କିଛି ସନ୍ଦିଗ୍ଧଙ୍କୁ ଟଙ୍କା ପଠାଇଥିଲେ। ଏଫ୍‌ଏଟିଏଫ୍ କହିଛି, ଅଭିଯୁକ୍ତମାନେ ଛଦ୍ମନାମ ଏବଂ ନକଲି ଆକାଉଣ୍ଟ ବ୍ୟବହାର କରି ଅନ୍‌ଲାଇନ ପ୍ଲାଟ୍‌ଫର୍ମ ମାଧ୍ୟମରେ କାରବାର କରୁଥିବାରୁ ଟ୍ରାକିଂ କରିବା ଯାଞ୍ଚ ଏଜେନ୍ସିଙ୍କ ପାଇଁ କଷ୍ଟକର। ସେହିପରି କିଛି ଦେଶର ସରକାର ଆତଙ୍କବାଦୀ ସଙ୍ଗଠନଗୁଡ଼ିକୁ ଆର୍ଥିକ, ଲଜିଷ୍ଟିକ୍ ଏବଂ ତାଲିମ ସହାୟତା ଯୋଗାଇ ସେମାନଙ୍କୁ ପରୋକ୍ଷରେ ସମର୍ଥନ କରୁଥିବା ରିପୋର୍ଟରେ କୁହାଯାଇଛି। ପାକିସ୍ତାନ ଅନୁରୂପ ଭାବେ ଆତଙ୍କବାଦକୁ ସମର୍ଥନ କରୁଥିବା ଭାରତ କହିଆସିଛି।

# ଯାତ୍ରୀଙ୍କୁ ଶୋଷୁଛନ୍ତି ଘରୋଇ ବସ୍

## ଚୁପ୍ ବସିଛି ଏସ୍‌ଟିଏ, କାର୍ଯ୍ୟାନୁଷ୍ଠାନ ଶୂନ

ଭୁବନେଶ୍ୱର, ୮।୭
(ସତ୍ୟଜିତ୍ ରାଉତ)

ରାଜ୍ୟରେ ଚଳାଚଳ କରୁଥିବା ଅନେକ ଘରୋଇ ବସ୍ ଯାତ୍ରୀଙ୍କୁ ଶୋଷଣ କରୁଛନ୍ତି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭଡ଼ାଠାରୁ ଅଧିକ ଅର୍ଥ ନେଉଥିବା ଦେଖିବାକୁ ମିଳୁଛି। ଏନେଇ ଯାତ୍ରୀମାନେ ପ୍ରତିବାଦ କଲେ କଣ୍ଡକ୍ଟର ମନମାନି କରୁଛନ୍ତି। ବସ୍‌ର ଡ୍ରାଇଭର ସିଟ୍ ପାଖରେ ଭଡ଼ା ରେଟ୍ ଚାର୍ଟ ଲଗାଇବାକୁ କଡ଼ା ନିର୍ଦ୍ଦେଶନାମା ଥିବାବେଳେ କେତେକ ଏହାକୁ ମାନୁ ନ ଥିବା ଅଭିଯୋଗ ହେଉଛି। ଏପରିକି କେତେକ ବସ୍ କଣ୍ଡକ୍ଟର ଯାତ୍ରୀଙ୍କଠାରୁ ଭଡ଼ା ନେବା ପରେ ଟିକେଟ ମଧ୍ୟ ଦେଉନାହାନ୍ତି। ଏନେଇ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ) ପକ୍ଷରୁ କୌଣସି ଯାଞ୍ଚ ହେଉନାହିଁ। ଏପରିକି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହେଉଛି।

ରାଜ୍ୟ ସରକାର ଧାର୍ଯ୍ୟ ବସ୍ ଭଡ଼ା ଚାର୍ଟ ନିର୍ଦ୍ଧାରିତ କରିଛନ୍ତି। ସାଧାରଣ ବସ୍ କିମି ପିଛା ୮୮ ପଇସା, ଦ୍ରୁତଗାମୀ ବସ୍ ୯୨ ପଇସା, ଡିଲକ୍ସ ବସ୍ ୧ ଟଙ୍କା ୨୭ ପଇସା, ଏସି ଡିଲକ୍ସ ବସ୍ ୧ ଟଙ୍କା ୫୫ ପଇସା ଓ ସୁପର ପ୍ରିମିୟମ ବସ୍ କିମି ପିଛା ୨.୪୧ ଦର ସ୍ଥିର ହୋଇଛି। ଏପରି କି ଧାର୍ଯ୍ୟ ମୂଲ୍ୟଠାରୁ କୌଣସି କଣ୍ଡକ୍ଟର ଯାତ୍ରୀଙ୍କଠୁ ଅଧିକ ଭଡ଼ା ଆଦାୟ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଟିଏ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଚେତାବନୀ ଦିଆଯାଉଛି। ହେଲେ ଏହା କେବଳ ସୋସିଆଲ୍ ମିଡିଆ ପୋଷ୍ଟରେ ରହିଯାଉଛି। ରବିବାର କଟକ ମହାନଦୀ ବିହାରର ରଶ୍ମିରଞ୍ଜନ ମହାପାତ୍ର ଏକ ଘରୋଇ ବସ୍‌ରେ ଯାଜପୁର ଜିଲା ହରିପୁରରୁ କଟକ ଓଏମ୍‌ପି ଆସିଥିଲେ। ରୁଟର ଦୂରତା ୬୧ କି.ମି.




ହୋଇଥିବାବେଳେ ସାଧାରଣ ବସ୍‌ର ଧାର୍ଯ୍ୟ ଭଡ଼ା ଅନୁଯାୟୀ ୫୩ ଟଙ୍କା ୬୮ ପଇସା ହେଉଛି। ହେଲେ ତାଙ୍କଠାରୁ ଉକ୍ତ ବସ୍‌ର କଣ୍ଡକ୍ଟର ୮୦ ଟଙ୍କା ନେଇଥିଲେ। ଏନେଇ ରଶ୍ମିରଞ୍ଜନ କହିଛନ୍ତି, ଏଭଳି ଅଧିକ ଭଡ଼ା ନେବା ଠିକ୍ ନୁହେଁ। ଏସ୍‌ଟିଏ ଏନେଇ ନଜର ଦେଉ ବୋଲି ସେ କହିଛନ୍ତି। ସେହିପରି ଧରିତ୍ରୀ ପ୍ରତିନିଧି ଉକ୍ତ ବସ୍‌ରେ ଯାଜପୁର ଟାଉନରୁ କଟକ ଓଏମ୍‌ପି ଛକ ପର୍ଯ୍ୟନ୍ତ ଆସିଥିଲେ। ଏଥିପାଇଁ ଧାର୍ଯ୍ୟ ଦର ଅନୁସାରେ ୬୫ଟଙ୍କା ଭଡ଼ା ହେଉଥିବାବେଳେ କଣ୍ଡକ୍ଟର ତାଙ୍କୁ ୧୦୦ ଟଙ୍କା ଦାବି କରିଥିଲେ। କାହିଁକି ଅଧିକ ଭଡ଼ା ନେଉଛ ବୋଲି ପଚାରିବାରୁ କଣ୍ଡକ୍ଟର ନାଲି ଆଖି ଦେଖାଇ ଯୁକ୍ତି କରିଥିଲେ। ଶେଷରେ ସେ ୭୦ ଟଙ୍କା ନେଇଥିବା ବେଳେ ଆଉ ତାଙ୍କ ବସ୍‌ରେ ନ ଆସିବାକୁ ଧମକ ଦେଇ ଚେତାବନୀ ଦେଇଥିଲେ। ଏନେଇ ଉକ୍ତ ବସ୍‌ର ମାଲିକଙ୍କ ସହ ଯୋଗାଯୋଗ କରିବାକୁ ଚାହୁଁଛୁ ବୋଲି କଣ୍ଡକ୍ଟରଙ୍କୁ ଅନୁରୋଧ କରିଥିଲେ ସୁଦ୍ଧା ସେ କିଛି ଶୁଣି ନ ଥିଲେ। ଏ ଘଟଣା ଗୋଟିଏ ନୁହେଁ, ବରଂ ବସ୍‌ଗୁଡ଼ିକରେ ନିୟମିତ ଯାତ୍ରୀଙ୍କୁ ଏଭଳି ଅଧିକ ଟଙ୍କା ଦାବି କରାଯାଉଛି। ଏନେଇ ବିଭିନ୍ନ ଲୋକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏସ୍‌ଟିଏ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ଦୃଷ୍ଟି ଆକର୍ଷଣ କରୁଛନ୍ତି। କିଛିଦିନ ତଳେ ବାଲେଶ୍ୱର ଅଞ୍ଚଳର ମନୀଷ ଜେନା ଏକ ଟୁଇଟ୍ କରିଥିଲେ। ସେଥିରେ ସେ ଭୋଗରାଇ ବଜାରରୁ ବାଲେଶ୍ୱର ଆସୁଥିବା ନୂରାନି ନାମକ ଏକ ବସ୍‌ର କଣ୍ଡକ୍ଟର ଧାର୍ଯ୍ୟ ଭଡ଼ାଠାରୁ ତାଙ୍କୁ ଅଧିକ ଦାବି କରିଥିଲେ ବୋଲି ଉଲ୍ଲେଖ କରିବା ସହ ଏସ୍‌ଟିଏର ଦୃଷ୍ଟି ଆକର୍ଷଣ କରିଥିଲେ। ଅପରପକ୍ଷରେ କେତେକ ବସ୍‌ରେ ଷ୍ଟାଣ୍ଡିଂ କାପାସିଟିଠାରୁ ଅଧିକ ଯାତ୍ରୀଙ୍କୁ ନେଇ ବିପଦ ସୃଷ୍ଟି କରୁଛନ୍ତି। ଫିଟ୍‌ନେସ ଓ ଇନ୍‌ସ୍ୟୁରାନ୍ସ ଅବଧି ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଭଦ୍ରକର ଉତ୍କଳ କେଶରୀ ସାମଲ କହିଛନ୍ତି, ସେ କେନ୍ଦୁଝରରୁ ପାଣିକୋଇଲିକୁ ବିଭିନ୍ନ ବସ୍‌ରେ ଆସୁଥିବାବେଳେ ତାଙ୍କଠାରୁ ଧାର୍ଯ୍ୟ ଭଡ଼ାଠାରୁ ଅଧିକ ନିଆଯାଉଛି। ଏ ଦିଗରେ ଏସ୍‌ଟିଏ ସ୍ୱତନ୍ତ୍ର ଦୃଷ୍ଟି ଦେଉ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ଏକ୍ସରେ ମଧ୍ୟ ବିଭିନ୍ନ ଯାତ୍ରୀ ଅଭିଯୋଗ କରୁଥିବା ଦେଖିବାକୁ ମିଳୁଛି।

### ତେଲଖର୍ଚ୍ଚ ପାଇଁ କିଛି ମାଲିକ ଅଧିକ ଭଡ଼ା ନେଉଛନ୍ତି, ଏହାକୁ ବିରୋଧ କରୁଛି



ବର୍ତ୍ତମାନର ଧାର୍ଯ୍ୟ ଭଡ଼ା ଦରରେ ଗାଡ଼ି ଚାଲିବା କଷ୍ଟକର ହୋଇପଡୁଛି। ଭଡ଼ା ବଢ଼ାଇବାକୁ ସରକାରଙ୍କ ନିକଟରେ ପ୍ରସ୍ତାବ ଦିଆଯାଇଥିବାବେଳେ ଏହା ବିଚାରାଧୀନ ଅଛି। ଏଥିପାଇଁ ବୋଧେ କେତେଜଣ ମାଲିକ ତେଲଖର୍ଚ୍ଚ ପାଇଁ ଅଧିକ ଭଡ଼ା ନେଉଥିବା ମୁଁ ଭାବୁଛି। ହେଲେ ଏହାକୁ ମୁଁ ବିରୋଧ କରୁଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭଡ଼ା ଟଙ୍କା ନେଇ ଚଲାଇବାକୁ ଆମେ କହୁଛୁ। ଭଡ଼ା ଅଧିକ ନେଉଥିବାରୁ ସେମାନଙ୍କୁ କେତେଥର ଡାକି ପଚାରିଲେ ମଧ୍ୟ ମାନୁନାହାନ୍ତି। କେଉଁ ଗାଡ଼ି ଅଧିକ ଭଡ଼ା ନେଉଛନ୍ତି, ସେନେଇ ତଥ୍ୟ ଦେଇ ଅଭିଯୋଗ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବୁ। ଅନ୍ୟାନ୍ୟ ଅଭିଯୋଗ ଉପରେ ମଧ୍ୟ ନଜର ଦେବୁ।

**– ଦେବେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ, ରାଜ୍ୟ ଘରୋଇ ବସ୍ ମାଲିକ ସଂଘ**

### ଚଢ଼ାଉ ବ୍ୟାପକ କରାଯିବ



ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭଡ଼ାଠାରୁ ଅଧିକ ନେବା ବେଆଇନ। ମଝିରେ ମଝିରେ ଏଭଳି ନିୟମ ଉଲ୍ଲଙ୍ଘନ କରୁଥିବା ବସ୍‌ଗୁଡ଼ିକ ଉପରେ ଆମ ପକ୍ଷରୁ ଚଢ଼ାଉ କରାଯାଉଛି। ଏହି ସମୟରେ ବସ୍‌ଗୁଡ଼ିକଠାରୁ ଜରିମାନା ଆଦାୟ କରାଯାଉଛି। ଅଧିକ ଭଡ଼ା ସହ ଅନ୍ୟାନ୍ୟ ଅଭିଯୋଗ ଉପରେ ପୁଣିଥରେ ଚଢ଼ାଉ ବ୍ୟାପକ କରାଯିବ।

**–ଅମିତାଭ ଠାକୁର, ଚେୟାରମ୍ୟାନ ତଥା ଟ୍ରାନ୍ସପୋର୍ଟ କମିଶନର, ଏସ୍‌ଟିଏ**

# ୪୪୪ ସନ୍ଦିଗ୍ଧ ବାଂଲାଦେଶୀ ଅଟକ

ଝାରସୁଗୁଡ଼ା, ୮।୭
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ବେଆଇନ ଭାବେ ରହୁଥିବା ୪୪୪ରୁ ଊର୍ଦ୍ଧ୍ୱ ସନ୍ଦିଗ୍ଧ ବାଂଲାଦେଶୀ ଯୁବକଙ୍କୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରେ ଝାରସୁଗୁଡ଼ାର ବ୍ଲାକ ଡାଇମଣ୍ଡ କ୍ଲବ୍‌ରେ ୧୮୩ ଓ ବ୍ରଜରାଜନଗର ସୁରଭି କ୍ଲବଠାରେ ୨୬୧ ଜଣଙ୍କୁ ଅଟକ ରଖାଯାଇଛି। ତଦନ୍ତ ପରେ ସେମାନଙ୍କ ଡକ୍ୟୁମେଣ୍ଟ ଯାଞ୍ଚ କରାଯିବ ବୋଲି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଏବଂ ଝାରସୁଗୁଡ଼ା ଏସ୍‌ପି ସ୍ମିତ ପି. ପରମାର ଜିଲା ପୋଲିସ କାର୍ଯ୍ୟାଳୟରେ ମଙ୍ଗଳବାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଝାରସୁଗୁଡ଼ା ଜିଲାରେ ବହୁ ବାଂଲାଦେଶୀ ଯୁବକ ଆସି କାମ କରିବା ବାହାନାରେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ପୂର୍ବରୁ ଜଣାପଡିଥିଲା। ବୁଧବାର ଏହି ଘଟଣା ଉପରେ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ଏସ୍‌ପି କହିଛନ୍ତି।



ବ୍ଲାକ୍ ଡାଇମଣ୍ଡ କ୍ଲବ୍‌ରେ ଅଟକ ଥିବା ବାଂଲାଦେଶୀ ଯୁବକ।

### ୪ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଉଠାଇ ନେଲା ପୋଲିସ

ପାରାଦୀପ, ୮।୭
(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ଅଞ୍ଚଳରେ ଏକ ସନ୍ଦିଗ୍ଧ ବାଂଲାଦେଶୀ ପରିବାର ଚିହ୍ନଟ କରାଯାଇଛି। ଲକ୍ ଥାନା ଅନ୍ତର୍ଗତ ଲକ୍‌ପଡ଼ା ବସ୍ତିର ଜର୍ଦାରୀପଡ଼ାରେ ୪ ସନ୍ଦିଗ୍ଧଙ୍କୁ ପୋଲିସ ଥଇଥାନ କେନ୍ଦ୍ରରେ ରଖିଛି। ଗୋଟିଏ ପରିବାରର ମା' ବାପା, ଝିଅ ଓ ପୁଅଙ୍କ ନିକଟରେ କୌଣସି ପରିଚୟପତ୍ର ନାହିଁ ବୋଲି ଅତିରିକ୍ତ ଜିଲାପାଳ, ପାରାଦୀପ ନିରଞ୍ଜନ ବେହେରା ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ମିତିରଞ୍ଜନ କର ଅନୌପଚାରିକ ଭାବେ ସୂଚନା ଦେଇଛନ୍ତି।

# ବନ୍ଦ ହେବ ୩ ସବ୍‌ଜେଲ, ଜିଲା ଜେଲରେ ମିଶିବ

ଭୁବନେଶ୍ୱର, ୮।୭
(ସତ୍ୟଜିତ୍ ରାଉତ)

ରାଜ୍ୟର ୩ ଜିଲାରେ ଥିବା ତିନୋଟି ସବ୍‌ଜେଲକୁ ସ୍ଥାୟୀ ଭାବେ ବନ୍ଦ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁଯାୟୀ, ସରକାରଙ୍କ ଦ୍ୱାରା ଜେଲଗୁଡ଼ିକର ପୁନର୍ବିକାଶ ଓ ସଂଶୋଧନମୂଳକ ସଂସ୍କାର ଜାରି ରହିଛି। ଜେଲ ଭିତ୍ତିଭୂମି ଏବଂ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ସତର୍କତାର ସହ ବିଚାର କରି ୩ ସବ୍‌ଜେଲକୁ ସ୍ଥାୟୀ ଭାବରେ ବନ୍ଦ କରି ଜିଲା ଜେଲରେ ମିଶ୍ରଣ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଖଣ୍ଡପଡା ସବ୍‌ଜେଲକୁ ନୟାଗଡ଼ ଜିଲା ଜେଲ, ନୀଳଗିରି ସବ୍‌ଜେଲକୁ ବାଲେଶ୍ୱର ଜିଲା ଜେଲ ଏବଂ ସୋହେଲା ସବ୍‌ଜେଲକୁ ବରଗଡ ଜିଲା ଜେଲରେ ମିଶ୍ରଣ କରାଯିବ। ଉପରୋକ୍ତ ଜେଲଗୁଡ଼ିକୁ ବିଜ୍ଞାପିତ ଜେଲ ତାଲିକାରୁ ବାଦ୍ ଦିଆଯାଇଛି। ଏ ସଂକ୍ରାନ୍ତରେ କେତେକ ପଦକ୍ଷେପ ଗ୍ରହଣ କରିବାକୁ ଜେଲ ଡିଜିଙ୍କୁ ନିର୍ଦ୍ଦେଶ ହୋଇଛି। ଉକ୍ତ ସବ୍‌ଜେଲଗୁଡ଼ିକରେ ଥିବା ବିଚାରାଧୀନ କଏଦୀ ଏବଂ ଦୋଷୀ ସାବ୍ୟସ୍ତ କଏଦୀଙ୍କୁ ସମ୍ପୃକ୍ତ ଜିଲା ଜେଲଗୁଡ଼ିକୁ ସ୍ଥାନାନ୍ତର କରାଯିବ। ସରକାରୀ ରେକର୍ଡ ଅପଡେଟ୍ କରିବା ସହ କୋର୍ଟ, ଜିଲା ପ୍ରଶାସନ ଏବଂ ପୋଲିସ କର୍ତ୍ତୃପକ୍ଷ ସଂପୃକ୍ତ ପକ୍ଷଙ୍କୁ ଏନେଇ ସୂଚନା ଦେବେ। ଏଥିସହ ଗୃହ ବିଭାଗ ପରାମର୍ଶରେ କର୍ମଚାରୀ ଏବଂ ସମ୍ବଳଗୁଡ଼ିକୁ ପୁନଃବଣ୍ଟନ କରିବା, ସଂପୃକ୍ତ ଜିଲା ପ୍ରଶାସନ ଜେଲଗୁଡ଼ିକର କୋଠା ଏବଂ ଅନ୍ୟ ସମ୍ପତ୍ତିଗୁଡ଼ିକୁ ବ୍ୟବହାର ନ କରିବା ଯାଏ ଜେଲ ନିର୍ଦ୍ଦେଶାଳୟ ପକ୍ଷରୁ ଏସବୁର ସଂରକ୍ଷଣ କରାଯିବ। ତେବେ ଏହି ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସୋମବାର ଜାରି ହୋଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି।

## ମ୍ୟାଲେରିଆରେ ୧୪ ଛାତ୍ରୀଛାତ୍ର ଆକ୍ରାନ୍ତ

ପାଲଲହଡ଼ା,୮।୭ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡର ଉପାନ୍ତ ପାଉଡ଼ିଭୂୟାଁ ଅଞ୍ଚଳରେ ମ୍ୟାଲେରିଆ ଆତଙ୍କ ଦେଖାଦେଇଛି। ନଗିରା ପଞ୍ଚାୟତର ସିବିଡ଼ା ଶିକ୍ଷାନିକେତନ ଜନଜାତି ହଷ୍ଟେଲରୁ ୧୦ ଜଣ ଏବଂ ଜମର



କନ୍ୟାଶ୍ରମରୁ ୪ ଜଣ ଛାତ୍ରୀଛାତ୍ର ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଖବରପାଇ ପାଲଲହଡ଼ା ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ ଡାକ୍ତରଖାନାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହିତ ଆଲୋଚନା କରିଛନ୍ତି।

## ଚର୍ଚ୍ଚାରେ 'ଭରଦ୍ୱାଜ ଟେନ୍‌ସର ମଡେଲ'

ବଲାଙ୍ଗୀର, ୮।୭(ବୀରେନ୍ଦ୍ର କୁମାର ଝଙ୍କର)

ବଲାଙ୍ଗୀର ସହରର ଜଣେ ଯୁବ ଗବେଷକ ଅଂଶୁମାନ ଦାସ ଭରଦ୍ୱାଜ 'ଭରଦ୍ୱାଜ ଟେନ୍‌ସର ମଡେଲ' ନାଁରେ ସ୍ୱତନ୍ତ୍ର ଆର୍ଟିଫିସିଆଲ ଆପ୍ଲିକେଶନ ଡେଭଲପ୍ କରିଥିବା ଦାବି କରିଛନ୍ତି। ମଣିଷର ମସ୍ତିଷ୍କ ଭିତର ବୈଦ୍ୟୁତିକ ଗତିବିଧିକୁ ମାପିବା ଏବଂ ରେକର୍ଡ କରିବା ପାଇଁ ଉଦ୍ଦିଷ୍ଟ ଇଲେକ୍‌ଟ୍ରୋଏନ୍‌ସେଫାଲୋଗ୍ରାମ୍ (ଇଇଜି)ରେ ସେ ନିଜେ ଡେଭଲପ୍ କରିଥିବା ସ୍ୱତନ୍ତ୍ର ଆପ୍ଲିକେଶନର ବ୍ୟବହାର କରି ମଣିଷର ମାନସିକ ସ୍ଥିତିର ଆଗୁଆ ଅଧ୍ୟୟନ ଏବଂ ସୂଚନା ପାଇପାରିବା ଦାବି କରିଛନ୍ତି। ସେ ଡେଭଲପ କରିଥିବା ନୂଆ ଆପ୍ଲିକେଶନ 'ଭରଦ୍ୱାଜ ଟେନ୍‌ସର ମଡେଲ' (ବିଟିଏମ୍) ମଣିଷ ମନର ଅବସ୍ଥାକୁ ଆଗୁଆ ପାଠ କରିପାରୁଥିବା ସେ କହିଛନ୍ତି। ମଣିଷର ଚିନ୍ତାପ୍ରକ୍ରିୟାକୁ ମଧ୍ୟ ଏହି ଆପ୍ଲିକେଶନ୍ ଆଗୁଆ ଅଧ୍ୟୟନ କରିପାରୁଥିବାରୁ ଏହା ଅନେକ ଦିଗରୁ ମଣିଷର ମସ୍ତିଷ୍କ, ଭାବନା, ଚିନ୍ତା ସମ୍ବନ୍ଧୀୟ ବୋଧପ୍ରକ୍ରିୟା ନିୟନ୍ତ୍ରଣରେ ସହାୟକ ହୋଇପାରିବ ବୋଲି କୁହାଯାଉଛି। ଭରଦ୍ୱାଜ କହିଛନ୍ତି, ଏହି ଆପ୍ଲିକେଶନ ଜରିଆରେ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ବହୁ-ପରିମାଣୀୟ ଚିନ୍ତା-ଭାବନା ପ୍ୟାଟର୍ନଗୁଡ଼ିକୁ ମ୍ୟାପିଂ କରାଯାଇପାରିବ। ଏହାଦ୍ୱାରା ସ୍ଥଳ ବିଶେଷରେ ଆତ୍ମହତ୍ୟା ଭାବନା, ସ୍ମରଣଶକ୍ତି ହରାଇବା, ନିଦ୍ରାହୀନତା ଭଳି ସମସ୍ୟା ସମାଧାନ କରାଯାଇପାରିବ ବୋଲି ସେ କହିଛନ୍ତି। ତାଙ୍କ ଆପ୍ଲିକେଶନରେ ଆଗୁଆ ସୂଚନା ମିଳୁଥିବାରୁ ଏବଂ ଏହା କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ ହୋଇଥିବାରୁ ଏହାର ବହୁଳ ବ୍ୟବହାର ଛାତ୍ରୀଛାତ୍ର, ରୋଗୀ ଏବଂ ଅନ୍ୟମାନଙ୍କ ପାଇଁ ଉପାଦେୟ ହେବ ବୋଲି ଭରଦ୍ୱାଜ କହିଛନ୍ତି। ବଲାଙ୍ଗୀରରେ ରହୁଥିବା ଅଂଶୁମାନ୍ ଭରଦ୍ୱାଜ ରାୟପୁର ସ୍ଥିତ ଏମ୍‌ଏଟିଏସ୍ ବିଶ୍ୱବିଦ୍ୟାଳୟରେ ଆପ୍ଲାଏଡ୍ ସାଇକୋଲୋଜି ଏବଂ କମ୍ପ୍ୟୁଟେଶନାଲ ସାଇକୋଲୋଜିରେ ଅଧ୍ୟୟନ କରୁଥିଲେ।



ଅଂଶୁମାନ୍ ଦାସ ଭରଦ୍ୱାଜ

## ୧୪ରୁ ବଢ଼ିବ ବର୍ଷା

ଭୁବନେଶର, ୮।୭
(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ଲଗାଣ ବର୍ଷା ଜନଜୀବନକୁ ପ୍ରଭାବିତ କରିଥିବାବେଳେ ବୁଧବାରଠାରୁ କମିବ। କିଛି ଜିଲାକୁ ବାଦ୍ ଦେଲେ ପ୍ରାୟ ଅଧିକାଂଶ ଜିଲାରେ ପାଗରେ ସୁଧାର ଆସିବ। ତେବେ ୧୪ ତାରିଖରୁ ପୁଣି ବର୍ଷାର ବିସ୍ତୃତି ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସହ ବଜ୍ରପାତ ନେଇ କେତେକ ଜିଲାକୁ ସତର୍କ କରାଯାଇଛି। ବୁଧବାର ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ୩୦ରୁ ୪୦ କିମି ବେଗରେ ଝଡ଼୍‌କା ପବନ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି କେନ୍ଦୁଝର, ସୁନ୍ଦରଗଡ଼, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୋନପୁର ଏବଂ ବୌଦ୍ଧ ଆଦି ଜିଲାରେ ବଜ୍ରପାତ ସହ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ଅନ୍ୟପଟେ ବଜ୍ରପାତ ପାଇଁ ପୁରୀ, ଖୋର୍ଦ୍ଧା, ନୟାଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁରକୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି।

# ଶିକ୍ଷା ମାଧ୍ୟମରେ ସଶକ୍ତୀକରଣ




**ଆଜି ଜାତୀୟ ବିଦ୍ୟାର୍ଥୀ ଦିବସ**

ପ୍ରତିବର୍ଷ ଜୁଲାଇ ୯ରେ ଆମ ଦେଶରେ ପାଳିତ ହୋଇଥାଏ ଜାତୀୟ ବିଦ୍ୟାର୍ଥୀ ଦିବସ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ପ୍ରତିଷ୍ଠା ଦିବସ(୯ଜୁଲାଇ୧୯୪୯) ଅବସରରେ ପାଳିତ ଏହି ଦିବସ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା, ନୈତିକତା ଓ ସାମାଜିକ ଦାୟିତ୍ୱ ପ୍ରତି ଉତ୍ସାହିତ କରିବାର ଏକ ଅବସର ଆଣିଥାଏ। ଚଳିତ ବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି 'ଶିକ୍ଷା ମାଧ୍ୟମରେ ସଶକ୍ତୀକରଣ'। ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଆଲୋଚନାଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାମାଜିକ ସଚେତନତା ଅଭିଯାନ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କୁ ନେତୃତ୍ୱ, ଉଦ୍ଭାବନ ଏବଂ ସାମାଜିକ ପରିବର୍ତ୍ତନରେ ଅଂଶଗ୍ରହଣ ପାଇଁ ପ୍ରେରଣା ଦିଆଯାଇଥାଏ।

## ଅପରାଧ

# ଡଗରା ବେଳାଭୂମିରେ ମହିଳା ପର୍ଯ୍ୟଟକଙ୍କୁ ଅସଦାଚରଣ

**ଭିଡିଓ ଭାଇରାଲ**

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୮।୭

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଡଗରା ବେଳାଭୂମି ଅସୁରକ୍ଷିତ ହୋଇପଡ଼ିଛି। ରବିବାର ଅପରାହ୍ନରେ ବଙ୍ଗୀୟ ଦମ୍ପତି ବେଳାଭୂମିକୁ ଆସି ଅସଦାଚରଣର ଶିକାର ହୋଇଛନ୍ତି। ସ୍ୱାମୀଙ୍କ ଆଗରେ ମହିଳାଙ୍କୁ ଯୁବକମାନେ ଟଣାଘୋଷରା କରି ତଳେ ପକାଇବା ଓ ସ୍ୱାମୀଙ୍କୁ ମାଡ଼ ମାରୁଥିବା ଭିଡିଓ ଏବେ ମୋବାଇଲରୁ ମୋବାଇଲକୁ ଭାଇରାଲ ହେବାରେ ଲାଗିଛି। ଏ ସମ୍ପର୍କରେ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ହେବାର ୩ ଦିନ ବିତିଯାଇଥିଲେ ହେଁ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।



ମହିଳାଙ୍କ ସ୍ୱାମୀଙ୍କୁ ମାଡ଼ ବେଳର ଦୃଶ୍ୟ।

ଡଗରା ଉନ୍ନୟନ କମିଟି ସମ୍ପାଦକ ନିତ୍ୟାନନ୍ଦ ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ଆଇଆଇସିଙ୍କୁ ଭେଟି ବେଳାଭୂମି ସୁରକ୍ଷା ନିମନ୍ତେ ଏକ ଦାବିପତ୍ର ଦେଇଥିଲେ। ବେଳାଭୂମିରେ ପୋଲିସ ପାଟ୍ରୋଲିଂ କଡ଼ାକଡି ଏବଂ ଏହି ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ଉଚିତ୍ ଦଣ୍ଡ ଦିଆଯିବାକୁ ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ଗଣପତି ଜେନା, ପ୍ରଫୁଲ୍ଲ ସାହୁ, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଦାବି କରିଥିଲେ। ଆଇଆଇସି ଗୋବିନ୍ଦ ଚନ୍ଦ୍ର ବେହେରା ଘଟଣାର ତଦନ୍ତ ଜାରି ରହିଛି ବୋଲି ପ୍ରତିକ୍ରିୟାରେ କହିଛନ୍ତି।

# ଆମ୍ବୁଲାନ୍ସ ହେଲ୍‌ପରଙ୍କୁ ଟାଣିନେଇ ମାଡ଼

**ରେମୁଣା ମହରମ ଶୋଭାଯାତ୍ରା ବେଳେ ଆକ୍ରମଣ**

ରେମୁଣା, ୮।୭(ରବୀନ୍ଦ୍ର ମହାକୁଡ଼)

'ଆମ୍ବୁଲାନ୍ସ' ଏକ ଅତ୍ୟାବଶ୍ୟକ ସେବା। ହେଲେ ମହରମ ଶୋଭାଯାତ୍ରା ବେଳେ ଆମ୍ବୁଲାନ୍ସକୁ ଅଟକାଇ କର୍ମଚାରୀଙ୍କୁ ଗାଳିଗୁଲଜ, ଆମ୍ବୁଲାନ୍ସ ଭଙ୍ଗାରୁଜା ଆଦି ଘଟଣା ଘଟିଛି। ଏପରି କି ଆମ୍ବୁଲାନ୍ସରେ ଡାକ୍ତରଖାନା ଯାଉଥିବା ଦୁଇ ଶିଶୁ ଓ ସେମାନଙ୍କ ମାତାପିତାଙ୍କ ଦେହରେ ଭଙ୍ଗାକାଚ ଲାଗିବାରୁ ସେମାନେ ରକ୍ତାକ୍ତ ମଧ୍ୟ ହୋଇଛନ୍ତି। ବାଲେଶ୍ୱର ଜିଲା ରେମୁଣା ବଜାରରେ ରବିବାର ରାତିରେ ଏଭଳି ଘଟଣା ଘଟିଥିବାବେଳେ ଏନେଇ ଆମ୍ବୁଲାନ୍ସ କର୍ମଚାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ.୧୨୦/୨୦୨୫) ରୁଜୁ କରି ଘଟଣାର ତଦନ୍ତ କରୁଥିଲେ ସୁଦ୍ଧା କାହାରିକୁ ଗିରଫ କରିପାରି ନାହିଁ।

ଅଭିଯୋଗ ଅନୁଯାୟୀ, ରେମୁଣା ଥାନା ଅଧୀନ ରସଲପୁରର ରଶ୍ମିରଞ୍ଜନ ସାହୁ ଏବଂ ସ୍ତ୍ରୀ ଊର୍ମିଳା ସେମାନଙ୍କ ସାଢ଼େ ୩ବର୍ଷର ପୁଅ ସ୍ମିତିରଞ୍ଜନ ଏବଂ ଅଢ଼େଇ ବର୍ଷର ଝିଅ ଲାବଣ୍ୟ ପ୍ରବଳ ଜ୍ୱରରେ ଆକ୍ରାନ୍ତ ହୋଇଥିବାରୁ ରାତି ପ୍ରାୟ ସାଢ଼େ ୧୦ଟାରେ (ଓଡି଼୨ବିଜେ-୫୯୩୭) ନମ୍ବର ଥିବା ୧୦୮ ଆମ୍ବୁଲାନ୍ସରେ ଫକୀରମୋହନ ବଡ଼ ଡାକ୍ତରଖାନାକୁ ନେଉଥିଲେ। ଆମ୍ବୁଲାନ୍ସର ଚାଳକ ଗଜେନ୍ଦ୍ର ଦାସ, ହେଲପର ସୁରେଶ୍ୱର ମହାଲିକ ଏବଂ ଆଟେଣ୍ଡାଣ୍ଟ ସତ୍ୟବାନ ଦାଶ ଥିଲେ। ଆମ୍ବୁଲାନ୍ସ ରେମୁଣା ବଜାର ହାତିଆଗଣ୍ଡ ଛକ ପହଞ୍ଚିବା ପରେ ଶୋଭାଯାତ୍ରାରେ ଥିବା ୧୦/୧୫ ଜଣ ଲୋକ ଆମ୍ବୁଲାନ୍ସ ଆଗକୁ ମାଡ଼ି ଆସିଥିଲେ। ଡିଆଁ ମାରି ଆଗ କାଚକୁ ବିଧା ମାରିଥିଲେ। ଚାଳକ ଗଜେନ୍ଦ୍ରଙ୍କୁ ଅଶ୍ଳୀଳ ଗାଳିଗୁଲଜ କରି ଏପଟେ ବାରମ୍ବାର କାହିଁକି ସାଇରନ ବଜାଇ ଯିବା ଆସିବା କରୁଛ ବୋଲି ପଚାରିଥିଲେ। ହେଲପର ସୁରେଶ୍ୱରଙ୍କୁ ବାହାରକୁ ଘୋଷାରି ନେଇ ମାଡ଼ ମାରିବା ସହ ତାଙ୍କ ଶାର୍ଟ ଚିରି ଦେଇଥିଲେ। ଏପରି କି ଆମ୍ବୁଲାନ୍ସର ପଛପଟ କାଚକୁ ଠେଙ୍ଗାରେ ପିଟି ଭାଙ୍ଗି ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ଆମ୍ବୁଲାନ୍ସକୁ ବାଟ କଢ଼ାଇଥିଲା।

## ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡ

କଟକ,୮।୭(କାର୍ତ୍ତିକ ସାହୁ)

ମଧୁପାଟଣା ଥାନା ଅନ୍ତର୍ଗତ ଭରତପୁର ଅଞ୍ଚଳର ଜଣେ ନାବାଳିକା ବଳାତ୍କାର ମାମଲାର ରାୟ କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ମଙ୍ଗଳବାର ପ୍ରକାଶ ପାଇଛି। ବିଚାରପତି ହିମାଂଶୁ ଶେଖର ସିଂ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ମଧ୍ୟ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ସ୍ଥାନୀୟ ଅଞ୍ଚଳର ବିକାଶ ମହାନ୍ତି। ଅପରପକ୍ଷରେ, ଅଦାଲତ ପୀଡ଼ିତଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ବିକାଶ ୨୦୨୪ ଜାନୁଆରୀ ୧ରେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ନାବାଳିକ ପରିବାରଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ମଧୁପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ବିକାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋକ୍‌ସୋ ଅଦାଲତରେ ମାମଲାର ବିଚାର ଚାଲିଥିଲା। ଅଦାଲତ ୧୨ଜଣ ସାକ୍ଷୀ ଓ ୧୪ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ଓ ବିଶ୍ୱଜିତ ରାୟ ମାମଲା ପରିଚାଳନା କରୁଥିଲେ।

# ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

**ଚାନ୍ଦିପୁର ଆଇଟିଆର୍ ଗୁପ୍ତ ତଥ୍ୟ ଲିକ୍ ମାମଲା**

କଟକ,୮।୭(କାର୍ତ୍ତିକ ସାହୁ)

ଚାନ୍ଦିପୁର ଆଇଟିଆର୍‌ର ପୂର୍ବତନ ଚୁକ୍ତିଭିତ୍ତିକ ଏସି ଅପରେଟର ବସନ୍ତ କୁମାର ବେହେରାଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଦେଶର ସୁରକ୍ଷା ସମ୍ପର୍କିତ ତଥ୍ୟ ପାକିସ୍ତାନୀ ମହିଳାଙ୍କୁ ଦେବା ଅଭିଯୋଗରେ ଗିରଫ ହୋଇ ସେ ଜେଲରେ ଅଛନ୍ତି। ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ଅଭିଯୁକ୍ତ ବେହେରାଙ୍କ ଜାମିନ ଆବେଦନର ଶୁଣାଣି କରି ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୫ ଲକ୍ଷ ଟଙ୍କାର ୨ଜଣ ଜାମିନଦାରଙ୍କ ବଦଳରେ ନିମ୍ନ ଅଦାଲତ ବସନ୍ତଙ୍କୁ ଜାମିନରେ ଛାଡ଼ିବେ। ଜାମିନରେ ମୁକୁଳିବା ପରେ କୌଣସି ଅପରାଧରେ ସେ ଜଡ଼ିତ ହେବେ ନାହିଁ। ସେ ମାମଲାର ପ୍ରତି ତାରିଖରେ ଅଦାଲତରେ ହାଜର ହେବେ। ସେ ଜାମିନ ପାଇବା ପରେ ରହିବା ସ୍ଥାନର ଠିକଣା, ମୋବାଇଲ ନମ୍ବର, ଇ-ମେଲ ତଥ୍ୟ ଅଦାଲତ, ତଦନ୍ତକାରୀ ଏଜେନ୍ସିକୁ ପ୍ରଦାନ କରିବେ। ବିନା ଅନୁମତିରେ ଅଦାଲତଙ୍କ କାର୍ଯ୍ୟକ୍ଷେତ୍ର ଅଞ୍ଚଳରୁ ବାହାରକୁ ଯିବେ ନାହିଁ। ଏଥିସହ ପ୍ରତି ୧୫ ଦିନରେ ଥରେ ସ୍ଥାନୀୟ ଥାନାରେ ହାଜର ହେବେ। ସର୍ତ୍ତ ଉଲ୍ଲଂଘନ ହେଲେ ଜାମିନ ଖାରଜ ହେବ ବୋଲି ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପାକିସ୍ତାନୀ ମହିଳାଙ୍କୁ ଆଇଟିଆର ମିଶାଇଲ ପରୀକ୍ଷା ସମ୍ପର୍କିତ ଗୁପ୍ତ ତଥ୍ୟ ଆବେଦନକାରୀ ଓ ଅନ୍ୟମାନେ ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା। ଆବେଦନକାରୀ ଓ ଅନ୍ୟ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ୨୦୨୧ରେ ଗିରଫ କରିଥିଲା। ତଥ୍ୟ ଦେଇ ଅଭିଯୁକ୍ତମାନେ ଟଙ୍କା ପାଇଥିଲେ ବୋଲି ଅଭିଯୋଗ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶୁତୋଷ ମିଶ୍ର ମାମଲା ପରିଚାଳନା କରୁଥିଲେ।

# ଗାଧୁଆଘରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ବାପା**

କଣ୍ଟାପଡା,୮।୭ (ସୁରନାରାୟଣ ସାହୁ)

ଗୋବିନ୍ଦପୁର ମହାବିଦ୍ୟାଳୟର ଜୁଲୋଜି ବିଭାଗ ଜଣେ ଦ୍ୱିତୀୟବର୍ଷ ପିଜି ଛାତ୍ରୀଙ୍କ ମୃତଦେହ ତାଙ୍କ ମେସ୍ ପଛପଟେ ଥିବା ଗାଧୁଆଘରୁ ଝୁଲନ୍ତା ଅବସ୍ଥାରେ ଗୋବିନ୍ଦପୁର ପୋଲିସ ମଙ୍ଗଳବାର ଜବତ କରିଛି। ମୃତ ଛାତ୍ରୀ ହେଲେ ସୁଶୋଭିତା ସାହୁ(୨୨)। ତାଙ୍କ ଘର କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ଦେଓଗାଁ। ମୃତା ଛାତ୍ରୀଙ୍କ ବାପା ଅଚ୍ୟୁତାନନ୍ଦ ସାହୁଙ୍କ ଅଭିଯୋଗ କ୍ରମେ ଏକ ହତ୍ୟା ମାମଲା (ନଂ.୧୬୩/୨୫) ରୁଜୁ ହୋଇଛି। କଣ୍ଟାପଡା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟଙ୍କ ଉପସ୍ଥିତିରେ ସାଇଣ୍ଟିଫିକ ଟିମ୍ ତଦନ୍ତ କରିବା ପରେ କଟକ ଏସ୍‌ସିବି ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଖବର ନେବାରେ ଜଣାପଡିଛି, ମୃତା ଛାତ୍ରୀ ସୁଶୋଭିତା ଓ ତାଙ୍କ ୨ଜଣ ସାଙ୍ଗ ମହାବିଦ୍ୟାଳୟ ପଛପଟେ ଥିବା ଏକ ଘର ଭଡ଼ାରେ ନେଇ ମେସ୍ କରି ରହୁଥିଲେ। ସୋମବାର ଅପରାହ୍ନ ୩ଟାରୁ ସୁଶୋଭିତା କେଉଁଆଡେ ଚାଲିଯାଇଥିଲେ। ଘର ମାଲିକ ଓ ତାଙ୍କ ୨ ସାଙ୍ଗ ଖୋଜାଖୋଜି କରି ନ ପାଇବାରୁ ପରିବାର ଲୋକଙ୍କୁ ଜଣାଇବା ସହ ଗୋବିନ୍ଦପୁର ଥାନାରେ ରିପୋର୍ଟ କରିଥିଲେ। ମଙ୍ଗଳବାର ସକାଳୁ ଗାଧୁଆ ଘରେ ସୁଶୋଭିତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଛାତ୍ରୀଙ୍କ ପାଦ ନିକଟରେ ରକ୍ତ ପଡିଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସାଧାରଣରେ ଆଲୋଚନା ହେଉଛି। ଝିଅକୁ କେହି ଦୁର୍ବୃତ୍ତ ହତ୍ୟାକରି ଏଠାରେ ଟାଙ୍ଗି ଦେଇଛି ବୋଲି ମୃତା ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଗୋବିନ୍ଦପୁର ଥାନା ଅଧିକାରୀ ସୋନାଲୀ ଆନନ୍ଦ କହିଛନ୍ତି।

# ମଲ୍ଲୀ ଗଛରେ ଶୀଘ୍ର ଚେର ହେବା ପାଇଁ

ମଲ୍ଲୀ ଗଛରେ ଅଧିକ ତଥା– ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପିପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍–ବି ଗ୍ରୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡିକ ୬୦ସେ.ମି ଲମ୍ବ,୬୦ସେ.ମି ଓସାର ଏବଂ ୬୦ସେ.ମି ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା ରୁ ୧୦କି.ଗ୍ରା ଶଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମି କିମ୍ବା ଗୁଟି କଲମି ଦ୍ୱାରା ହୁଏ। କଟା କଲମି ପାଇଁ ୧୫ରୁ ୨୦ସେ.ମି ପାକଳ ଡାଳ ବ୍ୟବହାର କରାଯାଏ। ଜୁଲାଇ ମାସରେ ପଟାଳି କରି କଲମିଗୁଡ଼ିକୁ ପୋତିଦେଲେ ଦୁଇତିନିମାସ ମଧ୍ୟରେ ଚେର ହୋଇଯାଏ।



# ସବୁଜ ଗୋଖାଦ୍ୟ ଫସଲ

ବର୍ତ୍ତମାନ ସମୟରେ ମକା ଓ ବରଗୁଡିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ। ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ, ୪୦କି.ଗ୍ରା. ଫସଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବାର ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କିଗ୍ରା ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।



# କୁକୁଡ଼ା ଫାର୍ମରେ ଜଳ ପରିଚାଳନା



ଡା. ବୀର କିଶୋର ପରିଡ଼ା

ଜଳ ପୃଥିବୀର ସମସ୍ତ ଜୀବଜଗତର ଜୀବନଧାରଣ ପାଇଁ ସବୁଠାରୁ ମୂଲ୍ୟବାନ୍ ଓ ଶସ୍ତା ଖାଦ୍ୟସାର ବା ପୋଷକ ରୂପେ ପରିଗଣିତ ହୁଏ । ସାଧାରଣତଃ କୁକୁଡ଼ାଙ୍କ ଶରୀରରେ ସମୁଦାୟ ଜଳ ଅଂଶ ୫୫–୮୫ ପ୍ରତିଶତ ମଧ୍ୟରେ ସୀମିତ ଥାଏ । କମ୍ ବୟସ୍କ କୁକୁଡ଼ାଙ୍କ ଶରୀରରେ ଜଳ ସଂରକ୍ଷଣ ଶକ୍ତି ବୟସ୍କ କୁକୁଡ଼ାଙ୍କ ଅପେକ୍ଷା ବେଶି ଥାଏ । କାରଣ ପ୍ରାପ୍ତବୟସ୍କ କୁକୁଡ଼ାଙ୍କର ଚର୍ବି ଅଂଶ ସମାନୁପାତିକ ଶରୀରର ଜଳ ରୂପକ ଭାବେ ଯତ୍ନ ନେଇଥାଏ। ତେଣୁ ମୋଟ ଉପରେ କହିବାକୁ ଗଲେ, କୁକୁଡ଼ାଙ୍କ ସମୁଦାୟ ଶରୀର ଓଜନର ତିନି ଚତୁର୍ଥାଂଶ ହେଉଛି ଜଳ। ଏତଦ୍ ବ୍ୟତୀତ, ଶରୀରରେ ବଳକା ଜଳ ଅଂଶ ପରିସ୍ରା, ମଳ, ଫୁସ୍‌ଫୁସ୍‌ର ବାଷ୍ପୀକରଣ ପ୍ରକ୍ରିୟା ଏବଂ ଜୀବକୋଷ ଗଠନ ମାଧ୍ୟମରେ ନିର୍ଗତ ହୋଇଥାଏ। କୁକୁଡ଼ାମାନେ ପ୍ରତ୍ୟକ୍ଷ ଭାବେ ଜଳ ପିଇବା ମାଧ୍ୟମରେ ଏବଂ ଆଂଶିକ ଭାବେ ଖାଦ୍ୟ ପଦାର୍ଥରୁ ସେମାନଙ୍କର ଜଳର ଚାହିଦା ମେଣ୍ଟାଇଥାନ୍ତି ।

**କୁକୁଡ଼ାଙ୍କ ଶରୀରରେ ଜଳର ଆବଶ୍ୟକତା**

- ରକ୍ତର ମୁଖ୍ୟ ଅଂଶ ହେଉଛି ଜଳ ବା ଜଳୀୟ ପଦାର୍ଥ ଏବଂ ଶରୀରର ଜୀବକୋଷଗୁଡ଼ିକର ଭିତର ଓ ବାହାର ଜଳୀୟ ପଦାର୍ଥ ରୂପେ ଅନ୍ତର୍ନିହିତ କରିଥାଏ। ତେଣୁ ଏହା ଶରୀରର ବିଭିନ୍ନ ଖାଦ୍ୟସାର ଏବଂ ଶରୀରରୁ ଉତ୍ପନ୍ନ ବିଭିନ୍ନ ଦୂଷିତ ବିଷାକ୍ତ ପଦାର୍ଥ ନିଷ୍କାସନ କରିବାର ବାହକ ରୂପେ କାର୍ଯ୍ୟ କରିଥାଏ ।
- ଏହାର ଶରୀରରେ ଉତ୍ତାପ ନିୟନ୍ତ୍ରଣର ଏଜେଣ୍ଟ ରୂପେ ସହାୟକ ହୋଇଥାଏ ।
- ଏହା ଶରୀରରେ କ୍ଷାରୀୟ ଅମ୍ଳତା ଭାରସାମ୍ୟ ସହ ପରାସାରଣୀ ଚାପ ଓ ଧାତବ ଲବଣର ଭାରସାମ୍ୟ ରକ୍ଷା କରିଥାଏ ।
- ଏହା ଶରୀରର ବିଭିନ୍ନ ତରଳ ରାସାୟନିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥାଏ ।
- ଏହା ରକ୍ତରୁ ସାରାଂଶ ଗ୍ରହଣ ରୂପକ ଦୈହିକ କ୍ରିୟାର ଜଳୀୟ ପଦାର୍ଥ ବା ମେଟାବୋଲିକ୍ ଜଳ ଉତ୍ପନ୍ନ କରିବାରେ ସହାୟକ ହୋଇ କୁକୁଡ଼ାଙ୍କ ଶରୀରର ବିଭିନ୍ନ ଶାରିରିକ ପ୍ରକ୍ରିୟାରେ ସାହାଯ୍ୟ କରିଥାଏ।

ସାଧାରଣତଃ କୁକୁଡ଼ାଙ୍କ ଖାଦ୍ୟରେ ୧୦ ପ୍ରତିଶତରୁ ଅଧିକ ଜଳୀୟ ଅଂଶ ନ ଥାଏ । ତେଣୁ କୁକୁଡ଼ାଙ୍କୁ ଯଥେଷ୍ଟ ପରିମାଣରେ ପରିଷ୍କାର ଥଣ୍ଡା ଜଳ ଯୋଗାଇବା ଏକାନ୍ତ ଅପରିହାର୍ଯ୍ୟ। ଜଳବାୟୁର ଉତ୍ତାପ ଏବଂ ଦାନାର ଉପାଦାନଗୁଡ଼ିକ ଉପରେ କୁକୁଡ଼ାଙ୍କ ଜଳର ଆବଶ୍ୟକତା ନିର୍ଭର କରିଥାଏ । ଏହି ଜଳ ପରିଚାଳନା ଉପରେ ହିଁ କୁକୁଡ଼ା ଫାର୍ମର କେତେକ ଆର୍ଥିକ କାରକ ନିର୍ଭର କରିଥାଏ । ଉଦାହରଣ ସ୍ୱରୂପ ଅଣ୍ଡାର ଆକାର, ଅଣ୍ଡାର ଖୋଳ ଝିଲ୍ଲୀ, କୁକୁଡ଼ା ମାଂସର କ୍ୱାଲିଟି ଏବଂ କୁକୁଡ଼ା ଘରର ଲିଟର ଅବସ୍ଥା ଇତ୍ୟାଦି । କୁକୁଡ଼ାଙ୍କ ଜଳ ପିଇବା ଉପରେ ହିଁ ମଳର ଗଠନ ନିର୍ଭର କରିଥାଏ । ବାହ୍ୟ ଜଳବାୟୁର ଉତ୍ତାପ ବୃଦ୍ଧିରେ ମଧ୍ୟ କୁକୁଡ଼ାଙ୍କ ଜଳ ପିଇବାର ଚାହିଦା ବଢ଼ିଥାଏ । କୁକୁଡ଼ାଙ୍କ ଜଳ ପିଇବା ବିଶେଷକରି ଜଳବାୟୁର ଆପେକ୍ଷିକ ଆର୍ଦ୍ରତା ଉପରେ ନିର୍ଭରକରେ ।

"ସାଧାରଣତଃ କୁକୁଡ଼ାଙ୍କ ଖାଦ୍ୟରେ ୧୦ ପ୍ରତିଶତରୁ ଅଧିକ ଜଳୀୟ ଅଂଶ ନ ଥାଏ । ତେଣୁ କୁକୁଡ଼ାଙ୍କୁ ଯଥେଷ୍ଟ ପରିମାଣରେ ପରିଷ୍କାର ଥଣ୍ଡା ଜଳ ଯୋଗାଇବା ଏକାନ୍ତ ଅପରିହାର୍ଯ୍ୟ। ଜଳବାୟୁର ଉତ୍ତାପ ଏବଂ ଦାନାର ଉପାଦାନଗୁଡ଼ିକ ଉପରେ କୁକୁଡ଼ାଙ୍କ ଜଳର ଆବଶ୍ୟକତା ନିର୍ଭର କରିଥାଏ। ଏହି ଜଳ ପରିଚାଳନା ଉପରେ ହିଁ କୁକୁଡ଼ା ଫାର୍ମର କେତେକ ଆର୍ଥିକ କାରକ ନିର୍ଭର କରିଥାଏ ।"

କୁକୁଡ଼ା ଛିଆଁଠାରୁ ଆରମ୍ଭକରି ଅଣ୍ଡାଦେବା ପର୍ଯ୍ୟନ୍ତ ସେମାନଙ୍କର ପାଣି ପିଇବାର ଚାହିଦା ବଢ଼ି ବଢ଼ି ଯାଇଥାଏ। ବଡ଼ ଉନ୍ନତ ଧରଣର କୁକୁଡ଼ା ଅଧିକ ପାଣି ପିଇଥାନ୍ତି । କୁକୁଡ଼ାଙ୍କ ଯୌନାଙ୍ଗ ବୟୋପ୍ରାପ୍ତ ହେବା ପରେ ପରେ ମଧ୍ୟ ଅଧିକ ପାଣି ପିଇଥାନ୍ତି । ଫାର୍ମରେ ଅଣ୍ଡା ଉତ୍ପାଦନର ହାର ମଧ୍ୟ କୁକୁଡ଼ାଙ୍କ ପାଣି ପିଇବା ଉପରେ ପ୍ରଭାବ ପକାଇଥାଏ ।

ଜଳର ଗଠନ ବା ଉପାଦାନରେ ମଧ୍ୟ କୁକୁଡ଼ାଙ୍କ ଜଳ ପିଇବା ନିର୍ଭର କରେ । ଉଦାହରଣ– ଯଦି ପାଣିରେ ବିଭିନ୍ନ ଲବଣ ଯୌଗିକ ପଦାର୍ଥ ଥାଏ ଯଥା – ସୋଡିୟମ୍ କ୍ଲୋରାଇଡ୍, ସୋଡିୟମ୍ ସଲ୍‌ଫେଟ୍ ଆଦି ନିହିତ ଥାଏ, ତେବେ କୁକୁଡ଼ାଙ୍କ ପାଣି ପିଇବା ଦକ୍ଷତା ହ୍ରାସ ପାଇଥାଏ ।

କୁକୁଡ଼ାଙ୍କ ପିଇବା ପାଣିର କ୍ଷାରୀୟ ଅମ୍ଳତା ଅନୁପାତ ୬–୭ରେ ରହିବା ଦରକାର। ଔଷଧ ବ୍ୟବହୃତ ପାଣିର ପି.ଏଚ୍. ୮ ମଧ୍ୟରେ ସୀମିତ ରହିବା ଉଚିତ । ପିଇବା ପାଣିରେ ଯଦି କୁକୁଡ଼ାଙ୍କ ମଳ ମିଶେ, ତେବେ ସେହି ପାଣିରେ ନାଇଟ୍ରେଟ୍ ଏବଂ ଆମୋନିଆ ଅଂଶ ବୃଦ୍ଧି ପାଇ ଶରୀରରେ ପ୍ରଭୂତ କ୍ଷତି ଘଟାଇଥାଏ। ପିଇବା ପାଣିରେ ବିଭିନ୍ନ ନିର୍ଜୀବ ମୌଳିକ ପଦାର୍ଥ ଯଥା – ସୋଡିୟମ୍, ପୋଟାସିୟମ୍ ଏବଂ କ୍ଲୋରିନ୍ ଉପସ୍ଥିତିକୁ ପରୀକ୍ଷା କରିବା ଦରକାର । ଏହି ଧାତବ ଲବଣ କୁକୁଡ଼ାଙ୍କ ପାଣି ପିଇବା ଶକ୍ତି ବଢ଼ାଇଥାଏ । ଫଳରେ କୁକୁଡ଼ାମାନେ ତରଳ ଝାଡ଼ା କରନ୍ତି । ଏହା ଲିଟରକୁ ଓଦା ଅବସ୍ଥା ସୃଷ୍ଟି କରିଥାଏ । ଏହା ଫଳରେ କୁକୁଡ଼ାଘରର ଲିଟର ସନ୍ତସନ୍ତିଆ ରୁହେ ଏବଂ ବିଭିନ୍ନ ରୋଗ ଯଥା – ରକ୍ତଝାଡ଼ା, କୃମି, ନିମୋନିଆ ଇତ୍ୟାଦି ସୃଷ୍ଟି କରିବା ସହ କେତେକ କ୍ଷତିକାରକ ଜୀବାଣୁ ବୃଦ୍ଧି ଘଟାଇବାରେ ସହାୟକ ହୋଇଥାଏ । ଲିଟରରେ ଆମୋନିଆ ଗ୍ୟାସ୍ ସଂଗଠିତ ହେବାରୁ କୁକୁଡ଼ାଙ୍କ ବିଭିନ୍ନ ଶ୍ୱାସରୋଗ ଯଥା – ଫାଉଲ୍ କରିଜା, ଇନ୍‌ଫେକ୍ସିଅସ୍ ବ୍ରୋଙ୍କାଇଟିସ୍ ବା ସିଆର୍‌ଡି ଇତ୍ୟାଦି ସୃଷ୍ଟି ହୋଇଥାଏ । ଅଣ୍ଡାଗୁଡ଼ିକ ତରଳ ମଳରେ ଲାଗି ଅପରିଷ୍କାର ଦିଶେ । ଡ୍ରେନ୍‌ର ଯଦି ଦୂଷିତ ପାଣି ପିଇବା ପାଣି ପାଇପରେ ମିଶେ, ତେବେ ଅଧିକାଂଶ କୁକୁଡ଼ାଙ୍କର ଇସ୍‌ଚେରେଜିଆ କୋଲାଇ ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇ ମୃତ୍ୟୁମୁଖରେ ପଡ଼ନ୍ତି ।

ପକ୍ଷୀମାନେ ଅନାହାର ହୁଏତ ସମ୍ଭାଳି ପାରିବେ, କିନ୍ତୁ ପିଇବାପାଣି ଅଭାବରେ ସେମାନଙ୍କ ପକ୍ଷେ ବଞ୍ôଚିବା କଷ୍ଟକର ହୋଇପଡ଼େ । ଅନ୍ତପୁଟର ଖାଦ୍ୟ ପରିବହନରେ ବିଳମ୍ବ ଘଟିଲେ କୁକୁଡ଼ାଙ୍କ ଖାଦ୍ୟ ବିନିଯୋଗ ଦକ୍ଷତା କମିଯାଏ । ଅନ୍ତପୁଟରୁ ପେଷଣାକୁ ଖାଦ୍ୟପଦାର୍ଥ ପରିବହନ ଶରୀର ଜଳୀୟ ପଦାର୍ଥଦ୍ୱାରା ନିୟନ୍ତ୍ରିତ ହୋଇଥାଏ । କୁକୁଡ଼ାଙ୍କ ଅଧିକ ସମୟ ଅନାହାର ବା ଖାଦ୍ୟ ପଦାର୍ଥରୁ ବଞ୍ଚିତ ହେବା ଓ ରୁଗ୍‌ଣ ଶରୀରରେ ଜଳଶୁଷ୍କତା ଭାବ ପ୍ରକାଶ ପାଇଥାଏ। ପ୍ରାପ୍ତବୟସ୍କ କୁକୁଡ଼ାଙ୍କର ଅଣ୍ଡାଶୟ ଜୀବକୋଷ ନଷ୍ଟ ହେବା, ଗ୍ରନ୍ଥିଳ ଜଠର ଏବଂ କିଡ଼ନୀରେ ପ୍ରଦାହ ସୃଷ୍ଟି ହେବା ସହିତ କୁକୁଡ଼ାଙ୍କ ଅଣ୍ଡା ଉତ୍ପାଦନ ଶକ୍ତି କମିଯାଇଥାଏ। (କ୍ରମଶଃ..)

–ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ମୋ : ମୋ : ୯୪୩୭୬୦୭୩୧୨



# ଡିପ ଜମିରେ ଡାଲି ଜାତୀୟ ଫସଲ ଚାଷ



ଡାଲି ଫସଲ ପାଇଁ ଜମି ପ୍ରସ୍ତୁତ କରି ନିଗିଡ଼ା ଡିପ ଜମିମାନଙ୍କରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫–୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫–୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ । ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।

# ପନିପରିବା ଚାଷ



ବାଇଗଣ, ଲଙ୍କାମରିଚ ଫସଲ ତଳି ପକାନ୍ତୁ । ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମିରେ ତଳି ପ୍ରସ୍ତୁତ କରିବେ। ଏଥିପାଇଁ ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ବ ଓ ୬ ଇଞ୍ଚ ଉଚ୍ଚର ପଟି ତିଆରି କରନ୍ତୁ । ଦୁଇ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ। ପଟିର ଚାରିପଟୁ ମାଟିନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ । ପ୍ରତି ପଟିରେ ୨–୩ ଝୁଡ଼ି ଗୁଣ୍ଡ ଖତ ଦେଇ ମାଟିରେ ମିଶାନ୍ତୁ। ତା' ପରେ ପ୍ରତି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ। ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ । ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (ଟେବୁକୋନାଜୋଲ୍ ଏସ.ଡି.ସି. ୨ ଗ୍ରାମ୍x ୧ କି.ଗ୍ରା. ମଞ୍ଜି ପ୍ରତି) ବିଶୋଧନ କରି ବୁଣନ୍ତୁ। ମଞ୍ଜି ବୁଣିବା ପରେ ଛଣ ବା ନଡ଼ା କିମ୍ବା ପଲିଥିନ୍ ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋରପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନି । ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ପଲିଥିନ୍ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ। ତଳି ୨୫ ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନ କରି ଜମିରେ ଲଗାନ୍ତୁ। ଏକ ଏକର ବାଇଗଣ ଓ ଲଙ୍କାମରିଚ ଚାଷପାଇଁ ଉପରୋକ୍ତ ଆକାରର ତଳି ପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ। ଅଧିକ ବର୍ଷାରୁ ତଳି ଘରାକୁ ରକ୍ଷା କରିବା ପାଇଁ ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ।

# ଚିନାବାଦାମ ଚାଷରେ ଜଳ ପରିଚାଳନା



ଚିନାବାଦାମ ଜମିରୁ ପାଣି କାଟି ଦିଅନ୍ତୁ । ଚିନାବାଦାମ ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ । ଭଲ ବାଦାମ ଧରେ ନାହିଁ । ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟୀକାରୋଗ ପାଇଁ ମାଙ୍କୋଜେବ୍ ୭୫% ଡବ୍ଲୁ.ପି. (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ ୭୫% ଡବ୍ଲୁ.ପି. (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳସଢ଼ା ରୋଗ ଲାଗିଲେ ମେଟାଲାକ୍ସିଲ୍ ୮% ଡବ୍ଲୁ.ପି. ସହ ମାଙ୍କୋଜେବ୍‌କୁ ୬୪% ଡବ୍ଲୁ.ପି. ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋର୍‌ପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ । ଯେପରିକି ମାଟି ଭଲ ଭାବରେ ଭିଜି ପାରିବ ।

# ପ୍ରାଣୀଙ୍କ ଯତ୍ନ

- ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ। ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ।
- ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ।
- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ।



ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ବର୍ଷାଋତୁରେ ଗୋ–ମହିଷି ଓ ବାଛୁରିଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ। ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।

- ବର୍ଷା ଦିନେ ଗୋ–ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ–ମହିଷିଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରରୁ ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖୁଆନ୍ତୁ ।

# ତଳିଘରା ପ୍ରସ୍ତୁତ କରୁଥିଲେ...



ଅନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତ କରନ୍ତୁ। ଏକ ହେକ୍ଟର ଜମି ପାଇଁ ୨୫ ଡେସିମିଲ ଜମିରେ ତଳି ପକାନ୍ତୁ। ତଳି କିଆରିକୁ ଭଲ ଭାବରେ ଚାଷ କରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ। ପଟାଳିଗୁଡ଼ିକର ଲମ୍ବା ସୁବିଧା ଅନୁଯାୟୀ କରନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାର ନାଳ ଛାଡିବେ କାରଣ ସେହି ନାଳଦେଇ ବେଶି ବର୍ଷା ହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ୍ୟ କରିହେବ। ତଳିଘରାରେ ୫ କି.ଗ୍ରା. ଫସ୍‌ଫରସ୍ ଓ ୫ କି.ଗ୍ରା. ପଟାସ୍ ଖାଦ୍ୟସାରକୁ ଭଲ ଭାବରେ ପଟାଳିଗୁଡ଼ିକରେ ମିଶାଇ ସେଥିରେ ୫ ସେ.ମି. ଛଡ଼ାରେ ଧାଡ଼ି ଧାଡ଼ିକରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ। ବର୍ଷା ନ ହେଲେ ପଟାଳିରେ ପାଣି ସିଞ୍ôଚିବେ। ବିହନକୁ ଫିମ୍ପିନାଶକରେ ବିଶୋଧନକରି ପଟାଳିରେ ବୁଣନ୍ତୁ । ସହଳ କିସମର ଧାନତଳି ୨୦–୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫–୩୦ ଦିନର ହେଲେ ରୋଇ ଦିଅନ୍ତୁ । ବୁଣାଧାନ ୩୦–୪୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଜମିରେ ୫ ସେ.ମି. ପାଣି ରଖି ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ । ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସ୍‌ଫରସ୍ ଓ ପଟାସ୍ ଖାଦ୍ୟସାର ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଚଳିତ ମାସ ମଧ୍ୟଭାଗରୁ ଧାନ ରୋଇବା ଆରମ୍ଭ କରନ୍ତୁ। ଜମି କାଦୁଅ ପାଇଁ ଟ୍ରାକ୍ଟର ଚାଳିତ ପଡଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟର ଚାଳିତ ଧାନରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇ ପାରବେ। ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍ ତଳିଘରା କରି ତଳି ଉତାରନ୍ତୁ। ସଘନ ଧାନ ଚାଷ (ଶ୍ରୀପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉତାରନ୍ତୁ। ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡର ବ୍ୟବହାର କରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ ।

## ପୁଞ୍ଜି ନିବେଶରେ ଓଡ଼ିଶା ଦେଶରେ ୧ ନମ୍ବର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୭(ସୁନିତ୍ ମିଶ୍ର): ଆମେ କଥା ଦେଇଥିଲୁ, ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରି ରୋଜଗାର ଓ ବିକାଶର ପଥକୁ ଅଧିକ ପ୍ରଶସ୍ତ କରିବୁ। ଏକ ଉତ୍ତରଦାୟୀ ସରକାର ଭାବେ ଏ ଦିଗରେ ଆମର ନିରନ୍ତର ଉଦ୍ୟମ ଜାରି ରହିଛି। ରାଜ୍ୟ ସରକାରଙ୍କ ପ୍ରୟାସରେ ଘରୋଇ ପୁଞ୍ଜି ନିବେଶରେ ସାରା ଭାରତରେ ଓଡ଼ିଶା ଏବେ ୧ ନମ୍ବର ହୋଇପାରିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟ ମାସରେ ରାଜ୍ୟରେ ୧.୪ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଛି, ଯାହା ସାରା ଦେଶରେ ହୋଇଥିବା ମୋଟ ନିବେଶର ୪୦% । ଅନ୍ୟ ସବୁ ରାଜ୍ୟ ୨.୧ ଲକ୍ଷ କୋଟି ପୁଞ୍ଜି ନିବେଶ କରିପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସ'ରେ ପୋଷ୍ଟ କରିଛନ୍ତି।


## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA

E-Mail ID: serwcbaripada@gmail.com Ph. No.: 06792-261343/261344, Gangraj, Baripada

**"e" Procurement Notice for Road Work**

No. O-356

**Identification No. Online Tender - Road N.C.B. No. 379 for 2024-25**

**Letter No. 2722** **Date: 26.06.25**

1. Name of the Work : Post DLP Maintenance of PMGSY Road Works in the District of Mayurbhanj for the year 2024-25
2. Total No. of Work : 01 No. (One)
3. Estimated Cost : Rs.110.80 Lakhs (Approximately)
4. Eligible Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., .R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No. 379 | Dt.11.07.2025 at 11.00 A.M. | Dt.25.07.2025 upto 5.00 P.M. | Dt.24.07.2025 upto 5.00 P.M. | Dt.28.07.2025 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.
- Any Corrigendum/Addendum will be displayed in the above e_tender website only.

**OIPR-25130/11/0039/2526** **Sd./- Chief Construction Engineer, R.W. Circle, Baripada**

## ODISHA LIFT IRRIGATION CORPORATION LTD.

**(A GOVERNMENT OF ODISHA UNDERTAKING)**

PLOT NO.17/2, NAYAPALLI, BHUBANESWAR-12

Phone : (0674) 2390195, Fax : (0674) 2395844, E-mail : olicltd123@bsnl.com, olicltd@ymail.com

**No.4P-22/2025, 5413/OLIC, Dated : 03.07.2025**

**NATIONAL COMPETITIVE BIDDING THROUGH e-Procurement**

**No.CAD-997** : The Managing Director, OLIC Ltd., Bhubaneswar invites online tender through e-procurement with Commercial bid and technical bid for supply of Submersible pump sets in conformity with detail tender call notice are invited from reputed manufacturers as per the schedule.

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) (Inclusive of 18% GST) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-09(E) 2025-26 | Submersible Pump set to deliver 3.00 LPS at 40 Mtr. Head | 1800 | 455.958 | 4.55958 | 11,800/- (Inclusive of 18% GST) |

1. Period of Completion : 60 days of issue of purchase order.
2. Date & Time of availability of bid document in the portal : From Dt.10.07.2025 to Dt.08.08.2025
3. Last date/Time for receipt of bids in the portal : Dt.08.08.2025 upto 17.00 hrs.
4. Last date of seeking clarification : Dt.18.07.2025 upto 17.00 hrs.
5. Date of opening of Technical Bid : Dt.11.08.2025 at 11.00 hours
6. Name and address of the Officer Inviting Bid : M.D., OLIC, Plot No. N-17/2, Nayapalli, P.B No.155, Bhubaneswar-751 012
7. Further details can be seen from the e-procurement portal https://tendersodisha.gov.in

Authority reserves the right to reject any or all the tenders without assigning any reason thereof.

**OIPR-32135/11/0053/2526** **Sd./- MANAGING DIRECTOR**

## 'e' PROCUREMENT NOTICE NO.02/ 2025-26

No. O-380:-

1. Name of work : Building Works
2. Total No. of Work : 2 (Two) works
3. Estimated Cost : Rs.58.82 to 64.68 lakhs
4. Period of Completion : 09 (Nine) Calendar Months
5. Class of contractors : 'B' Class only.

**Other details as follows:**

| | | | |
|---|---|---|---|
| a) | Procurement Officer | : | Superintending Engineer, Rural Works Division,Cuttack. |
| b) | Availability of tender online for bidding | : | From dt.11.07.2025 at 11.00 A.M. to dt.22.07.2025 up to 5.00 P.M. |
| c) | Last date & time of seeking of tender clarification | : | dt.21.07.2025 up to 5.00 P.M.. |
| d) | Date & Time of Opening Technical Bid | : | dt.23.07.2025 at 11.00 A.M. |

Further details can be seen from the Govt. website **www.tendersorissa.gov.in**

OIPR-25053/11/0033/2526 **Sd./- Superintending Engineer, Rural Works Division, Cuttack**

## ODISHA LIFT IRRIGATION CORPORATION LTD.

**(A GOVERNMENT OF ODISHA UNDERTAKING)**

PLOT NO.17/2, NAYAPALLI, BHUBANESWAR-12

Phone : (0674) 2390195, Fax : (0674) 2395844, E-mail : olicltd123@bsnl.com, olicltd@ymail.com

**No.4P-19/2025, 5392/OLIC, Dated : 03.07.2025**

**NATIONAL COMPETITIVE BIDDING THROUGH e-Procurement**

**No.CAD-994** : The Managing Director, OLIC Ltd., Bhubaneswar invites online tender through e-procurement with Commercial bid and technical bid for supply of Submersible pump sets in conformity with detail tender call notice are invited from reputed manufacturers as per the schedule.

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) (Inclusive of 18% GST) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-06(E) 2025-26 | Sumersible Pump set to deliver 2.0 LPS at 70 Mtr. Head | 1500 | 589.020 | 5.89020 | 11,800/- (Inclusive of 18% GST) |

1. Period of Completion : 60 days of issue of purchase order.
2. Date & Time of availability of bid document in the portal : From Dt.10.07.2025 to Dt.08.08.2025
3. Last date/Time for receipt of bids in the portal : Dt.08.08.2025 upto 17.00 hrs.
4. Last date of seeking clarification : Dt.18.07.2025 upto 17.00 hrs.
5. Date of opening of Technical Bid : Dt.11.08.2025 at 11.00 hours
6. Name and address of the Officer Inviting Bid : M.D., OLIC, Plot No. N-17/2, Nayapalli, P.B No.155, Bhubaneswar-751 012
7. Further details can be seen from e-procurement portal https://tendersodisha.gov.in

Authority reserves the right to reject any or all the tenders without assigning any reasons thereof.

**OIPR-32135/11/0045/2526** **Sd./- MANAGING DIRECTOR**

## ODISHA LIFT IRRIGATION CORPORATION LTD.

**(A GOVERNMENT OF ODISHA UNDERTAKING)**

PLOT NO.17/2, NAYAPALLI, BHUBANESWAR-12

Phone : (0674) 2390195, Fax : (0674) 2395844, E-mail : olicltd123@bsnl.com, olicltd@ymail.com

**No.4P-15/2025, 5364/OLIC, Dated : 03.07.2025**

**NATIONAL COMPETITIVE BIDDING THROUGH e-Procurement**

**No.CAD-989** : The Managing Director, OLIC Ltd., Bhubaneswar invites online tender through e-procurement with Commercial bid and technical bid for supply of Submersible pump sets in conformity with detail tender call notice are invited from reputed manufacturers as per the schedule.

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) (Inclusive of 18% GST) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-02(E) 2025-26 | Sumersible Pump set to deliver 1.75 LPS at 70 Mtr. Head | 9000 | 3451.680 | 34.51680 | 11,800/- (Inclusive of 18% GST) |

1. Period of Completion : 60 days of issue of purchase order.
2. Date & Time of availability of bid document in the portal : From Dt.10.07.2025 to Dt.08.08.2025
3. Last date/Time for receipt of bids in the portal : Dt.08.08.2025 upto 17.00 hrs.
4. Last date of seeking clarification : Dt.18.07.2025 upto 17.00 hrs.
5. Date of opening of Technical Bid : Dt.11.08.2025 at 11.00 hours
6. Name and address of the Officer Inviting Bid : M.D., OLIC, Plot No. N-17/2, Nayapalli, P.B No.155, Bhubaneswar-751 012
7. Further details can be seen from e-procurement portal https://tendersodisha.gov.in

Authority reserves the right to reject any or all the tenders without assigning any reasons thereof.

**OIPR-32135/11/0039/2526** **Sd./- MANAGING DIRECTOR**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ଫୋନ୍: (୦୬୭୪) ୨୩୯୩୫୨୪

ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୧୪ **ବିଜ୍ଞାପନ** ତା:୦୨।୦୭।୨୫

No. CAD-1029: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍‌ଆଇଜି–୨–୩୯୧ (MIG-II-391), ଛେଣ୍ଡ, ଫେଜ୍–୩, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ **ଶ୍ରୀ ସେବକରାମ ସେନଗୁପ୍ତା**, ପିତା– ଗୋବର୍ଦ୍ଧନ ସେନଗୁପ୍ତା, ସା– ମାଟୋ, ପୋ– ମାଟୋ, ଥାନା– ଅମ୍‌ତା, ଜିଲ୍ଲା– ହାଓଡ଼ା–୭୧୧୪୦୮ (ପଶ୍ଚିମବଙ୍ଗ)ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ସେବକରାମ ସେନଗୁପ୍ତା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ରୂପକ କୁମାର ପଟ୍ଟନାୟକ, ପିତା– ସୁଶାନ୍ତ କୁମାର ପଟ୍ଟନାୟକ, ସା– ସୁବାସବସ୍ତି, ସେକ୍ଟର–୭, ରାଉରକେଲା, ପୋ– ରାଉରକେଲା–୩, ଥାନା– ସେକ୍ଟର–୭, ଜିଲ୍ଲା– ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

**ସ୍ୱା./– ପ୍ରଶାସନିକ ଅଧିକାରୀ**
**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

**OIPR-13030/11/0720/2526**

## NOTICE INVITING TENDER

## OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD. (OSCSC)

**DISTRICT: JHARSUGUDA, PHONE NO.: 9438200044**

**District Website: jharsuguda.nic.in**

**JHARSUGUDA/BRAJRAJNAGAR/BELPAHAR MUNICIPALITY**
**JSG/KIRMIRA/KOLABIRA/LAIKERA/LAKHANPUR BLOCK**

**Tender No. 2244/2242/2240/2254/2252/2250/2248/2246** **Dt.04.07.2025**

**Cost of Tender Document: Rs.5900/- inclusive of GST for each RRC to Unit (Block/ULB) combination of the District.**

No. CAD-1024: Online tenders are invited from eligible bidders for selection and appointment of Level-II contractor for Transportation of Custom Miled Rice (CMR) from Rice Receiving Centre (RRC) to Retail Centre (FPS)

| Sl. No. | Activity | Timeline |
|---|---|---|
| 1 | Availability of tender documents | From Dt.08.07.2025 |
| 2 | Pre-bid Conference of Tenderers | On Dt.16.07.2025 at 04.00 P.M. in the Office Chamber of CSO-cum-DM, OSCSC Ltd., Jharsuguda |
| 3 | Last date for online submission of completed tender documents with enclosures | Through e-Procurement Portal: **www.tendersodisha.gov.in** upto 05.30 P.M. on Dt.28.07.2025 |
| 4 | Date, Time and Venue for opening of Technical Bid Opening | On Dt.29.07.2025 at 11.00 A.M. in the Mini conference Hall of Collectorate, Jharsuguda |
| 5 | Date of submission of original documents by the tenders in support of scanned copies uploaded in the portal for verification by district office | |
| 6 | Date & Time of Financial Bid Opening by the Tender Committee (Only of Technically Qualified Bidders) | To be Announced after Technical Bid Evaluation |
| 7 | Date of Opening of Financial Bids (Only of Technically Qualified Tenders) | Mini Conference Hall of Collectorate, Jharsuguda |
| 8 | Validity Period | Tenders are to remian open for acceptance for 180 days inclusive of date of opening of tender |
| 9 | Language of the tender | The tender should be prepared by the bidder in English language only |
| 10 | Help Desk Telephone No. | OSCSC Ltd., District Manager No. - 9438200044, Accounts Head No.- 7381279976, State Procurement Cell: 0674-2530998/18003456765 |

N.B.:1. If the office happens to be closed on the date of opening of tenders, tenders will be opened on the next working day in the same time.
2. Tender documents & other details can be seen from the e-procurement protal **www.tendersodisha.gov.in** along with district website. Amendments/Corrigendum/Cancellation/Retenders etc. if any shall be published only in above websites.

**Sd./- CSO-cum-District Manager**
**OSCSC Ltd., Jharsuguda**

## NOTICE INVITING TENDER

## OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD. (OSCSC)

**DISTRICT: JHARSUGUDA, PHONE NO.: 9438200044**

**District Website: jharsuguda.nic.in**

**Tender No. 2256** **Dt.04.07.2025**

**Cost of Tender Document: Rs.11800/- inclusive of GST.**

Online tenders are invited from eligible bidders for selection and appointment of Level-I transport contractor for Transportation of Wheat from Food Storage Depot (FSD), FCI to Rice Receiving Centre (RRC).

| Sl. No. | Activity | Timeline |
|---|---|---|
| 1 | Availability of tender documents | From Dt.08.07.2025 |
| 2 | Pre-bid Conference of Tenderers | On Dt.16.07.2025 at 03.30 P.M. in the Office Chamber of CSO-cum-DM, OSCSC Ltd., Jharsuguda |
| 3 | Last date for online submission of completed tender documents with enclosures | Through e-Procurement Portal: **www.tendersodisha.gov.in** upto 05.30 P.M. on Dt.28.07.2025 |
| 4 | Date, Time and Venue for opening of Technical Bid Opening | On Dt.29.07.2025 at 10.30 A.M. in the Mini conference Hall of Collectorate, Jharsuguda |
| 5 | Date of submission of original documents by the tenders in support of scanned copies uploaded in the portal for verification by district office | |
| 6 | Date & Time of Financial Bid Opening by the Tender Committee (Only of Technically Qualified Bidders) | To be Announced after Technical Bid Evaluation |
| 7 | Date of Opening of Financial Bids (Only of Technically Qualified Tenders) | Mini Conference Hall of Collectorate, Jharsuguda |
| 8 | Validity Period | Tenders are to remian open for acceptance for 180 days inclusive of date of opening of tender |
| 9 | Language of the tender | The tender should be prepared by the bidder in English language only |
| 10 | Help Desk Telephone No. | OSCSC Ltd., District Manager No. - 9438200044, Accounts Head No.- 7381279976, State Procurement Cell: 0674-2530998/18003456765 |

N.B.:1. If the office happens to be closed on the date of opening of tenders, tenders will be opened on the next working day in the same time.
2. Tender documents & other details can be seen from the e-procurement protal **www.tendersodisha.gov.in** along with district website. Amendments/Corrigendum/Cancellation/Retenders etc. if any shall be published only in above websites.

**Sd./- CSO-cum-District Manager**
**OSCSC Ltd., Jharsuguda**

**OIPR-07011/11/0003/2526**

## OFFICE OF THE REGULATED MARKET COMMITTEE, KHARIAR ROAD

AT/PO-KHARIAR ROAD, DIST-NUAPADA, PIN-766104

E-Mail : rmckhariarroad@gmail.com

**Tender Call Notice No.413** **Date : 05.07.2025**

**No.H-15 :** Collector, Nuapada-cum-Chairman RMC, Khariar Road invite Sealed Tenders from reputed firms / individuals having valid HT license issued by ELBO, Govt. of Odisha for construction and erection of LT connection for general purpose, in different PPC under RMC, Khariar Road for more details, please log in to https://nuapada.odisha.gov.in.

**Sd./- Chairman, R.M.C, Khariar Road**

**OIPR-01511/11/0010/2526**

## ODISHA PUBLIC SERVICE COMMISSION

**NOTICE**

**No. 4753/PSC., Dt. 08.07.2025**
**(2PL-01-25/26, DR-I)**

**Timetable For Written Examination for recruitment to the posts of Assistant Director of Factories & Boilers, Advt. No. 01 of 2025-26**

**No.D-125 :** It is for information of all concerned that, the Commission has decided to conduct the Written Examination for recruitment to the posts of Assistant Director of Factories and Boilers, pursuant to Advt. No. 01 of 2025- 26 on **03.08. 2025 (Sunday)** at **Saraswati Shishu Vidya Mandir, Tulasipur, Chahata Nagar (Mahanadi Ring Road), Cuttack-753008,** as per the timetable detailed below:

| Date | Timing | Subject | Subject Code No. to be filled up in the OMR Answer Sheet |
|---|---|---|---|
| 03.08.2025 (Sunday) | 09.00 A.M. to 11.00 A.M. | General Studies and Mental Ability | 01 |
| | 1.00 P.M. to 3.00 P.M. | Mechanical Engineering | 02 |

**N.B :-** As **there is no vacancy for PwD candidates,** no extra compensatory time shall be allowed to PwD candidates.

2. The **"Admission Certificate"** and **"Instructions to candidate"** for the eligible candidates will be available in the website of Commission shortly. The candidates are advised to visit the website of the Commission at http://opsc.gov.in to download their "Admission Certificate" & "Instructions to Candidate".

**OIPR-12002/11/0262/2526** **Sd./- Secretary**

No. D-

## ODISHA PUBLIC SERVICE COMMISSION, CUTTACK

**1st Corrigendum to Advt. No. 02 of 2025-26 for Recruitment to the Post of Assistant Section Officer in the Office of the Advocate General, Odisha**

1. **AGE:**
   Beneath 1st Paragraph under Sl. No. 3 (i.e. Age) of the Advertisement No. 02 of 2025-26, the following Paragraph shall be inserted due to enhancement of upper age limit vide Gazette Notification No. 1598, Dtd.09.06.2025.
   "A candidate must have attained the age of 32 (Thirty-two) years and must not be above the age of 42 (forty-two) years as on the 1st day of January, 2025 i.e. he/she have been born not earlier than **2nd January 1983** and not later than **1st January, 1993**".

**Note:** The relaxation of age as provided to different categories in the Advertisement will remain same over and above 42 years.

2. The link for Online Application and Submission shall be opened only for those candidates who have been born on/in between the aforesaid dates, which shall be available from **14.07.2025 to 24.07.2025** till 05.00 P.M. [Note: **24.07.2025, 5.00 P.M.** is the deadline for submission of Registered Online Application].
3. **METHOD OF SELECTION:**
   The Para-6(g) of the Advt. No. 02 of 2025-26 i.e. xxxxxxxxx will be shortlisted 1.5 times of the advertised vacancies in each category as per merit for the Skill Test xxxxxxx shall be **substituted and read** as xxxxxxxxx will be shortlisted 02 times of the advertised vacancy in each category as per merit subject to a minimum of 05 for the Document Verification and Skill Test. Commission further reserves the right to call additional number of candidates securing qualifying marks as per merit, in case number of suitable candidates fall short of advertised vacancy in each category, so that all posts can be filled up. The document verification and Skill Test will be held simultaneously on the same date. xxxxxxxxx
4. **DATE OF WRITTEN EXAMINATION:**
   Under Sl No. 7 of the Advertisement, "the Written Examination will be tentatively held on 27th July, 2025 (Sunday)" shall be **substituted and read** as "the Written Examination will be tentatively held on **21st September, 2025 (Sunday)**.
5. The candidates who have already submitted online applications for the said post need not apply again.
   Besides above, all other terms and conditions of the Advertisement No. 02 of 2025-26 shall remain unchanged.

By Order of Commission
**Sd./- Secretary**

**OIPR-12002/11/0264/2526**

## GOVERNMENT OF ODISHA
## OFFICE OF THE ADDITIONAL CHIEF ENGINEER (TESTING & CALIBRATION, STANDARD TESTING LABORATORY)-CUM-ELECTRICAL INSPECTOR

PLOT NO. GD-2/7, MAITRIVIHAR, BHUBANESWAR-751023

**E-Mail ID : sestl-od@gov.in, deist11-od@gov.in**

Expression of interest No.01/A.C.E (T&C, STL)/2025-26

**No.STL/Tech-2/2025-26/1357** **/Dated Bhubaneswar, the 07.07.2025**

**No.AA-17 :** The Additional Chief Engineer (T&C,STL)-cum-E.I, Bhubaneswar invites **Expression of Interest (EOI)** to extend its NABL scope to include **Transformer Oil Testing** in line with **ISO/ IEC 17025:2017**. We aim to offer comprehensive testing services for transformer insulating oil, covering parameters such as: Breakdown Voltage (BDV), Flash Point, Moisture Content (PPM), Interfacial Tension, Dielectric Dissipation Factor (Tan Delta) & Resistivity, DGA. The details of Scope of Work which includes development of the necessary documentation, including standard operating procedures (SOPs), Quality manual, Quality Procedure, Calibration of equipment, training and other relevant documents required for NABL accreditation. The Expression of Interest (EOI) may be submitted via email within 15 days from the date of publication.

**For further information or to express your interest, please contact:**
The Additional Chief Engineer (T&C, STL)-cum-E.I, Bhubaneswar
Standard Testing Laboratory
PLOTNO.GD-2/7, MAITRIVIHAR, BHUBANESWAR-751023
**E-Mail ID: sestl-od@gov.in**

**Sd./- Addl. Chief Engineer (T&C, STL)-cum-E.I., Bhubaneswar**

**OIPR-04069/11/0005/2526**

## Office of District Manager Odisha State Civil Supplies Corporation Ltd. (OSCSC), Angul

**Phone : 06764-230282**

**District Website - https://angul.odisha.gov.in**

**Tender No. : 2664** **Dt. : 05.07.2025**

**No.CAD-1020** : District Manager, Odisha State Civil Supplies Corporation Ltd., Angul (District) invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1 | Name of the work | Selection and appointment of Level-I Transport Contractor for transportation of foodgrains from FSD, FCI to RRCs of Angul District. |
| 2 | Availability of bid document in the portal | From 08.07.2025 |
| 3 | Last Date / Time for receipt of bids in the portal | Dt.22.07.2025 up to 5.30 P.M. |
| 4 | Date/Time of Opening of Technical Bid | Dt.23.07.2025, At-11 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Angul, At-O/o CSO-cum-District Manager, Near Biju Maida, Rotary Public School, Angul |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

**Sd./- District Manager**
**OSCSC Ltd., Angul**

**OIPR-07064/11/0008/2526**

## ODISHA PUBLIC SERVICE COMMISSION, CUTTACK

**NOTICE**

**No.4765/PSC** **Dt.08.07.2025**
**(1R-02-24/25) (DR-V)**

**Assistant Professor (Stage-I) in Chemistry (Advertisement No. 27 of 2023-24)**

No. D-: It is for information of all concerned that, document verification of **115 (One hundred fifteen)** candidates having **PPSAN** mentioned below for the post of **Assistant Professor (Stage-I) "Chemistry",** pursuant to advertisement No. 27 of 2023-24 shall be held from **17.07.2025 to 22.07.2025 (except Govt. holiday)** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 17.07.2025 | 10.30 A.M. | P230183751, P230187205, P240307795, P230184887, P230185385, P240302452, P240306459, P240307971, P230176824, P230181139, P230183558, P240282872 & P240309444 **= 13 Candidates** |
| | 02.30 P.M. | P240310076, P220051297, P220079765, P240298467, P240299374, P240304910, P240306087, P240306632, P240308559 & P230183028 **= 10 Candidates** |
| 18.07.2025 | 10.30 A.M. | P230186684, P240305813, P240306745, P240308500, P230176354, P230177358, P230182734, P240308929, P240309405, P230175162, P230176000, P230182859 & P230185435 **= 13 Candidates** |
| | 02.30 P.M. | P230193321, P240297406, P240305066, P240309811, P240313838, P230172413, P230181138, P230182019, P240304463 & P240310634 **= 10 Candidates** |
| 19.07.2025 | 10.30 A.M. | P240308963, P240305616, P240309086, P240307460, P230183273, P220040368, P230183302, P230183898, P230184501, P240303351, P240305597, P240306284 & P240311482 **= 13 Candidates** |
| | 02.30 P.M. | P230185469, P230187180, P240304153, P220075000, P240309253, P230108883, P240309153, P230201735, P220025453 & P240308218 **= 10 Candidates** |
| 21.07.2025 | 10.30 A.M. | P230234335, P240287146, P240306308, P240302644, P240307323, P230139156, P230183175, P240306073, P240304409, P220027341, P230141683, P240313973 & P230180293 **= 13 Candidates** |
| | 02.30 P.M. | P230178468, P230130497, P230180780, P230177213, P240301812, P230091100, P240302675, P240305803, P220028484 & P230097977 **= 10 Candidates** |
| 22.07.2025 | 10.30 A.M. | P220029592, P230176925, P240296320, P220008904, P220022164, P220063831, P230122575, P230157617, P230180415, P230182714, P240306959, P230118280 & P230157573 **= 13 Candidates** |
| | 02.30 P.M. | P230173982, P230177014, P230177616, P230178057, P230182922, P230197181, P240296488, P240297673, P240299619 & P240302837 **= 10 Candidates** |

The candidates are required to submit the documents as per this office **Notice No. 4271/PSC, Dt.21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**OIPR-12002/11/0265/2526** **Sd./- Secretary**

## ଓଡ଼ିଶା ସରକାର
## ଖଣି ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା: ବୌଦ୍ଧ

ଇ-ମେଲ: miningofficerboudh@gmail.com

ସଂଖ୍ୟା: ୬୧୦ **ଟେଣ୍ଡର ନିମନ୍ତ୍ରଣ ବିଜ୍ଞପ୍ତି** ତା: ୭.୭.୨୦୨୫

**No. G-26:-** ମାଇନ୍ସ ଏବଂ ମିନେରାଲ୍ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ୍) ଆକ୍ଟ, ୧୯୫୭ର ଧାରା ୧୫ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତା ଅନୁସାରେ ଏବଂ ସମୟ ସମୟରେ ସଂଶୋଧିତ ଓଡ଼ିଶା ମାଇନୋରାଲ୍ ମିନେରାଲ୍ କନ୍ସେସ୍ ନିୟମ, ୨୦୧୬ ଅନୁଯାୟୀ ୨ ସଂଖ୍ୟକ ଲଘୁ ଖଣିଜ ଉପର ଇ–ନିଲାମ ମାଧ୍ୟମରେ ଲିଜ୍ ଅନୁଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି ।

ତଦନୁସାରେ, କ୍ୱାରି ଲିଜ୍ ଅନୁଦାନ ପାଇଁ 'ଫର୍ମ–ଏମ୍' ଫର୍ମାଟରେ (ଉଭୟ ଡିଜିଟାଲ ଓ ଫିଜିକାଲ) ବୈଷୟିକ ବିଡ୍ ଆମନ୍ତ୍ରଣ କରାଯାଉଛି ।

ଇଲେକ୍ଟ୍ରୋନିକ୍ ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ସର୍ତ୍ତ, ତାରିଖ ଏବଂ ସମୟ ଟେଣ୍ଡର ଡକ୍ୟୁମେଣ୍ଟରେ ପ୍ରଦାନ କରାଯାଇଛି । କ୍ୱାରିଗୁଡ଼ିକ ପାଇଁ ଇ–ନିଲାମ ପ୍ରକ୍ରିୟାର ସମୟସାରଣୀ, ବିଜ୍ଞପ୍ତି, ଅପଡେଟ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଟେଣ୍ଡର ଡକ୍ୟୁମେଣ୍ଟକୁ **https://www.mstcecommerce.com** ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ ।

ଆଗ୍ରହୀ ବିଡରମାନେ ଉପରୋକ୍ତ ୱେବସାଇଟରେ ନିଜକୁ ପଞ୍ଜୀକୃତ କରିପାରିବେ । ସଫଳ ପଞ୍ଜୀକରଣ ପରେ ଇ–ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ବିଡରମାନେ ଲଗଇନ୍ ଆଇଡି ଏବଂ ପାସୱାର୍ଡ ପାଇବେ । ମଡେଲ୍ ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ମିନେରାଲ୍ ବ୍ଲକ୍ ସାରାଂଶ ଉପରୋକ୍ତ ୱେବ୍‌ସାଇଟରେ ମାଗଣାରେ ଉପଲବ୍ଧ ।

ଇଚ୍ଛୁକ ବିଡରମାନେ ନିଜର ଲଗ୍‌ଇନ୍ ୟୁଜର୍ ID ଏବଂ ପାସୱାର୍ଡ ବ୍ୟବହାର କରି ଫର୍ମ–M ରେ ଆବଶ୍ୟକୀୟ ବିବରଣୀ ଏବଂ ପ୍ରଯୁଜ୍ୟ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଦାଖଲ କରିବେ । 'ଫର୍ମ–ଏମ'ର ସଫଳ ଦାଖଲ ପାଇଁ ବିଡରମାନେ ଇ–ନିଲାମ ପୋର୍ଟାଲରେ ଉପଲବ୍ଧ 'ବିଡର ମାନୁଆଲ'କୁ ଅନୁସରଣ କରିବା ଉଚିତ । ଇ–ଟେଣ୍ଡର ଦାଖଲ ପାଇଁ ବିଡରଙ୍କୁ ଦିଆଯାଇଥିବା ଅବଧି, ଖବରକାଗଜ ଏବଂ MSTC ୱେବସାଇଟରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଗଣନା କରାଯିବ ।

| | | |
|---|---|---|
| **ସମୟ ସାରଣୀ:** | ଟେଣ୍ଡର ଡକ୍ୟୁମେଣ୍ଟରେ ସବିଶେଷ ସମୟସାରଣୀ ଉପଲବ୍ଧ ଅଛି । | ଆବେଦନ (ବୈଷୟିକ ବିଡ୍) ଖୋଲିବା ତାରିଖ: ୦୨.୦୮.୨୦୨୫ । |
| | ଟେଣ୍ଡର ଆବେଦନର ଶେଷ ତାରିଖ: ୦୧.୦୮.୨୦୨୫ । | ନିଲାମ ତାରିଖ: ୦୮.୦୮.୨୦୨୫ ରୁ ୧୩.୦୮.୨୦୨୫ । |

**କ୍ୱାରିଗୁଡ଼ିକର ତାଲିକା:**

| କ୍ର. ନଂ. | କ୍ଷେତ୍ର | ଜିଲ୍ଲା | ତହସିଲ | ସୋର୍ସର ନାମ ଓ କୋଡ୍ | ମିନେରାଲ | ଲାଣ୍ଡ ସେଡ୍ୟୁଲ | | | | | ପରିମାଣ | MAC per $M^3$ (in Rs.) | MGQ per year |
|---|---|---|---|---|---|---|---|---|---|---|---|---|---|
| | | | | | | ମୌଜା | ଖତିୟାନ ନଂ. | ପ୍ଲଟ୍ ନଂ. | କିସମ | କ୍ଷେତ୍ରଫଳ (in Hecs) | | | |
| ୧ | ଫୁଲବାଣୀ | ବୌଦ୍ଧ | ବୌଦ୍ଧ | ତୁଟୁରସିଙ୍ଗା–A ବାଲିଘାଟ (୦୬୦୫୪ ୦୧୦୧୦) | ବାଲି | ତୁଟୁର ସିଙ୍ଗା | ୫୧୮ | ୦୧ | ନଦୀ | ୫.୨୨୦ | ଗଚ୍ଛିତ | ୩୧୦ | ୩୦,୦୦୦ |

**OIPR-30033/11/0007/2526** **ସ୍ୱା./- ଖଣି ଅଧିକାରୀ, ବୌଦ୍ଧ**

# Classified Everyday

0674-2580101, 9692975378



MATRIMONIAL

## BRIDE WANTED

ଚାକିରୀ କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ ପୁଅ (Divorcee) ପାଇଁ ଯେକୌଣସି ଜାତିର 30-45 yrs ଝିଅ ଆବଶ୍ୟକ। Candidate- 9861141891. D-1173

## GROOM WANTED

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D-1050

Wanted Govt. Service groom for beautiful Brahmin Girl 1998, 5'4", BA, PGDCA, "SUNASANSAR". 9937512659. D-76282



REAL ESTATE

SALE

**B.D.A. plot for sale- 40'x60' B.D.A. allotted plot for sale at Prachi Enclave, Chandrasekharpur at a cost of 2.5 crore (Non-negotiable). Only intending buyers (Not brokers) can contact to Mob No.- 9078562890 between 4P.M. to 5 P.M.** D-76474

**Duplex sale near AIIMS Hospital Bhubaneswar, apartment Sum Hospital. 9777433701.** D-76285

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

**Ready to move 3BHK apartment sale at Palasuni Bhubaneswar & Duplex available in Patia after Railway Station. Price 1CR. onwards. 8763887357, 7992736330.** D-76276

କ ଟ କ – ଭୁ ବ ନେ ଶ୍ୱ ର ମଧ୍ୟଭାଗରେ ନିର୍ମିତ **Sum Hospital- 2** ଏବଂ **Grand Bazar(NH-16)** ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604** D-76281

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ **5K.M 1500sqft.** କିଣି ଘର କରନ୍ତୁ। **7978947520** D-76283

**Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668.** D-76287

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284





3 Office space- 1. 2000sqft. in 1st floor, 2. 780sqft. 2nd floor fully furnished Office, 3. 1000sqft. in 3rd floor at 5- Janpath, Unit-3, Kharvelnagar behind Kalsi petrol pump, Bhubaneswar, Odisha-751001. Readily available to operate. Contact: 9437001845, 7504050186. D-76839





Positively health benefits SPA expert female therapist homely atmosphere. 8658088274. D-1177

## AFFIDAVIT

By virtue of an affidavit sworn before the Executive Magistrate, Angul, Date.07.07.2025, I, SUKADEV PRADHAN, R/o. Vill/ P.O.-Kumpapada, Via- Jagannathprasad, Dist.- Ganjam (Odisha), PIN Code- 761121 declare that I have changed my name from SARVANGYA PRADHAN to SUKADEV PRADHAN. Henceforth, I shall be known as SUKADEV PRADHAN for all purpose.
Sukadev Pradhan D-1224

By virtue of an affidavit before Executive Magistrate, Kendrapara, Sl.No.- 4288, dated- 30.06.2025, I Usharani Dash, W/o- Nimain Charan Baral, At/P.O.- Ghagara, P.S.- Nikirai, Dist.- Kendrapara declare that I have changed my name from Usharani Baral to Usharani Dash. Henceforth, I shall be known as Usharani Dash for all purposes. D-1208

"CHANGE OF NAME ANNOUNCEMENT
This is to notify that the firm formerly known as M/s J P RAY, located at Plot 1257(P), New Forest Park, Mouza: Bhimpur, Dist:Khurda, Bhubaneswar, Odisha-751009, has changed its name to RAYZEN INFRACON. This change is effective from 26.06.2025 as per Affidavit No.S417141,dated 26.06.2025. For any queries,please contact:rayzen.infracon@gmail.com. D-1210

I, ANISU BIBI, W/o- SHAIKH NAJIRUDDIN, resident of Ward No.- 09, Maligan, P.O./P.S.- Nemalo, Dist.- Cuttack, PIN-754293, Odisha, declare by this affidavit No.1155, dated on 07.07.2025. That now onwards I shall be known as ANISUN BIBI for all future purposes. D-1209

By virtue of an affidavit sworn before Notary Public, Laxmisagar, 04.03.2025, I Muhammad Saad, R/o- Laxmisagar, Bhubaneswar, Dist.- Khordha declare that I have changed my name from Sujan Das to Muhammad Saad. Henceforth, I shall be known as Muhammad Saad for all purposes.
Muhammad Saad D-1211

By virtue of an affidavit sworn before Notary Public, Bhubaneswar, dated 07.07.2025, I, Harvinder Singh Buhi, Plot No.-89, NAC Colony, Unit-3, Bhubaneswar- 751001, Odisha declare that I have changed my name from HIRA SINGH to HARVINDER SINGH BUHI. Henceforth, I shall be known as HARVINDER SINGH BUHI for all purposes. D-74732

By virtue of an affidavit sworn before Executive Magistrate, Angul, dated- 08.07.2025, I, Basanti Pattanaik, aged about 70 years, W/o. Balaram Pattanaik, Address Vill: Lingarajori, P.O.-Hulurisingha, Dist.- Angul, Odisha- 759132 (full address), declare that I have changed my name from Basanti Pattanik to Basanti Pattanaik. Henceforth, I shall be known as Basanti Pattanaik for all purposes.
Basanti Pattanaik D-1218

By virtue of an affidavit sworn before Executive Magistrate, Bhubaneswar, dated 10.06.2025, I Salaram Majhi, Resident of Darkholi, P.O.- Palashbani, P.S.- Jharpokhoria, Dist.- Mayurbhanj, Odisha, PIN- 757057 declare that I have changed my name from Saluram Hembram to Salaram Majhi. Henceforth, I shall be known as Salaram Majhi for all purposes.
SALARAM MAJHI D-1219

By virtue of an affidavit sworn before the Executive Magistrate, Junagarh, No.-285, date 07.07.2025, I, Gobinda Hati, R/o. At- Chikili, P.O.- Goudchhendia, PIN- 766023, P.S.- Junagarh, Dist.- Kalahandi (Odisha) declare that I have changed my daughter's name from Deepika Hati to Pritimanjari Hati. Henceforth, she shall be known as Pritimanjari Hati for all purposes.
Gobinda Hati D-1220

I, Laila Karim, W/o- Karim Nassar, resident of At- Flat No.- A/7, Platinum Group Co. Op. Housing Society, Beside Kitab Mahal, P.O.-College Square, P.S.-Malgodown, Dist.- Cuttack-753003, Odisha declare by this affidavit No.- 70AA357379, dated- 08.07.2025. That now onwards I shall be known as Laila Karim Nassar for all future purposes. D-1222

By virtue of an affidavit sworn before Notary Public, Bhubaneswar, dated 08.07.2025, I, RAMANARAYAN DAS, Mandap Basti, near Kanchanjangha, VIP Enclave, Ward No.-9, P.S.-Chandrasekharpur, Bhubaneswar- 751016, Odisha declare that I have changed my name from RANKANATH SWAIN to RAMANARAYAN DAS. Henceforth, I shall be known as RAMANARAYAN DAS for all purposes.
RAMANARAYAN DAS D-1207

I, Neelam Subudhi, W/o- Asadi Srikrishna Subudhi, resident of Khala Street, Kamapalli, Berhampur, Dist.- Ganjam, Odisha, PIN- 760004 declare by this affidavit No. A432, dated 07.07.2025. That my name as per PAN, AADHAAR and PASSPORT is NEELAM SUBUDHI, but in my daughter's Birth Certificate it is mentioned as Asadi Neelam Subudhi. Now onwards I shall be known as NEELAM SUBUDHI for all future purpose. D-1223

By virtue of an affidavit sworn before Executive Magistrate, Talcher, Odisha, dated- 30.06.2025, Affidavit No.-1347. I GOBARDHAN SETHI, S/o-BANKA SETHI Address- At-Tippo, P.O./P.S.- Samal, Dist.- Angul, State- Odisha, PIN- 759100 declare that I have changed my minor daughter's name from JHARAMA SETHI to JHARANA SETHI. Henceforth, she will be known as JHARANA SETHI for all purpose.
GOBARDHAN SETHI D-1221

DHARITRI

Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତ (କମିଶନର)ଙ୍କ ଅଦାଲତ କ୍ରମିକ ନମ୍ବର– ୩. (ଶ୍ରୀ ପ୍ରବୀର କୁମାର ନାୟକ) ଓ.ଏ.ସ (ଏସ୍.ଏ.ଜି.) ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ. ୟୁନିଟ୍ ନମ୍ବର– ୪. ଭୁବନେଶ୍ୱର
ଓ.ଏସ୍.ଏସ୍ କେସ୍ ୫୦୩/୨୦୨୪
ଡ. ଅମିୟ ରଞ୍ଜନ ସାହୁ ....ଦରଖାସ୍ତକାରୀ
ବନାମ
ଶ୍ରୀ ଲୋକନାଥ ସାହୁ ଏବଂ ଅନ୍ୟମାନେ .....ପ୍ରତିବାଦୀ

ଇସ୍ତାହାର ଦେୱାନୀ କାର୍ଯ୍ୟ ବିଧି ସଂହିତା ମୁତାବକ ଆଦେଶ ୫ ନିୟମ ୨୦ ଉପନିୟମ (୧–ଏ) ଦୈନିକ ଖବରକାଗଜରେ ପ୍ରକାଶନ ପାଇଁ ବିଜ୍ଞପ୍ତି ଉପରଲିଖିତ ଦରଖାସ୍ତକାରୀ ଓଡ଼ିଶା ଭୂ ବନ୍ଦୋବସ୍ତ ଆଇନ ଧାରା ୧୫(ଖ) ମୁତାବକ ରିଭିଜନ ମାମଲା ମାନ୍ୟବର ଅଦାଲତରେ ଦାଖଲ କରିଅଛନ୍ତି। ନିମ୍ନଲିଖିତ ଭୂ ସମ୍ପତ୍ତିକୁ ତାଙ୍କ ନାମରେ ରେକର୍ଡ଼ କରିବା ପାଇଁ କିନ୍ତୁ ନିମ୍ନଲିଖିତ ପ୍ରତିବାଦୀମାନେ ଉକ୍ତ ମାମଲାରେ ମାନ୍ୟବର ଅଦାଲତରୁ ନୋଟିସ ପ୍ରେରଣ ହୋଇଥିଲା, କିନ୍ତୁ ଉକ୍ତ ନୋଟିସଗୁଡ଼ିକ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି। ଏଣୁ ଆଦ୍ୟ ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି, କି ନିର୍ଦ୍ଧାରିତ ତାରିଖ ତା ୨୬।୦୮।୨୦୨୫ରିଖ ସମୟ ୩.୩୦ଘଟିକାରେ ଉପସ୍ଥିତ ହୋଇ ସେମାନେ କିମ୍ବା ସେମାନଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ବ୍ୟକ୍ତିମାନେ ଅଦାଲତରେ ଉପସ୍ଥିତ ହୋଇ ସେମାନଙ୍କ ତରଫରୁ ପକ୍ଷ ରଖିବେ, ନତୁବା ଉକ୍ତ ତାରିଖରେ ଆଇନ ମୁତାବକ ଆଦେଶ କରାଯିବ।

ପ୍ରତିବାଦୀମାନଙ୍କ ନାମ ଧାମ:–
(୨)– ଡ. ଜୟଶ୍ରୀ ଆଚାର୍ଯ୍ୟ, ପିତା– ସୂର୍ଯ୍ୟମଣି ଆଚାର୍ଯ୍ୟ, ଗ୍ରାମ/ପୋଷ୍ଟ– ନାହପାର, ଥାନା/ଜିଲ୍ଲା– ଯାଜପୁର, ବର୍ତ୍ତମାନ ଠିକଣା– ପ୍ଲଟ୍ ନଂ. ଏଫ୍– ୩୧/୨. ବି.ଜେ.ବି. ନଗର, ଥାନା– ବଡ଼ଗଡ଼, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
(୩)– ସ୍ୱାଧୀନ କୁମାର ମହାନ୍ତି, ପିତା– ସ୍ୱର୍ଗତ ପଦ୍ମ ଚରଣ ମହାନ୍ତି, (୪)– ଶ୍ରୀମତୀ ବୈଜୟନ୍ତି ମହାନ୍ତି, ପିତା– ସ୍ୱର୍ଗତ ଯଦୁନାଥ ମହାନ୍ତି। କ୍ରମିକ ନଂ.(୩) ଏବଂ (୪)– ଙ୍କ ଠିକଣା ଗ୍ରାମ– ଗୋଠପାଟଣା, ପୋଷ୍ଟ– ମଳିପଡ଼ା, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା। (୯) ଶ୍ରୀ ସୌଭାଗ୍ୟ ଶଙ୍କର ଦେଓ, ପିତା– ସ୍ୱର୍ଗତ ଦୁର୍ଗାମାଧବ ଦେଓ, ଗ୍ରାମ/ପୋଷ୍ଟ– ମଳିପଡ଼ା, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା, (୧୦) ଭ୍ରମର ବାର ମହାନ୍ତି, (୧୧) ପଦ୍ମଚରଣ ମହାନ୍ତି, (୧୨) ଅଗାଧୁ ମହାନ୍ତି।, (୧୩) ରାଧୁ ମହାନ୍ତି।
କ୍ରମିକ ନମ୍ବର ୧୦ ରୁ ୧୩ ମାନଙ୍କ ପିତା– ସ୍ୱର୍ଗତ ହୃଷୀ ମହାନ୍ତି, (୧୪) କେଲୁ ଚରଣ ମହାନ୍ତି, (୧୫) ବଂଶୀଧର ମହାନ୍ତି, (୧୬) ରତ୍ନାକର ମହାନ୍ତି।
କ୍ରମିକ ନମ୍ବର୧୪ରୁ୧୬ ଙ୍କ ପିତା– ସ୍ୱର୍ଗତ ନାରାୟଣ ମହାନ୍ତି।
କ୍ରମିକ ନ.(୧୦) ରୁ (୧୬)– ଙ୍କ ଠିକଣା ଗ୍ରାମ– ଗୋଠପାଟଣା, ପୋଷ୍ଟ– ମଳିପଡ଼ା, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା।

ତଫସିଲବର୍ଣ୍ଣିତ ଭୂ ସମ୍ପତ୍ତିର ବିବରଣୀ

ଜିଲ୍ଲା– ଖୋର୍ଦ୍ଧା, ତହସିଲଦାର– ଭୁବନେଶ୍ୱର, ମୌଜା– ଗୋଠପାଟଣା, ଥାନା– ଚନ୍ଦକା ନମ୍ବର– ୪୭, ସାବିକ ଖାତା ନମ୍ବର– ୧୩୧, ସାବିକ ପ୍ଲଟ୍ ନମ୍ବର– ୪୨୪, ଜମିର ମାପ ମତେ ରକବା– ଏ.ସି. ୦.୧୩୪ ଡିସିମିଲ ଯାହାର ମୂଳ ରକବା ଏ.ସି. ୦.୨୨୫ ଡିସିମିଲ କିସମ– ବିଆଳି, ଯାହାକି ଚଳିତ ହାଲ୍ ବନ୍ଦୋବସ୍ତର ହାଲ୍ ଖାତା ନମ୍ବର– ୪୩୬, ହାଲ୍ ପ୍ଲଟ୍ ନମ୍ବର– ୨୨୨୨, ରକବା ଏ.ସି. ୦.୧୩୪ଡିସିମିଲ ଯାହାର ମୂଳ ରକବା ଏ.ସି ୦.୧୪୮ ଡିସିମିଲ ଅଟେ। କିସମ– ସାରଦା ଅଣ ଜଳସେଚିତ–୩, ଦରଖାସ୍ତକାରୀ ଉକ୍ତ ହାଲ୍ ପ୍ଲଟ୍‌ରୁ ରକବା ଏ.ସି. ୦.୧୩୪ ଡିସିମିଲକୁ ତାଙ୍କ ନାମରେ ରେକର୍ଡ଼ କରିବା ପାଇଁ ପ୍ରାର୍ଥନା କରିଅଛନ୍ତି।

ଏଣୁ ଆଦ୍ୟ ବିଜ୍ଞପ୍ତି ମାଧ୍ୟମରେ ଉପରଲିଖିତ ଧାର୍ଯ୍ୟ ତାରିଖରେ ବିଚାର ନିମନ୍ତେ ଅଦାଲତରେ ଉପସ୍ଥିତ ରହିବାକୁ ହେବେ।
ସ୍ଥାନ– ଭୁବନେଶ୍ୱର
ତାରିଖ– ୦୪।୦୭।୨୫
ଅତିରିକ୍ତ ରିଭିଜନ କମିଶନ ଅଦାଲତ ନମ୍ବର– ୩, କୋର୍ଟଙ୍କ ଆଦେଶ ମୁତାବକ
ସ୍ୱା./– କୋର୍ଟ ଅଫିସର
ଧ–୧୨୦୪

IR NO.- 975,
Date- 10.06.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର– ୨ (ଶ୍ରୀ ପି.କେ. ନାୟକ I.A.S.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍ ମୋକଦ୍ଦମା ନମ୍ବର– ୯୧/୨୦୨୩
ରୀନା ନାୟକ ...ବାଦିନୀ
ବନାମ
ରବୀନ୍ଦ୍ରନାଥ ଦାସ ଏବଂ ଅନ୍ୟମାନେ ...ପ୍ରତିବାଦୀମାନେ
ନୋଟିସ ସି.ପି.ସି. ଅର୍ଡର– ୫ ରୁଲ୍– ୨୦ ମୁତାବକ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା–
୧) ପ୍ରତିବାଦୀ ନମ୍ବର– ୨, ପୂର୍ଣ୍ଣଚନ୍ଦ୍ର ଦାଶ, ପିତା– ୰ ହରିହର ଦାଶ, ଗ୍ରାମ/ପୋଷ୍ଟ– ମଳିପଡ଼ା, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା, ୨) ପ୍ରତିବାଦୀ ନଂ– ୩, ନଳିନୀପ୍ରଭା ଦଳେଇ, ପିତା– ବିଶ୍ୱନାଥ ଦଳେଇ, ସା/ପୋ– ବଡ଼ଗଡ଼ ବି.ଜେ.ବି. ନଗର, ଥାନା– ବଡ଼ଗଡ଼, ଜିଲ୍ଲା– ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର–୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ପ୍ରତିବାଦୀ ନଂ– ୨ ମୃତ ଏବଂ ପ୍ରତିବାଦୀ ନଂ– ୩ ବିଭିନ୍ନ ଭୁଲ୍ ଠିକଣା ଦର୍ଶାଇ ଫେରସ୍ତ ଆସିଅଛି।

ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ– ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୨୨.୦୭.୨୫ରିଖ ୧୧:୧୫ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଭୁବନେଶ୍ୱର, ଥାନା– ଚନ୍ଦକା, ମୌଜା– ଗୋଠପାଟଣା

ସାବକ

ଖାତା ନଂ– ୧୬୪, ପ୍ଲଟ୍ ନମ୍ବର– ୪୪୩, କିସମ– ଶାରଦ ଅଣଜଳସେଚିତ ତିନି, ରକବା– ଏ.୦.୫୩୦ଡି. ସ୍ୱଧରୁ ଏ.୦.୦୫୧ଡି., ସ୍ୱତ୍ୱ– ସ୍ଥିତିବାନ୍

ହାଲ୍

ଖାତା ନଂ– ୬୭୩, ପ୍ଲଟ୍ ନମ୍ବର– ୨୦୩୭, କିସମ– ଶାରଦ ଅଣଜଳସେଚିତ ତିନି, ରକବା– ଏ.୦.୦୭୬ଡି. ସ୍ୱଧରୁ ଏ.୦.୦୫୧ଡି., ସ୍ୱତ୍ୱ– ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./– କୋର୍ଟ ଅଫିସର
ଧ–୧୨୦୫

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର– ୪ ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର ୯୧୦/୨୦୨୪
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଶୈଳବାଳା ରାଉତରାୟ .... ବାଦୀ/ଦରଖାସ୍ତକାରୀ
ବନାମ
ପ୍ରଫୁଲ୍ଲ କୁମାର ବିଧାର ଓ ଅନ୍ୟମାନେ ...ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୧.ବସୁନ୍ଧରା ଏଷ୍ଟେଟ ଏବଂ ଡେଭେଲୋପର ଅଧ୍ୟକ୍ଷ ଶ୍ରୀ ପ୍ରଫୁଲ୍ଲ କୁମାର ବିଧାର, ପିତା– ସ୍ୱର୍ଗତ ବେଣୁଧର ବିଧାର
ଉପରୋକ୍ତ ପ୍ରତିବାଦୀଙ୍କ ଠିକଣା ମଇଜି–II, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା ଖୋର୍ଦ୍ଧା
୭. କବିନ ସାହୁ, ପିତା– ସ୍ୱର୍ଗତ ଗିରିଧାରୀ ସାହୁ, ୯. ଧନେଶ୍ୱର ସାହୁ, ପିତା– କବିନ ସାହୁ, ୧୦. କାଳିନ୍ଦୀ ସାହୁ, ପିତା– କବିନ ସାହୁ, ୧୧. ସୁକାନ୍ତୀ ସାହୁ, ପିତା– କବିନ ସାହୁ
ପ୍ରତିବାଦୀ ନଂ.– ୯,୧୦,୧୧ଙ୍କ ଠିକଣା ଗ୍ରାମ–ଦାରୁଠେଙ୍ଗ, ପୋଷ୍ଟ– ବାରଙ୍ଗ, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର–୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର–୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୫।୮।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଭୁବନେଶ୍ୱର, ଥାନା– ଚନ୍ଦକା, ମୌଜା– ଭୁଆସୁଣୀ

ସାବକ

ଖାତା ନମ୍ବର–୪୪, ପ୍ଲଟ୍ ନମ୍ବର– ୧୮୯, କିସମ– ପୁରାତନପତିତ, ରକବା– ମୋଟ ଏ୦.୯୭୫ରୁ ଏ୦.୫୫ଡେସିମିଲ, ସ୍ୱତ୍ୱ– ସ୍ଥିତିବାନ୍

ହାଲ୍

ଖାତା ନମ୍ବର– ୧୨୩୧, ପ୍ଲଟ୍ ନମ୍ବର– ୧୦୫୨, କିସମ– ପତିତ, ରକବା– ମୋଟ ଏ୦.୪୫ଡେସିମିଲ, ସ୍ୱତ୍ୱ– ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./– କୋର୍ଟ ଅଫିସର
ଧ–୧୨୦୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାରତ ୨ୟ ବୃହତ୍ତମ ସ୍ମାର୍ଟଫୋନ୍ ବଜାର

■ସୁଲଭ ମୂଲ୍ୟରେ ୫ଜି ମୋବାଇଲ
■ଏଆଇପ୍ଲସ୍‌ର ଶୁଭାରମ୍ଭ




ନୂଆଦିଲ୍ଲୀ,୮।୭

ବର୍ତ୍ତମାନ ସମୟରେ ସବୁବର୍ଗର ଲୋକଙ୍କ ହାତରେ ସ୍ମାର୍ଟଫୋନ୍ ରହିଛି। ଏପରିକି ଭାରତରେ ପ୍ରାୟ ୬୫୦ ମିଲିୟନ ଲୋକ ସ୍ମାର୍ଟଫୋନ୍ ବ୍ୟବହାର କରୁଥିଲାବେଳେ ଟାୟାର ୨ ଓ ୩ ସହରର ୬୦% ସ୍ମାର୍ଟଫୋନ୍ ଗ୍ରାହକ ରହିଛନ୍ତି। ଫଳରେ ଭାରତ ବିଶ୍ୱର ୨ୟ ବୃହତ୍ତମ ସ୍ମାର୍ଟଫୋନ୍ ବଜାରରେ ସାମିଲ ହୋଇଛି। ଅପରପକ୍ଷରେ ଭାରତ ଡିଜିଟାଲ ଓ ମେକ୍ ଇଣ୍ଡିଆ ପଦକ୍ଷେପ ଜରିଆରେ ଦେଶର ମେଡ୍ ଇନ୍ ଇଣ୍ଡିଆ ଫୋନ୍ ଶେୟାର ଗତ ୧୦ ବର୍ଷରେ ପ୍ରାୟ ୪ଗୁଣ ବୃଦ୍ଧି ପାଇ ୨୦୨୩-୨୪ ରେ ୯୯.୨%ରେ ପହଞ୍ଚିଛି। ୨୦୧୪-୧୫ରେ ଏହି ପରିମାଣ ପ୍ରାୟ ୨୬% ରହିଥିଲା। ସେହିଭଳି ସ୍ୱଦେଶୀ ଜ୍ଞାନକୌଶଳ ଓ ଘରୋଇ ଟେଲିକମ କମ୍ପାନୀଗୁଡ଼ିକ ଉଭୟ ସ୍ମାର୍ଟଫୋନ୍ ଓ ଫିଚର ଫୋନ୍ ନିର୍ମାଣ କରୁଛନ୍ତି। ଏପରିକି କେନ୍ଦ୍ର ସରକାରଙ୍କ ସହାୟତା ଓ ଘରୋଇ କମ୍ପାନୀଗୁଡ଼ିକର ଇଚ୍ଛାଶକ୍ତି ଯୋଗୁ ଭାରତୀୟ ଉପଭୋକ୍ତାମାନେ ସୁଲଭ ମୂଲ୍ୟରେ ସ୍ମାର୍ଟଫୋନ ପାଇପାରୁଛନ୍ତି। ଅପରପକ୍ଷରେ ଭାରତୀୟ କମ୍ପାନୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଫଳରେ ବଜାର ମଧ୍ୟ ଏକ ପ୍ରକାରର ପ୍ରତିଯୋଗିତାମୂଳକ ରହୁଛି। ସେହିପରି ନିକଟରେ ନେକ୍ସଟ କ୍ୱାଣ୍ଟମ ଓଏସ ପକ୍ଷରୁ ଘରୋଇ ୫ଜି ବ୍ରାଣ୍ଡ ଏଆଇପ୍ଲସର ଶୁଭାରମ୍ଭ କରିଛି। ଏ ନେଇ ନେକ୍ସଟ କ୍ୱାଣ୍ଟମ ଓଏସର ସିଇଓ ମାଧବ ସେଠ କହିଛନ୍ତି, ବର୍ତ୍ତମାନ ସମୟରେ ଭାରତ ସ୍ମାର୍ଟଫୋନ ନିର୍ମାଣ ଓ ଉତ୍ପାଦନର ହବ୍ ପାଲଟିଛି। କାରଣ ଭାରତ ଖାଲି ନିର୍ମାଣ କରୁନାହିଁ, ଭାରତରେ ନିର୍ମାଣ ହେଉଥିବା ଉତ୍ପାଦ ବିଶ୍ୱ ବଜାରରେ ଲିଡର ପାଲଟିଛି। ଏପରିକି ବର୍ତ୍ତମାନ ଆମ ଦେଶ ବିଲ୍ଡ ଇନ୍ ଇଣ୍ଡିଆ ରେଡି ଫର ଦି ୱାର୍ଲ୍ଡ ଭିଜନରେ ଉତ୍ପାଦ ନିର୍ମାଣ କରୁଛି।

## ବଜାରରେ ଏଆଇପ୍ଲସ ରେଞ୍ଜ

ଦେଶର ପ୍ରମୁଖ ଘରୋଇ ସ୍ମାର୍ଟଫୋନ ବ୍ରାଣ୍ଡ ତଥା ନେକ୍ସଟ କ୍ୱାଣ୍ଟମ ସିଫ୍ଟ ଟେକ୍ନୋଲୋଜିର ବହୁ ପ୍ରତୀକ୍ଷିତ 'ଏଆଇପ୍ଲସ'ର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରିକି ଏଆଇପ୍ଲସ ରେଞ୍ଜ (ସ୍ମାର୍ଟଫୋନ, ସ୍ମାର୍ଟ ୱାଚ ଏବଂ ଇୟର ବଡ)ର ଅନାବରଣ ମଙ୍ଗଳବାର ହୋଇଯାଇଛି। ଏହି ଅବସରରେ ନେକ୍ସଟ କ୍ୱାଣ୍ଟମ ସିଫ୍ଟ ଟେକ୍ନୋଲୋଜିର ସିଇଓ ମାଧବ ସେଠ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଏହି ପରିପ୍ରେକ୍ଷୀରେ ଗୁଗଲ କ୍ଲାଉଡ ଇଣ୍ଡିଆର ଏମ୍‌ଡି ଶଶୀ କୁମାର ଶ୍ରୀଧରନ ଏବଂ ଫ୍ଲିପକାର୍ଟର ଭିପି (ମୋବାଇଲ) ସ୍ମିଥ୍ ରବିଚନ୍ଦ୍ରନ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଏଆଇପ୍ଲସର ୨ଟି ସ୍ମାର୍ଟଫୋନ ଏଆଇପ୍ଲସର ପଲ୍‌ସ ଓ ନୋଭା ୫ଜି ସହ ସ୍ମାର୍ଟୱାଚ ଓ ଇୟରବଡର ଶୁଭାରମ୍ଭ କରାଯାଇଥିଲା। ଏହି ଫୋନ୍‌ରେ ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ସହ ଅତ୍ୟାଧୁନିକ ଫିଚର ଓ ଆକର୍ଷଣୀୟ କଲର ଅନ୍ତର୍ଭୁକ୍ତ ରହିଛି। ସେହିପରି ସୁଲଭ ମୂଲ୍ୟରେ ଆକର୍ଷଣୀୟ ସ୍ମାର୍ଟଫୋନ୍ ବଜାରରେ ଉପଲବ୍ଧ ହେବା ସହିତ ବଜାରରେ ଏକ ଭିନ୍ନ ପ୍ରକାରର ପ୍ରତିଯୋଗିତା ଆରମ୍ଭ ହେବ ବୋଲି କୁହାଯାଉଛି।

# ଓଏମ୍‌ସିକୁ ୫ ତାରକା ମୂଲ୍ୟାଙ୍କନ ପୁରସ୍କାର



ଭୁବନେଶ୍ୱର,୮।୭

ଓଡ଼ିଶା ଖଣି ନିଗମ (ଓଏମ୍‌ସି)କୁ ନିକଟରେ ଆଉ ଏକ ଜାତୀୟ ସମ୍ମାନ '୫ ତାରକା ମୂଲ୍ୟାଙ୍କନ ପୁରସ୍କାର' ପ୍ରଦାନ କରାଯାଇଛି। ବିଶେଷ ଉତ୍କୃଷ୍ଟ ଗୁଣବତ୍ତା ଓ ଆନ୍ତର୍ଜାତୀୟ ମାନକ ପାଳନ କରିବାରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବାରୁ ଓଏମସିର ଦୈତାରୀ ଲୌହ ଖଣି ଓ କୋଡିଙ୍ଗାମାଲି ବକ୍ସାଇଟ୍ ଖଣିକୁ ଏହି ପୁରସ୍କାର ମିଳିଛି।

ଉଲ୍ଲେଖଯୋଗ୍ୟ, ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ) ର ବାର୍ଷିକ ସମାରୋହ ନିକଟରେ ରାଜସ୍ଥାନର ଜୟପୁର ସହରରେ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଏମସିକୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ଆଇବିଏମର ବରିଷ୍ଠ ଅଧିକାରୀଙ୍କ ସମେତ ସମ୍ମାନିତ ସଂସ୍ଥାର ପ୍ରତିନିଧି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିଭଳି ଭାରତ ସରକାରଙ୍କ ଅନୁମୋଦିତ ତଥା ଆଇବିଏମ ଦ୍ୱାରା ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୫ ତାରକା ମୂଲ୍ୟାଙ୍କନ ପୁରସ୍କାର ଓଏମସିକୁ ପ୍ରଦାନ କରାଯାଇଛି।

ଏପରିକି ଓଏମସି ଉନ୍ନତମାନର ଖଣି ଖନନ ତଥା ପରିବେଶ ସଂରକ୍ଷଣ ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛି। ଦୈତାରୀ ଏବଂ କୋଡିଙ୍ଗାମାଲି ଖଣି ସେମାନଙ୍କର ସୁ-ବ୍ୟବସ୍ଥିତ ଖଣି ଯୋଜନା, ପ୍ରଭାବଶାଳୀ ପରିବେଶ ସୁରକ୍ଷା ପ୍ରତି ଦୃଢ଼ ପଦକ୍ଷେପ ଏବଂ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟର ବିକାଶରେ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଛନ୍ତି। ଏଥିସହିତ ପରିବେଶଗତ ପ୍ରଭାବକୁ ସର୍ବନିମ୍ନ କରିବା ପାଇଁ ଅନ୍ତର୍ଜାତୀୟ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ମଧ୍ୟ ସେମାନେ ଗ୍ରହଣ କରିଛନ୍ତି।

# ୨୬ରୁ ୨ ଦିନିଆ ବାଣିଜ୍ୟ ପ୍ରଦର୍ଶନୀ

ଭୁବନେଶ୍ୱର,୮।୭: ବିଏନ୍‌ଆଇ ଭୁବନେଶ୍ୱର ଚାପ୍ଟରର ବହୁ ପ୍ରତୀକ୍ଷିତ ତଥା ଏକ ୨ଦିନିଆ ବାଣିଜ୍ୟ ପ୍ରଦର୍ଶନୀ 'ବିଏନ୍‌ଆଇ ବିଜ୍‌ପ୍ରୋ ୨.୦'ର ଆୟୋଜନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପ୍ରଦର୍ଶନୀ ୨୦୨୫ ଜୁଲାଇ ୨୬ରୁ ଆରମ୍ଭ ହେବାକୁ ଯାଉଛି। ଏପରିକି ଭୁବନେଶ୍ୱରର ହୋଟେଲ କ୍ରିଷ୍ଟାଲ କ୍ରାଉନ, ପଟିଆରେ ଏହି ପ୍ରଦର୍ଶନୀ ୨୦୨୫ ଜୁଲାଇ ୨୬ ଓ ୨୭ରେ ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ ବିଏନ୍‌ଆଇ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କଟକ ରୋଡ୍‌ର ତେରାପନ୍ତି ଭବନରେ ଆୟୋଜନ କରାଯାଇଥିଲା।

ଏହି ସମ୍ମିଳନୀରେ ବିଏନ୍‌ଆଇ ଭୁବନେଶ୍ୱର ଚାପ୍ଟର କାର୍ଯ୍ୟକାରୀ ନିର୍ଦ୍ଦେଶକ ମନୋଜ ଲାଲାନି, ଅଧ୍ୟକ୍ଷ ଶ୍ରୀକାନ୍ତ ବିଶ୍ୱାଳ, ସହଯୋଗୀ ନିର୍ଦ୍ଦେଶକ ସନ୍ତୋଷ ସେନାପତିଙ୍କ ସମେତ ମୁନ୍‌ମୁନ୍ ସିଂହ, ଶ୍ରୀନିବାସ ସେନାପତି, ସମୀର ସେନାପତି ଏବଂ ଅଦିତ ଜେନା ପ୍ରମୁଖ ଉପସ୍ଥିତ ରହି ସମ୍ମିଳନୀର ଆଭିମୁଖ୍ୟ ସହ ୨ୟ ବିଏନ୍‌ଆଇ ବିଜ୍‌ପ୍ରୋ ୨.୦ର ସମସ୍ତ ସୂଚନା ପ୍ରଦାନ କରିଥିଲେ।

ଉଲ୍ଲେଖଯୋଗ୍ୟ, ଏହି ୨ଦିନିଆ ପ୍ରଦର୍ଶନୀରେ ପ୍ରାୟ ୧୦୦ଟି ଶିଳ୍ପସଂସ୍ଥାର ପ୍ରତିନିଧିମାନେ ଯୋଗଦେଇ ସେମାନଙ୍କ ଉତ୍ପାଦ ପ୍ରଦର୍ଶନୀ ସହ ବିକ୍ରୟ ମଧ୍ୟ କରିବେ। ଏପରିକି ୨ଦିନରେ ଅନେକ ପ୍ରକାରର ଆଲୋଚନା ସହ ଅଧିବେଶନର ଆୟୋଜନ କରାଯିବ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ଗୋବର୍ଦ୍ଧନ ମହାନ୍ତି
ଆବିର୍ଭାବ: ୦୧.୦୧.୧୯୫୩
ତିରୋଧାନ: ୨୯.୦୬.୨୦୨୫

ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମପାଇଁ ଚିରସ୍ମରଣୀୟ ହୋଇ ରହିଥିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ଆପଣଙ୍କ ଆତ୍ମୀୟସ୍ୱଜନ ଓ ପ୍ରିୟ ପରିବାରବର୍ଗ

ଧ-୭୬୮୩୮

# ପୁରୀ ରଥଯାତ୍ରାରେ ଖିମଜୀ ଫାଉଣ୍ଡେଶନ୍‌ର ସେବାକାର୍ଯ୍ୟ

ଭୁବନେଶ୍ୱର,୮।୭




ଖିମଜୀ ଜୁଏଲର୍ସର ସାମାଜିକ ପ୍ରତିଷ୍ଠାନ ତଥା ଖିମଜୀ ଫାଉଣ୍ଡେଶନର ବହୁ ପ୍ରତିକ୍ଷୀତ 'ସେବା କାର୍ଯ୍ୟ' ପୁରୀ ରଥଯାତ୍ରାରେ ଆନୁଷ୍ଠାନିକ ଭାବେ ଆୟୋଜିତ ହୋଇଥିଲା। ଏପରିକି ଗତ କିଛି ଦିନ ଧରି ଖିମଜୀ ଜୁଏଲର୍ସ ପୁନର୍ବାର ସାମାଜିକ ସେବା କାର୍ଯ୍ୟରେ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଛି। ଖିମଜୀ ଫାଉଣ୍ଡେସନ୍ ମାଧ୍ୟମରେ ଏହି ସଂସ୍ଥା ପବିତ୍ର ରଥଯାତ୍ରା-୨୦୨୫ ରେ ଲକ୍ଷାଧିକ ଭକ୍ତଙ୍କ ସୁଖ ସୁବିଧା ଓ ମଙ୍ଗଳ ପାଇଁ ପୁରୀରେ ବିଭିନ୍ନ ଦାତବ୍ୟ ପଦକ୍ଷେପ ଗ୍ରହଣ କରିଥିଲା। ଶ୍ରଦ୍ଧାଳୁମାନେ ସାମ୍ନା କରୁଥିବା ଅସୁବିଧାକୁ ଦୂର କରିବା ପାଇଁ ଖିମଜୀ ଫାଉଣ୍ଡେସନ୍ ପକ୍ଷରୁ ବଡ଼ଦାଣ୍ଡରେ ରଥଯାତ୍ରାର ମୁଖ୍ୟ ପଥର କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ଜଳ ସିଞ୍ଚନ ଭ୍ୟାନ ମୁତୟନ କରାଯାଇଥିଲା। ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଆବଶ୍ୟକୀୟ ଆରାମ ଯୋଗାଇ ଦେବା ଏବଂ ସମସ୍ତଙ୍କ ପାଇଁ ଏକ ଆରାମଦାୟକ ଆଧ୍ୟାତ୍ମିକ ଅନୁଭୂତି ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା।

ଏହା ସହିତ ଫାଉଣ୍ଡେସନ୍ ପକ୍ଷରୁ ପୁରୀରେ ପୂର୍ବରୁ କୌଣସି ବ୍ୟବସ୍ଥା ନ କରି ଭଗବାନଙ୍କ ଦର୍ଶନ କରିବାକୁ ଚାଲି ଆସିଥିବା ଭକ୍ତମାନଙ୍କ ସୁବିଧା ପାଇଁ ମାଗଣା ରାତ୍ରି ରହଣୀ ତମ୍ବୁ ସ୍ଥାପନ କରାଯାଇଥିଲା, ଯାହା ନିରାପଦ, ପରିଷ୍କାର ଏବଂ ସୁଗମ ସହିତ ଅସ୍ଥାୟୀ ଭାବେ ରହିବାର ସମସ୍ତ ସୁବିଧା ଯୋଗାଇ ଦେଇଥିଲା। ଏହି ରହଣୀ ତମ୍ବୁଗୁଡ଼ିକରେ ସୁରକ୍ଷା, ସ୍ୱଚ୍ଛତା ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆବଶ୍ୟକ ଆରାମଦାୟକ ବ୍ୟବସ୍ଥା ରହିଥିଲା। ଏହା ଫାଉଣ୍ଡେଶନର ନିଃସ୍ୱାର୍ଥପର ସେବାକୁ ନେଇ ରହିଥିବା ମୂଳ ମୂଲ୍ୟବୋଧକୁ ପ୍ରତିଫଳିତ କରୁଛି।

ଏ ନେଇ ଖିମଜୀ ଜୁଏଲର୍ସର ଏମଡି ମିତେଶ ଖିମଜୀ କହିଛନ୍ତି, ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ, ଏହା ଓଡ଼ିଶାର ଆଧ୍ୟାତ୍ମିକ ହୃଦସ୍ପନ୍ଦନ। ଏହି ପବିତ୍ର ସମୟରେ ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତଙ୍କୁ ସେବା କରିବା ଆମର ଏକ ବିଶେଷାଧିକାର ଏବଂ ଦାୟିତ୍ୱ ରହିଛି। ଖିମଜୀ ଫାଉଣ୍ଡେସନରେ ଆମେ ପରମ୍ପରା ଓ ଯତ୍ନରେ ଅଧାରିତ ଅର୍ଥପୂର୍ଣ୍ଣ ଓ ସହାନୁଭୂତିପୂର୍ଣ୍ଣ ପ୍ରୟାସ ମାଧ୍ୟମରେ ସମାଜକୁ ଫେରସ୍ତ କରିବାକୁ ପ୍ରତିବଦ୍ଧ ରହିଛୁ।

ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ବାର୍ଷିକ ରଥଯାତ୍ରାର ଅତୁଳନୀୟ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ମହତ୍ୱ ରହିଛି। ପୁରୀରେ ଅନୁଷ୍ଠିତ ଏହି ବିରାଟ ଉତ୍ସବ ସାରା ବିଶ୍ୱରୁ ଲକ୍ଷାଧିକ ଭକ୍ତଙ୍କୁ ଆକର୍ଷିତ କରୁଛି, ଯାହା ଏହାକୁ ବିଶ୍ୱର ବୃହତମ ଧାର୍ମିକ ସମାବେଶ ମଧ୍ୟରୁ ଅନ୍ୟତମରେ ପରିଣତ କରିଛି।

# ଟାଫେ ସହ ଏଜିସିଓର ବୁଝାମଣା

ଭୁବନେଶ୍ୱର,୮।୭

ଦେଶର ପ୍ରମୁଖ ଟ୍ରାକ୍ଟର ବ୍ରାଣ୍ଡ୍ ତଥା ଟ୍ରାକ୍ଟର ଏବଂ କୃଷି ଉପକରଣ ନିର୍ମାତା 'ଟାଫେ' ସହ ଏଜିସିଓର ବୁଝାମଣା (ସେଟଲମେଣ୍ଟ) ଜାରି ରହିଛି। ଏପରିକି ଏହି ସେଟେଲମେଣ୍ଟ ଅନୁଯାୟୀ ମାସି ଫର୍ଗୁସନ ବ୍ରାଣ୍ଡ୍‌ର ମାଲିକାନା (ଭାରତ, ନେପାଳ ଓ ଭୁଟାନ ପାଇଁ ଏକମାତ୍ର ଓ ସ୍ୱତନ୍ତ୍ର ମାଲିକ ଭାବେ) ଟାଫେ ନିକଟରେ ରହିବ; ଯେଉଁଥିରେ ମାସି ଫର୍ଗୁସନରେ ସମସ୍ତ ଅଧିକାର, ଟାଇଟଲ ଓ ସ୍ୱାର୍ଥ ଏବଂ ସମ୍ବନ୍ଧିତ ଟ୍ରେଡ୍‌ମାର୍କ ଓ ଏହା ସହ ଜଡିତ ସମସ୍ତ ସମ୍ଭାବନା ମଧ୍ୟ ସାମିଲ ରହିବ। ଟାଫେରେ ଥିବା ଏଜିସିଓର ଶେୟାରଗୁଡ଼ିକୁ କମ୍ପାନୀ ୨୬୦ ମିଲିୟନ ଡଲାରରେ କ୍ରୟ କରିବ। ଫଳରେ ଏହାର ମୂଲ୍ୟ ଟାଫେ ଇକ୍ୱିଟର ୨୦.୭% ହେବ। ଏହା ଟାଫେକୁ ଚେନ୍ନାଇରେ ମୁଖ୍ୟାଳୟ ଥିବା ଏକ ବହୁମୁଖୀ ଶିଳ୍ପ ସଂସ୍ଥା ଆମାଲଗମେଶନ୍ସ ଗ୍ରୁପ୍‌ର ଏକ ସମ୍ପୂର୍ଣ୍ଣ ମାଲିକାନାଯୁକ୍ତ ସହାୟକ କମ୍ପାନୀରେ ପରିଣତ କରିବ। ସେହିଭଳି ଉଭୟ ସଂସ୍ଥାର ବୁଝାମଣା ଅନୁଯାୟୀ ସମସ୍ତ କାର୍ଯ୍ୟ ହେବ। ଏପରିକି ଟାଫେ କମ୍ପାନୀର ବ୍ରାଣ୍ଡ୍, ବାଣିଜ୍ୟିକ ସମସ୍ୟା ଓ ଶେୟାର ହୋଲ୍ଡିଙ୍ଗ ସମ୍ବନ୍ଧିତ ସମସ୍ତ ପ୍ରସଙ୍ଗ ଉପରେ ଏଜିସିଓ ସହ ଏକ ବିସ୍ତୃତ ସମାଧାନରେ ପହଞ୍ଚିଛି।

ଏ ସମ୍ପର୍କରେ ଟାଫେର ଅଧ୍ୟକ୍ଷ ଏବଂ ଏମ୍‌ଡି ମଲ୍ଲିକା ଶ୍ରୀନିବାସନ କହିଛନ୍ତି, ଆମେ ଟାଫେର ଅଭିବୃଦ୍ଧି କାହାଣୀର ଏକ ନୂତନ ଯୁଗରେ ପ୍ରବେଶ କରିଥିବାରୁ ବେଶ୍ ଉତ୍ସାହିତ ଅଛୁ। ଆମେ ଏଜିସିଓ ସହ ଥିବା ଆମର ଦୀର୍ଘ ସହଭାଗିତାକୁ ସ୍ୱୀକୃତି ଓ ସମ୍ମାନ ଜଣାଉଛୁ ଏବଂ ଏକ ନିୟୋଜିତ ଅଂଶଧାରକ ଭାବେ ଏଜିସିଓକୁ ଆମର ସମର୍ଥନ ବଜାୟ ରଖିବୁ। ଟାଫେ ଓ ମାସି ଫର୍ଗୁସନ ନିଜର ଅଭିନବ ଉତ୍ପାଦ, ସମାଧାନ ଓ ସେବା ମାଧ୍ୟମରେ ଭାରତୀୟ କୃଷି କ୍ଷେତ୍ରର ରୂପାନ୍ତରଣ ପ୍ରତି ପ୍ରତିବଦ୍ଧ ରହିଛି।

## LEGAL NOTICE

Letter No.- 1275, Dt. 01.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଓ.ଏସ୍.ଏସ୍. କେସ୍ ନମ୍ବର ୧୫୪୪/୨୦୨୨

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ସୁଧନବା ଦାସ ... ବାଦୀ/ଦରଖାସ୍ତକାରୀ

ବନାମ

ଓଡ଼ିଶା ସରକାର ଓ ଅନ୍ୟମାନେ ....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

ପ୍ରତିବାଦୀ ନଂ. ୫. ରମଣ କୁମାର ଦାସ, ପିତା- ସ୍ୱର୍ଗତ ଭିକାରି ଚରଣ ଦାସ, ୭. ଯୋଗୀନ୍ଦ୍ର ବେହେରା, ପିତା- ସ୍ୱର୍ଗତ ମାନି ବେହେରା, ୮. ଫକୀର ଚରଣ ବେହେରା, ପିତା- ମାନି ବେହେରା

ପ୍ରତିବାଦୀ ନଂ. ୭, ୮ଙ୍କ ଠିକଣା: ଗ୍ରାମ- ଗମେଇ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୩. କାଶୀନାଥ ନାୟକ, ପିତା- ଲୋକନାଥ ନାୟକ

ଉପରୋକ୍ତ ପ୍ରତିବାଦୀଙ୍କ ଠିକଣା: ଗ୍ରାମ- ଓଗାଳପଡ଼ା, ପୋଷ୍ଟ- ଯାଆଁଳ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜଲାସରେ ଆସନ୍ତା ତା୧୮।୦୭।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ଥାନା ନଂ.-୧୫, ମୌଜା- ନୀଳକଣ୍ଠପୁର

ସାବକ

ଖାତା ନମ୍ବର- ୧୦୯, ପ୍ଲଟ୍ ନମ୍ବର- ୨୯୫, କିସମ- ଶାରଦ-୨, ରକବା- ମୋଟ ଏ୦.୦୯୦ରୁ ଏ୦.୦୯୦ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୨୫୬, ପ୍ଲଟ୍ ନମ୍ବର- ୩୦୫, କିସମ- ଶାରଦ ଅଣ ଜଳସେଚିତ-୧, ରକବା- ମୋଟ ଏ୦.୦୯୦ରୁ ଏ୦.୦୯୦ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:

ଭୁବନେଶ୍ୱର — ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୧୨୦୬

Ph.D. in Electronics and Communication Engineering



Mr. Abhijit Mishra has been awarded Ph.D. Degree in Electronics and Communication Engineering on the topic "Development of Different Radio Tomographic Imaging Techniques by Exploiting Sparsity". He has completed his thesis under the guidance of Prof. Upendra Kumar Sahoo and Prof. Subrata Maiti, ECE Department, National Institute of Technology, Rourkela. His thesis has been highly appreciated by Prof. Mohan Gurusamy, National University of Singapore and Kasturi Vasudevan, Indian Institute of Technology, Kanpur. He is the younger son of Mr. Niranjan Mishra and Mrs. Manjula Mishra of Pottapokhari Nua Bajar CTC and Grand Son In law of Late Gobardhan Tripathy Ratnakarbag Bhubaneswar in and son in law of Mr. Ramakanta Tripathy and Mrs. Kalyani Tripathy. He is husband of Mrs. Rachita Tripathy. He has expressed his deep gratitude to the almighty and thankful to the family members for this success.

ଧ-୭୬୦୬୮

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ବଜାରରେ ପତଞ୍ଜଳିର ଦନ୍ତକାନ୍ତି ଗଣ୍ଡୁଷ ତେଲ

ଭୁବନେଶର, ୮।୭(ଅନୁରାଧା ମହାରଣା)



ପତଞ୍ଜଳି ପକ୍ଷରୁ ଦନ୍ତ କାନ୍ତି ଗଣ୍ଡୁଷ ଅଏଲ୍ ପୁଲିଙ୍ଗ୍ ନାମକ ଏକ ଉତ୍ପାଦ ଲଞ୍ଚ କରାଯାଇଛି। ଏହି ଉତ୍ପାଦ ଆୟୁର୍ବେଦିକ ଗ୍ରନ୍ଥରେ ଉଲ୍ଲେଖିତ ଗଣ୍ଡୁଷ ପଦ୍ଧତି ଉପରେ ଆଧାରିତ। ଆୟୁର୍ବେଦରେ ଏହାକୁ 'ଦୈନନ୍ଦିନ ଜୀବନ'ର ଏକ ଅବିଚ୍ଛେଦ୍ୟ ଅଂଶ ଭାବରେ ବିବେଚନା କରାଯାଏ। ଏହି ତେଲ ଯୋଗଗୁରୁ ରାମଦେବ, ଆଚାର୍ଯ୍ୟ ବାଳକୃଷ୍ଣ, ଭାରତୀୟ ଦନ୍ତ ସଂଘର ଉତ୍ତରାଖଣ୍ଡ ଶାଖାର ସଭାପତି ଡ. ରାଜୀବ ବଂଶଲ, ସଚିବ ଡ. ବିଶ୍ୱଜିତ ୱାଲିଆ, କୋଷାଧ୍ୟକ୍ଷ ଡ. ବୈଭବ ପାହୱାଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଯୋଗଗୁରୁ ରାମଦେବ କହିଛନ୍ତି, ପତଞ୍ଜଳିର ଏହି ପ୍ରୟାସ ଯୋଗ ଏବଂ ଆୟୁର୍ବେଦ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ। ପତଞ୍ଜଳି କେବଳ ଚିକିତ୍ସା ନୁହେଁ, ବରଂ ସଂସ୍କୃତି, ପରମ୍ପରା ଏବଂ ବିଜ୍ଞାନର ସମନ୍ୱୟକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରୁଛି। ସେ କହିଛନ୍ତି, ବର୍ତ୍ତମାନ ଲୋକମାନେ ନିଜ ଶରୀରର କିପରି ଯତ୍ନ ନେବେ ତାହା ଭୁଲି ଯାଇଛନ୍ତି। ପତଞ୍ଜଳି ଯୋଗ ଏବଂ ଆୟୁର୍ବେଦ ମାଧ୍ୟମରେ ଜନସାଧାରଣଙ୍କୁ ଏହା ଶିଖାଇବା ପାଇଁ କାମ କରୁଛି। ଭାରତର ପ୍ରାଚୀନ ସନାତନ ଜ୍ଞାନ ହଜାର ହଜାର ବର୍ଷ ପୂର୍ବେ ଯେପରି ଥିଲା ଆଜି ମଧ୍ୟ ସେହିପରି ପ୍ରାସଙ୍ଗିକ ବୋଲି ସେ କହିଛନ୍ତି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୮।୭

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୨୭୦ (୨୭୦.୦୧) ପଏଣ୍ଟ ବୃଦ୍ଧି ଘଟି ୮୩,୭୧୨ (୮୩,୭୧୨.୫୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୬୧ (୬୧.୨୦) ପଏଣ୍ଟ ବଢ଼ି ୨୫,୫୨୨ (୨୫,୫୨୨.୫୦) ଅଙ୍କରେ କାରବାର ଶେଷ ହୋଇଥିଲା।

# ବିଜିୟୁ ପକ୍ଷରୁ ଏମ୍‌ବିଏ ନବାଗତଙ୍କୁ ସ୍ୱାଗତ

ଭୁବନେଶ୍ୱର,୮।୭ (ଅଭୟ ଦାଶ)




ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ପ୍ରମୁଖ ଶିକ୍ଷାନୁଷ୍ଠାନ ତଥା ବିର୍ଲା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ବିଜିୟୁର ଗୋଠପାଟଣା କ୍ୟାମ୍ପସ୍ ପରିସରରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏହିପରିପ୍ରେକ୍ଷୀରେ ବିଜିୟୁର ମାଷ୍ଟର ଅଫ୍ ବିଜନେସ୍ ଆଡ୍‌ମିନିଷ୍ଟ୍ରେଟିଭ ବା ଏମ୍‌ବିଏ (୨୦୨୫-୨୭ ବ୍ୟାଚ୍)ର ନବାଗତ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ସହ କ୍ୟାମ୍ପସକୁ ସ୍ୱାଗତ କରାଯାଇଥିଲା।

ଏହି ଅବସରରେ ଆକ୍ସେଞ୍ଚର(ଷ୍ଟ୍ରାଟେଜି ଏବଂ କନ୍‌ସଲ୍‌ଟିଂ)ର ପରିଚାଳନା ନିର୍ଦ୍ଦେଶକ ସନ୍ଦୀପ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟର ଡିନ୍ ଡ. ପରମେଶ୍ୱର ନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ।

ସେ ଅତିଥି, ଅଭିଭାବକ ଓ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ଶୃଙ୍ଖଳା, କଠିନ ପରିଶ୍ରମ, ନମ୍ରତା, ସ୍ଥିରତା ଏବଂ ସାଧାରଣ ଜ୍ଞାନ ଦ୍ୱାରା ମାର୍ଗଦର୍ଶନ କରାଇଥିଲେ। ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ବି.କେ. ଦାସ ତାଙ୍କ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର ମୂଲ୍ୟବୋଧ ଏବଂ ଏହାର ପରିବର୍ତ୍ତନଶୀଳ ଯାତ୍ରା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ଛାତ୍ର କାଟେଶ୍ୱର କାର୍ତ୍ତିକ କ୍ୟାମ୍ପସ ଜୀବନରୁ କର୍ପୋରେଟ୍ ଜଗତଙ୍କୁ ତାଙ୍କର ପରିବର୍ତ୍ତିତ ଜୀବନ ବିଷୟରେ କହିବା ସହ ନୂତନ ବ୍ୟାଚ୍‌କୁ ପରାମର୍ଶ ଦେଇଥିଲେ।

ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ସନ୍ଦୀପ ସିଂଙ୍କ ପ୍ରେରଣାଦାୟକ ଭାଷଣ, ଯିଏ ଜଣେ କର୍ପୋରେଟ୍ ଲିଡର ଏବଂ ମାରାଥନ୍ ଧାବକ ଭାବେ ତାଙ୍କର ଦ୍ୱୈତ ଭୂମିକାରୁ ଆହୃତ ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ। ଛାତ୍ରୀଛାତ୍ରମାନଙ୍କୁ ବିଶ୍ୱସ୍ତରୀୟ ଉତ୍କର୍ଷତା ପାଇଁ ପ୍ରୟାସ କରିବାକୁ ଉତ୍ସାହିତ କରି ସେ ସଫଳତାର ମୂଳଦୁଆ ଭାବେ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ।

ସେ ନମ୍ର ରହିବା, ନକାରାତ୍ମକତାକୁ ଏଡ଼ାଇବା, ସକାରାତ୍ମକ ପ୍ରଭାବ ସହ ଯୋଡ଼ିହୋଇ ରହିବାକୁ ତଥା ଦୃଢ଼ତା ଓ ସାଧୁତା ସହ ଲକ୍ଷ୍ୟ ହାସଲ କରିବାକୁ ପରାମର୍ଶ ଦେଇଥିଲେ।

ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବାଲୁନି ଶିକ୍ଷାଗତ ଏବଂ ବୃତ୍ତିଗତ ଉତ୍କର୍ଷତା ପ୍ରତି ୟୁନିଭର୍ସିଟିର ଅଟଳ ପ୍ରତିବଦ୍ଧତାକୁ ଦୋହରାଇଥିଲେ।

ସେ ଅତ୍ୟାଧୁନିକ ଭିତ୍ତିଭୂମି, ସ୍ମାର୍ଟ ଶ୍ରେଣୀଗୃହ, ଆଧୁନିକ ପାଠାଗାର ଓ ସୁସଜ୍ଜିତ ଆବାସିକ ସୁବିଧା ଉପରେ ଆଲୋକପାତ କରିଥିଲେ। ପରିଶେଷରେ ଡ. ସ୍ନିଗ୍ଧା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

ଧରିତ୍ରୀ
DHARITRI
ଧରିତ୍ରୀ 51 Years

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜୁଲାଇ ୯/୨୦୨୫ Bhubaneswar, Wednesday, July 9/ 2025

## ଟୁର୍ ଡି ଫ୍ରାନ୍ସ: ପୋଗାକାର ଜିତିଲେ ୪ର୍ଥ ଷ୍ଟେଜ୍

**ରୋଏନ୍ (ଫ୍ରାନ୍ସ), ୮।୭ (ଏପି):** ଟାଡେଜ୍ ପୋଗାକାର ତାଙ୍କ ସ୍ପ୍ରିଣ୍ଟିଂ ସ୍କିଲ ପ୍ରଦର୍ଶନ ସହ ମାଥ୍ୟୁ ଭାନ୍‌ଡର ପୋଏଲ୍‌ଙ୍କୁ ପଛରେ ପକାଇ ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ର ଚତୁର୍ଥ ଷ୍ଟେଜ୍ ଜିତିଛନ୍ତି। ଗତ ରବିବାର ଦ୍ୱିତୀୟ ଷ୍ଟେଜ୍ ଶେଷରେ ଏହି ଦୁଇ ଚାଳକଙ୍କ ମଧ୍ୟରେ ଭାନ୍‌ଡର ପୋଏଲ୍ ଉନ୍ନତ ସ୍ପ୍ରିଣ୍ଟର ମନେ ହେଉଥିଲେ। ମଙ୍ଗଳବାର ରେସ୍‌ରେ ଚଳିତବର୍ଷରେ ଦ୍ୱିତୀୟ ବିଜୟ ହାସଲ କରିବେ ବୋଲି ମନେକରାଯାଉଥିଲା। ମାତ୍ର ଗତଥରର ଟୁର୍ ଚାମ୍ପିୟନ ସମସ୍ତ କଳ୍ପନାଜଳ୍ପନାକୁ ଭୁଲ ପ୍ରମାଣିତ କରିଥିଲେ ରେସ୍ ଜିତିଥିଲେ। ଚତୁର୍ଥ ଷ୍ଟଜ୍ ପରେ ଉଭୟ ସାଇକ୍ଲିଷ୍ଟଙ୍କ ଓଭରଅଲ୍ ଟାଇମିଂ ୧୬ ଘଣ୍ଟା ୪୬ ସେକେଣ୍ଡ ରହିଥିଲା। ଦୁଇ ରାଇଡର ଗୋଟିଏ ଗୋଟିଏ ଥର ଲେଖାଏଁ ଷ୍ଟେଜ୍ ଜିତିଥିଲେ। ମାତ୍ର ଅନ୍ୟ ଦୁଇଟି ଷ୍ଟେଜ୍‌ରେ ଉନ୍ନତ ଫିନିଶିଂ ପୋଜିଶନ ଯୋଗୁ ପୋଏଲ ୟଲୋ ଜର୍ସି ବଜାୟ ରଖିଥିଲେ। ଏମିନ୍ସଠାରୁ ରୋଏନର ନର୍ମାଣ୍ଡି ସହର ପର୍ଯ୍ୟ ୧୭୪ କିଲୋମିଟର ବିଶିଷ୍ଟ ଏହି ରେସ୍ ଅଲରାଉଣ୍ଡରମାନଙ୍କୁ ସୁହାଇଥିଲା। ଏଥିରେ ୫ଟି କ୍ରମାଗତ ସ୍ମଲ କ୍ଲାଇମ୍ବ ରହିଥିଲା।

## ଡୋପ୍ ଟେଷ୍ଟ: ରେସ୍‌ଲର ରିତିକା ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୮।୭ (ପି.ଟି.):** ଭାରତୀୟ ରେସ୍‌ଲିଂକୁ ଶକ୍ତ ଧକ୍କା। ପ୍ରତିଭାସମ୍ପନ୍ନ ରେସ୍‌ଲର ରିତିକା ହୁଦା ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡ଼ା) ଦ୍ୱାରା ସେ ସାମୟିକ ସସ୍‌ପେଣ୍ଡ ହୋଇଛି। ଦୋଷୀ ପ୍ରମାଣିତ ହେଲେ ସେ ୪ବର୍ଷ ପର୍ଯ୍ୟନ୍ତ ବାସନ୍ଦ ଦଣ୍ଡର ସମ୍ମୁଖୀନ ହୋଇପାରନ୍ତି। ୨୨ବର୍ଷୀୟା ରିତିକା ଦେଶର ପ୍ରଥମ ରେସ୍‌ଲର ଭାବେ ୨୦୨୩ରେ ୨୩ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ହୋଇଥିଲେ। ସେ ଆହୁରି ମଧ୍ୟ ହେଭିୱେଟ୍ ୭୬କେଜି ଶ୍ରେଣୀରେ ପ୍ରଥମ ଭାରତୀୟ ଭାବେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ମାର୍ଚ୍ଚ ୧୫ରେ ଏସିଆନ ଚାମ୍ପିୟନଶିପ୍ ପାଇଁ ସିଲେକ୍ସନ ଟ୍ରାଏଲ୍ସ ବେଳେ ତାଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ସଂଗ୍ରହ ମୂତ୍ର ନମୁନାରେ ନିଷିଦ୍ଧ ଦ୍ରବ୍ୟ ଏସ୍୧.୧ ଆନାବୋଲିକ ଆଣ୍ଡ୍ରୋଜେନିକ୍ ଷ୍ଟେରଏଡ୍ ଠାବ କରାଯାଇଥିଲା। ରିତିକ କିନ୍ତୁ କହିଛନ୍ତି ଏପର୍ଯ୍ୟନ୍ତ କିଛି ନିଶ୍ଚିତ ହୋଇନାହିଁ। ସେ କୌଣସି ଭୁଲକରି ନାହାନ୍ତି। ତଦନ୍ତରେ ସେ ଅଫିସିଆଲଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବେ।

# ସେମିରେ ସାବାଲେଙ୍କା, ଅଲକାରାଜ



ମ୍ୟାଚ୍ ଜିତିବା ପରେ ଉଲ୍ଲସିତ ଆରିନା ସାବାଲେଙ୍କା।

**ଲଣ୍ଡନ,୮।୭(ପି.ଟି.)**

ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ଓ କାର୍ଲୋସ ଅଲକାରାଜ ଟେନିସ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ ଚାମ୍ପିୟନଶିପର ଯଥାକ୍ରମେ ମହିଳା ଓ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ୱାର୍ଲ୍ଡ ନଂ-୧ ପୁରୁଷ ଡବଲ୍ସ ଯୋଡ଼ି ମାର୍ସେଲୋ ଆରେଭାଲୋ ଓ ମାଟେ ପାଭିକ ମଧ୍ୟ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

ମଙ୍ଗଳବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ସାବାଲେଙ୍କା ୪-୬, ୬-୨, ୬-୪ ସେଟ୍‌ରେ ଜର୍ମାନୀର ଲୌରା ସିଗେମୁଣ୍ଡଙ୍କୁ ହରାଇଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ୧୩ତମ ସିଡ୍ ଆମାଣ୍ଡା ଆନିସିମୋଭା ୬-୧, ୭-୬(୧୧/୯) ସିଧାସଳଖ ସେଟ୍‌ରେ ଆନାସ୍ତାସିଆ ପାଭ୍ଲ୍ୟୁଚେଙ୍କୋଭାଙ୍କୁ ପରାସ୍ତ କରିଛନ୍ତି। ସେମିଫାଇନାଲରେ ସାବାଲେଙ୍କା ଓ ପାଭ୍ଲ୍ୟୁଚେଙ୍କୋଭା ପରସ୍ପରକୁ ଭେଟିବେ। ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଦ୍ୱିତୀୟ ସିଡ୍ ଅଲକାରାଜ ୬-୨, ୬-୩, ୬-୩ ସେଟ୍‌ରେ କାମେରନ ନୋରିଙ୍କୁ ପରାସ୍ତ କରିଛନ୍ତି। ସେ ସେମିଫାଇନାଲରେ ପଞ୍ଚମ ସିଡ୍ ଟେଲର ଫ୍ରିଜ୍‌ଙ୍କୁ ଭେଟିବେ। ଫ୍ରିଜ୍ ତାଙ୍କ କ୍ୱାର୍ଟର ଫାଇନାଲରେ ୬-୩, ୬-୪, ୧-୬, ୭-୬ (୭/୪) ସେଟ୍‌ରେ ୧୭ତମ ସିଡ୍ ରୁଷିଆର କାରେନ ଖାଚାନୋଭଙ୍କୁ

**ୱିମ୍ବଲଡନ ଚାମ୍ପିୟନଶିପ୍**

ହରାଇଥିଲେ। ଡବଲ୍ସ କ୍ୱାର୍ଟର ଫାଇନାଲରେ ଆରେଭାଲୋ ଓ ପାଭିକ ୬-୪, ୬-୭(୨/୭), ୭-୬ (୧୦-୫) ସେଟ୍‌ରେ ଦଶମ ସିଡ୍ ହୁଗୋ ନିସ ଓ ଏଡୱାର୍ଡ ରୋଜର-ଭାସେଲିନଙ୍କ ଯୋଡ଼ିକୁ ପରାସ୍ତ କରିଛନ୍ତି। ଆରେଭାଲୋ-ପାଭିକ ସେମିଫାଇନାଲରେ ଅଷ୍ଟ୍ରେଲିଆର ରିଙ୍କି ହିଜିକାତା ଓ ନେଦରଲାଣ୍ଡର ଡାଭିଡ୍ ପେଲଙ୍କୁ ଭେଟିବେ। ହିଜିକାତା ଓ ପେଲ ସେମାନଙ୍କ କ୍ୱାର୍ଟର ଫାଇନାଲ ମୁକାବିଲାରେ ବ୍ରାଜିଲର ରାଫାଲ ମାଟୋସ ଓ ମାର୍ସେଲୋ ମେଲୋଙ୍କୁ ୭-୬(୭/୫), ୬-୪ ସିଧାସଳଖ ସେଟ୍‌ରେ ହରାଇଥିଲେ।

## ଆର୍‌ସିବି ଆଇପିଏଲ୍‌ର ମୂଲ୍ୟବାନ୍ ଫ୍ରାଞ୍ଚାଇଜ୍

**ନୂଆଦିଲ୍ଲୀ, ୮।୭:** ଏକ ବ୍ୟବସାୟ ଭାବେ ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ)ର ମୂଲ୍ୟ ଗତବର୍ଷ ଅପେକ୍ଷା ୧୨.୯ ପ୍ରତିଶତ ତଥା ୧୮.୫ ବିଲିଅନ ଆମେରିକୀୟ ଡଲାର ବୃଦ୍ଧି ପାଇଛି। ଗ୍ଲୋବାଲ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ ହୌଲିହାନ ଲୋକି ପକ୍ଷରୁ ପ୍ରକାଶ କରାଯାଇଥିବା ରିପୋର୍ଟରେ ଏହା ଦର୍ଶାଯାଇଛି। ଏହି ରିପୋର୍ଟ ମୁତାବକ, ଆଇପିଏଲ୍‌ର ବ୍ରାଣ୍ଡ ଭାଲ୍ୟୁ ଗତ ଏକ ବର୍ଷରେ ୩.୯ ବିଲିଅନ ୟୁଏସ୍‌ଡି ବୃଦ୍ଧି ପାଇଛି। ସେହିଭଳି ଆଇପିଏଲ୍ ଫ୍ରାଞ୍ଚାଇଜ୍‌ଗୁଡ଼ିକ ମଧ୍ୟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି) ବ୍ରାଣ୍ଡଭାଲ୍ୟୁ ଶୀର୍ଷରେ ରହିଛି। ବର୍ତ୍ତମାନ ଏହି ଫ୍ରାଞ୍ଚାଇଜ୍‌ର ବ୍ରାଣ୍ଡଭାଲ୍ୟୁ ୨୬୯ ମିଲିଅନ ୟୁଏସ୍‌ଡି ରହିଛି, ଯାହାକି ଗତବର୍ଷ ତୁଳନାରେ ୨୨୭ ମିଲିଅନ ୟୁଏସ୍‌ଡି ଅଧିକ। ଏହି ତାଲିକାରେ ମୁମ୍ବାଇ ଇଣ୍ଡିଆନ୍ସ(୨୪୨ ମିଲିଅନ) ଦ୍ୱିତୀୟ ସ୍ଥାନକୁ ଉଠିଥିବା ବେଳେ ଚେନ୍ନାଇ ସୁପର କିଙ୍ଗ୍ସ(୨୩୫ ମିଲିଅନ) ତୃତୀୟ ସ୍ଥାନକୁ ଖସିଛି। ଏହି ରିପୋର୍ଟ ଅନୁଯାୟୀ, ପଞ୍ଜାବ କିଙ୍ଗ୍ସ(ପିବିକେଏସ୍)ର ବ୍ରାଣ୍ଡଭାଲ୍ୟୁରେ ଗତବର୍ଷ ଅପେକ୍ଷା ୩୯.୬% ବୃଦ୍ଧି ଆସିଛି, ଯାହା ସର୍ବାଧିକ। ଭ୍ୟୁଅରଶିପ୍ ଦୃଷ୍ଟିକୋଣରୁ ଚଳିତବର୍ଷ ଆଇପିଏଲ୍ ଫାଇନାଲକୁ ଜିଓ ହଟ୍‌ଷ୍ଟାରରେ ୬୭.୮ କୋଟି ଲୋକ ଦେଖିଥିଲେ, ଯାହାକି ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍‌ଠାରୁ ଖୁବ୍ ଅଧିକ ଥିଲା।

# ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର, ୮।୭ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମ୍‌ରେ ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ-୨୦୨୫ର ୫ମ ସଂସ୍କରଣ ମଙ୍ଗଳବାର ଆରମ୍ଭ ହୋଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ଭାରତୀୟ ଜୁନିୟର ଟିମର ପୂର୍ବତନ ଉପ-ଅଧିନାୟକ ଦୀପସନ ତିର୍କୀ, କ୍ରୀଡା ବିଭାଗ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁଏବଂ ଓଡ଼ିଶା ନାଭାଲ ଟାଟା ହକିର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ

**ଜୁଲାଇ ୧୨ରେ ଫାଇନାଲ**

ସହଯୋଗରେ ଓଡ଼ିଶା ନାଭାଲ ଟାଟା ହକି ହାଇ-ପରଫରମାନ୍ସ ସେଣ୍ଟର (ଓଏନଟିଏଚଏଚପିସି) ପକ୍ଷରୁ ଏହି ଚାମ୍ପିଅନଶିପ ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତା ୧୨ ତାରିଖ ପର୍ଯ୍ୟନ୍ତଚାଲିବ। ସାରା ଓଡ଼ିଶାରୁ ଚୟନ ହୋଇଥିବା ୧୬ଟି ଶ୍ରେଷ୍ଠ ଦଳ (୮ ବାଳିକା ଓ ୮ ବାଳକ ଦଳ) ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପୂର୍ବରୁ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଓ ସୁନ୍ଦରଗଡ଼ର ବଣାଇରେ ଅନୁଷ୍ଠିତ କ୍ୱାଲିଫାଇଂ ରାଉଣ୍ଡରେ ଏହି ଦଳଗୁଡ଼ିକ ବିଜୟୀ ହୋଇଥିଲେ। କ୍ୱାଲିଫାଇଙ୍ଗ ରାଉଣ୍ଡରେ ୩୨ଟି ବାଳକ ଓ ୩୨ଟି ବାଳିକା ଦଳ ସମେତ ମୋଟ ୬୪ଟି ଦଳ ଭାଗ ନେଇଥିଲେ। ଯାହା ପ୍ରତିଯୋଗିତାକୁ ଦେଶର ସର୍ବବୃହତ ତୃଣମୂଳ ହକି ଟୁର୍ନାମେଣ୍ଟରେ ପରିଣତ କରିଥିଲା। ଖେଳକୁ ଉପଭୋଗ କରିବାକୁ କ୍ରୀଡ଼ାମନ୍ତ୍ରୀ ଆହ୍ୱାନ କରିବା ସହ ତୃଣମୂଳ ସ୍ତରର ପ୍ରତିଭାଙ୍କ ପାଇଁ ଏହା ଏକ ଶ୍ରେଷ୍ଠ ସୁଯୋଗ ବୋଲି ପ୍ରକାଶ କରିଛନ୍ତି।

## ଦକ୍ଷିଣ ଏସୀୟ କରାଟେରେ ଓଡ଼ିଶା ପ୍ରତିଯୋଗୀଙ୍କ ସଫଳତା

**ଭୁବନେଶ୍ୱର, ୮।୭ (ତପନ ସ୍ୱାଇଁ)**

ଶ୍ରୀଲଙ୍କାର କଲମ୍ବୋଠାରେ ଶେଷ ହୋଇଥିବା ଦକ୍ଷିଣ ଏସୀୟ କରାଟେ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରିଓଡ଼ିଶା କରାଟେକା ମାନେ ୧ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡିଶାର ଦିବ୍ୟ ପ୍ରସାଦ ନାୟକ ପୁରୁଷ ୭୬ କେଜିରୁ ଊର୍ଦ୍ଧ୍ୱ ଫାଇଟିଂ ବିଭାଗରେ ରୌପ୍ୟ ଜିତିଥିବାବେଳେ ତ୍ରିଲୋଚନ ରାଣା ପୁରୁଷ ୫୦ କେଜିଂ ଫାଇଟିଂ ଓ ଅଂଶୁମାନ ଆଚାର୍ଯ୍ୟ ପୁରୁଷ ୭୦ କେଜି ଫାଇଟିଂରେ ବ୍ରୋଞ୍ଜ ପଦକ ହାସଲ କରଛନ୍ତି। ରାଜ୍ୟ କରାଟେ ପ୍ରତିଯୋଗିତା ଓ ଜାତୀୟ କରାଟେ ପ୍ରତିଯୋଗିତାର ପ୍ରଦର୍ଶନ ଭିତ୍ତିରେ ମନୋନୀତ ହୋଇ ଏହି ୩ କରାଟେକା ଓଡ଼ିଶାରୁ ଭାରତକୁ ପ୍ରତିନିଧିତ୍ୱ କରିଥିଲେ। ବିଜୟୀ ପ୍ରତିଯୋଗୀମାନଙ୍କୁ ଓଡିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



ଦକ୍ଷିଣ ଏସୀୟ କରାଟେରେ ପଦକ ବିଜୟୀ ଓଡ଼ିଶାର ୩ ପ୍ରତିଯୋଗୀ।

## ସର୍ବଭାରତୀୟ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଆରମ୍ଭ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ ଓ ଅନ୍ୟମାନେ।

**ଭୁବନେଶ୍ୱର, ୮।୭ (ତପନ ସ୍ୱାଇଁ)**

ଓଡିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ୟୁନେକ୍ସ ସନ୍‌ରାଇଜ୍ ସର୍ବଭାରତୀୟ ସିନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ପ୍ରତିଯୋଗିତାକୁ ଉଦ୍‌ଘାଟନ କରି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଖେଳାଳିଙ୍କର ଉତ୍ସାହ ବଢ଼ାଇଥିଲେ। ସିନିୟର ରାଙ୍କିଙ୍ଗ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ଆୟୋଜନ ଦ୍ୱାରା ସର୍ବଭାରତୀୟ ସ୍ତରରେ ଖେଳାଳିମାନେ ନିଜର ପ୍ରତିଭା ପ୍ରଦର୍ଶନ ପାଇଁ ଏକ ପ୍ରକୃଷ୍ଟ ମଞ୍ଚ ପାଇବା ସହିତ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରୁଛି ବୋଲିକ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ବିଭାଗ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଓସବା ସମ୍ପାଦକ ନିଲିନ କୁମାର, ଉପସଭାପତି ପ୍ରଦୀପ ପଟ୍ଟନାୟକ, ଅଜିତ ମହାନ୍ତି, ମାନରଞ୍ଜନ ପଣ୍ଡା, ସୁରେଶ ପଣ୍ଡା, ପ୍ରୀତପାଳ ସିଂ, ମୁଖ୍ୟ ରେଫରି ସି.ଆର. ରାଜୀବ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ, ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ସିଙ୍ଗଲ୍ସ, ଡ଼ବଲ୍ସ, ମିକ୍ସଡ଼ ଡ଼ବଲ୍ସ ଆଦି ବର୍ଗରେ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତା ଜୁଲାଇ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।




## କନ୍ଦନ ମୁର୍ମୁ ବିଶ୍ୱ ଜୁଡୋ ରେଫରି

**ଭୁବନେଶ୍ୱର, ୮।୭(ତପନ ସ୍ୱାଇଁ):** ଓଡ଼ିଶାର କନ୍ଦନ ମୁର୍ମୁ ବିଶ୍ୱ ଜୁଡୋ ରେଫରି ହେବାର ସୌଭାଗ୍ୟ ପାଇଛନ୍ତି। ଅନ୍ତର୍ଜାତୀୟ ଜୁଡୋ ଫେଡେରେଶନ(ଆଇଜେଏଫ୍) ପକ୍ଷରୁ କାଜାଖସ୍ତାନର ଅଲ୍‌ମାଟିରେ ଆୟୋଜିତ ରେଫରି ପରୀକ୍ଷାରେ କନ୍ଦନ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୧ଟି ଦେଶର ୧୯ ରେଫରି ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଜୁଡୋ ମହଲରେ ମନୋଜ ନାମରେ ବିଶେଷ ପରିଚିତ କନ୍ଦନଙ୍କ ଘର ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ କଣ୍ଟାବାଞ୍ଜି ଗ୍ରାମରେ। ବିରଞ୍ଚି ଦାସ ଓ ଗୀତାଞ୍ଜଳି ପଣ୍ଡାଙ୍କଠାରୁ ୧୯୯୯ରେ ଜୁଡୋ ପ୍ରଶିକ୍ଷଣ ନେବା ଆରମ୍ଭ କରିଥିବା କନ୍ଦନ ସଫଳତାର ଶିଡ଼ି ଚଢ଼ି କ୍ରମେ ବିଶ୍ୱ ରେଫରି ହେବାର ଯୋଗ୍ୟତା ପାଇଛନ୍ତି। ଏକ ଆଦିବାସୀ ଅଧ୍ୟୁଷିତ ଅନୁନ୍ନତ ଅଞ୍ଚଳରୁ ଆସିଥିଲେ ମଧ୍ୟ ସେ କଠିନ ପରିଶ୍ରମ ଦ୍ୱାରା ଅନ୍ତର୍ଜାତୀୟ ପ୍ଲାଟ୍‌ଫର୍ମରେ ନିଜକୁ ପ୍ରମାଣିତ କରିଛନ୍ତି। ସମ୍ପ୍ରତି ସେ କିସ୍ ବିଶ୍ୱବିଦ୍ୟାଳୟରେ ସିନିୟର ଜୁଡୋ କୋଚ୍ ଭାବେ କାର୍ଯ୍ୟରତ। ନିଜର ଏହି ସଫଳତା ପାଇଁ କନ୍ଦନ ପରିବାରବର୍ଗଙ୍କ ସମେତ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ ଓଡ଼ିଶା ରାଜ୍ୟ ଜୁଡୋ ଆସୋସିଏଶନ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।




## କ୍ୱାର୍ଟର ଫାଇନାଲରେ ଓଡ଼ିଶା

**ଭୁବନେଶ୍ୱର, ୮।୭ (ତପନ ସ୍ୱାଇଁ):** ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ ଜୁନିୟର ମହିଳା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ଗ୍ରୁପ୍ ପର୍ଯ୍ୟାୟରେ ମଣିପୁରକୁ ୫୩-୦ ଓ ଉତ୍ତର ପ୍ରଦେଶକୁ ୩୮-୫ରେ ହରାଇ ଓଡ଼ିଶା ଗ୍ରୁପ୍ ଟପ୍ପର ହୋଇଥିଲା। ପରେ ପ୍ରି-କ୍ୱାର୍ଟର ଫାଇନାଲରେ ଉତ୍ତରାଖଣ୍ଡକୁ ୪୫-୦ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ